ପୃଷ୍ଠା–୧୨+୮

# ଧରିତ୍ରୀ
DHARITRI

ଭୁବନେଶ୍ୱର, ରବିବାର, ଜାନୁଆରୀ ୨୬/୨୦୨୫ (୧୨+୮=୨୦ ପୃଷ୍ଠା+ଛୁଟିଦିନ) | Bhubaneswar, Sunday, January 26/2025 | Page 20 | ₹ 7.00

୫୧ଶ ଭାଗ ୬୪ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Rayagada & Angul | VOLUME 51 ISSUE 64 | ମୂଲ୍ୟ ₹୭/-





**କିଜ୍‌ଙ୍କୁ ଅଷ୍ଟ୍ରେଲିଆନ ଓପନ ଟାଇଟଲ**
ଅଷ୍ଟ୍ରେଲିଆନ ଓପନ ମହିଳା ସିଙ୍ଗଲ୍ସ ଟାଇଟଲ ହାସଲ କରିଛନ୍ତି ଆମେରିକାର ମାଡିସନ କିଜ୍। **୧୨**

**୦୪** **୨୫ ବର୍ଷ ପରେ ଅକ୍ଷୟ-ତବୁଙ୍କ ରିୟୁନିୟନ**
ପ୍ରାୟ ୨୫ ବର୍ଷ ପରେ 'ଭୂତ ବଙ୍ଗଲା' ଫିଲ୍ମ ମାଧ୍ୟମରେ ଅଭିନେତା ଅକ୍ଷୟ କୁମାର ଓ ଅଭିନେତ୍ରୀ ତବୁଙ୍କର ରିୟୁନିୟନ ହେବାକୁ ଯାଉଛି।




# ପୁରୀ ବିମାନବନ୍ଦର ଭାଗ୍ୟ ଡେଲୋଇଟ୍ ହାତରେ

ଓଡ଼ିଶାକୁ ଅଧିକ ପର୍ଯ୍ୟଟକ ଆସିବା କ୍ଷେତ୍ରରେ ଭିତ୍ତିଭୂମି ସୁଦୃଢ଼ କରିବା ନେଇ ରାଜ୍ୟ ସରକାର ଯୋଜନା କରିଛନ୍ତି। ସେହି କ୍ରମରେ ଭୁବନେଶ୍ୱର ବିଜୁ ପଟ୍ଟନାୟକ ଅନ୍ତର୍ଜାତୀୟ ବିମାନବନ୍ଦରର ଉନ୍ନତୀକରଣ ସାଙ୍ଗକୁ ରାଜ୍ୟରେ ଅଧିକ ୫ଟି ବିମାନବନ୍ଦର କରିବା ନେଇ ଆଗକୁ ବଢ଼ିଛନ୍ତି। ଇତିମଧ୍ୟରେ ଜୟପୁର, ଝାରସୁଗୁଡ଼ା, ରଙ୍ଗେଇଲୁଣ୍ଡା, କଳାହାଣ୍ଡିର ଉତ୍କେଲାଠାରେ ବିମାନ ଚଳାଚଳ ଆରମ୍ଭ ହୋଇସାରିଛି। ହେଲେ ପୁରୀରେ ହେବାକୁ ଥିବା ବିମାନବନ୍ଦରର ଭାଗ୍ୟ ଅନିଶ୍ଚିତତା ଘେରକୁ ଚାଲିଯାଇଛି। ଭୁବନେଶ୍ୱର ସତ୍ୟନଗରସ୍ଥିତ ବିଏମ୍‌ସି (ଭୁବନେଶ୍ୱର ମ୍ୟୁନିସିପାଲ କର୍ପୋରେଶନ)ର ନୂତନ ବିଲ୍ଡିଂରେ ଭଡ଼ାରେ ରହି କାର୍ଯ୍ୟ କରୁଥିବା ଡେଲୋଇଟ୍ ନାମକ ଏକ ଘରୋଇ ସଫ୍ଟୱେର ସଂସ୍ଥା ହାତରେ ପୁରୀରେ ପ୍ରସ୍ତାବିତ ବିମାନବନ୍ଦରର ପ୍ରତିଷ୍ଠା ସମ୍ପର୍କିତ କାର୍ଯ୍ୟ ରହିଛି। ପୁରୀ ବିମାନବନ୍ଦର ପ୍ରତିଷ୍ଠା କ୍ଷେତ୍ରରେ ରହିଥିବା ଜମି ଅଧିଗ୍ରହଣ ଓ ଅନ୍ୟାନ୍ୟ ସମସ୍ୟାର ତଥ୍ୟ ଡେଲୋଇଟ୍ ସଂଗ୍ରହ କରି ରାଜ୍ୟ ସରକାରଙ୍କୁ ଜଣାଇବ। ତେବେ ଏକ ସଫ୍ଟୱେର ସଂସ୍ଥା କିପରି ଜମି ଅଧିଗ୍ରହଣ ଭଳି ଗୁରୁତ୍ୱପୂର୍ଣ୍ଣ ସମସ୍ୟାର ତଥ୍ୟ ସଂଗ୍ରହ କରିବ ଏବଂ ଏହି ସଂସ୍ଥାର ଏଭଳି କାମ ପାଇଁ କି ଅଭିଜ୍ଞତା ରଖିଛି ତାହା ବଡ଼ ପ୍ରଶ୍ନବାଚୀ।

**ଭୁବନେଶ୍ୱର, ୨୫।୧ (ସୁନିତ୍ ମିଶ୍ର)**

ଏୟାରପୋର୍ଟ ଅଥରିଟି ଅଫ୍ ଇଣ୍ଡିଆ ପୁରୀ ବିମାନବନ୍ଦର ନିର୍ମାଣଠାରୁ ଆରମ୍ଭକରି ବିମାନ ଚଳାଚଳ ପର୍ଯ୍ୟନ୍ତ ସବୁ ଦାୟିତ୍ୱ ନେବ। ଯେପରିକି ଭୁବନେଶ୍ୱର ଏବଂ ଝାରସୁଗୁଡ଼ା ବିମାନବନ୍ଦର ଦାୟିତ୍ୱ ଏୟାରପୋର୍ଟ ଅଥରିଟି ଅଫ୍ ଇଣ୍ଡିଆ ଚଳାଉଛି। ହେଲେ ଜୟପୁର, ରଙ୍ଗେଇଲୁଣ୍ଡା ଏବଂ ଉତ୍କେଲା ବିମାନବନ୍ଦରର ସବୁ ଦାୟିତ୍ୱ ରାଜ୍ୟ ସରକାରଙ୍କ ହାତରେ ରହିଛି। ତେବେ ପୁରୀଠାରେ ହେବାକୁ ଥିବା ବିମାନବନ୍ଦର ଲାଗି ଜମି ଅଧିଗ୍ରହଣ ସବୁଠୁ ବଡ଼ ସମସ୍ୟା। ରାଜ୍ୟ ସରକାର ଜମି




ଅଧିଗ୍ରହଣ ସମ୍ପର୍କିତ ସମସ୍ତ ତଥ୍ୟ ଡେଲୋଇଟ୍‌ଠାରୁ ନେବେ। ଆସନ୍ତା ଫେବୃଆରୀ ପ୍ରଥମ ସପ୍ତାହରେ ଡେଲୋଇଟ୍ ଏବଂ ରାଜ୍ୟ ସରକାରଙ୍କ ପରିବହନ ବିଭାଗ ମଧ୍ୟରେ ପୁରୀ ବିମାନବନ୍ଦର ପ୍ରତିଷ୍ଠା ସମ୍ପର୍କିତ ସମସ୍ୟାଗୁଡ଼ିକର ବିସ୍ତୃତ ଆଲୋଚନା ହେବ। ଏଭଳି ସ୍ଥିତିରେ ରାଜ୍ୟ ପରିବହନ ବିଭାଗର ଜଣେ ବରିଷ୍ଠ ଅଧିକାରୀ ☞ ପୃଷ୍ଠା–୪






## ଧରିତ୍ରୀର ଛୁଟି

ସାଧାରଣତନ୍ତ୍ର ଦିବସ ଉପଲକ୍ଷେ ଧରିତ୍ରୀ କାର୍ଯ୍ୟାଳୟ ୨୬ ତାରିଖ ବନ୍ଦ ରହିବ। ଏହାର ପରବର୍ତ୍ତୀ ସଂଖ୍ୟା ୨୮ ତାରିଖ ସକାଳେ ପ୍ରକାଶ ପାଇବ।


## ଆଜିର ସମ୍ପାଦକୀୟ

ଆଜାଦ୍‌ଙ୍କ ଯୋଜନା


# ବଡ଼ବାପା, ବଡ଼ ମା'ଙ୍କୁ ହତ୍ୟାକଲେ ପୁତୁରା

**ଗୋଲାମୁଣ୍ଡା, ୨୫।୧ (ବଟକୃଷ୍ଣ ପଣ୍ଡା)**

କଳାହାଣ୍ଡି ଜିଲା ଗୋଲାମୁଣ୍ଡା ଥାନା ଅଧୀନ କାର୍ଲିଗାଁରୁ ଶନିବାର ଏକ ଅଭାବନୀୟ ଘଟଣା ସାମ୍ନାକୁ ଆସିଛି। ଜମିବାଡ଼ିକୁ କେନ୍ଦ୍ର କରି ବଡ଼ ବାପା ଓ ବଡ଼ ମା'ଙ୍କୁ ଟାଙ୍ଗିଆ ଓ ପଥରରେ ଆକ୍ରମଣ କରି ହତ୍ୟା କରିଛନ୍ତି ପୁତୁରା। ମୃତକ ଦ୍ୱୟ ହେଲେ ବଡ଼ ବାପା ବୁଢୁ ବାଗ ଓ ବଡ ମା' ସଜନେ ବାଗ। ଅଭିଯୁକ୍ତ ପୁତୁରା ବସନ୍ତ ବାଗ ହତ୍ୟାକାଣ୍ଡ ଘଟାଇବା ପରେ ନିକଟସ୍ଥ ଜଙ୍ଗଲକୁ ☞ ପୃଷ୍ଠା–୪










## ସଂକ୍ଷେପରେ

### ୟୁକ୍ରେନ୍ ସମେତ ବିଭିନ୍ନ ଦେଶକୁ ସହାୟତା ବନ୍ଦକଲା ଆମେରିକା

ନୂଆଦିଲ୍ଲୀ,୨୫।୧

କେବଳ ଇସ୍ରାଏଲ୍ ଏବଂ ତୁର୍କୀକୁ ବାଦ୍‌ଦେଲେ ୟୁକ୍ରେନ୍ ସମେତ ଅଧିକାଂଶ ଦେଶକୁ ଆମେରିକା ବିଦେଶୀ ସହାୟତା ବନ୍ଦ କରିଦେଇଛି। ରାଷ୍ଟ୍ରପତି ଭାବେ ଡୋନାଲ୍ଡ ଟ୍ରମ୍ପ୍ ଦାୟିତ୍ୱ ଗ୍ରହଣ କରିବା ପରେ ଆମେରିକା ପରରାଷ୍ଟ୍ର ସଚିବ ମାର୍କୋ ରୁବିଓ ଏକ ଆଭ୍ୟନ୍ତରୀଣ ନିର୍ଦ୍ଦେଶନାମା ଜାରି କରିଥିଲେ, ଯେଉଁଥିରେ ବିଦେଶୀ ସହାୟତାକୁ ନେଇ 'ଆମେରିକା ଫାଷ୍ଟ' ଆଭିମୁଖ୍ୟକୁ ପ୍ରାଧାନ୍ୟ ଦିଆଯାଇଛି। ଏଣିକି ଦେଶଗୁଡ଼ିକୁ ନୂଆ ପାଣ୍ଠି ମଞ୍ଜୁର କରାଯିବ ନାହିଁ କିମ୍ବା ନବୀକରଣ କରାଯିବ ନାହିଁ ବୋଲି ଉକ୍ତ ନିର୍ଦ୍ଦେଶନାମାରେ କୁହାଯାଇଛି। କେବଳ ଇସ୍ରାଏଲ୍ ଏବଂ ଇଜିପ୍ଟକୁ ଜରୁରୀ ଖାଦ୍ୟ ଓ ସାମରିକ ପାଣ୍ଠି ଯୋଗାଇ ଦିଆଯିବ। ଆମେରିକା ପ୍ରଶାସନର ଏହି ନିର୍ଦ୍ଦେଶନାମା ବିକାଶ ଓ ସାମରିକ ସହାୟତା ଆଦି ବିଭିନ୍ନ ବର୍ଗର ସହାୟତାକୁ ପ୍ରଭାବିତ କରିବ, ବିଶେଷକରି ୟୁକ୍ରେନ୍ ଅଧିକ ପ୍ରଭାବିତ ହେବ। ରୁଷିଆ ବିରୋଧରେ ଯୁଦ୍ଧ କରିବାକୁ ୟୁକ୍ରେନ୍‌କୁ ପୂର୍ବତନ ରାଷ୍ଟ୍ରପତି ଜୋ ବାଇଡେନ୍‌ଙ୍କ ପ୍ରଶାସନ ପର୍ଯ୍ୟାପ୍ତ ଅସ୍ତ୍ରଶସ୍ତ୍ର ଓ ସହାୟତା ଯୋଗାଇ ଦେଇଥିଲା। ସହାୟତା ବନ୍ଦ ଯୋଗୁ ଆଫ୍ରିକାର ବିକାଶଶୀଳ ଦେଶଗୁଡ଼ିକରେ ଏଚ୍‌ଆଇଭି/ଏଡ୍ସ ଚିକିତ୍ସା ପ୍ରଭାବିତ ହେବ।

### ସୈଫ୍‌ଙ୍କୁ ଆକ୍ରମଣ ମାମଲା

### ଏକାଧିକ ବ୍ୟକ୍ତିଙ୍କ ସମ୍ପୃକ୍ତି ଥିବା ସନ୍ଦେହ କରୁଛି ମୁମ୍ବାଇ ପୋଲିସ

ମୁମ୍ବାଇ, ୨୫।୧

ଅଭିନେତା ସୈଫ୍ ଅଲୀ ଖାନ୍‌ଙ୍କୁ ଆକ୍ରମଣ ମାମଲାରେ ଏକାଧିକ ବ୍ୟକ୍ତିଙ୍କର ସମ୍ପୃକ୍ତି ଥିବା ନେଇ ମୁମ୍ବାଇ ପୋଲିସ ସନ୍ଦେହ କରୁଛି। ଜଣେ ବରିଷ୍ଠ ଅଧିକାରୀ ଏହି ସୂଚନା ଦେଇଛନ୍ତି। ଏହି ମାମଲାରେ ଜଣେ ୩୦ ବର୍ଷୀୟ ବାଂଲାଦେଶୀ ନାଗରିକ ଶରିଫୁଲ ଇସଲାମ ଶେହଜାଦଙ୍କୁ ପୋଲିସ ଗିରଫ କରିଛି। ଉକ୍ତ ପୋଲିସ ଅଧିକାରୀ ଜଣକ କହିଛନ୍ତି, ଗତ ୧୬ରେ ସୈଫ୍‌ଙ୍କୁ ତାଙ୍କ ବାନ୍ଦ୍ରାସ୍ଥିତ ବାସଭବନରେ ଆକ୍ରମଣ ପରେ ପୋଲିସ ତାଙ୍କ କର୍ମଚାରୀଙ୍କ ରକ୍ତ ନମୁନା ଏବଂ ବସ୍ତ୍ରକୁ ଏକତ୍ର କରି ଯାଞ୍ଚ ପାଇଁ ଫୋରେନସିକ ଲାବୋରେଟୋରିକୁ ପଠାଇଛି। ସେହିପରି ସୈଫ୍‌ଙ୍କ ପୋଷାକ ଓ ଶରିଫୁଲଙ୍କ ପୋଷାକରେ ଲାଗିଥିବା ରକ୍ତଛିଟା ସମାନ ନା ଅଲଗା ସେନେଇ ଜାଣିବା ପାଇଁ ଉଭୟଙ୍କର ପୋଷାକକୁ ପୋଲିସ ଫୋରେନସିକ ଲାବୋରେଟୋରକୁ ପଠାଇଛି। ସୈଫ୍‌ଙ୍କ ଆପାର୍ଟମେଣ୍ଟରୁ ମିଳିଥିବା ଫିଙ୍ଗରପ୍ରିଣ୍ଟ ଶରିଫୁଲଙ୍କ ଫିଙ୍ଗରପ୍ରିଣ୍ଟ ସହ ମିଶୁଥିବା ପୋଲିସ କହିଛି। ଶରିଫୁଲ ତଦନ୍ତକାରୀ ଦଳ ସହ ସହଯୋଗ କରୁ ନ ଥିବା ସେ କହିଛନ୍ତି। ସୈଫ୍‌ଙ୍କୁ ଆକ୍ରମଣ କରିଥିବା ଛୁରି ସେ କେଉଁଠାରୁ କିଣିଥିଲେ ତାହା ମଧ୍ୟ ଶରିଫୁଲ କହୁନାହାନ୍ତି।

# ଜଷ୍ଟିସ୍ ଖେହର, ଓସାମା ସୁଜୁକି, ଶାରଦା ସିହ୍ନାଙ୍କୁ ପଦ୍ମ ବିଭୂଷଣ

ନୂଆଦିଲ୍ଲୀ,୨୫।୧(ପି.ଟି.)


ଜଷ୍ଟିସ୍ ଜଗଦୀଶ ସିଂ ଖେହର


ଓସାମୁ ସୁଜୁକି


ଶାରଦା ସିହ୍ନା

ଚଳିତ ବର୍ଷ ପାଇଁ ୧୩୯ ଖ୍ୟାତନାମା ବ୍ୟକ୍ତିଙ୍କୁ ପଦ୍ମ ପୁରସ୍କାର ପ୍ରଦାନ ନିମନ୍ତେ ଶନିବାର ଘୋଷଣା କରାଯାଇଛି। ୭ ଜଣ ବିଶିଷ୍ଟ ବ୍ୟକ୍ତିଙ୍କୁ ଦେଶର ଦ୍ୱିତୀୟ ସର୍ବୋଚ୍ଚ ବେସାମରିକ ସମ୍ମାନ ପଦ୍ମବିଭୂଷଣ, ୧୯ ଜଣଙ୍କୁ ତୃତୀୟ ସର୍ବୋଚ୍ଚ ସମ୍ମାନ ପଦ୍ମଭୂଷଣ ଏବଂ ୧୧୩ ଜଣଙ୍କୁ ପଦ୍ମଶ୍ରୀ ପାଇଁ ମନୋନୀତ କରାଯାଇଛି। ପୁରସ୍କାର ବିଜେତାଙ୍କ ମଧ୍ୟରେ ପୂର୍ବତନ ପ୍ରଧାନ ବିଚାରପତି ଜଗଦୀଶ ସିଂ ଖେହର, ସୁଜୁକି କମ୍ପାନୀର ପୂର୍ବତନ ମୁଖ୍ୟ ଓସାମୁ ସୁଜୁକି, ଲୋକଗୀତ ଗାୟିକା ଶାରଦା ସିହ୍ନା ଏବଂ ପୂର୍ବତନ କ୍ରିକେଟର ଆର୍. ଅଶ୍ୱିନ ପ୍ରମୁଖ ରହିଛନ୍ତି। ତାଲିକାରେ ୨୩ଜଣ ମହିଳା ଏବଂ ୧୦ ଜଣ ବିଦେଶୀ, ପ୍ରବାସୀ ଭାରତୀୟ ଓ ଭାରତୀୟ ବଂଶୋଦ୍ଭବ ରହିଛନ୍ତି। ୧୩ ଜଣଙ୍କୁ ମରଣୋତ୍ତର ଭାବେ ପଦ୍ମ ପୁରସ୍କାର ନିମନ୍ତେ ମନୋନୀତ କରାଯାଇଥିବା ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି।

ମେଡିସିନ୍‌ରେ ଡୁଭୁର ନାଗେଶ୍ୱର ରେଡ୍ଡୀ, ସାଧାରଣ ବ୍ୟାପାରରେ ପୂର୍ବତନ ସିଜେଆଇ ଜଷ୍ଟିସ୍ ଜଗଦୀଶ ସିଂ ଖେହର, କଳାରେ କୁମୁଦିନୀ ରଜନୀକାନ୍ତ ଲାଖିଆ ଏବଂ ଲକ୍ଷ୍ମୀନାରାୟଣ ସୁବ୍ରମଣ୍ୟମ୍ ପଦ୍ମ ବିଭୂଷଣ ପାଇଁ ମନୋନୀତ ହୋଇଥିବା ବେଳେ ସାହିତ୍ୟ ଓ ଶିକ୍ଷାରେ ଏମ୍.ଟି. ବାସୁଦେବନ ନାୟାର, ବାଣିଜ୍ୟ ଓ ଶିଳ୍ପରେ ଓସାମୁ ସୁଜୁକି ଏବଂ କଳାରେ ସାରଦା ସିହ୍ନାଙ୍କୁ ମରଣୋତ୍ତର ଭାବେ ପଦ୍ମ ବିଭୂଷଣ ପ୍ରଦାନ କରାଯିବ।

ପଦ୍ମଭୂଷଣ ପାଇଁ ପ୍ରସାରଭାରତୀର ପୂର୍ବତନ ଅଧ୍ୟକ୍ଷ ଏ. ସୂର୍ଯ୍ୟପ୍ରକାଶ, କନ୍ନଡ଼ ଅଭିନେତା ଅନନ୍ତ ନାଗ, ନୃତ୍ୟଶିଳ୍ପୀ ଜତିନ୍ ଗୋସ୍ୱାମୀ, ହୃଦ୍‌ରୋଗ ବିଶେଷଜ୍ଞ ଜୋସ୍ ଚାକୋ ପେରିଆପୁରମ୍, ପ୍ରତ୍ନତତ୍ତ୍ୱବିତ୍ କୈଳାସ ନାଥ ଦୀକ୍ଷିତ, ମହାରାଷ୍ଟ୍ରର ପୂର୍ବତନ ମୁଖ୍ୟମନ୍ତ୍ରୀ ମନୋହର ଯୋଶୀ (ମରଣୋତ୍ତର), ଶିଳ୍ପପତି ନାଲ୍ଲି କୁପ୍ପୁସ୍ୱାମୀ ଚେଟ୍ଟି, ତେଲୁଗୁ ସୁପରଷ୍ଟାର ନନ୍ଦମୁରି ବାଲକ୍ରିଷ୍ଣ, ପୂର୍ବତନ ହକି ଗୋଲ୍‌କିପର ପି.ଆର୍. ଶ୍ରୀଜେଶ, ବ୍ୟବସାୟୀ ପଙ୍କଜ ପଟେଲ, ଗଜଲ ଗାୟକ ପଙ୍କଜ ଉଧାସ (ମରଣୋତ୍ତର), ରାମ୍ବାହାଦୁର ରାୟ, ସାଧ୍ୱୀ ଋତମ୍ଭରା, ଏସ୍. ଅଜିଥ କୁମାର, ଚଳଚ୍ଚିତ୍ର ନିର୍ମାତା ଶେଖର କପୁର, ଶୋବନା ଚନ୍ଦ୍ରକୁମାର, ବିହାରର ପୂର୍ବତନ ଉପମୁଖ୍ୟମନ୍ତ୍ରୀ ସୁଶୀଲ କୁମାର ମୋଦି (ମରଣୋତ୍ତର), ବିନୋଦ ଧାମ ଏବଂ ଅର୍ଥନୀତିଜ୍ଞ ବିବେକ ଦେବରାୟ(ମରଣୋତ୍ତର)ଙ୍କୁ ମନୋନୀତ କରାଯାଇଛି। ଏସ୍‌ବିଆଇର ପୂର୍ବତନ ଅଧ୍ୟକ୍ଷ ଅରୁନ୍ଧତୀ ଭଟ୍ଟାଚାର୍ଯ୍ୟ ଏବଂ ନିକଟରେ କ୍ରିକେଟରୁ ଅବସର ନେଇଥିବା ଆର୍. ଅଶ୍ୱିନୀ ପଦ୍ମଶ୍ରୀ ନିମନ୍ତେ ମନୋନୀତ ହୋଇଛନ୍ତି।

କଳା, ସାମାଜିକ କାର୍ଯ୍ୟ, ବିଜ୍ଞାନ ଓ ଇଞ୍ଜିନିୟରିଂ, ବାଣିଜ୍ୟ ଓ ଶିଳ୍ପ, ଚିକିତ୍ସା, ସାହିତ୍ୟ ଓ ଶିକ୍ଷା, କ୍ରୀଡ଼ା ଆଦି କ୍ଷେତ୍ରରୁ ଅସାଧାରଣ ସେବା ପାଇଁ ପଦ୍ମ ବିଭୂଷଣ ସମ୍ମାନ ଦିଆଯାଉଥିବାବେଳେ ଉଚ୍ଚକୋଟିର ସେବା ପାଇଁ ପଦ୍ମଭୂଷଣ ଏବଂ ଯେକୌଣସି କ୍ଷେତ୍ରରେ ଉଲ୍ଲେଖନୀୟ ସେବା ପାଇଁ ପଦ୍ମଶ୍ରୀ ପୁରସ୍କାର ଦିଆଯାଇଥାଏ।

### ୱାଇଏସ୍‌ଆର୍‌ସିପି ଏମ୍‌ପିଙ୍କ ଇସ୍ତଫା

ନୂଆଦିଲ୍ଲୀ, ୨୫।୧


ବିଜୟ ସାଇ ରେଡ୍ଡୀ

ୱାଇଏସ୍‌ଆର୍‌ସିପି ରାଜ୍ୟ ସଭା ସଦସ୍ୟ ବିଜୟ ସାଇ ରେଡ୍ଡୀ ଶନିବାର ରାଜ୍ୟ ସଭା ସଦସ୍ୟତାରୁ ଇସ୍ତଫା ଦେଇଛନ୍ତି। ଏହାସହ ସେ ରାଜନୀତିରୁ ସନ୍ନ୍ୟାସ ନେବେ ବୋଲି ଘୋଷଣା କରିଛନ୍ତି। ଏନେଇ ସୋସିଆଲ ମିଡିଆରେ ଏକ ପୋଷ୍ଟ କରି ସେ ଲେଖିଛନ୍ତି, ରାଜ୍ୟ ସଭା ସଦସ୍ୟତାରୁ ଇସ୍ତାଫା ଦେଇଛି। କୌଣସି ରାଜନୈତିକ ଦଳରେ ସାମିଲ ହେବି ନାହିଁ। ଏହା ତାଙ୍କର ନିଜସ୍ୱ ନିଷ୍ପତ୍ତି। କୌଣସି ରାଜନୈତିକ ବା ଆର୍ଥିକ ଫାଇଦା କିମ୍ବା କୌଣସି ଚାପରେ ସେ ଇସ୍ତଫା ଦେଇନାହାନ୍ତି। ୨୦୨୪ ଆନ୍ଧ୍ରପ୍ରଦେଶ ବିଧାନସଭା ଓ ଲୋକ ସଭା ନିର୍ବାଚନ ପରଠାରୁ ବର୍ତ୍ତମାନ ସୁଦ୍ଧା ୱାଇଏସ୍‌ଆର୍‌ସିପିର ୪ ଜଣ ରାଜ୍ୟ ସଭା ସଦସ୍ୟ ଇସ୍ତଫା ଦେଇ ସାରିଲେଣି।


ସାଧାରଣତନ୍ତ୍ର ଦିବସ ଅବ୍ୟବହିତ ପୂର୍ବରୁ ଆଗ୍ରାର ତାଜମହଲ କମ୍ପ୍ଲେକ୍ସରେ ଏକ ମେକ୍‌ଅପ୍ ଶିକ୍ଷାନୁଷ୍ଠାନର ଛାତ୍ରୀମାନେ ଫଟୋ ପୋଜ୍ ଦେଉଛନ୍ତି।

### ୧୪ ଜଣଙ୍କୁ ଶୌର୍ଯ୍ୟ ଚକ୍ର, ୨ଙ୍କୁ କୀର୍ତ୍ତି ଚକ୍ର

ମୁମ୍ବାଇ, ୨୫।୧


ମେଜର ମଞ୍ଜିତ


ନାୟକ ଦିଲୱର ଖାନ୍

ସାଧାରଣତନ୍ତ୍ର ଦିବସର ପୂର୍ବ ସନ୍ଧ୍ୟାରେ ସଶସ୍ତ୍ର ବାହିନୀ ଓ କେନ୍ଦ୍ରୀୟ ସଶସ୍ତ୍ର ପୋଲିସ ବାହିନୀର ୯୩ ଜଣ କର୍ମଚାରୀଙ୍କୁ ବୀରତା ପୁରସ୍କାର ପ୍ରଦାନ ପାଇଁ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ମଞ୍ଜୁରୀ ପ୍ରଦାନ କରିଛନ୍ତି। ମେଜର ମଞ୍ଜିତଙ୍କୁ କୀର୍ତ୍ତି ଚକ୍ର ସମ୍ମାନ ପ୍ରଦାନ କରାଯିବ। ସେହିପରି ମେଜର ନାୟକ ଦିଲୱର ଖାନ୍‌ଙ୍କୁ କୀର୍ତ୍ତି ଚକ୍ର (ମରଣୋତ୍ତର)ରେ ସମ୍ମାନିତ କରାଯିବ। ରାଷ୍ଟ୍ରପତିଙ୍କ ପକ୍ଷରୁ ଘୋଷଣା ହୋଇଥିବା ୯୩ ବୀରତା ପୁରସ୍କାର ମଧ୍ୟରୁ ୨ କୀର୍ତ୍ତି ଚକ୍ର, ୧୪ ଶୌର୍ଯ୍ୟ ଚକ୍ର, ଗୋଟିଏ ୱାର ଟୁ ସେନା ମେଡାଲ, ୬୬ ସେନା ମେଡାଲ (ବୀରତା), ୨ ନୌସେନା ମେଡାଲ, ୮ ନୌସେନା ମେଡାଲ ରହିଛି। ୬୬ ସେନା ମେଡାଲ ମଧ୍ୟରୁ ୭ ଜଣଙ୍କୁ ମରଣୋତ୍ତର ସମ୍ମାନ ମିଳିବ। ୨୦୨୪ରେ ପଞ୍ଜାବ ରେଜିମେଣ୍ଟର ମେଜର ମଞ୍ଜିତ ଜମ୍ମୁ-କଶ୍ମୀରର ସୋପୋର ଜିଲାରେ ଏକ ଗୋଇନ୍ଦାଭିତ୍ତିକ ଅପରେଶନ ସମୟରେ ଆତଙ୍କବାଦୀଙ୍କୁ ହତ୍ୟା କରି ଫସି ରହିଥିବା ସାଧାରଣ ନାଗରିକଙ୍କ ଜୀବନ ରକ୍ଷା କରିଥିବାରୁ ତାଙ୍କୁ କୀର୍ତ୍ତି ଚକ୍ର ସମ୍ମାନ ପ୍ରଦାନ କରାଯିବ। ସେହିପରି ଭାରତୀୟ ସେନାର ଆର୍ଟିଲେରୀ ରେଜିମେଣ୍ଟରେ କାର୍ଯ୍ୟରତ ନାୟକ ଦିଲୱର ଖାନ୍ ଗତ ବର୍ଷ ଜୁଲାଇରେ ଜମ୍ମୁ-କଶ୍ମୀରର କୁପ୍‌ୱାରାର ଲୋଗାନ ଅଞ୍ଚଳରେ ଏକ ଅପରେଶନ ବେଳେ ସାହସିକତାର ସହ ଜଣେ ଆତଙ୍କବାଦୀଙ୍କୁ ମାରିଥିଲେ।

### ୪ ଇସ୍ରାଏଲୀ ମହିଳା ସୈନ୍ୟଙ୍କୁ ମୁକ୍ତକଲା ହମାସ୍



ତେଲ୍ ଆଭିଭ୍,୨୫।୧

ଯୁଦ୍ଧବିରତି ଚୁକ୍ତିନାମା ଅନୁଯାୟୀ ଗାଜାର ଶାସକ ହମାସ୍ ଆତଙ୍କବାଦୀମାନେ ଶନିବାର ଦ୍ୱିତୀୟ ପର୍ଯ୍ୟାୟରେ ଇସ୍ରାଏଲ୍‌ର ୪ ଜଣ ମହିଳା ସୈନ୍ୟଙ୍କୁ ମୁକ୍ତ କରିଛନ୍ତି। ମୁକ୍ତ ହୋଇଥିବା ସୈନ୍ୟମାନେ ହେଲେ କରିନା ଆରିଭ୍, ଡାନିଏଲା ଡିଲ୍‌ବୋଆ, ନାମା ଲେଭି ଏବଂ ଲିରି ଆଲ୍‌ବାଗ। ହମାସ୍ ସେମାନଙ୍କୁ ଆଣି ରେଡ୍‌କ୍ରସ୍‌କୁ ହସ୍ତାନ୍ତର କରିବା ପରେ ସେମାନଙ୍କ ଗାଡ଼ି ଗାଜା ଛାଡ଼ିଛି। ଏହା ବଦଳରେ ଇସ୍ରାଏଲ୍ ୨୦୦ ପାଲେଷ୍ଟିନୀୟ ବନ୍ଦୀଙ୍କ ମଧ୍ୟରୁ ପ୍ରଥମ ଦଫାରେ ୭୦ ଜଣଙ୍କୁ ମୁକ୍ତ କରିଦେଇଛି। ଗତ ଶନିବାର ଯୁଦ୍ଧବିରତିର ପ୍ରଥମ ଦିନରେ ହମାସ୍ ୩ ମହିଳା ପଣବନ୍ଦୀଙ୍କୁ ମୁକ୍ତ କରିଥିଲା ଏବଂ ଏହା ବଦଳରେ ଇସ୍ରାଏଲ୍ ୯୦ ପାଲେଷ୍ଟିନୀୟ ବନ୍ଦୀଙ୍କୁ ଛାଡ଼ିଦେଇଥିଲା।

ମୁକ୍ତ ହୋଇଥିବା ଇସ୍ରାଏଲୀ ମହିଳା ସୈନ୍ୟ ଗାଜା ସିଟି ପାଲେଷ୍ଟାଇନ୍ ସ୍କୋୟାରରେ ଏକ ମଞ୍ଚ ଉପରେ ଛିଡ଼ାହୋଇ ଉପସ୍ଥିତ ଲୋକମାନଙ୍କୁ ହାତ ହଲାଉଥିବା ଦେଖାଯାଇଛି। ସେମାନେ ସେନା ପୋଷାକରେ ଥିଲେ। ଇସ୍ରାଏଲ୍ ୭୦ ବନ୍ଦୀଙ୍କୁ ମୁକ୍ତ କରିଥିଲେ ମଧ୍ୟ ସେମାନଙ୍କୁ ଗାଜା ଷ୍ଟ୍ରିପ୍ କିମ୍ବା ୱେଷ୍ଟବ୍ୟାଙ୍କ ଯିବାକୁ ଅନୁମତି ମିଳିନାହିଁ। ସେମାନେ ଇଜିପ୍ଟ ପାର୍ଶ୍ୱର ରାଫାହ ସୀମାରେ ପହଞ୍ଚିଛନ୍ତି। ହମାସ୍ ଏବଂ ଇସ୍ରାଏଲ୍ ମଧ୍ୟରେ ଯୁଦ୍ଧବିରତି ପାଇଁ ଇଜିପ୍ଟ ଅନ୍ୟତମ ମୁଖ୍ୟ ମଧ୍ୟସ୍ଥ ଭାବେ ବର୍ଷେ ହେଲା ଉଦ୍ୟମ ଚଳାଇଥିଲା।

# ଏକ ରାଷ୍ଟ୍ର ଏକ ନିର୍ବାଚନକୁ ସମର୍ଥନ

### ସାଧାରଣତନ୍ତ୍ର ଦିବସ ପୂର୍ବ ସନ୍ଧ୍ୟାରେ ରାଷ୍ଟ୍ରପତିଙ୍କ ସମ୍ବୋଧନ

ନୂଆଦିଲ୍ଲୀ,୨୫।୧


ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ

୭୬ତମ ସାଧାରଣତନ୍ତ୍ର ଦିବସର ପୂର୍ବ ସନ୍ଧ୍ୟାରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ରାଷ୍ଟ୍ରକୁ ସମ୍ବୋଧନ କରିବା ଅବସରରେ ଦେଶବାସୀଙ୍କୁ ଅଭିନନ୍ଦନ ଜଣାଇଛନ୍ତି। ଭାରତ ଆଜି ବିଶ୍ୱର ନେତୃତ୍ୱ ନେଉଛି। ସମ୍ବିଧାନ ଭାରତୀୟ ଭାବରେ ଆମର ସାମୂହିକ ପରିଚୟର ଆଧାର ପ୍ରଦାନ କରୁଛି ବୋଲି ରାଷ୍ଟ୍ରପତି କହିବା ସହ 'ଏକ ରାଷ୍ଟ୍ର, ଏକ ନିର୍ବାଚନ' ଯୋଜନାକୁ ସମର୍ଥନ ଜଣାଇଛନ୍ତି। ସରକାର ନିର୍ବାଚନ ପ୍ରକ୍ରିୟାରେ ଆଣିବାକୁ ଯାଉଥିବା ସଂସ୍କାର ସୁଶାସନର ନୂଆ ସଂଜ୍ଞା ନିରୂପଣ କରିବ। ଏହା ନୀତି ପ୍ରଣୟନରେ ସ୍ଥାଣୁତା ରୋକିବା ସହ ସମ୍ବଳ ବିଭାଜନ ଦୂର କରିବ ଏବଂ ଆର୍ଥିକ ବୋଝ କମାଇବ ବୋଲି ରାଷ୍ଟ୍ରପତି କହିଛନ୍ତି।

ଦେଶରେ ବହୁ ଦଶନ୍ଧି ଧରି ରହିଆସିଥିବା ଉପନିବେଶୀୟ ମନୋଭାବର ଅବସୋସ ଦୂର କରିବା ପାଇଁ ସରକାର ଉଦ୍ୟମ ଚଳାଇଛନ୍ତି। ବ୍ରିଟିଶ ଅମଳର ଆପରାଧିକ ଆଇନ ପରିବର୍ତ୍ତେ ସରକାର ୩ଟି ନୂଆ ତଥା ଆଧୁନିକ ଆଇନ ଆଣିଛନ୍ତି। ଇଣ୍ଡିଆନ୍ ପୋଲ କୋଡ୍, କୋଡ୍ ଅଫ୍ କ୍ରିମିନାଲ ପ୍ରୋସିଜିଓର ଏବଂ ଇଣ୍ଡିଆନ୍ ଏଭିଡେନ୍ସ ଆକ୍ଟ ହଟିବାର ଆବଶ୍ୟକ ଥିଲା। ଏହା ବଦଳରେ ଅଣାଯାଇଥିବା ଭାରତୀୟ ନ୍ୟାୟ ସଂହିତା, ଭାରତୀୟ ନାଗରିକ ସୁରକ୍ଷା ସଂହିତା ଏବଂ ଭାରତୀୟ ସାକ୍ଷ୍ୟ ଅଧିନିୟମ ଦଣ୍ଡ ତୁଳନାରେ ନ୍ୟାୟ ପ୍ରଦାନକୁ ଅଧିକ ପ୍ରାଥମିକତା ଦେବା ସହ ମହିଳା ଓ ପିଲାମାନଙ୍କ ବିରୋଧରେ ଅପରାଧ ରୋକିବା ଉପରେ ଅଧିକ ଗୁରୁତ୍ୱ ଦେଉଛି।

ଏହି ଅବସରରେ ରାଷ୍ଟ୍ରପତି ଗତ ୭୫ ବର୍ଷ ମଧ୍ୟରେ ଦେଶରେ ହୋଇଥିବା ପ୍ରଗତି ସମ୍ପର୍କରେ ଅବତାରଣା କରିଛନ୍ତି। ସ୍ୱାଧୀନତା ସମୟରେ ଦେଶର ଅଧିକାଂଶ ଭାଗରେ ଅତ୍ୟଧିକ ଦାରିଦ୍ର୍ୟ ଓ କ୍ଷୁଧା ଭରିରହିଥିଲା। ଆମେ ନିଜ ଭିତରେ ଏକ ବିଶ୍ୱାସ ଆଣିଛୁ ଓ ଅଭିବୃଦ୍ଧି ପାଇଁ ସ୍ଥିତି ସୃଷ୍ଟି କରିଛୁ ବୋଲି ରାଷ୍ଟ୍ରପତି କହିଛନ୍ତି। ଭାରତୀୟ ଅର୍ଥନୀତିରେ କୃଷକ ଓ ଶ୍ରମିକମାନଙ୍କୁ ଅବଦାନ ସମ୍ପର୍କରେ ରାଷ୍ଟ୍ରପତି କହିବା ସହ ବୈଶ୍ୱିକ ଅର୍ଥନୈତିକ ଧାରାରେ ଭାରତ ଗୁରୁତ୍ୱପୂର୍ଣ୍ଣ ଭୂମିକା ନେଉଥିବା କହିଛନ୍ତି। ଏହି ପରିବର୍ତ୍ତନର ଆଧାର ସମ୍ବିଧାନ ଦ୍ୱାରା ସ୍ଥାପିତ ରୂପରେଖା। ଗତ କିଛିବର୍ଷ ମଧ୍ୟରେ ଭାରତ ସର୍ବାଧିକ ଆର୍ଥିକ ଅଭିବୃଦ୍ଧି ହାସଲ କରିଥିବାରୁ ନିଯୁକ୍ତି ସୁଯୋଗ ସୃଷ୍ଟି ହେବା ସହ କୃଷକ ଓ ଶ୍ରମିକଙ୍କ ଆୟ ବଢ଼ିଛି ଓ ଅନେକଙ୍କୁ ଦାରିଦ୍ର୍ୟରୁ ମୁକ୍ତ କରାଯାଇପାରିଛି ବୋଲି ରାଷ୍ଟ୍ରପତି କହିଛନ୍ତି।

# ଇଣ୍ଡୋନେସିଆ-ଭାରତ ପ୍ରତିରକ୍ଷା, ବାଣିଜ୍ୟ ସମ୍ପର୍କ ବଢ଼ିବ

### ରାଷ୍ଟ୍ରପତି ସୁବିଆନ୍ତୋଙ୍କ ସହ ଆଲୋଚନା ବେଳେ ବାଲିଯାତ୍ରା କଥା କହିଲେ ମୋଦି

ନୂଆଦିଲ୍ଲୀ,୨୫।୧


ଇଣ୍ଡୋନେସିଆ ରାଷ୍ଟ୍ରପତି ପ୍ରାବୋୱୋ ସୁବିଆନ୍ତୋଙ୍କ ସହ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି।

୭୬ତମ ସାଧାରଣତନ୍ତ୍ର ଦିବସର ମୁଖ୍ୟ ଅତିଥି ହେବାକୁ ୩ ଦିନିଆ ଭାରତ ଗସ୍ତରେ ଆସିଥିବା ଇଣ୍ଡୋନେସିଆ ରାଷ୍ଟ୍ରପତି ପ୍ରାବୋୱୋ ସୁବିଆନ୍ତୋଙ୍କ ସହ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଶନିବାର ବିଭିନ୍ନ ଦ୍ୱିପାକ୍ଷିକ ଆଲୋଚନା କରିଛନ୍ତି। ପ୍ରତିରକ୍ଷା ଉତ୍ପାଦନ ଏବଂ ଯୋଗାଣ ଶୃଙ୍ଖଳ କ୍ଷେତ୍ରରେ ଦ୍ୱିପାକ୍ଷିକ ସମ୍ପର୍କ ବଢ଼ାଇବା ଲାଗି ଦୁଇ ଦେଶ ଏକାଠି କାର୍ଯ୍ୟ କରିବାକୁ ସହମତ ହୋଇଛନ୍ତି।

ନୂଆଦିଲ୍ଲୀର ହାଇଦ୍ରାବାଦ ହାଉସ୍‌ରେ ହୋଇଥିବା ଏହି ଆଲୋଚନା ଭାରତ-ଇଣ୍ଡୋନେସିଆ ସମ୍ପର୍କକୁ ସୁଦୃଢ଼ କରିବା ଦିଗରେ ଏକ ଉଲ୍ଲେଖନୀୟ ପଦକ୍ଷେପ। ସ୍ୱାସ୍ଥ୍ୟସେବା ସହଯୋଗ, ଡିଜିଟାଲ ଭିତ୍ତିଭୂମି ଏବଂ ପ୍ରତିରକ୍ଷା ସମେତ ବିଭିନ୍ନ କ୍ଷେତ୍ରରେ ସହଯୋଗ ବୃଦ୍ଧି ଲାଗି ୨ ଦେଶର ଅଧିକାରୀଙ୍କ ମଧ୍ୟରେ ଅନେକ ବୁଝାମଣାପତ୍ର ବିନିମୟ ହୋଇଛି। ଏହି ଅବସରରେ ପ୍ରଧାନମନ୍ତ୍ରୀ ରାମାୟଣ, ମହାଭାରତ ସମେତ ଓଡ଼ିଶାର ବାଲିଯାତ୍ରାର ଉଦାହରଣ ଦେଇ ଭାରତ-ଇଣ୍ଡୋନେସିଆ ମଧ୍ୟରେ ରହିଥିବା ସାଂସ୍କୃତିକ ଓ ଐତିହାସିକ ସମ୍ପର୍କର ଅବତାରଣା କରିଥିଲେ। ଏସିଆନ୍ ଏବଂ ଭାରତ-ପ୍ରଶାନ୍ତ ମହାସାଗରୀୟ ଅଞ୍ଚଳରେ ଇଣ୍ଡୋନେସିଆ ଏକ ଗୁରୁତ୍ୱପୂର୍ଣ୍ଣ ଭାଗୀଦାର। ଭାରତର 'ଆକ୍ଟ ଇଷ୍ଟ' ନୀତିରେ ଏସିଆନ୍ କେନ୍ଦ୍ରୀୟତା ଓ ଏକତା ପାଇଁ ପ୍ରତିଶ୍ରୁତିବଦ୍ଧତାକୁ ପ୍ରଧାନମନ୍ତ୍ରୀ ଦୋହରାଇଥିଲେ। ୨୦୨୫ ବର୍ଷକୁ ଭାରତ-ଏସିଆନ୍ ପର୍ଯ୍ୟଟନ ବର୍ଷ ଭାବେ ପାଳନ କରାଯିବ। ଏହା ଭାରତ ଓ ଇଣ୍ଡୋନେସିଆ ମଧ୍ୟରେ ସାଂସ୍କୃତିକ ବିନିମୟ ବଢ଼ାଇବା ସହ ପର୍ଯ୍ୟଟନର ପ୍ରସାର କରିବ। ଅନ୍ତର୍ଜାତୀୟ ଆଇନ ଅନୁଯାୟୀ ଭାରତ-ପ୍ରଶାନ୍ତ ମହାସାଗରୀୟ ଅଞ୍ଚଳରେ ଜାହାଜ ଚଳାଚଳ ସ୍ୱାଧୀନତାକୁ ସୁନିଶ୍ଚିତ କରିବାକୁ ଆମେ ରାଜି ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି। ସେହିପରି ଭାରତର ଦୀର୍ଘଦିନର ସହଯୋଗ ପାଇଁ ଇଣ୍ଡୋନେସିଆ ରାଷ୍ଟ୍ରପତି ସୁବିଆନ୍ତୋ ଅଭିନନ୍ଦନ ଜଣାଇଛନ୍ତି। ଭାରତର ପ୍ରଥମ ସାଧାରଣତନ୍ତ୍ର ଦିବସ ପରେଡ୍‌ରେ ତତ୍କାଳୀନ ଇଣ୍ଡୋନେସିଆ ରାଷ୍ଟ୍ରପତି ସୁକର୍ନୋ ପ୍ରଥମ ମୁଖ୍ୟ ଅତିଥି ହୋଇଥିଲେ। ୭୬ତମ ସାଧାରଣତନ୍ତ୍ର ଦିବସରେ ସୁବିଆନ୍ତୋ ମୁଖ୍ୟ ଅତିଥି ହୋଇଥିବାରୁ ଗର୍ବ ଅନୁଭବ କରୁଥିବା କହିବା ସହ ଭାରତକୁ ଅଭିନନ୍ଦନ ଜଣାଇଛନ୍ତି।

## ଫୁର୍‌ସତ୍

### ସବୁଠୁ ଗଭୀର ଅଣ୍ଡରୱାଟର ମଡେଲ ଫଟୋ ଶୁଟ୍

ୱାଶିଂଟନ



କାନାଡାର ଫଟୋଗ୍ରାଫର ଷ୍ଟିଭନ ହେନିଂ ସମୁଦ୍ରର ସବୁଠାରୁ ଗଭୀର ସ୍ଥାନରେ ଅଣ୍ଡରୱାଟର ମଡେଲ ଫଟୋଶୁଟ କରି ନୂତନ ଗିନିଜ ୱାର୍ଲ୍ଡ ରେକର୍ଡ (ଜିଡବ୍ଲୁଆର୍) ସ୍ଥାପନ କରିଛନ୍ତି। ଏହି ଫଟୋଶୁଟ୍ ଆମେରିକାର ଫ୍ଲୋରିଡା ରାଜ୍ୟ ବୋକା ରେଟନ ଉପକୂଳରେ ସମୁଦ୍ର ପତ୍ତନଠାରୁ ପ୍ରାୟ ୫୦ ମିଟର (୧୬୩.୩୮ ଫୁଟ) ତଳେ କରାଯାଇଛି। ହେନିଂ ପୂର୍ବରୁ ମଧ୍ୟ ୨ ଥର ସମୁଦ୍ର ପତ୍ତନଠାରୁ ୨୧ ଫୁଟ (୨୦୨୧ ଜୁନ୍) ଓ ୩୦ ମିଟର (ସେପ୍ଟେମ୍ବର ୨୦୨୩) ଗଭୀରରେ ଫଟୋଶୁଟ୍ କରି ରେକର୍ଡ କରିଥିଲେ। ତେବେ ଜିଡବ୍ଲୁଆର୍ ୱେବସାଇଟ୍ ଅନୁଯାୟୀ, ୨୦୨୩ ଡିସେମ୍ବରରେ କାରବିଆନ ଦେଶ ବାହାମାସ'ର ଉପକୂଳରେ ୧୩୧ ଫୁଟ ଗଭୀର ମଧ୍ୟରେ କାନାଡୀୟ ଫଟୋଗ୍ରାଫର କିମ ବ୍ରୁନୋ ଓ ପିଆ ଓୟାରଜୁନ ମଡେଲ ଫଟୋଶୁଟ୍ କରି ହେନିଂଙ୍କ ରେକର୍ଡକୁ ଭାଙ୍ଗିଥିଲେ। ଏବେ ହେନିଂ ଉକ୍ତ ରେକର୍ଡକୁ ଭାଙ୍ଗି ପୁଣିଥରେ ଜିଡବ୍ଲୁଆର୍‌ରେ ନିଜ ନାମ ଲେଖାଇଛନ୍ତି। ସମୁଦ୍ରର ୧୬୩.୩୮ ଫୁଟ୍ ଗଭୀରତାରେ ସୁରକ୍ଷିତ ଭାବରେ ପହଞ୍ଚିବା ପାଇଁ ମଡେଲ ସିଆରା ଆଣ୍ଟୋନୋସ୍କି ଓ ହେନିଙ୍ଗଙ୍କ ପୂରା ଟିମ୍ କଠୋର ତାଲିମ ନେଇଥିଲେ। ଫଟୋ ଶୁଟ ସମୟରେ ଆଣ୍ଟୋନୋସ୍କି ଏକ ଧଳା ପୋଷାକ ଏବଂ କଳା ଜୋତା ପିନ୍ଧିଥିଲେ। ପ୍ରାରମ୍ଭରେ ୨୦ ମିନିଟର ଶୁଟ୍ ପାଇଁ ଧାର୍ଯ୍ୟ ହୋଇଥିବା ଏହି ଫଟୋଶୁଟ୍‌କୁ ହେନିଂ ୧୫ ମିନିଟରେ ଶେଷ କରିଥିଲେ। ଏତେ ଗଭୀରତାରେ ସଙ୍କୁଚିତ ବାୟୁ ଏବଂ ଉଚ୍ଚ ଚାପ ଯୋଗୁ ନିଃଶ୍ୱାସ ନେବା କଷ୍ଟକର ହେଉଥିବା କାରଣରୁ ସେ ଧାର୍ଯ୍ୟ ସମୟ ପୂର୍ବରୁ ଫଟୋଶୁଟ୍‌କୁ ଶେଷ କରିଥିଲେ ବୋଲି ହେନିଂ କହିଛନ୍ତି।

# ଓଡ଼ିଶା ଉପକୂଳର ୧୦ ଦ୍ୱୀପରେ ଉଡ଼ିଲା ତ୍ରିରଙ୍ଗା

ଭୁବନେଶ୍ୱର,୨୫।୧(ସୂର୍ଯ୍ୟକାନ୍ତ ବେହେରା)

ସାରା ଭାରତ ୭୬ତମ ସାଧାରଣତନ୍ତ୍ର ଦିବସ ପାଳନ କରୁଛି। ରାଜ୍ୟରେ ସୁରକ୍ଷା ବ୍ୟବସ୍ଥାକୁ କଡ଼ାକଡ଼ି କରାଯାଇଛି। ଗଣତନ୍ତ୍ରର ଏହି ମହାନ ପର୍ବରେ ଚଳିତବର୍ଷ ପ୍ରଥମଥର ଓଡ଼ିଶା ଉପକୂଳରେ ଥିବା ୧୦ ଜନବସତିବିହୀନ ଦ୍ୱୀପରେ ତ୍ରିରଙ୍ଗା ଉଡ଼ିଛି। ବାଲେଶ୍ୱରର ସୁବର୍ଣ୍ଣ ଦ୍ୱୀପ, ଭଦ୍ରକର ନୟାଟାପୁ, ଉଡାବାଲି, କନିକା ଦ୍ୱୀପ, ଲଙ୍ଗ୍ ହୁଇଲର ଦ୍ୱୀପ, ଶର୍ଟ ଆଇଲାଣ୍ଡ ଓ ସ୍ମଲ ହୁଇଲର ଦ୍ୱୀପ, ଜଗତ୍‌ସିଂହପୁରର ବୋଇତରକୁଦ, ଜଟାଧାରୀ ତଣ୍ଡା ଓ ବରକୁଦରେ ଭାରତର ଜାତୀୟ ପତାକା ଉଡିଥିବା ଆଇନ ଶୃଙ୍ଖଳା ଏଡିଜି ସଞ୍ଜୟ କୁମାର ସୂଚନା ଦେଇଛନ୍ତି। ସେ କହିଛନ୍ତି, ଡିଜିପି-ଆଇଜି ସମ୍ମିଳନୀରେ ପ୍ରଧାନମନ୍ତ୍ରୀ ଏ ପ୍ରସଙ୍ଗରେ କହିବା ପରେ କୋଷ୍ଟଗାର୍ଡ ପକ୍ଷରୁ ଜାଗା ଚିହ୍ନଟ କରାଯାଇଥିଲା। ଏହାସହ ସେସବୁ ଦ୍ୱୀପରେ ପୋଲିସ ପକ୍ଷରୁ ସୁରକ୍ଷା ବ୍ୟବସ୍ଥାକୁ କଡ଼ାକଡ଼ି କରାଯାଇଛି। ଆଖପାଖ ଅଞ୍ଚଳ ସିସିଟିଭି ନିୟନ୍ତ୍ରଣରେ ରହିଛି। ଅପରପକ୍ଷେ ନକ୍ସଲ ଅଧ୍ୟୁଷିତ ଅଞ୍ଚଳରେ ମଧ୍ୟ ସୁରକ୍ଷା ବ୍ୟବସ୍ଥାକୁ ବଢ଼ାଇ ଦିଆଯାଇଛି। ସେହିପରି ଆଭ୍ୟନ୍ତରୀଣ ଅଞ୍ଚଳରେ ସିଆର୍‌ପିଏଫ୍ ଏବଂ ଓଡ଼ିଶା ପୋଲିସ ମୁତୟନ କରାଯାଇଛି। ଏପଟେ ଭୁବନେଶ୍ୱର ମହାତ୍ମାଗାନ୍ଧୀ ମାର୍ଗରେ ରାଜ୍ୟସ୍ତରୀୟ ପରେଡ୍ ପାଇଁ ପୋଲିସ ଡିଜି ଯୋଗେଶ ବାହାଦୁର ଖୁରାନିଆ ସୁରକ୍ଷା ବ୍ୟବସ୍ଥା ଯାଞ୍ଚ କରିବା ସହ ସ୍ଥିତି ସମୀକ୍ଷା କରିଛନ୍ତି। ଏଥର ରାଜ୍ୟସ୍ତରୀୟ ପରେଡରେ ସେନା, ସିଆର୍‌ପିଏଫ୍, ବିଏସ୍‌ଏଫ୍ ଏବଂ ପୋଲିସର ୪୯ଟି ମାର୍ଚ୍ଚିଂ କଣ୍ଟିଜେଣ୍ଟ ସାମିଲ ହେଉଥିବା ଏଡିଜି ସୂଚନା ଦେଇଛନ୍ତି।



# ଅଣ୍ଡା ତରକାରି ପଡ଼ି ୧ମ ଶ୍ରେଣୀ ଛାତ୍ର ଗୁରୁତର

ରାୟଗଡ଼ା,୨୫।୧(ଆଶିଷ ରଞ୍ଜନ ପଣ୍ଡା)

ରାୟଗଡ଼ା ଜିଲା କଲ୍ୟାଣସିଂହପୁର ବ୍ଲକ୍ ମାଝିଗୁଡା ପଞ୍ଚାୟତ ସରକାରୀ ଉନ୍ନୀତ ଉଚ୍ଚ ବିଦ୍ୟାଳୟର ପ୍ରଥମ ଶ୍ରେଣୀ ଛାତ୍ରଙ୍କ ଉପରେ ଅଣ୍ଡା ତରକାରି ପଡ଼ିଯିବାରୁ ସେ ଗୁରୁତର ହୋଇଛନ୍ତି। ଆହତ ଛାତ୍ର ଜଣକ ହେଲେ ପହାନ ମହାନନ୍ଦିଆ(୬)। ଶନିବାର ବିଦ୍ୟାଳୟରେ ଶିକ୍ଷୟିତ୍ରୀ ଶିକ୍ଷକମାନେ ସାଧାରଣତନ୍ତ୍ର ଦିବସ ପାଇଁ ବ୍ୟସ୍ତ ଥିବା ବେଳେ ମଧ୍ୟାହ୍ନଭୋଜନ ପାଇଁ ପିଲାମାନେ ଧାଡ଼ି ବାନ୍ଧି ଠିଆ ହୋଇଥିଲେ। ଖାଇବା ନେବା ପାଇଁ ଧାଡ଼ିରେ ଠିଆ ହୋଇଥିବା ପିଲାମାନେ ଠେଲାପେଲା ହେବାରୁ ପହାନ ତଳେ ପଡ଼ିଯିବାରୁ ତାଙ୍କ ଉପରେ ଅଣ୍ଡା ତରକାରି ପଡ଼ିଯାଇଥିଲା। ଫଳରେ ତାଙ୍କ ଶରୀରର କିଛି ଅଂଶ ପୋଡ଼ିଯାଇଛି। ପରିବାରବର୍ଗ ଖବର ପାଇବା ପରେ ପୁଅକୁ ମାଝିଗୁଡା ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ। ଅବସ୍ଥା ଗୁରୁତର ଥିବାରୁ ତାଙ୍କୁ ପ୍ରଥମେ କଲ୍ୟାଣସିଂହପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଏବଂ ପରେ ରାୟଗଡ଼ା ଜିଲା ମୁଖ୍ୟ ଚିକିତ୍ସାଳୟକୁ ରେଫର କରିଥିଲେ। ପରିବାରବର୍ଗ ପହାନଙ୍କୁ ରାୟଗଡ଼ା ଆଣି ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଛନ୍ତି। ଏହି ଘଟଣାକୁ ନେଇ ସ୍କୁଲ କର୍ତ୍ତୃପକ୍ଷଙ୍କ ମତାମତ ମିଳିପାରିନାହିଁ। ଏ ସମ୍ପର୍କରେ ପ୍ରଧାନ ଶିକ୍ଷକ କମଳେନ୍ଦୁ ରାଇନାଙ୍କୁ ପଚାରିବାରୁ ପିଲାମାନେ ଲାଇନ୍‌ରେ ଥିଲେ। ପଛପଟ କେହି ପିଲା ଠେଲିଦେବାରୁ ପ୍ରଥମେ ଏକ ପିଲାରରେ ବାଜି ଗରମ ଡାଲି, ଅଣ୍ଡାଝୋଳ ପଡ଼ିଗଲା ବୋଲି ସେ କହିଛନ୍ତି।




# ପୋଲିସ ବିଭାଗରେ ଓଡ଼ିଶାରୁ ୧୯ ଜଣଙ୍କୁ ପଦକ

ଭୁବନେଶ୍ୱର,୨୫।୧
(ସୂର୍ଯ୍ୟକାନ୍ତ ବେହେରା)

- **ସାହସିକତା ପାଇଁ ୬, ବିଶିଷ୍ଟ ସେବା ଲାଗି ୨ ଏବଂ ଉଲ୍ଲେଖନୀୟ ସେବା ପାଇଁ ୧୧ ମନୋନୀତ**
- **ଏସ୍‌ପି ସରୋଜ କୁମାର ସାମଲ, କନ୍‌ଷ୍ଟେବଲ ସତ୍ୟବାଦୀ ମଲ୍ଲିକ ପାଇବେ ରାଷ୍ଟ୍ରପତି ପଦକ**

ସାଧାରଣତନ୍ତ୍ର ଦିବସର ଅବ୍ୟବହିତ ପୂର୍ବରୁ ଶନିବାର ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ପକ୍ଷରୁ ସାହସିକତା, ଉଲ୍ଲେଖନୀୟ କାର୍ଯ୍ୟ ଓ ବିଶିଷ୍ଟ ସେବା ପାଇଁ ବିଭିନ୍ନ ସେବା ବର୍ଗରେ ପଦକ ଘୋଷଣା କରାଯାଇଛି। ପୋଲିସ ସେବା ବର୍ଗରେ ଓଡ଼ିଶାରୁ ମୋଟ ୧୯ ଜଣ ପଦକ ପାଇବାକୁ ମନୋନୀତ ହୋଇଛନ୍ତି। ବିଶିଷ୍ଟ ସେବା ପାଇଁ ଦୁଇ ପୋଲିସ ଅଧିକାରୀ ରାଷ୍ଟ୍ରପତି ପଦକ ପାଇବେ। ସେମାନେ ହେଲେ ଏସ୍‌ପି ସରୋଜ କୁମାର ସାମଲ ଓ କନ୍‌ଷ୍ଟେବଲ ସତ୍ୟବାଦୀ ମଲ୍ଲିକ। ସେହିପରି ସାହସିକତା ପାଇଁ ପଦକ ପାଇବାକୁ ମନୋନୀତ ୬ଜଣ ହେଲେ ଏସ୍‌ଆଇ ଗିରିଶ ଚନ୍ଦ୍ର ମାଝୀ, ହାବିଲଦାର ପବିତ୍ର କୁମାର ସାହୁ ଓ ଉମେଶ ମୁଣ୍ଡା, କନ୍‌ଷ୍ଟେବଲ ପୀତାମ୍ବର ସତନାମୀ ଓ କବି ଚନ୍ଦ୍ର ରାଉତ ଏବଂ ସୁଶାନ୍ତ କୁମାର ସାଗର। ଉଲ୍ଲେଖନୀୟ ସେବା ପାଇଁ ପଦକ ପାଇବାକୁ ମନୋନୀତ ୧୧ଜଣ ପୋଲିସ ଅଫିସର ହେଲେ ସବ-ଇନ୍ସପେକ୍ଟର ଏସ୍‌କେ ଅବଦୁଲ ଫୟାଜ, ଏଏସ୍‌ଆଇ ଶରତ ଚନ୍ଦ୍ର ବେହେରା, ଏଏସ୍‌ଆଇ ତେଜ ବାହାଦୁର ଗୁରୁଙ୍ଗ, କନ୍‌ଷ୍ଟେବଲ ପରିତୋଷ ମଣ୍ଡଳ, ମହମ୍ମଦ ତୋଷିପ ରବାନୀ, ତ୍ରିଲୋଚନ ବୁଦ୍ଧିଆ, ନରେଶ କୁମାର ଚୌଧୁରୀ ଏବଂ ହାବିଲଦାର ଅତୁଲ କୁମାର ବିଶ୍ୱାଳ, ମନୋଜ କୁମାର ଜେନା ଓ ଦେବ ପ୍ରସାଦ ମହାନ୍ତି। ତେବେ ପଦକ ପାଇବାକୁ ମନୋନୀତ ସମସ୍ତ ଅଧିକାରୀ ଓ କର୍ମଚାରୀଙ୍କୁ ରାଜ୍ୟ ପୋଲିସ ପକ୍ଷରୁ ଅଭିନନ୍ଦନ ଜ୍ଞାପନ କରାଯାଇଛି।






# ଆଜି କ'ଣ କେଉଁଠି

## ଭୁବନେଶ୍ୱର

- ସାଧାରଣତନ୍ତ୍ର ଦିବସ ଅବସରରେ ରାଜ୍ୟସ୍ତରୀୟ ପରେଡ୍, ସ୍ଥାନ: ମହାତ୍ମା ଗାନ୍ଧୀ ମାର୍ଗ, ସମୟ: ସକାଳ ୮ଟା ୩୦।
- ସାଧାରଣତନ୍ତ୍ର ଦିବସ ପାଳନ, ସ୍ଥାନ: ନହରକଣ୍ଟାସ୍ଥିତ ଶ୍ରୀଜୟଦେବ କଲେଜ , ସରସ୍ୱତୀ ଶିକ୍ଷା ମନ୍ଦିର ପରିସର, ସମୟ: ସକାଳ ୮ଟା।
- ପ୍ରଚଳିତ ଅର୍ଥନୈତିକ ବ୍ୟବସ୍ଥାର ସଙ୍କଟ ଏବଂ ଏହାର ବିକଳ୍ପ ଅର୍ଥନୀତି ସମ୍ପର୍କରେ ଆଲୋଚନାଚକ୍ର, ସ୍ଥାନ: ଆଖଣ୍ଡଳମଣି ମନ୍ଦିର ସଭାଗୃହ, ଗ୍ରୀଡକୋ କଲୋନୀ ଭୋଇନଗର, ସମୟ: ପୂର୍ବାହ୍ନ ୧୧ଟା।
- କମନ ପିପୁଲ୍ସ ଫେଷ୍ଟିଭାଲ–୨୦୨୫, ସ୍ଥାନ: ବୁଲନ ଭାଇ ସେବା ସଦନ, ମାଷ୍ଟର କ୍ୟାଣ୍ଟିନ, ସମୟ: ଅପରାହ୍ନ ୪ଟା।

## କଟକ

- ଜିଲା ସୂଚନା ଓ ଲୋକ ସମ୍ପର୍କ କାର୍ଯ୍ୟାଳୟ ପକ୍ଷରୁ ଜିଲାସ୍ତରୀୟ ସାଧାରଣତନ୍ତ୍ର ଦିବସ, ସ୍ଥାନ: ବିଡ଼ାନାସୀ ମିନି ଷ୍ଟାଡିୟମ, ସମୟ: ସକାଳ ୮ଟା ୩୦।
- ଓଡ଼ିଶା ହାଇକୋର୍ଟ ପକ୍ଷରୁ ସାଧାରଣତନ୍ତ୍ର ଦିବସ ସମାରୋହ, ସ୍ଥାନ: ହାଇକୋର୍ଟ ପରିସର, ସମୟ: ସକାଳ ୯ଟା।
- ଡ୍ରିମ୍ସ ବିଶ୍ୱବିଦ୍ୟାଳୟ ଓ ପଦ୍ମିନୀ କେୟାର ହସ୍ପିଟାଲ ପକ୍ଷରୁ ସାଧାରଣତନ୍ତ୍ର ଦିବସ, ସ୍ଥାନ: ବିଶ୍ୱବିଦ୍ୟାଳୟ ପରିସର, ଟାଙ୍ଗୀ, ସମୟ: ସକାଳ ୯ଟା।
- କାହ୍ନୁ ସ୍ମାରକୀ କ୍ରିକେଟ ଟୁର୍ନାମେଣ୍ଟର ଫାଇନାଲ ମ୍ୟାଚ, ସ୍ଥାନ: ଜେମାଦେଈପୁର ହାଇସ୍କୁଲ ଖେଳପଡ଼ିଆ, ତିଗିରିଆ, ସମୟ: ପୂର୍ବାହ୍ନ ୧୧ଟା।
- ଆଦର୍ଶ ବିଦ୍ୟାଳୟ ତିଗିରିଆ ଅଭିଭାବକଙ୍କ ଜରୁରୀ ବୈଠକ, ସ୍ଥାନ: ଶଙ୍କର୍ଷଣ ମନ୍ଦିର, ନିଜିଗଡ, ସମୟ: ଅପରାହ୍ନ ୧ଟା।
- ଅରୁଣୋଦୟ ନଗର ବିକାଶ ପରିଷଦ ପକ୍ଷରୁ ଶରତ ଉତ୍ସବ ପାଳନ, ସ୍ଥାନ: ହାଇକୋର୍ଟ କଲୋନୀ ପରିସର, ସମୟ: ସନ୍ଧ୍ୟା ୬ଟା ୩୦।

## ପୁରୀ

- ହରଚଣ୍ଡି ସାହି ଶିଶୁମନ୍ଦିର ପକ୍ଷରୁ ସାଧାରଣତନ୍ତ୍ର ଦିବସ ପାଳନ, ସ୍ଥାନ: ହରଚଣ୍ଡି ସାହି ଶିଶୁମନ୍ଦିର, ସମୟ: ସକାଳ ୭ଟା ୧୫।
- ମଧୁବନ ସରସ୍ୱତୀ ଶିଶୁ ମନ୍ଦିର ପକ୍ଷରୁ ସାଧାରଣତନ୍ତ୍ର ଦିବସ ପାଳନ, ସ୍ଥାନ ମଧୁବନ ସରସ୍ୱତୀ ଶିଶୁ ମନ୍ଦିର, ସମୟ: ସକାଳ ୭ଟା ୪୫।
- ସମୂହ ବ୍ରତୋପନୟନ, ସ୍ଥାନ: ଶ୍ରୀଗୁଣ୍ଡିଚା ଭକ୍ତ ନିବାସ, ସମୟ ସକାଳ ୮ଟା।
- ଜିଲାସ୍ତରୀୟ ସାଧାରଣତନ୍ତ୍ର ଦିବସ ପାଳନ, ସ୍ଥାନ: ତାଳବଣିଆ ସ୍ପୋର୍ଟ୍ସ କମ୍ପ୍ଲେକ୍ସ, ସମୟ: ସକାଳ ୮ଟା ୩୦।
- ଭାଜପା ଯୁବମୋର୍ଚ୍ଚା ଏବଂ ଭାରତୀୟ ରେଡ୍‌କ୍ରସ ସୋସାଇଟି ପକ୍ଷରୁ ମେଗା ରକ୍ତଦାନ ଶିବିର, ସ୍ଥାନ: ନିମାପଡ଼ା ଟାଉନ୍ ହଲ, ସମୟ: ସକାଳ ୯ଟା।
- ସାରଳା ସ୍ପୋର୍ଟିଂ ଆନୁକୂଲ୍ୟରେ ୩୨ତମ ସାରଳା କ୍ରିକେଟ ଟୁର୍ନାମେଣ୍ଟ ଉଦ୍‌ଘାଟନ, ସ୍ଥାନ: ନରେନ୍ଦ୍ର ଷ୍ଟାଡିୟମ, ଅସ୍ତରଙ୍ଗ, ସମୟ: ପୂର୍ବାହ୍ନ ୧୦ଟା।
- ଆଧ୍ୟାତ୍ମିକ ସମ୍ମିଳନୀ, ସ୍ଥାନ: ପ୍ରଜାପତି ବ୍ରହ୍ମାକୁମାରୀ ବିଶ୍ୱବିଦ୍ୟାଳୟ, ବଳିଆପଣ୍ଡା, ସମୟ: ପୂର୍ବାହ୍ନ ୧୧ଟା।

## ଖୋର୍ଦ୍ଧା

- ସିଦ୍ଧ ମହାବୀରଙ୍କ ୧୭ତମ ବାର୍ଷିକ ଜନ୍ମୋତ୍ସବ ଏବଂ ବିଶ୍ୱଶାନ୍ତି ମହାଯଜ୍ଞ ଅବସରରେ ଜଳଯାତ୍ରା, ସ୍ଥାନ: ମୁଣ୍ଡଳ ଗ୍ରାମସ୍ଥିତ ମନ୍ଦିର ପରିସର, ଜଟଣୀ, ସମୟ: ସକାଳ ୮ଟା।
- ଜିଲା କଂଗ୍ରେସ କମିଟି ପକ୍ଷରୁ ସାଧାରଣତନ୍ତ୍ର ଦିବସ ପାଳନ, ସ୍ଥାନ: ନୂଆ ବସ୍‌ଷ୍ଟାଣ୍ଡ ପରିସର, ଖୋର୍ଦ୍ଧା , ସମୟ: ସକାଳ ୮ଟା ୩୦।
- ଜିଲା ପ୍ରେସ୍ କ୍ଲବ ପକ୍ଷରୁ ସାଧାରଣତନ୍ତ୍ର ଦିବସ ପାଳନ, ସ୍ଥାନ: ଟିଏଲ୍‌ସି ରୋଡସ୍ଥିତ କାର୍ଯ୍ୟାଳୟ, ଖୋର୍ଦ୍ଧା, ସମୟ: ସକାଳ ୮ଟା ୩୦।
- ଖୋର୍ଦ୍ଧାରୋଡ୍ ରେଳମଣ୍ଡଳ ପକ୍ଷରୁ ସାଧାରଣତନ୍ତ୍ର ଦିବସ ପାଳନ, ସ୍ଥାନ: ଫୁଟ୍‌ବଲ ଖେଳପଡ଼ିଆ, ଲୋକକଲୋନୀ, ଜଟଣୀ, ସମୟ: ସକାଳ ୯ଟା।
- ଜିଲାସ୍ତରୀୟ ସାଧାରଣତନ୍ତ୍ର ଦିବସ ସମାରୋହ, ସ୍ଥାନ: ବିଜେବି ହାଇସ୍କୁଲ ଖେଳପଡ଼ିଆ, ଖୋର୍ଦ୍ଧା, ସମୟ: ସକାଳ ୯ଟା ୧୫।
- ତ୍ରୟୋଦଶ ରାଜ୍ୟସ୍ତରୀୟ ମା'ରାମଚଣ୍ଡୀ କପ୍ କ୍ରିକେଟ୍ ଟୁର୍ନାମେଣ୍ଟ, ସ୍ଥାନ: କୋଦୁଅବେରେଣୀ ଖେଳପଡ଼ିଆ, ସମୟ: ପୂର୍ବାହ୍ନ ୧୧ଟା।

## ବାଲେଶ୍ୱର

- ଜିଲାସ୍ତରୀୟ ସାଧାରଣତନ୍ତ୍ର ଦିବସ, ସ୍ଥାନ: ପୋଲିସ ପରେଡ୍ ପଡ଼ିଆ, ବାଲେଶ୍ୱର, ସମୟ: ସକାଳ ୮ଟା ୩୦।
- ସାଧାରଣତନ୍ତ୍ର ଦିବସ ଉପଲକ୍ଷେ ପତାକା ଉତ୍ତୋଳନ, ପରେଡ, ସ୍ଥାନ: କାଳିଝାଟି ପଡ଼ିଆ, ଲଙ୍ଗଳେଶ୍ୱର, ସମୟ: ସକାଳ ୯ଟା।
- ବିଦ୍ୟୁତ ଆଇନ ସଚେତନତା ଶିବିର, ସ୍ଥାନ: ରୁଡୁଙ୍ଗା, ସିମୁଳିଆ, ସମୟ: ପୂର୍ବାହ୍ନ ୧୦ଟା।
- ଏକ୍ସପୋ ଓଡ଼ିଶା–୨୦୨୫ ଉଦ୍‌ଯାପନୀ ସନ୍ଧ୍ୟା, ସ୍ଥାନ: ଆଇଟିଆଇ ପଡ଼ିଆ, ବାଲେଶ୍ୱର, ସମୟ: ସନ୍ଧ୍ୟା ୭ଟା।

## ଭଦ୍ରକ

- ସାଧାରଣତନ୍ତ୍ର ଦିବସ ଉପଲକ୍ଷେ ରାମଧୂନ୍ ପରିକ୍ରମା, ସ୍ଥାନ: ଭଦ୍ରକ ପୌରପାଳିକା, ସମୟ: ପ୍ରାତଃ ୪ଟା ୩୦।
- ପୌରପାଳିକାସ୍ତରୀୟ ଜନରାଜ୍ୟ ଦିବସ ସମାରୋହ, ସ୍ଥାନ: ଏବି ହାଇସ୍କୁଲ ପଡ଼ିଆ, ବାସୁଦେବପୁର, ସମୟ: ସକାଳ ୮ଟା।
- ଜିଲାସ୍ତରୀୟ ଜାତୀୟ ପତାକା ଉତ୍ତୋଳନ ଓ ପରେଡ୍ କାର୍ଯ୍ୟକ୍ରମ, ସ୍ଥାନ: ଭଦ୍ରକ କଲେଜ ପଡ଼ିଆ, ସମୟ: ସକାଳ ୮ଟା ୩୦।

## କେନ୍ଦୁଝର

- ଜିଲାସ୍ତରୀୟ ସାଧାରଣତନ୍ତ୍ର ଦିବସ ପାଳନ, ସ୍ଥାନ: କେନ୍ଦୁଝର ଷ୍ଟାଡ଼ିୟମ, ସମୟ: ସକାଳ ୮ ଟା ୩୦।
- ସାଧାରଣତନ୍ତ୍ର ଦିବସ ପାଳନ, ସ୍ଥାନ: ହାଟଡ଼ିହୀ, ବ୍ଲକ୍ କାର୍ଯ୍ୟାଳୟ, ଛେନାପଦି। ଯୋଡ଼ା କେନ୍ଦ୍ରୀୟ ଖେଳପଡ଼ିଆ, ଯୋଡ଼ା ଉଚ୍ଚ ବିଦ୍ୟାଳୟ। ମୁକ୍ତିଆର ମଣ୍ଡପ, ନୀଳାଦ୍ରି, ବଡ଼ବିଲ, ସମୟ: ସକାଳ ୮ ଟା।

## ମୟୂରଭଞ୍ଜ

- ସାଧାରଣତନ୍ତ୍ର ଦିବସ ପାଳନ, ସ୍ଥାନ: ବ୍ଲକ୍ କାର୍ଯ୍ୟାଳୟ, ଜବାହର ବିଦ୍ୟାପୀଠ, ରୁରାଲ ଏକାଡେମୀ, ଚିତ୍ରଡା, ମୋରଡ଼ା, ସମୟ ; ସକାଳ ୭ ଟା।
- ଗୋପବନ୍ଧୁ ନଗର ବ୍ଲକସ୍ତରୀୟ ସାଧାରଣତନ୍ତ୍ର ଦିବସ ପାଳନ, ସ୍ଥାନ: ଖୁଣ୍ଟା ମିନିଷ୍ଟାଡିୟମ, ସମୟ: ସକାଳ ୭ଟା।
- ସାଧାରଣତନ୍ତ୍ର ଦିବସ ପାଳନ, ସ୍ଥାନ: ଭଞ୍ଜପୁରସ୍ଥିତ ପୋଲିସ ପରେଡ୍ ପଡ଼ିଆ, ବାରିପଦା, ସମୟ: ସକାଳ ୮ଟା।

## ବ୍ରହ୍ମପୁର

- ସାଧାରଣତନ୍ତ୍ର ଦିବସ ପାଳନ, ସ୍ଥାନ: ଖଲିକୋଟ ବିଶ୍ୱବିଦ୍ୟାଳୟ ଖେଳ ପଡ଼ିଆ, ସମୟ: ସକାଳ ୮ଟା ୨୫।
- ଭାରତ ବିକାଶ ପରିଷଦ ପକ୍ଷରୁ ସ୍ୱାଧୀନତା ଦିବସ, ସ୍ଥାନ: ଭାରତ ବିକାଶ ପରିଷଦ କାର୍ଯ୍ୟାଳୟ, ସମୟ: ସକାଳ ୮ଟା ୩୦।

## ଗଞ୍ଜାମ

- ସାଧାରଣତନ୍ତ୍ର ଦିବସ ଉପଲକ୍ଷେ ମିଳିତ ପ୍ୟାରେଡ, ସ୍ଥାନ: ମିନିଷ୍ଟାଡିୟମ ବୁଗୁଡ଼ା, ସମୟ: ସକାଳ ୯ ଟା।
- ଆସିକା ସବ୍‌ଡିଭିଜନ୍ ହସ୍ପିଟାଲରେ ଡାଇଲିସିସ୍ ବ୍ୟବସ୍ଥା ଉଦ୍‌ଘାଟନ, ସ୍ଥାନ: ଡାକ୍ତରଖାନା ପରିସର, ସମୟ: ପୂର୍ବାହ୍ନ ୧୦ଟା।

## କନ୍ଧମାଳ

- ଉପଖଣ୍ଡସ୍ତରୀୟ ସାଧାରଣତନ୍ତ୍ର ଦିବସ ପାଳନ, ସ୍ଥାନ: ମିନି ଷ୍ଟାଡିଅମ ବାଲିଗୁଡ଼ା, ସମୟ: ସକାଳ ୮ଟା ୩୦।

## ଢେଙ୍କାନାଳ

- ୭୬ତମ ସାଧାରଣତନ୍ତ୍ର ଦିବସ, ସ୍ଥାନ: ମୁଖ୍ୟ ଷ୍ଟାଡିୟମ, ଢେଙ୍କାନାଳ, ସମୟ: ସକାଳ ୮ଟା୩୦।
- ପୁଷ୍ପ ପ୍ରଦର୍ଶନୀ, ସ୍ଥାନ: ମିନିଷ୍ଟାଡିୟମ, ଢେଙ୍କାନାଳ, ସମୟ: ପୂର୍ବାହ୍ନ ୧୧ଟା ୨୦।

## ଅନୁଗୋଳ

- ରାମଧୁନ ସହର ପରିକ୍ରମା, ସ୍ଥାନ: ଅନୁଗୋଳ ଜିଲାପାଳଙ୍କ ଅଫିସ ପରିସରରୁ ଆରମ୍ଭ, ସମୟ: ପ୍ରାତଃ ୪ଟା ୩୦।
- ପ୍ରଭାତଫେରି କାର୍ଯ୍ୟକ୍ରମ, ସ୍ଥାନ: ଅନୁଗୋଳ ସହର, ସମୟ: ସକାଳ ୬ଟା ୩୦।
- ଜାତୀୟ ପତାକା ଉତ୍ତୋଳନ ଓ ସମ୍ମିଳିତ ପରେଡ ସହ ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀ, ମାର୍ଚ୍ଚପାଷ୍ଟର ଶ୍ରେଷ୍ଠ ବିବେଚିତ ଦଳକୁ ପୁରସ୍କାର ବିତରଣ, ସ୍ଥାନ: ଅନୁଗୋଳ ପିଟିସି ପଡ଼ିଆ, ସମୟ: ସକାଳ ୯ଟା ୧୫।
- ସାଧାରଣତନ୍ତ୍ର ଦିବସ ପାଳନ, ସ୍ଥାନ: ଆଠମଲ୍ଲିକ ମିନି ଷ୍ଟାଡିୟମ ଖେଳପଡ଼ିଆ, ସମୟ: ସକାଳ ୯ଟା ୩୦।
- ସ୍ୱେଚ୍ଛାକୃତ ରକ୍ତଦାନ ଶିବିର, ସ୍ଥାନ: ଅନୁଗୋଳ ପିଟିସି ପଡ଼ିଆ, ସମୟ: ପୂର୍ବାହ୍ନ ୧୦ଟା ୧୫।
- ରୋଗୀମାନଙ୍କୁ ଫଳ ବଣ୍ଟନ, ସ୍ଥାନ: ଅନୁଗୋଳ ଜିଲା ମୁଖ୍ୟ ଚିକିତ୍ସାଳୟ, ସମୟ: ପୂର୍ବାହ୍ନ ୧୧ଟା।
- କଏଦୀମାନଙ୍କୁ ମିଷ୍ଟାନ ବଣ୍ଟନ, ସ୍ଥାନ: ଅନୁଗୋଳ ଜେଲ, ସମୟ: ପୂର୍ବାହ୍ନ ୧୧ଟା ୧୫।
- ବନ୍ଧୁତ୍ୱପୂର୍ଣ୍ଣ କ୍ରିକେଟ ମ୍ୟାଚ, ସ୍ଥାନ: ଆଠମଲ୍ଲିକ ଖେଳପଡ଼ିଆ, ସମୟ: ଅପରାହ୍ନ ୩ଟା ୩୦।
- ଜିଲା ସଂସ୍କୃତି ପରିଷଦ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ, ସ୍ଥାନ: ଅନୁଗୋଳ ବ୍ଲକ ଡାଇମଣ୍ଡ, ସମୟ: ସନ୍ଧ୍ୟା ୬ଟା।

## ଜଗତ୍‌ସିଂହପୁର

- ପାରାଦୀପ ବନ୍ଦର ପ୍ରଶାସନ ପକ୍ଷରୁ ସାଧାରଣତନ୍ତ୍ର ଦିବସ ପାଳନ ଓ ସମୂହ ପରେଡ୍, ସ୍ଥାନ: ଗୋପବନ୍ଧୁ ଷ୍ଟାଡିୟମ, ନୂଆବଜାର, ପାରାଦୀପ, ସମୟ: ସକାଳ ୮ଟା।
- ପାରାଦୀପ ତୈଳବିଶୋଧନାଗାର ପକ୍ଷରୁ ସାଧାରଣତନ୍ତ୍ର ଦିବସ ପାଳନ, ସ୍ଥାନ:
- ସୁଭାଷ ବୋଷ ଷ୍ଟାଡିୟମ, ଟାଉନଶିପ ତୈଳବିଶୋଧନାଗାର, ପାରାଦୀପ,ସ୍ଥାନ: ସକାଳ ୮ଟା।
- ଇଫ୍‌କୋ ପରିସରରେ ସାଧାରଣତନ୍ତ୍ର ଦିବସ ପାଳନ, ସ୍ଥାନ: ଇଫ୍‌କୋ, ପାରାଦୀପ, ସମୟ: ସକାଳ ୮ଟା।
- ପିପିଏଲ ପକ୍ଷରୁ ସାଧାରଣତନ୍ତ୍ର ଦିବସ ପାଳନ, ସ୍ଥାନ: ସଂସ୍କୃତି ଭବନ ପଡ଼ିଆ ପିପିଏଲ୍ ଟାଉନଶିପ, ପାରାଦୀପ, ସମୟ: ସକାଳ ୮ଟା।
- ଏଏମ୍‌ଏନ୍‌ଏସ୍ ପକ୍ଷରୁ ସାଧାରଣତନ୍ତ୍ର ଦିବସ ପାଳନ,ସ୍ଥାନ: ମୂଷାଡ଼ିଆ, ପାରାଦୀପ ସମୟ: ସକାଳ ୮ଟା।

## କେନ୍ଦ୍ରାପଡ଼ା

- ଜିଲାସ୍ତରୀୟ ସାଧାରଣତନ୍ତ୍ର ଦିବସ ପାଳନ, ସ୍ଥାନ:କେନ୍ଦ୍ରାପଡ଼ା ସ୍ୱୟଂଶାସିତ ମହାବିଦ୍ୟାଳୟ, କେନ୍ଦ୍ରାପଡ଼ା ସହର, ସମୟ: ସକାଳ ୯ଟା।
- କେନ୍ଦ୍ରାପଡ଼ା ସାଇକେଲ କ୍ଲବ ପକ୍ଷରୁ ସ୍ୱାସ୍ଥ୍ୟ ସଚେତନତା କାର୍ଯ୍ୟକ୍ରମ, ସ୍ଥାନ: ପୁରୁଣା ବସ୍‌ଷ୍ଟାଣ୍ଡ, ସମୟ:ସକାଳ ୬ଟା।
- ଲକି ସ୍ପୋର୍ଟିଂ କ୍ଲବ ପକ୍ଷରୁ ଅବଦୁଲ କରିମ ଖାନ ମେମୋରିଆଲ ଟ୍ରଫି, ସ୍ଥାନ: ଟାଉନ ହାଇସ୍କୁଲ ଖେଳପଡ଼ିଆ, କେନ୍ଦ୍ରାପଡ଼ା ସହର, ସମୟ:ଅପରାହ୍ନ ୨ଟା।
- ଶାରଳା ସ୍ପୋର୍ଟସ କ୍ଲବ ପକ୍ଷରୁ ମାନସ ମେମୋରିଆଲ ଚାଲେଞ୍ଜ କପ୍, ସ୍ଥାନ: ରଙ୍କାଳ, ମାର୍ଶାଘାଇ, ସମୟ:ସକାଳ ୯ଟା।

## ଯାଜପୁର

- ଓଳାଶୁଣୀ ଗୁମ୍ଫା ମେଳାରେ ପଲ୍ଲୀଶ୍ରୀ ମେଳା ଉଦ୍‌ଘାଟନ ଓ ଓଳାଶୁଣୀ ଫାଉଣ୍ଡେଶନର ସମ୍ବର୍ଦ୍ଧନା କାର୍ଯ୍ୟକ୍ରମ, ସ୍ଥାନ: ଯାଜପୁର ଜିଲା ବଡ଼ଚଣା ବ୍ଲକ ଅନ୍ତର୍ଗତ ଓଳାଶୁଣୀ ଗୁମ୍ଫା ମେଳା ପରିସର, ସମୟ: ଅପରାହ୍ନ ୪ଟା।

## ନୟାଗଡ଼

- ନୟାଗଡ଼ ଜିଲାସ୍ତରୀୟ ସାଧାରଣତନ୍ତ୍ର ଦିବସ, ସ୍ଥାନ:ନୟାଗଡ଼ ପିଟିଏସ, ସମୟ:ପୂର୍ବାହ୍ନ ୯ଟା।
- ନୟାଗଡ଼ ଜିଲା ମୁଖ୍ୟ ଚିକିତ୍ସାଳୟରେ ରକ୍ତଦାନ ଶିବିର, ସ୍ଥାନ:ନୟାଗଡ଼ ଜିଲା ମୁଖ୍ୟ ଚିକିତ୍ସାଳୟ, ସମୟ:ପୂର୍ବାହ୍ନ ୧୦ଟା୪୫।
- ରବୀନ୍ଦ୍ର ମେମୋରିଆଲ କ୍ରିକେଟ ଟୁର୍ନାମେଣ୍ଟର ଉଦ୍‌ଯାପନ ଦିବସ, ସ୍ଥାନ:କଣ୍ଟିଲୋ ନୀଳମାଧବ ମହାବିଦ୍ୟାଳୟ ଖେଳପଡ଼ିଆ , ସମୟ:ପୂର୍ବାହ୍ନ ୧୧ଟା।
- ନୟାଗଡ଼ ଜିଲା ମୁଖ୍ୟ ଚିକିତ୍ସାଳୟରେ ଫଳ ବଣ୍ଟନ, ସ୍ଥାନ:ନୟାଗଡ଼ ଜିଲା ମୁଖ୍ୟ ଚିକିତ୍ସାଳୟ, ସମୟ:ପୂର୍ବାହ୍ନ ୧୧ଟା।
- ଷଷ୍ଠ ଓଡ଼ଗାଁ କପ୍ ଫୁଟବଲ ଟୁର୍ନାମେଣ୍ଟର ଫାଇନାଲ ମ୍ୟାଚରେ ସ୍କୁଲ ଛାତ୍ରୀଛାତ୍ରଙ୍କ ଦ୍ୱାରା ସାମୁହିକ ମନୋରଞ୍ଜନ କାର୍ଯ୍ୟକ୍ରମ, ସ୍ଥାନ:ଓଡ଼ଗାଁ ମିନି ଷ୍ଟାଡିୟମ, ସମୟ:ଅପରାହ୍ନ ୨ଟା।
- ଷଷ୍ଠ ଓଡ଼ଗାଁ କପ୍ ଫୁଟବଲ ଟୁର୍ନାମେଣ୍ଟର ଫାଇନାଲ ମ୍ୟାଚ, ସ୍ଥାନ:ଓଡ଼ଗାଁ ମିନି ଷ୍ଟାଡିୟମ, ସମୟ:ଅପରାହ୍ନ ୩ଟା୩୦।

## ରାୟଗଡ଼ା

- ଜାତୀୟ ପତାକା ଉତ୍ତୋଳନ, ସ୍ଥାନ: କୋଲନରା ପଞ୍ଚାୟତ ସମିତି କାର୍ଯ୍ୟାଳୟ, ସମୟ: ସକାଳ ୭ଟା ୩୦।
- ଜିଲାସ୍ତରୀୟ ସାଧାରଣତନ୍ତ୍ର ଦିବସ ସହ ଜାତୀୟ ପତାକା ଉତ୍ତୋଳନ, ସ୍ଥାନ: ରାୟଗଡ଼ା ଜିସିଡି ଉଚ୍ଚ ବିଦ୍ୟାଳୟ ଖେଳପଡ଼ିଆ, ସମୟ: ସକାଳ ୮ଟା ୩୦।
- ଉପଖଣ୍ଡସ୍ତରୀୟ ସାଧାରଣତନ୍ତ୍ର ଦିବସ, ସ୍ଥାନ: ଗୁଣପୁର ମିନି ଷ୍ଟାଡିୟମ୍, ସମୟ: ସକାଳ ୮ଟା ୩୦।
- ଜିଲା ପ୍ରଶାସନ ପକ୍ଷରୁ ଫଳ, ମିଷ୍ଟାନ ବଣ୍ଟନ, ସ୍ଥାନ: ଜିଲା ମୁଖ୍ୟ ଚିକିତ୍ସାଳୟ, ସେବା ସମାଜ, ସ୍ୱାଧାର ଗୃହ, ଉପଖଣ୍ଡ କାରାଗାର, ବରିଷ୍ଠ ନାଗରିକ ଗୃହ, ସମୟ: ସକାଳ ୯ଟା ୪୫।
- ଅସଡ଼ା ଗ୍ରାମପଞ୍ଚାୟତର ମାସିକ ବୈଠକ, ସ୍ଥାନ: ଗୁଡାରି ବ୍ଲକ ଅସଡ଼ା ପଞ୍ଚାୟତ କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୦ ଟା।
- ବଂଶଧାରା ବସନ୍ତ ମୋହତ୍ସବ ପାଇଁ ଶେଷ ପର୍ଯ୍ୟାୟ ପ୍ରସ୍ତୁତି ବୈଠକ, ସ୍ଥାନ: ବାଗୁଆ ଦେଉଳ ପଚ୍ଛପଟ ଉତ୍ସବ ପଡ଼ିଆ, ଗୁଣପୁର, ସମୟ: ଅପରାହ୍ନ ୪ଟା।

## ନବରଙ୍ଗପୁର

- ଜିଲାସ୍ତରୀୟ ସାଧାରଣତନ୍ତ୍ର ଦିବସରେ ମନ୍ତ୍ରୀ ବିଭୁତି ଭୂଷଣ ଜେନାଙ୍କ ଦ୍ୱାରା ଜାତୀୟ ପତାକା ଉତ୍ତୋଳନ, ସ୍ଥାନ: ନବରଙ୍ଗପୁର ଷ୍ଟାଡିୟମ୍, ସମୟ: ସକାଳ ୮ଟା ୩୦।
- କ୍ରିକେଟ ମ୍ୟାଚ, ସ୍ଥାନ: ନବରଙ୍ଗପୁର ମହାବିଦ୍ୟାଳୟ ଖେଳପଡ଼ିଆ, ସମୟ: ପୂର୍ବାହ୍ନ ୧୧ଟା।
- ଜିଲାସ୍ତରରେ ବିଭିନ୍ନ ପ୍ରତିଯୋଗିତାର ପୁରସ୍କାର ବିତରଣ ଉତ୍ସବ, ସାଂସ୍କୃତିକ କାର୍ଯ୍ୟକ୍ରମ, ସ୍ଥାନ: ଆର୍‌ସିଡି ହାଇସ୍କୁଲ ସମୟ: ସନ୍ଧ୍ୟା ୬ଟା।
- ବାର୍ଷିକ ଉତ୍ସବ, ସ୍ଥାନ: ସରକାରି ଆଶ୍ରମ ବିଦ୍ୟାଳୟ ପାତ୍ରୀ, ସମୟ: ସନ୍ଧ୍ୟା ୬ଟା।

## କୋରାପୁଟ

- ଜାତୀୟ ପତାକା ଉତ୍ତୋଳନ କାର୍ଯ୍ୟକ୍ରମ, ସ୍ଥାନ: ସରକାରୀ ଅବସରପ୍ରାପ୍ତ ସଂଘ କାର୍ଯ୍ୟାଳୟ, ପଟ୍ଟାଙ୍ଗି, ସମୟ: ସକାଳ ୮ଟା।
- ଜାତୀୟ ପତାକା ଉତ୍ତୋଳନ କାର୍ଯ୍ୟକ୍ରମ, ସ୍ଥାନ: କୋଟିଆ ପଞ୍ଚାୟତର ୨୧ ସୀମାନ୍ତ ଗ୍ରାମ, ପଟ୍ଟାଙ୍ଗି, ସମୟ: ସକାଳ ୮ଟା।
- ଉପଖଣ୍ଡସ୍ତରୀୟ ସାଧାରଣତନ୍ତ୍ର ଦିବସ, ସ୍ଥାନ: ଦଶହରା ପଡ଼ିଆ, ଜୟପୁର, ସମୟ: ସକାଳ ୮ଟା ୩୦।
- ୭୬ତମ ଜିଲାସ୍ତରୀୟ ସାଧାରଣତନ୍ତ୍ର ଦିବସ ପାଳନ, ସ୍ଥାନ: କୋରାପୁଟ ପୋଲିସ ପଡିଆ, ସମୟ: ସକାଳ ୮ଟା ୩୦।

## ମାଲକାନଗିରି

- ଜିଲାସ୍ତରୀୟ ସାଧାରଣତନ୍ତ୍ର ଦିବସ, ସ୍ଥାନ: ଡିଏନ୍‌କେ ଖେଳପଡିଆ, ସମୟ: ସକାଳ ୯ଟା।

## ସମ୍ବଲପୁର

- ୭୬ତମ ଜିଲାସ୍ତରୀୟ ସାଧାରଣତନ୍ତ୍ର ଦିବସ ସମାରୋହ, ସ୍ଥାନ : ରିଜର୍ଭ ପୋଲିସ ଲାଇନ ପଡିଆ, ସମୟ : ୮ଟା ୩୦।
- ସମ୍ପର୍କ ଫାଉଣ୍ଡେଶନ ପକ୍ଷରୁ ନିଃଶୁଳ୍କ ସ୍ୱାସ୍ଥ୍ୟ ପରୀକ୍ଷା ଶିବିର, ସ୍ଥାନ : ଧନକଉଡା ହସ୍ପିଟାଲ ନିକଟ ସୁବାଷିନୀ କଲୋନୀ, ସମୟ : ସକାଳ ୯ଟା ୩୦।
- ଜିଲା ପ୍ରଶାସନ ପକ୍ଷରୁ ଶୁଖିଲା ଖାଦ୍ୟ ବଣ୍ଟନ କାର୍ଯ୍ୟକ୍ରମ, ସ୍ଥାନ : ମଣ୍ଡଳ କାରାଗାର, ନାରୀବନ୍ଦୀ ନିକେତନ ଓ ଜିଲା ସଦର ଚିକିତ୍ସାଳୟ, ସମୟ ପୂର୍ବାହ୍ନ ୧୦ଟା ୩୦।
- ଜିଲା ପ୍ରଶାସନ ଆୟୋଜିତ ପ୍ରଶାସନ ଏକାଦଶ ବନାମ ନାଗରିକ ଏକାଦଶ ମଧ୍ୟରେ ଫୁଟବଲ ମ୍ୟାଚ, ସ୍ଥାନ : ହାୱା ମଇଦାନ, ସମୟ : ପୂର୍ବାହ୍ନ ୧୧ଟା ୩୦।
- ଏନ୍‌ବିଟି ଓ ସେତୁ ଅନୁଷ୍ଠାନ ଆୟୋଜିତ ସମ୍ବଲପୁର ପୁସ୍ତକ ମେଳା ଉଦ୍‌ଯାପନୀ ଉତ୍ସବ, ସ୍ଥାନ : ଅଇଁଠାପାଲି ନିକଟସ୍ଥ ପିଏଚ୍‌ଡି ପଡିଆ, ସମୟ: ସନ୍ଧ୍ୟା ୬ଟା।
- ଜେଏସ୍‌ଡବ୍ଲୁଆୟୋଜିତ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ସ୍ୱେକତ୍ରା–୨୫, ସ୍ଥାନ : ଝସକେତନ ସାହୁ ସନ୍ତରଣାଗାର, ସମୟ ସନ୍ଧ୍ୟା ୬ଟା।

## ବଲାଙ୍ଗୀର

- ଜିଲାସ୍ତରୀୟ ସାଧାରଣତନ୍ତ୍ର ଦିବସ ପାଳନ, ସ୍ଥାନ: ମନୋହରପୁର ପୋଲିସ ପଡିଆ, ବଲାଙ୍ଗୀର, ସମୟ: ୮ଟା ୩୦।
- ପୁଇଁନ୍ତଲା କୁଷ୍ଠ କଲୋନୀ ଅନ୍ତେବାସୀଙ୍କୁ ବସ୍ତ୍ର ବଣ୍ଟନ, ସ୍ଥାନ: ପୁଇଁନ୍ତଲା ବ୍ଲକ ପରିସର, ପୁଇଁନ୍ତଲା ବଲାଙ୍ଗୀର, ସମୟ: ୧୧ଟା ୩୦।

## ସୁବର୍ଣ୍ଣପୁର

- ଚିତ୍ତ ଜ୍ଞାନୀ ଚାରିଟେବୁଲ ଟ୍ରଷ୍ଟ ପକ୍ଷରୁ ମାଗଣା ସ୍ୱାସ୍ଥ୍ୟ ଚିକିତ୍ସା ଶିବିର, ସ୍ଥାନ: ସୁବର୍ଣ୍ଣପୁର ସହର ମାହାରଣପଡା, ସମୟ: ସକାଳ ୮ଟା।
- ଜିଲାସ୍ତରୀୟ ୭୬ତମ ସାଧାରଣତନ୍ତ୍ର ଦିବସ ପାଳନ, ସ୍ଥାନ: ରାମେଶ୍ୱର ଷ୍ଟାଡିୟମ, ସମୟ: ସକାଳ ୮ଟା ୩୦।
- ସର୍ବଭାରତୀୟ ଲାଲମନି କ୍ରିକେଟ୍ ଟୁର୍ନାମେଣ୍ଟର ଫାଇନାଲ ମ୍ୟାଚ୍, ସ୍ଥାନ: ସୋନପୁର ଗାନ୍ଧୀ ଷ୍ଟାଡିୟମ, ସମୟ: ସକାଳ ୯ଟା।
- ଗ୍ୟାଲେକ୍ସି ବ୍ୟାଡମିଣ୍ଟନ ଟୁର୍ନାମେଣ୍ଟ ଉଦ୍‌ଯାପନୀ ଉତ୍ସବ, ସ୍ଥାନ: ସାମ୍ବାଦିକ ଭବନ ପରିସର ,ବୀରମହାରାଜପୁର, ସମୟ: ସନ୍ଧ୍ୟା ୭ଟା।

## ବରଗଡ଼

- ଜିଲାସ୍ତରୀୟ ସାଧାରଣତନ୍ତ୍ର ଦିବସ,ସ୍ଥାନ: ପଞ୍ଚାୟତ କଲେଜ ପଡ଼ିଆ, ବରଗଡ଼, ସମୟ: ସକାଳ ୮ଟା ୩୦ମିନିଟ୍
- ସ୍ୱେଚ୍ଛାକୃତ ରକ୍ତଦାନ ଶିବିର, ସ୍ଥାନ: ସାହୁଟିକ୍ରା(ତୋରା), ବରଗଡ଼, ସମୟ: ସକାଳ ୯ଟା।
- ରାମାୟଣ ପାରାୟଣ, ସ୍ଥାନ: କଲଙ୍ଗାପାଲି, ଗାଇସିଲେଟ୍,ସମୟ: ସକାଳ ୯ଟା।
- ଶୌର୍ଯ୍ୟ ଜାଗରଣ ମହୋତ୍ସବ, ସ୍ଥାନ:ନିଶାମଣି ହାଇସ୍କୁଲ ପଡ଼ିଆ, ବରଗଡ଼,ସମୟ: ଅପରାହ୍ନ ୧ଟା ୩୦ମିନିଟ୍।

## ଝାରସୁଗୁଡ଼ା

- ଜିଲାସ୍ତରୀୟ ସାଧାରଣତନ୍ତ୍ର ଦିବସ ପାଳନ ଓ ପରେଡ, ସ୍ଥାନ: ମନମୋହନ ଖେଳପଡିଆ, ସମୟ: ସକାଳ ୮ଟା।
- ସାଧାରଣତନ୍ତ୍ର ଦିବସ ପାଳନ, ସ୍ଥାନ: ଲକ୍ଷ୍ମୀ ନାରାୟଣ କଲେଜ, ସମୟ: ସକାଳ ୮ ଟା।
- ଶ୍ରୀଶ୍ରୀ ସିରିଡି ସାଇ ବାବାଙ୍କ ନବ ନିର୍ମିତ ମନ୍ଦିରରେ ରତ୍ନମୁଦ ପ୍ରତିଷ୍ଠା ଉତ୍ସବ, ସ୍ଥାନ: ଖେରୁଆଲ, ସମୟ: ସକାଳ ୯ଟା।
- ରାମଚରିତ ମାନସ ନବାନ୍ନ ପାରାୟଣ ଓ ପୂଜା, ସ୍ଥାନ: ବନ୍ଧବାହାଲ ଦୀନବାନ୍ଧବ କ୍ଷେତ୍ର, ସମୟ: ପୂର୍ବାହ୍ନ ୧୦ଟା।
- ଅଲେଖ ନିରଞ୍ଜନଙ୍କ ପୁଣ୍ୟ ପୁରାଣ ପଠନ, ସ୍ଥାନ: ପଣ୍ଡ୍ରି ମହିମା ମଠ, ସମୟ: ପୂର୍ବାହ୍ନ ୧୦ଟା।

## ରାଉରକେଲା

- ବେଦବ୍ୟାସ ସଂସ୍କୃତ କଲେଜର ୪୦ତମ ବାର୍ଷିକୋତ୍ସବ ଉଦ୍‌ଯାପନୀ ଦିବସ, ସ୍ଥାନ: ବେଦବ୍ୟାସ, ସମୟ: ସକାଳ ୭ଟା।
- ଆର୍‌ଏସ୍‌ପି ପକ୍ଷରୁ ୭୬ତମ ଗଣତନ୍ତ୍ର ଦିବସ ପାଳନ, ସ୍ଥାନ: ସେକ୍ଟର–୬, ଇସ୍ପାତ ଷ୍ଟାଡିୟମ, ସମୟ: ସକାଳ ୮ଟା ୩୦।
- ପ୍ରଶାସନ ପକ୍ଷରୁ ଗଣତନ୍ତ୍ର ଦିବସ ପାଳନ, ସ୍ଥାନ: ଉଦିତନଗର ପରେଡ ପଡିଆ, ସମୟ: ସକାଳ ୮ଟା ୩୦।
- ଦୀପିକା ଇସ୍ପାତ ସ୍କୁଲ ପକ୍ଷରୁ ଆନ୍ତଃ ସ୍କୁଲସ୍ତରୀୟ ଚେସ୍ ପ୍ରତିଯୋଗିତାର ପୁରସ୍କାର ବିତରଣୀ, ସ୍ଥାନ: ସେକ୍ଟର–୫, ସମୟ: ସନ୍ଧ୍ୟା ୭ଟା।

## ଦେବଗଡ଼

- ବିଧାୟକଙ୍କ ଅଭିଯୋଗ ଶୁଣାଣି, ସ୍ଥାନ: ତିଲେଇବନି ବ୍ଲକ କଲ୍ୟାଣ ମଣ୍ଡପ, ସମୟ: ପୂର୍ବାହ୍ନ ୧୦ଟା।
- ଉନ୍ନତ ପ୍ରଣାଳୀରେ ସୋରିଷ ଚାଷର ତାଲିମ ଶିବିର, ସ୍ଥାନ: ତିଲେଇବନି ବ୍ଲକ ଜମୁନାଲି କଲୋନୀ, ସମୟ: ପୂର୍ବାହ୍ନ ୧୧ଟା।
- ତ୍ରିନାଥ ମେଳା, ସ୍ଥାନ: ବାବୁସାହି, ଦେବଗଡ଼ ସହର, ସମୟ: ସନ୍ଧ୍ୟା ୬ଟା।
- ମା' କନକ ଦୁର୍ଗାଙ୍କ ସନ୍ଧ୍ୟା ଆରତୀ, ସ୍ଥାନ: ମଠସାହି, ମା' କନକ ଦୁର୍ଗା ମନ୍ଦିର, ଦେବଗଡ, ସମୟ: ସନ୍ଧ୍ୟା ୭ଟା।

## ନୂଆପଡ଼ା

- ଷୋହଳପ୍ରହର ଅଖଣ୍ଡ ନାମଯଜ୍ଞ ପୂର୍ଣ୍ଣାହୁତି, ସ୍ଥାନ: କୋମନା ବ୍ଲକ ତରବୋଡ଼ ଗାଁ କଲୋନି ବଙ୍ଗାଳପଡ଼ା, ସମୟ: ପୂର୍ବାହ୍ନ ୧୦ଟା ୧୫।
- ୧୮ତମ ନ୍ୟୁଇୟର କପ କ୍ରିକେଟ ଟୁର୍ନାମେଣ୍ଟ ଚତୁର୍ଥ ଦିବସ, ସ୍ଥାନ: କୋମନା ବ୍ଲକ ତରବୋଡ ରାଜୀବ ଗାନ୍ଧୀ ମିନି ଷ୍ଟାଡିୟମ, ସମୟ: ସକାଳ ୯ଟା।
- ପୂର୍ବତନ ମନ୍ତ୍ରୀ ସ୍ୱର୍ଗତ ଘାସିରାମ ମାଝି ଓ ମହାତ୍ମା ଗାନ୍ଧୀଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ, ସ୍ଥାନ: ଗାନ୍ଧୀ ପ୍ରମୋଦ ଉଦ୍ୟାନ ଓ ଏକତା ଛକ ନୂଆପଡ଼ା, ସମୟ: ସକାଳ ୮ଟା ୫୦।

## ବୌଦ୍ଧ

- ଜିଲାସ୍ତରୀୟ ସାଧାରଣତନ୍ତ୍ର ଦିବସ, ସ୍ଥାନ: ଜିଲା ଷ୍ଟାଡିୟମ ପଡିଆ, ବୌଦ୍ଧ, ସମୟ: ସକାଳ ୮ଟା।
- ଶ୍ରୀ ଜଗନ୍ନାଥ ମନ୍ଦିର ଓ ଶ୍ରୀରାମଚନ୍ଦ୍ରଙ୍କ ନୂତନ ମନ୍ଦିର ପ୍ରତିଷ୍ଠା ଅବସରରେ ନାମ ଅଧିବାସ, ସ୍ଥାନ: ନାରାୟଣନଗର, ବୌଦ୍ଧ, ସମୟ: ସକାଳ ୯ଟା।
- ଅସୁରଗଡ଼ ଲୋକ ମହୋତ୍ସବର ଦ୍ୱିତୀୟ ସନ୍ଧ୍ୟା, ସ୍ଥାନ: ମନମୁଣ୍ଡା, କଣ୍ଟାମାଳ, ସମୟ: ଅପରାହ୍ନ ୪ଟା।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** ଆଜି ଚନ୍ଦ୍ର ନୀଚ ରାଶିରେ ଥିବାରୁ ଦୈହିକ ଓ ମାନସିକ ସ୍ଥିତି ଭଲ ରହିବ ନାହିଁ। ପାରିବାରିକ କ୍ଷେତ୍ରରେ ଅତ୍ୟଧିକ ଖର୍ଚ୍ଚ ଟେନ୍‌ସନର କାରଣ ହେବ। ଆଲୋଚନା ପରିସରରେ ବନ୍ଧୁଙ୍କ ସହ ଯୁକ୍ତିତର୍କ ଦ୍ୱାରା ସମସ୍ୟା ସୃଷ୍ଟି ଆଶଙ୍କା ରହିଛି। ସ୍ଥଗିତ ରହିଯାଇଥିବା ଆନୁଷ୍ଠାନିକ କାମ ପାଇଁ ଅନ୍ୟମାନଙ୍କର ସାହାଯ୍ୟ ଅବଶ୍ୟ ପାଇବେ।

**ବୃଷ** ଚନ୍ଦ୍ରଙ୍କ କେନ୍ଦ୍ରରେ ଗୁରୁ ଗଜକେଶରୀ ଯୋଗ ସୃଷ୍ଟି କରି ସାମଗ୍ରିକ ସୁଖ, ସୁବିଧା ପ୍ରଦାନ କରିବେ। ବିବାଦୀୟ ପରିସ୍ଥିତିରେ ବନ୍ଧୁ କିମ୍ବା ସହକର୍ମୀଙ୍କ ପରାମର୍ଶ କାର୍ଯ୍ୟ ହାସଲରେ ସହାୟକ ହେବ। ପାରିବାରିକ କ୍ଷେତ୍ରରେ ବିଭିନ୍ନ ସମସ୍ୟା ରହିଥିଲେ ମଧ୍ୟ କୌଣସି କାମ ଅଟକିବ ନାହିଁ। ଅଜଣା ଅଶୁଣା ବ୍ୟକ୍ତିମାନଙ୍କୁ ବିଶ୍ୱାସ କରି ପ୍ରତାରିତ ହୋଇପାରନ୍ତି।

**ମିଥୁନ** ଷଷ୍ଠ ଏକାଦଶାଧିପତି ମଙ୍ଗଳ ରାଶିରେ ରହିଥିବାରୁ ଶତ୍ରୁବାଧା ମନକୁ ବିଚଳିତ କରିବ। ବନ୍ଧୁଙ୍କୁ ଆର୍ଥିକ ସାହାଯ୍ୟ କରି କିମ୍ବା ଆନୁଷ୍ଠାନିକ କାର୍ଯ୍ୟ ସକାଶେ ବ୍ୟୟବରାଦ କରିବାକୁ ପଡ଼ିପାରେ। ଆନୁଷଙ୍ଗିକ ସାହାଯ୍ୟ ଲାଭ କରି ନିର୍ମାଣର ଅପୂର୍ଣ୍ଣ କାମକୁ ସମ୍ପୂର୍ଣ୍ଣ କରିବେ। ଧର୍ମକାର୍ଯ୍ୟରେ ଅଗ୍ରଣୀ ଭୂମିକା ଗ୍ରହଣ କରି ପ୍ରଶଂସିତ ହେବେ।

**କର୍କଟ** ରାଶ୍ୟାଧିପତି ଗୁରୁଦୃଷ୍ଟିରେ ଥିବାରୁ ପୁରାତନ ରୋଗ ଜନିତ ନିରୁତ୍ସାହିତ ହୋଇପାରନ୍ତି। ପରିବାରରେ ଆର୍ଥିକ ଅନଟନ ଲାଗି ରହିଲେ ମଧ୍ୟ ଆପଣ ପରିସ୍ଥିତିକୁ ସମ୍ଭାଳି ନେବେ। ଭଡ଼ାସୂତ୍ରରୁ କିମ୍ବା ପାଇବାକୁ ଥିବା ବକେୟା ଟଙ୍କା ପାଇ ସାମୟିକ ଖୁସି ହେବେ। ଆତ୍ମୀୟମାନେ ଶତ୍ରୁଭାବ ପୋଷଣ କରୁଥିଲେ ମଧ୍ୟ ମୁହଁ ସାମ୍ନାରେ କିଛି କହି ନ ପାରନ୍ତି।

**ସିଂହ** ଶତ୍ରୁ କ୍ଷେତ୍ରରେ ରାଶ୍ୟାଧିପତି ଅବସ୍ଥାନ କରିଥିବାରୁ ପାରିବାରିକ ସ୍ଥିତି କିମ୍ବା ଚେଷ୍ଟା କରୁଥିବା କାମ ବାଧାପ୍ରାପ୍ତ ହେବ। ଖର୍ଚ୍ଚ ପରିମାଣ ବଢ଼ିପାରେ। ନିକଟସ୍ଥ ବନ୍ଧୁ କିମ୍ବା ସହକର୍ମୀମାନେ ଅସହଯୋଗ ମନୋଭାବ ପୋଷଣ କରିବେ। ବନ୍ଧୁ ସମ୍ପର୍କ କ୍ଷୁଣ୍ଣ ହେବା କାରଣରୁ ମାନସିକ ଅବସାଦ ଯୋଗୁ କୌଣସି କାମ ଉତ୍ସାହପ୍ରଦ ନ ହୋଇପାରେ।

**କନ୍ୟା** ଭାଗ୍ୟସ୍ଥାନରେ ବକ୍ରୀ ବୃହସ୍ପତି ଆପଣଙ୍କର ବହୁତ ଦିନର ଆଶା ଓ ଅଭିଳାଷକୁ ପୂରଣ କରିପାରିବ। ବନ୍ଧୁମିଳନ ସହ ଆନୁଷ୍ଠାନିକ କ୍ଷେତ୍ରରୁ ପୁରସ୍କୃତ ହେବାର ସୂଚନା ରହିଛି। ଅଫିସ୍‌ରୁ ଫେରିବା ରାସ୍ତାରେ ଠିକଣା ଜାଗାରେ ବନ୍ଧୁଙ୍କୁ ନ ପାଇ ବ୍ୟସ୍ତ ହେବେ। ବିଶିଷ୍ଟ ବ୍ୟକ୍ତିଙ୍କ ସଙ୍ଗଲାଭ ସହ ଭ୍ରମଣଜନିତ ଆନନ୍ଦ ଅନୁଭବ କରିବେ।

**ତୁଳା** ଶୁକ୍ର କୋଣଭାବରେ ଅବସ୍ଥାନ କରିଥିବାରୁ ସକାଳୁ ବନ୍ଧୁଙ୍କ ଆହ୍ୱାନକ୍ରମେ କାମରେ ଲାଗିପଡ଼ିବେ। ସାମାଜିକ ସ୍ତରରେ ବନ୍ଧୁବର୍ଗଙ୍କ ସହାନୁଭୂତି ଯୋଗୁ କର୍ମମୁଖର ହେବେ। ପରିବାରର ଆବଶ୍ୟକତାକୁ ଦୃଷ୍ଟିରେ ରଖି ବିଶିଷ୍ଟ ବ୍ୟକ୍ତିଙ୍କ ସାହାଯ୍ୟରୁ ମୂଲ୍ୟବାନ୍ ଦ୍ରବ୍ୟ ପାଇପାରନ୍ତି। କୌଣସି ବ୍ୟକ୍ତି ଫାଇଦା ହାସଲ ପାଇଁ ଫନ୍ଦିଫିକର କରିବେ।

**ବିଛା** ମଙ୍ଗଳଙ୍କ ଦୁର୍ବଳତାଜନିତ ନିଜ ଲୋକଙ୍କ ଉପରେ ପୂର୍ଣ୍ଣ ଭରସା କରିବା ଠିକ୍ ନ ହୋଇପାରେ। ଅନ୍ୟର ସହମତି ପ୍ରାପ୍ତ ହୋଇ ଇଚ୍ଛିତ କାମକୁ ସମ୍ପନ୍ନ କରିପାରିବେ। ଆର୍ଥିକ କ୍ଷେତ୍ର, ରାଜନୈତିକ ସ୍ଥିତି, ପ୍ରଶାସନିକ କ୍ଷେତ୍ରର ସମସ୍ୟା, ବ୍ୟବସାୟିକ ଅପକର୍ଷ ଦୂରେଇ ଯିବ। ଅସାବଧାନତା ହେତୁ ଦ୍ରବ୍ୟ ନଷ୍ଟ ଯୋଗୁ କ୍ଷୋଭ ପ୍ରକାଶ କରିପାରନ୍ତି।

**ଧନୁ** ପ୍ରାପ୍ୟ ଲାଭର ଶେଷ ମୁହୂର୍ତ୍ତରେ କୌଣସି ବ୍ୟକ୍ତିଙ୍କ ବିରୋଧ ପରିସ୍ଥିତିକୁ ଓଲଟାଇ ଦେଇପାରେ। ଶନି ଓ ଶୁକ୍ରଙ୍କ ସଂଯୋଗରୁ ଅତୀତ ଘଟଣାକୁ ମନରେ ସ୍ଥାନ ଦେଇ ଶାନ୍ତିରେ ମଧ୍ୟ ଶୋଇ ପାରିବେ ନାହିଁ। ପୂର୍ବ ରାଗ ଶୁଝାଇବାକୁ ଯାଇ ନିଜ ଲୋକ ଧୋକା ଦେବେ। ବନ୍ଧୁଙ୍କ ପରାମର୍ଶରେ ଆରମ୍ଭ କରିଥିବା ଯୋଜନାରେ ଚୁକ୍ତିପତ୍ର ସ୍ୱାକ୍ଷରିତ ହେବ।

**ମକର** ଷଷ୍ଠ ଓ ଅଷ୍ଟମାଧିପତିଙ୍କ ରାଶ୍ୟାବସ୍ଥାନ ଯୋଗୁ ସମୟର ପ୍ରତିକୂଳ ପ୍ରଭାବରେ ଦେହ ଓ ମନ ସୁସ୍ଥ ରହିବ ନାହିଁ। ବିଶୃଙ୍ଖଳିତ ପରିସ୍ଥିତି ଆର୍ଥିକ, ପାରିବାରିକ ଓ ସାମାଜିକ କ୍ଷେତ୍ର ପାଇଁ ଅନୁକୂଳ ରହିବ ନାହିଁ। ଦୂରଦର୍ଶିତା ହେତୁ ପୂର୍ବରୁ ନିଜକୁ ସଜାଡ଼ି ନେବେ। ପ୍ରତିବେଶୀଙ୍କ ସୌହାର୍ଦ୍ଦ୍ୟରୁ ଜମିଜମା କାରବାରରେ ଉପକୃତ ହେବେ।

**କୁମ୍ଭ** କେନ୍ଦ୍ରସ୍ଥ ବୃହସ୍ପତି ପ୍ରଭାବରେ ସମସ୍ୟା ସମାଧାନ ପୂର୍ବକ କାର୍ଯ୍ୟହାସଲରେ ସମର୍ଥ ହେବେ। ଆକସ୍ମିକ ଭାବରେ ସମ୍ମାନ, ବନ୍ଧୁମିଳନ କିମ୍ବା ଉପଢୌକନାଦି ପାଇବା ଯୋଗ ରହିଛି। ଆତ୍ମୀୟଙ୍କ ବ୍ୟବହାର, ଚାଲିଚଳନ ଏପରିକି ପ୍ରତ୍ୟେକ ଘଟଣାକୁ ସନ୍ଦେହ ଦୃଷ୍ଟିରେ ଦେଖିପାରନ୍ତି। ଆଜିର ଯାତ୍ରା, ବ୍ୟବସାୟ, ସଭାସମିତିରେ ଲକ୍ଷ୍ୟ ହାସଲ ହୋଇପାରିବ।

**ମୀନ** ଧନଭାଗ୍ୟାଧିପତିଙ୍କ ସ୍ଥାନାବସ୍ଥାନରୁ ବନ୍ଧୁଙ୍କ ନିମନ୍ତ୍ରଣ ପାଇ ଦୂରଯାତ୍ରା କରିପାରନ୍ତି। କଳା, କ୍ରୀଡ଼ା, ସାହିତ୍ୟ, ସଙ୍ଗୀତ କ୍ଷେତ୍ରରୁ ସମ୍ମାନିତ ହେବାର ଯୋଗ ରହିଛି। ସ୍ୱାସ୍ଥ୍ୟ ସମସ୍ୟା, ପାରିବାରିକ ବୁଝାମଣା, ଏକଜିଦିଆ ମନୋବୃତ୍ତି ସମସ୍ୟାର କାରଣ ହୋଇପାରେ। କଳା, ସାହିତ୍ୟ, ସାମ୍ବାଦିକତା, ଫଟୋଗ୍ରାଫି, ବ୍ୟବସାୟ ଓ ପରିବହନ ଦିଗରୁ ଉପକୃତ ହେବେ।

ଆଜି ସାଧାରଣତନ୍ତ୍ର ଦିବସ, ଜାନୁଆରୀ ୨୬ ତାରିଖ, ଅନ୍ତର୍ଜାତୀୟ ସୀମାଶୁଳ୍କ ଦିବସ, ବିଶ୍ୱ କୁଷ୍ଠ ଉନ୍ମୂଳନ ଦିବସ, (ଜାନୁଆରୀ ଶେଷ ରବିବାର), ମାଘ କୃଷ୍ଣ ଦ୍ୱାଦଶୀ ରବିବାର, ଦିବା ଘ.୦୮।୨୫ମି. ଗତେ ରାଶି–ନକ୍ଷତ୍ର–ମୂଳା/ଧନୁ, ଦ୍ୱାଦଶୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ଘ.୦୬।୨୭ ଗତେ ୧୦।୦୮ ମଧ୍ୟେ, ଘ.୦୧।୨୨ ଗତେ ଘ.୦୧।୫୦ ମଧ୍ୟେ ଶୁଦ୍ଧ ଶୁଭବେଳା। ଦିବା ଘ. ୦୪।୦୮ ଗତେ ଘ.୦୫।୩୧ ମଧ୍ୟେ ରାହୁକାଳ ॥

# ପୁରୀ ବିମାନବନ୍ଦର...

ପ୍ରଥମ ପୃଷ୍ଠାରୁ...

ନିଜର ନାମ ଗୋପନ ରଖି କହିଛନ୍ତି, ପୁରୀ ବିମାନବନ୍ଦରର କାର୍ଯ୍ୟ ଅନ୍ଧାର ଭିତରେ ରହିଛି। କେନ୍ଦ୍ର ସରକାର ଏନେଇ ଆବଶ୍ୟକ ଆଗ୍ରହ ଦେଖାଉନାହାନ୍ତି। ନ ହେଲେ ଡେଲୋଇଟ୍ ଭଳି ଏକ ଅନଭିଜ୍ଞ ସଫ୍ଟୱେର ସଂସ୍ଥା ହାତରେ ଏହି ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟର ଦାୟିତ୍ୱ ହସ୍ତାନ୍ତର କରି ନ ଥାନ୍ତେ। ଡେଲୋଇଟ୍ କ'ଣ ତଥ୍ୟ ସଂଗ୍ରହ କରିଛି ସେ ନେଇ ପୂର୍ବରୁ ୨ ଥର ବୈଠକ ହେବାର ଥିଲା। ହେଲେ ଏପର୍ଯ୍ୟନ୍ତ ତାହା ହୋଇପାରିନାହିଁ ବୋଲି ସେ କହିଛନ୍ତି।

ରାଜ୍ୟ ସରକାର ଓଡ଼ିଶାରେ ଆଉ ୮ଟି ବିମାନବନ୍ଦର ପ୍ରତିଷ୍ଠା କରିବା ନେଇ ଯୋଜନା ରଖିଛନ୍ତି। ମୟୂରଭଞ୍ଜର ଦଣ୍ଡବୋଷ, ବଲାଙ୍ଗୀରର ତୁଷୁରା, ଢେଙ୍କାନାଳର ବିରାଶାଳ, ରାଉରକେଲା, ମୟୂରଭଞ୍ଜର ଅମର୍ଦା ରୋଡ୍, ନୂଆପଡ଼ାର ଗୋଟମା, ରାୟଗଡ଼ର ଗୁଡ଼ାରି ଏବଂ ପଦ୍ମପୁରର ସତୀଭଟାଠାରେ ବିମାନବନ୍ଦର ପ୍ରତିଷ୍ଠା ନେଇ ଯୋଜନା ରଖିଛନ୍ତି। ସେଥିମଧ୍ୟରୁ ମୟୂରଭଞ୍ଜର ଦଣ୍ଡବୋଷଠାରେ ବିମାନବନ୍ଦର ହେବା ନେଇ ନିକଟରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଶିଳାନ୍ୟାସ କରିଥିଲେ। ଏହାଛଡ଼ା ଢେଙ୍କାନାଳର ବିରାଶାଳଠାରେ ପୂର୍ବରୁ ଥିବା ଏୟାରଷ୍ଟ୍ରିପ୍‌କୁ ଆଭିଏଶନ ଟ୍ରେନିଂ ସେଣ୍ଟର ଭାବେ ନିର୍ମାଣ କରାଯିବ ଏବଂ ତୁଷୁରାଠାରେ ଯେଉଁ ବିମାନବନ୍ଦର ହେବାକୁ ଅଛି, ତାହା ଏକ ପ୍ରକାର ସ୍ଥିର। ବାକି ୫ଟି ସ୍ଥାନରେ ବିମାନବନ୍ଦର ହେବ ନା ନାହିଁ ତାହା ପ୍ରଶ୍ନବାଚୀ ଭିତରେ ରହିଛି। ରାଉରକେଲାଠାରେ ସେଲ୍ ସହ ମିଶି ବିମାନବନ୍ଦର ପ୍ରତିଷ୍ଠା କରାଯିବା ଯୋଜନା ଅଛି। ରାୟଗଡ଼ାର ଗୁଡ଼ାରିଠାରେ ଯଦି ବିମାନବନ୍ଦର ହୁଏ ତାହାକୁ ଏୟାରପୋର୍ଟ ଅଥରିଟି ଅଫ୍ ଇଣ୍ଡିଆ ଦାୟିତ୍ୱ ନେଇ ଚଳାଇବ ବୋଲି ଜଣେ ପରିବହନ ବିଭାଗର ଅଧିକାରୀ ସୂଚନା ଦେଇଛନ୍ତି। ଏସବୁ ଭିତରେ ପୁରୀ ଭଳି ବଡ଼ ପର୍ଯ୍ୟଟନସ୍ଥଳରେ ହେବାକୁ ଥିବା ବିମାନବନ୍ଦର ଚର୍ଚ୍ଚାର ସର୍ବାଗ୍ରେ ରହିଥିବାବେଳେ ଉକ୍ତ କାର୍ଯ୍ୟ ଡେଲୋଇଟ୍ କେତେ ତୁଲାଉଛି ତାହା ସମୟ ସ୍ପଷ୍ଟ କରିବ ବୋଲି ଶୁଣିବାକୁ ମିଳୁଛି। ଜମି ଅଧିଗ୍ରହଣ ଏବଂ ବିମାନବନ୍ଦର କାର୍ଯ୍ୟ ସମ୍ପର୍କରେ ଡେଲୋଇଟ୍ କମ୍ପାନୀର ପୂର୍ବରୁ କିଛି ଅଭିଜ୍ଞତା ରହିଛି କି ନାହିଁ, ତାହା ଇଣ୍ଟରନେଟ୍‌ରୁ ଜାଣିବାକୁ ଚେଷ୍ଟା କରିଥିଲୁ। ହେଲେ ଉକ୍ତ କମ୍ପାନୀର ଜମି ଅଧିଗ୍ରହଣ ଓ ବିମାନବନ୍ଦର ନିର୍ମାଣ କାର୍ଯ୍ୟ ନେଇ ସମ୍ପୂର୍ଣ୍ଣ ଅନଭିଜ୍ଞ ଥିବା ଜାଣିବାକୁ ମିଳିଛି।

# ବଡ଼ବାପା, ବଡ଼ ମା'ଙ୍କୁ...

ଫେରାର ହୋଇଯାଇଥିଲେ। ଖବର ପାଇ ଗୋଲାମୁଣ୍ଡା ଥାନା ଓ ସ୍ଥାନୀୟ ଦଶପୁର ଫାଣ୍ଡି ପୋଲିସ ଘଟଣାସ୍ଥଳରେ ପହଞ୍ଚି ସନ୍ଧାନୀ କୁକୁର ଓ ସାଇଣ୍ଟିଫିକ ଟିମ୍ ସାହାଯ୍ୟରେ ତଦନ୍ତ ଆରମ୍ଭ କରିଥିଲେ। ପରେ ଜଙ୍ଗଲରୁ ଅଭିଯୁକ୍ତ ପୁତୁରାଙ୍କୁ ପୋଲିସ ଧରି ଥାନାକୁ ଆଣି ଅଟକ ରଖି ପଚରାଉଚୁରା ଜାରି ରଖିଛି। ସେହିପରି ମୃତଦେହ ପୋଲିସ ଜବତ କରିଛି। ଧର୍ମଗଡ଼ ଉପଖଣ୍ଡ ପୋଲିସ ଅଧିକାରୀ ମନୋଜ କୁମାର ବେହେରା ଘଟଣାସ୍ଥଳରେ ଉପସ୍ଥିତ ରହି ତଦନ୍ତ ଜାରି ରଖିଛନ୍ତି।

# ୨୫ ବର୍ଷ ପରେ ଅକ୍ଷୟ-ତବୁଙ୍କ ରିୟୁନିୟନ


ତବୁ

**ମୁମ୍ବାଇ:** ପ୍ରାୟ ୨୫ ବର୍ଷ ପରେ 'ଭୂତ ବଙ୍ଗଲା' ଫିଲ୍ମ ମାଧ୍ୟମରେ ଅଭିନେତା ଅକ୍ଷୟ କୁମାର ଓ ଅଭିନେତ୍ରୀ ତବୁଙ୍କର ରିୟୁନିୟନ ହେବାକୁ ଯାଉଛି। ଶେଷଥର ପାଇଁ ୨୦୦୦ ମସିହାରେ ରିଲିଜ୍ ହୋଇଥିବା ସୁପର ହିଟ୍ ଫିଲ୍ମ 'ହେରାଫେରି'ରେ ଏହି ଯୋଡ଼ି ଏକାଠି ନଜରକୁ ଆସିଥିଲେ। ଦୀର୍ଘ ୨୫ ବର୍ଷ ପରେ ପୁଣିଥରେ ଅକ୍ଷୟ ଏବଂ ତବୁଙ୍କୁ ଏକାଠି ଦେଖିବା ପାଇଁ ଉଭୟଙ୍କ ପ୍ରଶଂସକ ଅନାଇ ବସିଛନ୍ତି। ରାଜସ୍ଥାନରେ ସମ୍ପ୍ରତି 'ଭୂତ ବଙ୍ଗଲା'ର ଶୁଟିଂ ଜାରି ରହିଛି। ତବୁ ତାଙ୍କ ଇନ୍‌ଷ୍ଟାଗ୍ରାମରେ ଫିଲ୍ମ ଶୁଟିଂ ସେଟ୍‌ର ଏକ ଫଟୋ ଶେୟାର କରିଛନ୍ତି। ଏହି ଫଟୋରେ ତବୁ 'ଭୂତ ବଙ୍ଗଲା'ରେ ନିଜ ସାଥୀ କୋ ଷ୍ଟାରମାନଙ୍କ ସହ ଏକ ସେଲ୍ଫି ଶେୟାର କରିଛନ୍ତି। ଫିଲ୍ମର ଗୋଟିଏ ଶୁଟିଂ କାର୍ଯ୍ୟସୂଚୀ ସମାପ୍ତ ହୋଇଥିବା ନେଇ ତବୁ ଏହି ପୋଷ୍ଟରେ ସୂଚନା ଦେଇଛନ୍ତି। ପ୍ରିୟଦର୍ଶନଙ୍କ ନିର୍ଦ୍ଦେଶିତ 'ଭୂତ ବଙ୍ଗଲା'ରେ ଅକ୍ଷୟ ଓ ତବୁଙ୍କ ବ୍ୟତୀତ ଅଭିନେତା ପରେଶ ରାୱଲ, ଗୋବର୍ଦ୍ଧନ ଅସ୍‌ରାନୀ, ରାଜପାଲ ଯାଦବ, ୱାମିକା ଗାବି ପ୍ରମୁଖ ନଜରକୁ ଆସିବେ। ଆସନ୍ତା ବର୍ଷ ଏପ୍ରିଲ ୨ରେ ଏହି ଫିଲ୍ମ ରିଲିଜ ହେବାକୁ ଯାଉଛି। ନିର୍ଦ୍ଦେଶକ ପ୍ରିୟଦର୍ଶନଙ୍କ ସହ ଅକ୍ଷୟଙ୍କ ଯୋଡ଼ିକୁ ବଲିଉଡ୍‌ର ହିଟ୍ ଯୋଡ଼ି ଭାବେ ଧରାଯାଇଥାଏ। ଉଭୟ ପୂର୍ବରୁ ଅନେକ ହିଟ୍ ଚଳଚ୍ଚିତ୍ର 'ହେରାଫେରି', 'ଭାଗମଭାଗ', 'ଗରମ ମସାଲା', 'ଦେ ଦନା ଦନ୍', 'ଭୁଲ୍ ଭୁଲୈୟା' ଆଦିରେ ଏକାଠି କାର୍ଯ୍ୟ କରିଥିଲେ।




# ବିପଦରେ ବନ୍ୟପ୍ରାଣୀ

**ସୁନ୍ଦରଗଡ଼, ନରସିଂହପୁରରେ ଦନ୍ତାହାତୀର ମୃତଦେହ ଠାବ, ତେଲକୋଇରେ କଲରାପତରିଆ ବାଘର ମୃତଦେହ ଜବତ**

ସୁନ୍ଦରଗଡ, ନରସିଂହପୁର,କେନ୍ଦୁଝର, ୨୫ା୧ (ଜୟ ନାରାୟଣ ମେଣ୍ଡୁଲି/ ନିରଞ୍ଜନ ଦେବ କୁମାର/ ନରେଶ ଚନ୍ଦ୍ର ପଟ୍ଟନାୟକ)










ସୁନ୍ଦରଗଡ଼ ବନଖଣ୍ଡ ଓ କଟକ ଜିଲା ନରସିଂହପୁର ବନାଞ୍ଚଳରେ ଦୁଇଟି ଦନ୍ତାହାତୀର ମୃତଦେହ ଠାବ କରାଯାଇଥିବା ବେଳେ କେନ୍ଦୁଝର ବନଖଣ୍ଡ ତେଲକୋଇ ବନାଞ୍ଚଳରେ ଏକ କଲତରାପତରିଆ ବାଘର ମୃତଦେହ ଠାବ କରାଯାଇଛି। ତେବେ କୌଣସି ଶିକାରୀଙ୍କ ଦ୍ୱାରା ଦନ୍ତାହାତୀ ଓ ବାଘର ମୃତ୍ୟୁ ଘଟିଛି କି ଅନ୍ୟ କେଉଁ କାରଣରୁ, ତାହାର ତଦନ୍ତ ବନିବିଭାଗ ଜାରି ରଖିଛି। ସୁନ୍ଦରଗଡ଼ ଅନ୍ତର୍ଗତ ବି.କରୁଆବାହାଲ ଗ୍ରାମ ନିକଟ ଜଙ୍ଗଲରେ ଶନିବାର ପୂର୍ବାହ୍ନରେ ଏକ ଦନ୍ତାହାତୀର ମୃତଦେହ ଠାବ ହୋଇଛି। ମୃତ ହାତୀର ବୟସ ୨୦ରୁ ୨୫ ବର୍ଷ ହେବ ବୋଲି ଡିଏଫ୍‌ଓ ପ୍ରଦୀପ ମିରାସେ କହିଛନ୍ତି। ଦନ୍ତାହାତୀ ପଡ଼ୋଶୀ ରାଜ୍ୟ ଛତିଶଗଡ଼ ଅଞ୍ଚଳରୁ ଅନ୍ୟ ଏକ ଦନ୍ତା ସହିତ ଲଢ଼େଇ ବେଳେ ଆହତ ହୋଇ ସୁନ୍ଦରଗଡ଼ ଜଙ୍ଗଲକୁ ଚାଲିଆସିଥିବା ଆଶଙ୍କା କରାଯାଉଛି ବୋଲି ଡିଏଫ୍‌ଓ ମିରାସେ କହିଛନ୍ତି। ହାତୀର ମୁଣ୍ଡ, କାନପଛ, ଶୁଣ୍ଢରେ କ୍ଷତଚିହ୍ନ ଥିବା ବେଳେ ଗୋଟିଏ ଦାନ୍ତ ମଧ୍ୟ ସାମାନ୍ୟ ଭାଙ୍ଗିଛି। ଏହି କ୍ଷତ ପ୍ରାୟ ୪ରୁ ୫ଦିନର ହେବ ବୋଲି ସେ କହିଛନ୍ତି। ଆହତ ଅବସ୍ଥାରେ ବୁଲୁଥିବା ବେଳେ ତା'ର ମୃତ୍ୟୁ ଘଟିଥିବା ଅନୁମାନ କରାଯାଉଛି। ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ପ୍ରକୃତ କାରଣ ଜଣାପଡ଼ିବ ବୋଲି ମିରାସେ କହିଛନ୍ତି। ବ୍ୟବଚ୍ଛେଦ ପରେ ହାତୀର ମୃତଦେହ ଜଙ୍ଗଲରେ ପୋତି ଦିଆଯାଇଛି।

ସେହିପରି କଟକ ଜିଲା ନରସିଂହପୁର ବନାଞ୍ଚଳ ପୂର୍ବ ରେଞ୍ଜ ପାଞ୍ଚଗୋଛିଆ ବିଟ୍ ଅଧୀନସ୍ଥ ରଙ୍ଗଡାବ ଗ୍ରାମ ନିକଟ ଜଣେ ବ୍ୟକ୍ତିଙ୍କ ବଗିଚାରୁ ଏକ ଦନ୍ତାହାତୀର ମୃତଦେହ ଠାବ କରାଯାଇଛି। ହାତୀର ବୟସ ପ୍ରାୟ ୧୦ରୁ ୧୨ ବର୍ଷ ହେବ ବୋଲି ଅନୁମାନ କରାଯାଉଛି। ଆଠଗଡ଼ ଡିଏଫ୍‌ଓ ଯଜ୍ଞଦତ୍ତ ପତି, ଏସିଏଫ୍ ମନୋଜ ପାତ୍ର ସ୍ଥାନୀୟ ପ୍ରାଣୀ ଡାକ୍ତର ଟିମ୍ ସହ ଘଟଣାସ୍ଥଳକୁ ଯାଇ ତଦନ୍ତ କରିଛନ୍ତି। ହାତୀର ମୃତଦେହ ବ୍ୟବଚ୍ଛେଦ କରାଯିବା ପରେ ସେହି ସ୍ଥାନରେ ପୋତି ଦିଆଯାଇଛି। ଏଥିସହ ଦାନ୍ତ ଦ୍ୱୟକୁ ଜବତ କରାଯାଇଛି ବୋଲି ପୂର୍ବାଞ୍ଚଳ ରେଞ୍ଜ ଅଧିକାରୀ ସୁବାସ ଚନ୍ଦ୍ର ରାଉତ ସୂଚନା ଦେଇଛନ୍ତି। ହାତୀ ମୃତ୍ୟୁର କାରଣ ଜାଣିବା ପାଇଁ ତଦନ୍ତ ଜାରି ରହିଛି ବୋଲି ଆଠଗଡ଼ ଡିଏଫ୍‌ଓ ପତି କହିଛନ୍ତି।

ସେହିପରି କେନ୍ଦୁଝର ବନଖଣ୍ଡ ତେଲକୋଇ ବନାଞ୍ଚଳ ତାଳପଦା ଫରେଷ୍ଟ ବିଟ ବଡ଼ଖମଣ ଗ୍ରାମ କଳାପାଟ ସଂରକ୍ଷିତ ଜଙ୍ଗଲରୁ ଏକ କଲରାପତରିଆ ବାଘର ଗଳିତ ମୃତଦେହ ଜବତ ହୋଇଛି। ବନ୍ୟପ୍ରାଣୀ ସୁରକ୍ଷା କର୍ମୀ ହାତୀ ନିରୀକ୍ଷଣ କରୁଥିବା ବେଳେ ବାଘର ମୃତଦେହ ଠାବ କରିଥିଲେ। ୨୦ରୁ ୨୫ ଦିନ ପୂର୍ବରୁ ବାଘର ମୃତ୍ୟୁ ହୋଇଥିବା ଅନୁମାନ କରାଯାଉଛି। ବାଘର ବୟସ ପାଖାପାଖି ଦେଢ଼ରୁ ଦୁଇ ବର୍ଷ ହେବ ବୋଲି ବନ ବିଭାଗ ପ୍ରାଥମିକ ତଦନ୍ତରୁ ଜାଣିବାକୁ ପାଇଛି। ଜିଲା ବନଖଣ୍ଡ ଅଧିକାରୀ ଏର୍‌ଡି ଧନ୍‌ରାଜ, ତେଲକୋଇ ବନାଞ୍ଚଳ ଅଧିକାରୀ ଶିବାଜୀ ମୋହନ ରାଓ, ବନ୍ୟପ୍ରାଣୀ ବିଶେଷଜ୍ଞ ଓ ଡାକ୍ତରୀ ଦଳ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରି ବିଭିନ୍ନ ଦିଗକୁ ନେଇ ତଦନ୍ତ ଆରମ୍ଭ କରିଛନ୍ତି। ମୃତ ବାଘର ଚମଡ଼ା ଏବଂ ନଖ ସୁରକ୍ଷିତ ଥିବାରୁ ଏହା ଶିକାର ନୁହେଁ, ଅନ୍ୟ କେଉଁ କାରଣରୁ ମୃତ୍ୟୁ ହୋଇଥିବା ବନବିଭାଗ ଅନୁମାନ କରୁଛି। ମୃତଦେହ ବ୍ୟବଚ୍ଛେଦ ପରେ ମୃତଶରୀରର ବିଭିନ୍ନ ଅଙ୍ଗପ୍ରତ୍ୟଙ୍ଗରୁ ନମୁନା ସଂଗ୍ରହ କରାଯାଇ ଓ୍ୱୁଏଟିସ୍ଥିତ ଫୋରେନ୍ସିକ ଲାବରେଟୋରୀକୁ ପରୀକ୍ଷା ନିମନ୍ତେ ପଠାଯାଇଛି। ରିପୋର୍ଟ ଆସିବା ପରେ ମୃତ୍ୟୁର କାରଣ ସ୍ପଷ୍ଟ ହେବ ବୋଲି ବନଖଣ୍ଡ ଅଧିକାରୀ ସୂଚନା ଦେଇଛନ୍ତି।

# ଭିତରକନିକାରେ ୩୩ ଧଳା କୁମ୍ଭୀର

କେନ୍ଦ୍ରାପଡ଼ା,୨୫ା୧(ଜଗନ୍ନାଥ ଧଳ)



ଭିତରକନିକା ଜାତୀୟ ଉଦ୍ୟାନରେ ଚଳିତ ବର୍ଷର କୁମ୍ଭୀର ଗଣନା ପରିବେଶବିତ୍‌ଙ୍କ ପାଇଁ ଭଲ ଖବର ଆଣିଛି । ପୂର୍ବଥରଠାରୁ ଅଳ୍ପସଂଖ୍ୟକ ଲୁଣା ବଉଳା କୁମ୍ଭୀର ସଂଖ୍ୟା ବୃଦ୍ଧି ହୋଇଥିବା ବେଳେ ଧଳା କୁମ୍ଭୀର ସଂଖ୍ୟା ୩୩ରେ ପହଞ୍ଚିଛି । ୨୦୨୩- ୨୪ ଗଣନାରେ ଧଳା କୁମ୍ଭୀରଙ୍କ ସଂଖ୍ୟା ୨୦ ଥିଲା । ୨୦୨୪- ୨୫ରେ ଭିତରକନିକା ବନାଞ୍ଚଳରେ ୩୩ଟି ଧଳା କୁମ୍ଭୀର ଗଣନା କରାଯାଇଛି । ଏମାନଙ୍କ ମଧ୍ୟରୁ ୧୦ ଫୁଟରୁ ଅଧିକ ଲମ୍ବର ୨ଟି ଧଳା କୁମ୍ଭୀର କନିକା ରେଞ୍ଜ ବନାଞ୍ଚଳରେ ଅଛି । ଏଥିସହିତ ଡାଙ୍ଗମାଳରେ ବହୁଚର୍ଚ୍ଚିତ ୪୯ ବର୍ଷୀୟ ଗୋରୀ, ୨୧ ବର୍ଷୀୟ ମଲ୍ଲୀ ଓ ୬ ବର୍ଷୀୟ ସୁନ୍ଦରୀ ଧଳା କୁମ୍ଭୀର ରହିଥିବା ଏସିଏଫ୍ ମାନସ ଦାସ ଶନିବାର ସୂଚନା ଦେଇଛନ୍ତି ।

ବନ ବିଭାଗ ପକ୍ଷରୁ ଜାତୀୟ ଉଦ୍ୟାନ ଭିତରକନିକା ଓ ଆଖପାଖ ନଦୀ ନାଳ ଅଞ୍ଚଳରେ ୨୦୨୪- ୨୫ କୁମ୍ଭୀର ଗଣନା ଗତ ୧୯ରୁ ୨୧ ତାରିଖ ପର୍ଯ୍ୟନ୍ତ ହୋଇଥିଲା । ବଉଳା କୁମ୍ଭୀର ସଂରକ୍ଷଣ ପାଇଁ ଭୂସ୍ୱର୍ଗ ପାଲଟିଥିବା ଏହି ଅଞ୍ଚଳରେ ଗତ ଗଣନା ସମୟରେ ୧୮୧୧ କୁମ୍ଭୀର ଥିବା ବେଳେ ଚଳିତ ଥର ତାହା ୧୫କୁ ବୃଦ୍ଧି ପାଇ ୧୮୨୬ରେ ପହଞ୍ଚିଛି । ସେହି ତୁଳନାରେ ଧଳା କୁମ୍ଭୀର ସଂଖ୍ୟା ୧୩ଟି ଅଧିକ ହୋଇଛି । ଦେଶର ଆର୍ଦ୍ରଭୂମିଗୁଡିକ ମଧ୍ୟରୁ ଭିତରକନିକାରେ ସର୍ବାଧିକ ଧଳା କୁମ୍ଭୀର ରହିଛନ୍ତି । ଅପରପକ୍ଷେ ୱାର୍ଲ୍ଡ ୱାଇଡ ଫଣ୍ଡ ଫର୍ ନେଚର (ଡବ୍ଲ୍ୟୁଡବ୍ଲ୍ୟୁଏଫ୍) ବମ୍ବେ ନ୍ୟାଚୁରାଲ ହିଷ୍ଟ୍ରି ସୋସାଇଟି ଓ ନ୍ୟୁୟର୍କ ଜୁଲୋଜିକାଲ ସୋସାଇଟି ପକ୍ଷରୁ ହୋଇଥିବା ସର୍ଭେ ଅନୁଯାୟୀ ପ୍ରାୟ ୯୦ ପ୍ରତିଶତ ଧଳା କୁମ୍ଭୀର ଦେଶର ବିଭିନ୍ନ ଆର୍ଦ୍ରଭୂମିରୁ ଲୋପ ପାଇଛନ୍ତି । କୁମ୍ଭୀର ସଂରକ୍ଷଣ ସମ୍ପର୍କରେ ଏସିଏଫ୍ ଦାସ କହିଛନ୍ତି, ୧୯୭୪ ମେ- ଜୁନ ମାସରେ ଅନ୍ତର୍ଜାତୀୟ ଖ୍ୟାତିସମ୍ପନ୍ନ ପ୍ରାଣୀ ବିଶେଷଜ୍ଞ ଡ. ଏଚ. ଆର. ବଷ୍ଟାର୍ଡ ଭିତରକନିକାକୁ ଆସିଥିଲେ । ୧୯୭୫ରେ ଜାତୀୟ ଉଦ୍ୟାନ ଅନ୍ତର୍ଗତ କାଳିଭଞ୍ଜଡିହା କୁମ୍ଭୀର ବସାରୁ ୨୫ଟି ଅଣ୍ଡା ସଂଗ୍ରହ କରି ଏଠାରେ କୃତ୍ରିମ ପ୍ରଜନନ କରାଯାଇଥିଲା । ଏଥିରୁ ପ୍ରଥମ ଧଳା କୁମ୍ଭୀର ଗୋରୀ ଜନ୍ମ ନେଇଥିଲା ।

# କୃଷ୍ଣପ୍ରସାଦରେ କାଉ ମଡ଼କ

କୃଷ୍ଣପ୍ରସାଦ,୨୫ା୧(କୈଳାସ ଚନ୍ଦ୍ର ପଟ୍ଟନାୟକ): ପୁରୀ ଜିଲା କୃଷ୍ଣପ୍ରସାଦ ବ୍ଲକ ଅଞ୍ଚଳରେ କାଉ ମଡ଼କ ଦେଖାଦେଇଛି। ସିଆଳର ଚିଲିକା କୂଳରେ ଥିବା ଖାଉଁବଣ, ମାଲୁଦ, କୃଷ୍ଣପ୍ରସାଦ, ଚାରିଛକ, ନୂଆପଡ଼ା ଆଦି ଅଞ୍ଚଳରେ ବହୁ କାଉ ମରି ପଡ଼ିଥିବା ଦେଖିବାକୁ ମିଳିଛି। ଏତେ ସଂଖ୍ୟକ କାଉ କାହିଁକି ମରୁଛନ୍ତି, ତାହାର କାରଣ ଜଣାପଡ଼ି ନ ଥିବାବେଳେ ବାର୍ଡ ଫ୍ଲୁ ହୋଇଥିବା ସନ୍ଦେହ କରାଯାଉଛି। ଏହାକୁ ନେଇ ସ୍ଥାନୀୟ ଅଞ୍ଚଳରେ ଭୟର ବାତାବରଣ ଖେଳିଯାଇଛି। ଏ ସମ୍ପର୍କରେ ଜିଲା ପ୍ରାଣୀ ମୁଖ୍ୟ ଚିକିତ୍ସା ଅଧିକାରୀ ଶରତ କୁମାର ବେହେରା କହିଛନ୍ତି, ଗଣମାଧ୍ୟମରୁ କାଉ ମଡ଼କ ନେଇ ସୂଚନା ପାଇଲି। ନମୁନା ସଂଗ୍ରହ କରାଯାଇ ପରୀକ୍ଷା ପାଇଁ ପଠାଯିବ। ରିପୋର୍ଟ ଆସିବା ପରେ ପଦକ୍ଷେପ ନିଆଯିବ। ସୂଚନାଥାଉ କି, ଏହି ବ୍ଲକ ଅଧୀନ ସିଆଣ୍ଡି ପଞ୍ଚାୟତର ରତାମାଟି, ବଳରାମପୁର ଅଞ୍ଚଳର କୁକୁଡ଼ା ଫାର୍ମରେ ଶତାଧିକ କୁକୁଡ଼ା ମରି ପଡ଼ିଥିବା ନେଇ ଗତ ୭ତାରିଖରେ ବିଭିନ୍ନ ଗଣମାଧ୍ୟମରେ ଖବର ପ୍ରକାଶ ପାଇଥିଲା।














ଦିଲ୍ଲୀ ବିଧାନସଭା ନିର୍ବାଚନ ପୂର୍ବରୁ ନୂଆଦିଲ୍ଲୀଠାରେ ଶନିବାର ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ୍ ଶାହା, ଦିଲ୍ଲୀ ଭାଜପା ମୁଖ୍ୟ ବୀରେନ୍ଦ୍ର ସଚ୍ଚଦେବା ଏବଂ ଅନ୍ୟ ବରିଷ୍ଠ ନେତାମାନେ ଭାଜପା ମାନିଫେଷ୍ଟୋର ୩ୟ ଭାଗକୁ ଉନ୍ମୋଚନ କରୁଛନ୍ତି।

# ଶ୍ରୀବତ୍ସ ବେହେରା ବଲାଙ୍ଗୀର ଭାଜପା ଜିଲା ସଭାପତି

ବଲାଙ୍ଗୀର,୨୫।୧(ବୀରେନ୍ଦ୍ର କୁମାର ଝଙ୍କର)

ବଲାଙ୍ଗୀର ଜିଲାର ନୂଆ ଜିଲା ଭାଜପା ସଭାପତି ଭାବେ ଦଳର ପୁରୁଣା କାର୍ଯ୍ୟକର୍ତ୍ତା ତଥା ସଙ୍ଗଠକ ଶ୍ରୀବତ୍ସ ବେହେରାଙ୍କ ନାମ ଘୋଷଣା କରାଯାଇଛି। ଶନିବାର ସ୍ଥାନୀୟ ପଥରଚେପାସ୍ଥିତ ଜିଲା ଭାଜପା କାର୍ଯ୍ୟାଳୟରେ ଅନୁଷ୍ଠିତ ଏକ ସ୍ୱତନ୍ତ୍ର ସଭାରେ ଜିଲାର ନୂଆ ସଭାପତି ଏବଂ ଦଳୀୟ ରାଜ୍ୟ ପରିଷଦ ସଦସ୍ୟଙ୍କ ନାମ ଘୋଷଣା କରାଯାଇଛି। ଏହି ସଭାରେ ମୁଖ୍ୟ ଅତିଥି ଭାବେ ଲୋକ ସଭା ସଦସ୍ୟା ସଙ୍ଗୀତା କୁମାରୀ ସିଂଦେଓ, ଜିଲା ନିର୍ବାଚନ ଅଧିକାରୀ ଭବେନ୍ଦ୍ର ପଣ୍ଡା, ସହ ଜିଲା ନିର୍ବାଚନ ଅଧିକାରୀ ଓମ୍‌ପ୍ରକାଶ ଜୋଷୀ, ଜିଲା ଭାଜପା ପ୍ରଭାରୀ ସୁରେଶ୍ୱର ଶତପଥୀ, ବିଦାୟୀ ଜିଲା ସଭାପତି ଶିବାଜୀ ମହାନ୍ତି, ଭାଜପା ନେତା ଗୋପାଲଜୀ ପାଣିଗ୍ରାହୀ ଓ ପଙ୍କଜିନୀ ପଣ୍ଡା ମଞ୍ଚାସୀନ ଥିଲେ। ଜିଲା ନିର୍ବାଚନ ଅଧିକାରୀ ପଣ୍ଡା ନୂଆ ଜିଲା ସଭାପତି ବେହେରାଙ୍କ ନାମ ଘୋଷଣା



ଶ୍ରୀବତ୍ସ ବେହେରା

କରିଥିଲେ। ଏହାପରେ ଶ୍ରୀବତ୍ସଙ୍କୁ ଦଳୀୟ ନେତା ଓ କର୍ମୀମାନେ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଇଥିଲେ। ନୂଆ ଜିଲା ସଭାପତି ଘୋଷଣା ପରେ ଶ୍ରୀବତ୍ସ ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂଦେଓ, ଏମ୍‌ପି ସଙ୍ଗୀତା ସିଂଦେଓ, କ୍ୟାବିନେଟ୍ ମନ୍ତ୍ରୀ ଡ. ମୁକେଶ ମହାଲିଙ୍ଗ, କଣ୍ଟାବାଞ୍ଜି ବିଧାୟକ ଲକ୍ଷ୍ମଣ ବାଗ, ଟିଟିଲାଗଡ଼ ବିଧାୟକ ନବୀନ ଜୈନ, ବିଦାୟୀ ଜିଲା ସଭାପତି ମହାନ୍ତିଙ୍କ ସହ ଜିଲାର ୪୦ଟି ମଣ୍ଡଳର କାର୍ଯ୍ୟକର୍ତ୍ତାଙ୍କୁ ଧନ୍ୟବାଦ ଜଣାଇଥିଲେ। ଏହି ଅବସରରେ ସେ କହିଥିଲେ, ଆଗାମୀ ଦିନରେ ଭାଜପାକୁ ବଲାଙ୍ଗୀର ଜିଲାର ତୃଣମୂଳ ସ୍ତରରୁ ଆହୁରି ସୁଦୃଢ଼ ଓ ସଙ୍ଗଠିତ କରାଯିବ ଏବଂ ସାରା ରାଜ୍ୟରେ ସଙ୍ଗଠନ କ୍ଷେତ୍ରରେ ଜିଲାକୁ ଶ୍ରେଷ୍ଠ କରାଯିବ ବୋଲି କହିଥିଲେ। ଆଗାମୀ ପଞ୍ଚାୟତ ନିର୍ବାଚନ ପାଇଁ ମଧ୍ୟ ଦଳୀୟ ମାର୍ଗଦର୍ଶକ, କାର୍ଯ୍ୟକର୍ତ୍ତା ଏବଂ କର୍ମୀଙ୍କ ମଧ୍ୟରେ ଉତ୍ତମ ସମନ୍ୱୟ ରଖି କାର୍ଯ୍ୟ କରି ସଫଳତା ହାସଲ କରିବେ ବୋଲି ସେ କହିଥିଲେ।

୧୯୯୨ରୁ ଧରିତ୍ରୀ ପ୍ରତିନିଧି ଭାବେ କାର୍ଯ୍ୟ କରି ଆସୁଥିବା ଶ୍ରୀବତ୍ସ ନୂଆ ଭାଜପା ଜିଲା ସଭାପତି ଦାୟିତ୍ୱ ମଧ୍ୟ ନେଇଛନ୍ତି। ଜଣେ ନିଷ୍ଠାବାନ୍ ଏବଂ ଦକ୍ଷ କାର୍ଯ୍ୟକର୍ତ୍ତା ଭାବେ ସେ ଦଳୀୟ ମହଲରେ ପରିଚିତ। ତାଙ୍କ ନେତୃତ୍ୱରେ ଜିଲାରେ ସଙ୍ଗଠନ ଢେର ଆଗକୁ ଯିବ ବୋଲି କର୍ମୀ, କାର୍ଯ୍ୟକର୍ତ୍ତା ଓ ନେତା ଆଶାବାଦୀ ଅଛନ୍ତି। ଏହି ଅବସରରେ ଶ୍ରୀବତ୍ସଙ୍କୁ ଧରିତ୍ରୀ ଓ ଓଡ଼ିଶା ପୋଷ୍ଟ ସମ୍ପାଦକ ତଥାଗତ ସତପଥୀ ଶୁଭେଚ୍ଛା ଜଣାଇଛନ୍ତି।

# ସରକାରଙ୍କ ଅବହେଳା ଯୋଗୁ ମହାମାରୀ ରୂପନେଲା ଝାଡ଼ାବାନ୍ତି : କଂଗ୍ରେସ

## କଣାସ ଝାଡ଼ାବାନ୍ତି ଅଞ୍ଚଳ ପରିଦର୍ଶନ କଲା ପିସିସି ତଥ୍ୟ ଅନୁସନ୍ଧାନକାରୀ ଦଳ

ଭୁବନେଶ୍ୱର,୨୫।୧
(ଅନିଲ ଦାସ)

ସରକାର ବିଶେଷକରି ପୁରୀ ଜିଲା ପ୍ରଶାସନର ଅବହେଳା ଯୋଗୁ କଣାସ ଅଞ୍ଚଳରେ ଝାଡ଼ାବାନ୍ତି ମହାମାରୀର ରୂପ ନେଇଛି ବୋଲି ପିସିସି ତଥ୍ୟ ଅନୁସନ୍ଧାନକାରୀ ଦଳ ମୁଖ୍ୟ ତଥା କଂଗ୍ରେସ ବିଧାୟକ ଦଳର ନେତା ରାମଚନ୍ଦ୍ର କାଡାମ କହିଛନ୍ତି। କଂଗ୍ରେସ ଭବନରେ ଶନିବାର ଏକ ଖବରଦାତା ସମ୍ମିଳନୀରେ ସେ ସେଠାକାର ସ୍ଥିତିର ଗମ୍ଭୀରତା ବିଷୟରେ ଉଲ୍ଲେଖ କରିବା ସହିତ ଜିଲା ପ୍ରଶାସନିକ ଅଧିକାରୀ ଓ ସରକାରଙ୍କ ଚରମ ଅବହେଳା ଏଭଳି ଘଟଣା ପାଇଁ ଦାୟୀ ବୋଲି କହିଛନ୍ତି। ଏଥିସହିତ ସରକାର ମୃତକଙ୍କ ପରିବାରକୁ ୧୫ ଲକ୍ଷ ଟଙ୍କା ଲେଖାଏଁ କ୍ଷତିପୂରଣ ଦିଅନ୍ତୁ ବୋଲି କାଡାମ ଦାବି କରିଛନ୍ତି।

ଦୟାନଦୀର ପ୍ରଦୂଷିତ ପାଣି ବ୍ୟବହାର କରି ଝାଡ଼ାବାନ୍ତିରେ ୪ ଜଣଙ୍କ ମୃତ୍ୟୁ ଘଟିଥିବା ଓ ଶତାଧିକ ଆକ୍ରାନ୍ତ ହୋଇଥିବା ପୁରୀର କଣାସ ଅଞ୍ଚଳକୁ ଶୁକ୍ରବାର ଓଡ଼ିଶା ପ୍ରଦେଶ କଂଗ୍ରେସ ପକ୍ଷରୁ ଏକ ତଥ୍ୟ ଅନୁସନ୍ଧାନକାରୀ ଦଳ ଗସ୍ତ କରି ସ୍ଥିତି ଅନୁଧ୍ୟାନ କରିଛି। କାଡାମଙ୍କ ନେତୃତ୍ୱରେ ଯାଇଥିବା ଏହି ତଥ୍ୟ ଅନୁସନ୍ଧାନକାରୀ ଦଳରେ ପୂର୍ବତନ ମନ୍ତ୍ରୀ ତଥା ପୂର୍ବତନ ପିସିସି ସଭାପତି ପ୍ରସାଦ ହରିଚନ୍ଦନ, ମହାନଦୀ ବଞ୍ଚାଅ ଆନ୍ଦୋଳନର ଆବାହକ ସୁଦର୍ଶନ ଦାସ, ଓଡ଼ିଶା ମେଡିକାଲ ଆସୋସିଏଶନର ପୂର୍ବତନ ସଭାପତି ଡାକ୍ତର ମଧୁସୂଦନ ମିଶ୍ର, ଓଡ଼ିଶା ହାଇକୋର୍ଟର ଓକିଲ ଜିଆଉଲ୍ ହକ୍, କଂଗ୍ରେସ ଏସ୍‌ସି ସେଲ୍‌ର ପୂର୍ବତନ ଅଧ୍ୟକ୍ଷ ବାଙ୍କବିହାରୀ ବେହେରା, ପଛୁଆ ବର୍ଗ ବିଭାଗର ପୂର୍ବତନ ଅଧ୍ୟକ୍ଷ ବିଜୟାନନ୍ଦ ଚାଉଳିଆ ପ୍ରମୁଖ ସାମିଲ ଥିଲେ । ସେମାନେ କଣାସ ବ୍ଲକ ଅଧୀନ ଗଡ଼ିଶାଗଦା ପଞ୍ଚାୟତର ନୂଆଗାଁ ଓ ନଈପାଟଣା ଗାଁକୁ ଗସ୍ତ କରି ମୃତକ ପରିବାର ଲୋକଙ୍କୁ ଭେଟିବା ସହିତ ଗ୍ରାମବାସୀ, ସ୍ଥାନୀୟ ସରପଞ୍ଚ, କାର୍ଯ୍ୟରତ ସ୍ୱାସ୍ଥ୍ୟ କର୍ମୀ ଓ ଡାକ୍ତରଙ୍କୁ ଭେଟି ତଥ୍ୟ ସଂଗ୍ରହ କରିଛନ୍ତି। ନଈ କୂଳପାଟଣାର ଗୁରେଇ ସେଠୀ, ନୂଆଗାଁର ସଚଳା ସାହୁ, ସାରଥି ପ୍ରଧାନ ଓ ମାଗି ଦଳେଇଙ୍କର ଝାଡ଼ାବାନ୍ତିରେ ମୃତ୍ୟୁ ଘଟିଥିବା ବେଳେ ଶତାଧିକ ଆକ୍ରାନ୍ତ ହୋଇ ଡାକ୍ତରଖାନାରେ ଚିକିତ୍ସିତ ହେଉଛନ୍ତି ।

ଖବରଦାତା ସମ୍ମିଳନୀରେ ପ୍ରସାଦ ହରିଚନ୍ଦନ କହିଛନ୍ତି ଯେ, ସ୍ଥିତିର ଗମ୍ଭୀରତା ଦୃଷ୍ଟିରୁ ସରକାର ତୁରନ୍ତ ଏହାକୁ ମହାମାରୀ ଘୋଷଣା କରନ୍ତୁ ଏବଂ ଏହାକୁ ଆୟତ୍ତ କରିବା ଦିଗରେ ବିହିତ ପଦକ୍ଷେପ ନିଅନ୍ତୁ। ଏଥିରେ ଅନ୍ୟମାନଙ୍କ ମଧ୍ୟରେ ସୁଦର୍ଶନ ଦାସ, ବାଙ୍କବିହାରୀ ବେହେରା ଓ ବିଜୟାନନ୍ଦ ଚାଉଳିଆ ଉପସ୍ଥିତ ଥିଲେ ।



ଖବରଦାତା ସମ୍ମିଳନୀରେ ପିସିସି ତଥ୍ୟ ଅନୁସନ୍ଧାନକାରୀ ଦଳ ମୁଖ୍ୟ ରାମଚନ୍ଦ୍ର କାଡାମ (ମଝି), ପୂର୍ବତନ ପିସିସି ସଭାପତି ପ୍ରସାଦ ହରିଚନ୍ଦନ (ଡାହାଣ) ଓ ବରିଷ୍ଠ ନେତା ସୁଦର୍ଶନ ଦାସ।

# ୨୩ଟି ସାଙ୍ଗଠନିକ ଜିଲା ସଭାପତି ନିଯୁକ୍ତ କଲା ଭାଜପା

ଭୁବନେଶ୍ୱର,୨୫।୧(ଅନିଲଦାସ)

ତୃଣମୂଳ ସ୍ତରରେ ସଙ୍ଗଠନକୁ ସୁଦୃଢ଼ କରିବା ପାଇଁ ଭାରତୀୟ ଜନତା ପାର୍ଟି (ଭାଜପା)ର ଓଡ଼ିଶା ଶାଖା ରାଜ୍ୟର ବିଭିନ୍ନ ଜିଲାରେ ସଭାପତିଙ୍କ ନାମ ଘୋଷଣା କରିଛି। ପ୍ରଥମ ଦିବସରେ ୨୩ଟି ସାଙ୍ଗଠନିକ ଜିଲାର ଜିଲା ସଭାପତିଙ୍କ ନାମ ଘୋଷଣା କରାଯାଇଛି। ଅବଶିଷ୍ଟ ୧୪ଟି ଜିଲା ସଭାପତିଙ୍କ ନାଁ ଦ୍ୱିତୀୟ ପର୍ଯ୍ୟାୟରେ ଘୋଷଣା କରାଯିବ ବୋଲି ଜଣାପଡ଼ିଛି।

| ଜିଲା | ସଭାପତିଙ୍କ ନାମ | ଜିଲା | ସଭାପତିଙ୍କ ନାମ |
|---|---|---|---|
| ଜଗତ୍‌ସିଂହପୁର | ପ୍ରତାପ ମିଶ୍ର | | |
| କେନ୍ଦ୍ରାପଡ଼ା | ଶଶାଙ୍କ ଶେଖର ସେଠୀ | ବରଗଡ଼ | ଡ. ଅରୂପାନନ୍ଦ ସାହୁ |
| ପୁରୀ | ଡ. ଦେବେନ୍ଦ୍ରନାଥ ତରାଇ | ଦେବଗଡ଼ | ଅରୁଣ କୁମାର ସାହୁ |
| କଟକ | ସୁକାନ୍ତ ବିଶ୍ୱାଳ | ଘୁମୁସର ଆସ୍କା | ବିଜୟ ସ୍ୱାଇଁ |
| କଟକ(ଗ୍ରାମୀଣ) | ରାମନାରାୟଣ ମହାନ୍ତି | ନବରଙ୍ଗପୁର | କୁଞ୍ଜବିହାରୀ ଦାସ |
| ବାଲେଶ୍ୱର | ଈଶ୍ୱର ଚନ୍ଦ୍ର ବେହେରା | ବୌଦ୍ଧ | ପ୍ରେମାନନ୍ଦ ମିଶ୍ର |
| ବାଲେଶ୍ୱର(ଉତ୍ତର) | ପ୍ରଦୀପ କୁମାର ପଣ୍ଡା | କେନ୍ଦୁଝର | ଶୁକଦେବ ମହାନ୍ତ |
| ଢେଙ୍କାନାଳ | ରାସବିହାରୀ ବେହେରା | ମାଲକାନଗିରି | ଅଶୋକ କୁମାର ପରିଡ଼ା |
| ଗଞ୍ଜାମ | ସରୋଜ ସାବତ | ଘୁମୁସର(ଭଞ୍ଜନଗର) | ନୀଳମାଧବ ପାତ୍ର |
| ବଲାଙ୍ଗୀର | ଶ୍ରୀବତ୍ସ ବେହେରା | ପଶ୍ଚିମ ମୟୂରଭଞ୍ଜ(ରାଇରଙ୍ଗପୁର) | ଝୁରୀଲାଲ ମହାନ୍ତ |
| ସୁନ୍ଦରଗଡ଼ | ଗିରିଶ ସାହୁ | ପୂର୍ବ ମୟୂରଭଞ୍ଜ | ନୀହାର ମୋଦି |
| କଳାହାଣ୍ଡି | ଯୁଗଳ ପୋଢ଼ | ନୂଆପଡ଼ା | କମଲେଶ ଦୀକ୍ଷିତ |

# ରାଜ୍ୟର ସଫଳତା ନବୀନଙ୍କ ସୁଶାସନର ପ୍ରତିଫଳନ: ବିଜେଡି

## ନୀତି ଆୟୋଗଙ୍କ ବିତ୍ତୀୟ ସ୍ୱାସ୍ଥ୍ୟସୂଚୀରେ ଓଡ଼ିଶା ପ୍ରଥମ

ଭୁବନେଶ୍ୱର,୨୫।୧ (ଅନିଲ ଦାସ)

ନୀତି ଆୟୋଗଙ୍କ ଦ୍ୱାରା ପ୍ରକାଶିତ ୨୦୨୫ର ବିତ୍ତୀୟ ସ୍ୱାସ୍ଥ୍ୟସୂଚୀରେ ଓଡ଼ିଶା ଦେଶର ସବୁ ରାଜ୍ୟକୁ ପଛରେ ପକାଇ ଶୀର୍ଷ ସ୍ଥାନରେ ରହିଛି। ଏହି ରିପୋର୍ଟକୁ ନେଇ ଶନିବାର ବିଜୁ ଜନତା ଦଳ (ବିଜେଡି) ଭାଜପାକୁ ଘେରିଛି। ଶନିବାର ଶଙ୍ଖଭବନରେ ଖବରଦାତା ସମ୍ମିଳନୀରେ ଦଳର ବରିଷ୍ଠ ନେତା ତଥା ଦଳର ସଭାପତି ନବୀନ ପଟ୍ଟନାୟକଙ୍କ ରାଜନୈତିକ ସଚିବ ସଂତୃପ୍ତ ମିଶ୍ର କହିଛନ୍ତି, ଭାଜପା ନେତା ଓ ମନ୍ତ୍ରୀମାନଙ୍କ ଦ୍ୱାରା ବାରମ୍ବାର ନବୀନଙ୍କ ଶାସନ କାଳରେ କିଛି ହୋଇନାହିଁ ବୋଲି କରାଯାଉଥିବା ପ୍ରଚାରକୁ କେନ୍ଦ୍ର ସରକାରଙ୍କ ସଂସ୍ଥା ନୀତି ଆୟୋଗ ରିପୋର୍ଟରେ ଏହା ଭୁଲ୍ ପ୍ରମାଣିତ ହୋଇଛି। ସେ କହିଛନ୍ତି, ୨୦୨୨-୨୩ ଆର୍ଥିକବର୍ଷ ପାଇଁ ଏହି ସୂଚୀ ଜାରି କରାଯାଇଛି, ଯେଉଁଥିରେ ଓଡ଼ିଶା ପ୍ରଥମ ସ୍ଥାନ ହାସଲ କରି ଆଚିଭର୍ ବର୍ଗରେ ରହିଛି। ନୀତି ଆୟୋଗର ଏହି ରିପୋର୍ଟ ଅନୁଯାୟୀ, ୨୦୧୪-୧୫ରୁ ୨୦୨୧-୨୨ ପର୍ଯ୍ୟନ୍ତ ଲଗାତର ଭାବେ ଓଡ଼ିଶା ପ୍ରଥମ ସ୍ଥାନ ହାସଲ କରିଆସୁଛି। ତେଣୁ ଦୀର୍ଘସମୟ ଧରି ବିତ୍ତୀୟ ଶୃଙ୍ଖଳା ପ୍ରଦର୍ଶନ କରିବାରେ ଓଡ଼ିଶା ଉଦାହରଣ ସୃଷ୍ଟି କରିଛି। ନୀତି ଆୟୋଗଙ୍କ ଏହି ରିପୋର୍ଟ ଅନୁଯାୟୀ ସାମଗ୍ରିକ ୬୭.୮ପଏଣ୍ଟ ପାଇ ଓଡ଼ିଶା ପ୍ରଥମ ସ୍ଥାନରେ ରହିଥିବା ବେଳେ ୫୫.୨ ପଏଣ୍ଟ ପାଇ ଛତିଶଗଡ଼ ଦ୍ୱିତୀୟ ଓ ୫୩.୬ ପଏଣ୍ଟ ପାଇ ଗୋଆ ତୃତୀୟ ସ୍ଥାନରେ ରହିଛି। ୨୦୦୦-୦୧ରେ ରାଜ୍ୟର ବିତ୍ତୀୟ ନିଅଣ୍ଟ ରାଜ୍ୟର ମୋଟ ଘରୋଇ ଉତ୍ପାଦ (ଜିଏସ୍‌ଡିପି)ର ୬.୯ ଭଳି ଉଚ୍ଚ ସ୍ତରରେ ଥିଲା, ଯାହା ୨୦୨୨-୨୩ ବେଳକୁ ମାତ୍ର ୨ପ୍ରତିଶତକୁ ଖସିଆସିଛି। ୨୦୧୯-୨୦ ପରଠାରୁ ଲଗାତର ଭାବେ ଓଡ଼ିଶାର ଋଣ ଭାର ହ୍ରାସ ପାଇବାରେ ଲାଗିଛି। ଏହି ରିପୋର୍ଟରେ ଓଡ଼ିଶାର ରାଜସ୍ୱ ସଂଗ୍ରହ ବୃଦ୍ଧି ହାର ମଧ୍ୟ ଉଲ୍ଲେଖନୀୟ ଭାବେ ଅଗ୍ରଗତି କରିଥିବା ଦର୍ଶାଯାଇଛି। ୨୦୦୦ରେ ନବୀନ ପଟ୍ଟନାୟକ ରାଜ୍ୟର ଶାସନ ଭାର ଗ୍ରହଣ କରିବା ସମୟରେ ରାଜ୍ୟର ଆର୍ଥିକ ସ୍ଥିତି ଏତେ ଦୟନୀୟ ଥିଲା ଯେ ସରକାରୀ କର୍ମଚାରୀଙ୍କୁ ଦରମା ଦେବାକୁ ଓଭରଡ୍ରାଫ୍ଟର ସହାୟତା ନେବାକୁ ପଡୁଥିଲା ଓ ପରେ ରିଜର୍ଭ ବ୍ୟାଙ୍କ ଓଭରଡ୍ରାଫ୍ଟ ଦେବାକୁ ମନାକରି ଦେଇଥିଲା। ନବୀନଙ୍କ ଦୂରଦର୍ଶୀ ନେତୃତ୍ୱ ଯୋଗୁ ଓଡ଼ିଶାକୁ ନୀତି ଆୟୋଗ ଭଳି କେନ୍ଦ୍ରୀୟ ସଂସ୍ଥାରୁ ପ୍ରଶଂସା ମିଳୁଛି। ନବୀନ ସରକାରଙ୍କ ୨୪ବର୍ଷର ଶାସନ କାଳରେ ଓଡ଼ିଶାର କିଛି ବିକାଶ ହୋଇନାହିଁ ବୋଲି ଦାବିକରି ଆସୁଥିବା ଭାଜପା ଏବର ଏହି ଉପଲବ୍ଧିକୁ ଓଡ଼ିଶାବାସୀଙ୍କ ସମ୍ମୁଖରେ ସ୍ୱୀକାର କରିବାର ଆବଶ୍ୟକତା ଅଛି ବୋଲି ସଂତୃପ୍ତ କହିଛନ୍ତି।

# 'ବିଭାଜନକାରୀ ଅଭିଯାନରୁ ଦୂରେଇ ରୁହନ୍ତୁ ରାଜନୈତିକ ଦଳ'

ନୂଆଦିଲ୍ଲୀ, ୨୫।୧

ନୂଆଦିଲ୍ଲୀଠାରେ ଅନୁଷ୍ଠିତ ୧୫ତମ ଜାତୀୟ ମତଦାତା ଦିବସକୁ ସମ୍ବୋଧନ କରି ଶନିବାର ମୁଖ୍ୟ ନିର୍ବାଚନ ଆୟୋଗ(ସିଇସି) ରାଜୀବ କୁମାର ମିଥ୍ୟା ବ୍ୟାଖ୍ୟାନ ଓ ବିଭାଜନକାରୀ ଅଭିଯାନରୁ ଦୂରେଇ ରହିବାକୁ ସବୁ ରାଜନୈତିକ ଦଳକୁ ପରାମର୍ଶ ଦେଇଛନ୍ତି। ରାଜନୈତିକ ଦଳଗୁଡ଼ିକ ଦ୍ୱାରା ମିଥ୍ୟା ବ୍ୟାଖ୍ୟାନ ଓ ବିଭାଜନକାରୀ ଅଭିଯାନ ଦ୍ୱାରା ନିର୍ବାଚନ ପ୍ରକ୍ରିୟା ପ୍ରତି ଯୁବପିଢ଼ିଙ୍କ ମୋହଭଙ୍ଗ ହୋଇପାରେ ବୋଲି ସେ ଆଶଙ୍କା ବ୍ୟକ୍ତ କରିଛନ୍ତି। ଏହି ଅବସରରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ, ଆଇନ ମନ୍ତ୍ରୀ ଅର୍ଜୁନ ରାମ ମେଘୱାଲଙ୍କ ସମେତ ବିଭିନ୍ନ ରାଜନୈତିକ ଦଳର ପ୍ରତିନିଧି ଉପସ୍ଥିତ ଥିଲେ। ଅନ୍ୟପକ୍ଷରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଓ ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହାଙ୍କ ଶାସନ ସମୟରେ ଇସିଙ୍କ ସ୍ୱାଧୀନତା ଗୁରୁତର ଭାବେ ପ୍ରଭାବିତ ହୋଇଛି ବୋଲି କଂଗ୍ରେସ ମହାସଚିବ ଜୟରାମ ରମେଶ କହିଛନ୍ତି।

# ଆପ୍‌ର ଅସାଧୁ ତାଲିକାରେ ରାହୁଲ ଗାନ୍ଧୀ

ମୁମ୍ବାଇ, ୨୫।୧

ଦିଲ୍ଲୀ ବିଧାନସଭା ନିର୍ବାଚନ ପାଇଁ ପ୍ରଚାର ଜୋର୍‌ସୋରରେ ଚାଲିଛି। ଶନିବାର ଆମ୍ ଆଦମୀ ପାର୍ଟି(ଆପ୍) ପକ୍ଷରୁ ଭାଜପା ଓ କଂଗ୍ରେସର ଅସାଧୁ ନେତାମାନଙ୍କୁ ନେଇ ଏକ ପୋଷ୍ଟର ପ୍ରକାଶ ପାଇଛି। ଏଥିରେ ଲୋକ ସଭା ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀଙ୍କର ନାମ ରହିଛି, ଯାହାକୁ ନେଇ ଇଣ୍ଡିଆ ବ୍ଲକ୍‌ର ୨ ଦଳ କଂଗ୍ରେସ ଓ ଆପ୍ ମଧ୍ୟରେ ବିବାଦ ଦେଖାଦେଇଛି। ଉକ୍ତ ପୋଷ୍ଟରକୁ ନେଇ କଂଗ୍ରେସ ନେତ୍ରୀ ତଥା କାଲ୍‌କାଜି ଆସନରୁ ଦଳୀୟ ପ୍ରାର୍ଥୀ ଅଲକା ଲାମ୍ବା କହିଛନ୍ତି, ଯଦି ଆପ୍ ଜାତୀୟ ଆବାହକଙ୍କ ସାହସ ଅଛି ତେବେ ସେ ଇଣ୍ଡିଆ ବ୍ଲକ୍‌ରୁ ବାହାରି ଦେଖାନ୍ତୁ।


**OFFICE OF THE MUNICIPAL COUNCIL, BALASORE**
BALASORE, (ODISHA), PIN - 756003
Tel. No.: 06782-251267(O), e-mail: balasoremunicipality@rediffmail.com
ପରିପତ୍ର ସଂଖ୍ୟା: ୩୧୦ ତା୧୮।୦୧।୨୦୨୫ରିଖ
No. C-1538: ଏତଦ୍ଦ୍ୱାରା ସର୍ବସାଧାରଣମାନଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ ବାଲେଶ୍ୱର ପୌରପାଳିକା ଅଧୀନରେ ଥିବା ନିମ୍ନୋକ୍ତ ଉତ୍ସଗୁଡ଼ିକ ପାର୍ଶ୍ୱରେ ଦର୍ଶାଯାଇଥିବା ଆଗାମୀ ସମୟ ୩ବର୍ଷ ନିମନ୍ତେ ଉଦ୍ଦିଷ୍ଟ ସର୍ତ୍ତାବଳୀ ଅନୁସାରେ ନିଲାମ ଦିଆଯିବ। ଏଥି ନିମନ୍ତେ ଇଚ୍ଛୁକ ବ୍ୟକ୍ତି/ସଂସ୍ଥା ତା୨୧।୦୧।୨୦୨୫ରିଖଠାରୁ ୨୯।୦୧।୨୦୨୫ରିଖ ମଧ୍ୟରେ ପୌରପାଳିକା କାର୍ଯ୍ୟାଳୟରୁ ନିର୍ଦ୍ଧାରିତ ଫର୍ମ କ୍ରୟ କରି ଅପରାହ୍ନ ୫.୦୦ ଘଟିକା ସୁଦ୍ଧା ଟେଣ୍ଡର ଆବେଦନ ଦାଖଲ କରିବେ। ଉପରୋକ୍ତ ଟେଣ୍ଡର ତା୩୦।୦୧।୨୦୨୫ରିଖ ଅପରାହ୍ନ ୧୨.୦୦ ଘଟିକା ସମୟରେ ପୌରପାଳିକା ଟେଣ୍ଡର କମିଟି ସମ୍ମୁଖରେ ଖୋଲାଯିବ।
(Can also be obtained in detail from Govt. website: **http://balasore.odisha.gov.in**)
OIPR-13154/11/0027/2425 Sd./- Executive Officer, Balasore Municipality

GOVERNMENT OF ODISHA No. B-875
**OFFICE OF THE SUPERINTENDING ENGINEER, MALKANGIRI (R&B) DIVISION, MALKANGIRI**
**E-Procurement Notice**
Bid Identification No. S.E. (R&B) - MLK-10/2024-25
No. 290 Date: 24.01.2025
1. Name of the Work : Building Works
2. Total No. of Works : 02 Nos.
3. Estimated Cost : Rs.23.55 lakhs to Rs.31.44 lakhs
4. Period of Completion : 02 (Two) Months
5. Date & time of availability of bid document in the portal : From 11.00 hrs. of 01.02.2025 to 16.00 hrs. of 10.02.2025
6. Last date/time for receipt of bids in the portal : 16.00 hours of 10.02.2025
7. Date of opening of Tender : 11.00 hours of 11.02.2025
8. Name and address of the Officer Inviting Bid : Superintending Engineer Malkangiri (R&B) Division

Further details can be seen from the e-procurement portal **https://tendersorissa.gov.in**.
Sd./- Superintending Engineer
Malkangiri(R&B) Division
OIPR-34063/11/0007/2425

GOVERNMENT OF ODISHA No.A-959
DEPARTMENT OF WATER RESOURCES
OFFICE OF THE CHIEF CONSTRUCTION ENGINEER, DEO IRRIGATION PROJECT, KARANJIA
AT/PO : KARANJIA, DIST. : MAYURBHANJ-757037
Tel : 06796-296144, e-mail : cce.dip.dowr@gmail.com
**"e" Procurement Notice**
**Bid Identification No. : 04/CCEDIP of 2024-25**
Name of Work : As per Detailed Tender Call Notice, Total No. of Packages : 13 (Thirteen) Nos. of Individual Work, Estimated cost of Package : From 148.29 Lakhs to 682.84 Lakhs, Period of Completion : 02 (Two) to 09 (Nine) Months, Class of Contractor : "B", "A" and "Special" Class Contractor, Other Details :

| Procurement Officer | Bid Identification No. | Availability of tender on-line for biding | |
|---|---|---|---|
| | | From | To |
| Chief Construction Engineer, Deo Irrigation Project, Karanjia | 04/CCEDIP of 2024-25 | 29.01.2025 at 10.00 A.M. | 12.02.2025 up to 05.30 P.M. |

Further details can be seen from the Govt. website www.tendersorissa.gov.in.
Any addendum/corrigendum/cancellation of tender can also be seen in the said Website.
Sd./- Chief Construction Engineer,
Deo Irrigation Project, Karanjia
OIPR-32337/11/0005/2425






# କଭର ଲେଟର



**ଗୋଟିଏ ଆକର୍ଷଣୀୟ ମଲାଟ ଦେଖିଲେ ବହିଟିଏ ପଢ଼ିବାକୁ ଇଚ୍ଛାହୁଏ। ଠିକ୍ ସେମିତି ଗୋଟିଏ ଭଲ କଭର ଲେଟର୍ ନିଯୁକ୍ତିଦାତାଙ୍କ ମନରେ ଜବ୍ ଆବେଦନକାରୀଙ୍କ ପ୍ରତି ଏକ ସକାରାତ୍ମକ ଭାବନା ସୃଷ୍ଟି କରିଥାଏ। ତେଣୁ ବର୍ତ୍ତମାନର ପ୍ରତିଯୋଗିତାମୂଳକ ଯୁଗରେ ଜବ୍ ଆପ୍ଲାଏ କରିବା ବେଳେ ସିଭି ସହିତ କଭର ଲେଟର ଦେବାର ଟ୍ରେଣ୍ଡ ବଢ଼ିବାରେ ଲାଗିଛି...**



ଯୁବପିଢ଼ିଙ୍କୁ କୌଣସି ଜବ୍ ପାଇଁ ଆପ୍ଲାଏ କରିବା ଲାଗି ଆବଶ୍ୟକ ହୋଇଥାଏ ସିଭି (କରିକୁଲମ୍ ଭିଟା), ଯେଉଁଥିରେ ଥାଏ ଆବେଦନକାରୀଙ୍କ ସମ୍ପର୍କରେ ସମସ୍ତ ତଥ୍ୟ। ହେଲେ ସିଧାସଳଖ ସିଭି ଦେବା ଅପେକ୍ଷା ଏହା ସହ ଏକ କଭର ଲେଟର ଦେବା ନା କେବଳ ଏଚ୍ଆର୍‌ଙ୍କୁ ଚୟନ କରିବା ପ୍ରକ୍ରିୟାକୁ ସହଜ କରିଥାଏ ବରଂ ଆବେଦନକାରୀଙ୍କ ବ୍ୟକ୍ତିତ୍ୱ ଉପରେ ଏକ ସକାରାତ୍ମକ ପ୍ରଭାବ ମଧ୍ୟ ପକାଇଥାଏ। ବିଶେଷକରି ଅନ୍‌ଲାଇନ୍‌ରେ ଜବ୍ ପାଇଁ ଆପ୍ଲାଏ କରୁଥିଲେ କଭର ଲେଟର୍ ଦେବା ନିହାତି ଆବଶ୍ୟକ। ହେଲେ ଅନେକ ସମୟରେ ଆବେଦନକାରୀ ଏଚ୍ଆର୍‌ଙ୍କୁ ସିଭି ଦେବା ବେଳେ ଏହାକୁ ଆଟାଚ୍ କରିବା ଭୁଲିଯାଆନ୍ତି। ଆଉ ଏଥିପାଇଁ କେତେକଙ୍କ ସିଭି ରିଜେକ୍ଟ ମଧ୍ୟ ହୋଇଯାଏ। ବର୍ତ୍ତମାନ କର୍ପୋରେଟ୍ ସେକ୍ଟରରେ ଜବ୍ ଆବେଦନ ପାଇଁ କଭର ଲେଟର୍ ଦେବାର ଟ୍ରେଣ୍ଡ ବଢ଼ିବାରେ ଲାଗିଛି। ତେଣୁ କଭର ଲେଟର ଲେଖିବା ବେଳେ ଏହାକୁ ଆଟ୍ରାକ୍ଟିଭ୍ କରିବା ଲାଗି କେତେକ ଦିଗ ପ୍ରତି ଧ୍ୟାନ ଦେବା ଆବଶ୍ୟକ।

**କାହିଁକି ଆବଶ୍ୟକ କଭର ଲେଟର:** ଯେକୌଣସି ଜବ୍ ଆବେଦନ ପାଇଁ କଭର ଲେଟର ବେଶ୍ ଆବଶ୍ୟକ। ଏହା ଜଣଙ୍କର ଦକ୍ଷତାର ପ୍ରଥମ ପରିଚୟ ଦେଇଥାଏ। ଏଥିରୁ କେତେବର୍ଷର ଅଭିଜ୍ଞତା ଅଛି, କେଉଁ ପଦ ପାଇଁ ଆପ୍ଲାଏ କରିଛନ୍ତି





ସହଜରେ ଜଣାପଡ଼ିଯାଏ। ତେଣୁ ଅଳ୍ପ ଶବ୍ଦରେ ସମସ୍ତ ତଥ୍ୟ ଠିକ୍ ଭାବେ ସଜାଇ ଲେଖନ୍ତୁ, ଯାହା ନିଯୁକ୍ତିଦାତାଙ୍କ ଦୃଷ୍ଟି ଆକର୍ଷଣ କରିବା ସହ ପ୍ରଭାବିତ କରିବ ଏବଂ ଆପଣଙ୍କୁ ଜବ୍ ପାଇବାରେ ବେଶ୍ ସାହାଯ୍ୟ କରିବ।

**କେମିତି ହେବା ଦରକାର:** ଅନେକେ କଭର ଲେଟରକୁ ଆକର୍ଷଣୀୟ କରିବା ଲାଗି ଅତି ରଞ୍ଜିତ କରି ଲେଖିବା ଉପରେ ଧ୍ୟାନ ଦିଅନ୍ତି। ହେଲେ ଏହା ନିଯୁକ୍ତିଦାତାଙ୍କ ମନରେ ନକାରାତ୍ମକ ପ୍ରଭାବ ପକାଇପାରେ। ତେଣୁ ଏହାକୁ ଲେଖିବା ବେଳେ ନିଜର କ୍ୱାଲିଫିକେଶନ୍, ଏକ୍ସପେରିଏନ୍ସ, ସ୍କିଲ୍ସ ଆଦି ଭଳି ଗୁରୁତ୍ୱପୂର୍ଣ୍ଣ ତଥ୍ୟ ହିଁ ଲେଖନ୍ତୁ। କାରଣ ସିଭି ସମ୍ପୂର୍ଣ୍ଣ ପଢ଼ିବା ପୂର୍ବରୁ ଏହି କଭର ଲେଟର ହିଁ ଆପଣଙ୍କ ପ୍ରତି ଏକ ଭଲ ଧାରଣା ସୃଷ୍ଟି କରିଥାଏ। ତେବେ ମନେରଖନ୍ତୁ, ଏହାକୁ ଆକର୍ଷଣୀୟ କରିବା ନିଶାରେ ଅନ୍ୟ କାହା କଭର ଲେଟର ଦେଖି କପି କରନ୍ତୁ ନାହିଁ। ଯେଉଁ ସଂସ୍ଥାରେ ଏବଂ ଯେଉଁ ପୋଷ୍ଟ ପାଇଁ ଆବେଦନ କରୁଛନ୍ତି, ସେ ସମ୍ପର୍କରେ ଭଲ ଭାବେ ଜାଣିବା ପରେ ସେହି ଅନୁଯାୟୀ ଅଳ୍ପ ଶବ୍ଦରେ ନିଜ ବିଷୟରେ ଲେଖନ୍ତୁ।

**ଦିଅନ୍ତୁ ଏହି ସୂଚନା:** କଭର ଲେଟରରେ ସଂକ୍ଷିପ୍ତରେ ନିଜର ପୂର୍ବ ଅଭିଜ୍ଞତା ସହିତ ଏହି ଜବ୍‌ରେ ଆପଣ ନିଜ ଭବିଷ୍ୟତ ପାଇଁ କ'ଣ ଲକ୍ଷ୍ୟ ରଖିଛନ୍ତି, ସେ ସମ୍ପର୍କରେ ଭଲ ଭାବେ ସୂଚନା ଦେବା ଆବଶ୍ୟକ। ଏହା ନିଯୁକ୍ତିଦାତାଙ୍କ ମନରେ ଏକ ସକାରାତ୍ମକ ପ୍ରଭାବ ପକାଇଥାଏ।

**କେଉଁଠୁ ଜାଣିଲେ ଲେଖନ୍ତୁ:** ଜବ୍ ଇଣ୍ଟରଭ୍ୟୁ ସମୟରେ ନିଯୁକ୍ତିଦାତା ଆବେଦନକାରୀଙ୍କୁ ଏହି ଜବ୍ ସମ୍ପର୍କରେ କେଉଁ ସୂତ୍ରରୁ ଖବରପାଇଲେ ପଚାରିଥାନ୍ତି। ତେଣୁ କଭର ଲେଟରରେ ଏହି ବିଷୟରେ ପୂର୍ବରୁ ଲେଖିଦେଲେ ଭଲ। ଏହାଦ୍ୱାରା ଆବେଦନକାରୀ ଉକ୍ତ ଜବ୍‌କୁ ନେଇ କେତେ ତତ୍ପର ଏବଂ ବାସ୍ତବରେ ସେ ସିଭିରେ ଯାହା ଲେଖିଛନ୍ତି ତାହା ସତ ବୋଲି ନିଯୁକ୍ତିଦାତାଙ୍କ ମନରେ ଆସିଥାଏ।

**ସିଭି ସହ ନ ହେଉ ସମାନ:** କଭର ଲେଟର ଏବଂ ସିଭି ମଧ୍ୟରେ ପାର୍ଥକ୍ୟ ରହିଛି। ଯଦିଓ ଉଭୟରେ ତଥ୍ୟ ସମାନ, ହେଲେ ଏହାକୁ ଲେଖିବାର ଶୈଳୀ ସମ୍ପୂର୍ଣ୍ଣ ଭିନ୍ନ। ତେଣୁ ସିଭି ସହିତ କଭର ଲେଟର ଭାବେ ସିଭିକୁ ଅଳ୍ପରେ ଲେଖି ପଠାଇବାର ଭୁଲ୍ କରନ୍ତୁ ନାହିଁ। ଏଥିରେ ପୁରୁଣା ଅଭିଜ୍ଞତା ଅପେକ୍ଷା ଭବିଷ୍ୟତର ଲକ୍ଷ୍ୟ ଉପରେ ଅଧିକ ଫୋକସ୍ କରାଯିବା ଆବଶ୍ୟକ। କାରଣ ଏହାହିଁ ଦର୍ଶାଇଥାଏ ଯେ, ଏହି ଜବ୍ ପାଇଁ ଆପଣ କେତେ ପରଫେକ୍ଟ ପ୍ରାର୍ଥୀ।





## ଏ ସପ୍ତାହର ପ୍ରଶ୍ନ

୧– ଦି ନର୍ଡ ଷ୍ଟ୍ରିମ୍ ପାଇପ୍‌ଲାଇନ୍ ..............ରେ ନିର୍ମାଣ କରାଯାଇଛି ?
୨– ନିକଟରେ ............ ଠାରେ ଭାରତ ମୋବିଲିଟି ଗ୍ଲୋବାଲ୍ ଏକ୍ସପୋ ୨୦୨୫ ଉଦ୍‌ଘାଟିତ ହୋଇଯାଇଛି ?
୩– ତୁଙ୍ଗଭଦ୍ରା ନଦୀ ............ ନଦୀର ଉପନଦୀ ?
୪– କୋକ୍‌ବୋରୋକ୍ ଭାଷା ଭାରତୀୟ ରାଜ୍ୟ ..........ର ସରକାରୀ ଭାଷା ?
୫– ଶିକାରୀ ଦେବୀ ଅଭୟାରଣ୍ୟ ................ ରାଜ୍ୟରେ ଅବସ୍ଥିତ ?

## ଗତ ଥରର ଉତ୍ତର

୧ ଗୁଜରାଟ
୨ ୩ୟ ସ୍ଥାନ
୩ ଇଣ୍ଡୋନେସିଆ
୪ ମିନିଷ୍ଟ୍ରି ଅଫ୍ ରୋଡ୍ ଟ୍ରାନ୍ସପୋର୍ଟ ଆଣ୍ଡ ହାଇୱେ
୫ କ୍ରୋଏସିଆ

## ଉତ୍ତରଦାତା


ମାନସ କୁମାର କର, କୋଣାର୍କ


ଜିଜ୍ଞାସୁ ଶେଖର ନାୟକ, ଜଗତ୍‌ସିଂହପୁର


ଶେଖ୍ ୟାକୁବ୍, ଗୋପ

## ଟପ୍ ୧୦

### ସବୁଠୁ ଲୋକପ୍ରିୟ ଡିଜାଇନର ଜୁଏଲେରି ବ୍ରାଣ୍ଡ ୨୦୨୫




୧...................................... ଟିଫାନି ଆଣ୍ଡ କୋ.
୨...................................... ହ୍ୟାରୀ ୱିନ୍‌ଷ୍ଟନ୍
୩...................................... କାର୍ଟିଅର୍
୪...................................... ଚୋପାର୍ଡ
୫...................................... ଭ୍ୟାନ୍ କ୍ଲିଫ୍ ଆଣ୍ଡ ଆର୍ପେଲ୍ସ
୬...................................... ଗ୍ରାଫ୍
୭...................................... ଡ୍ୟାଭିଡ୍ ୟର୍ମ୍ୟାନ୍
୮...................................... ବୁସେଲାଟି
୯...................................... ବିଭିଲ୍‌ଜାରି
୧୦...................................... ବାଉଚେରନ୍

## ୟୁଥ୍ ଫ୍ୟାଶନ୍

# ଆଇକ୍ୟାଚି ଲୁକ୍ ଦେବ ଡିଜାଇନର କଲାର

**ବିଭିନ୍ନ ଡିଜାଇନ୍‌ର କଲାର୍ ଥିବା ଡ୍ରେସ୍ ଏବେ ମାର୍କେଟ୍‌ରେ ଟ୍ରେଣ୍ଡ କରୁଛି। ଆଉ ଯାହାକୁ ପିନ୍ଧି ଆଇକ୍ୟାଚି ଲୁକ୍ ପାଇବାକୁ ଯୁବପିଢ଼ିଙ୍କ ଭିତରେ କ୍ରେଜ୍ ସବୁଠୁ ଅଧିକ। ଯଦି ଏଭଳି ଲାଟେଷ୍ଟ ଡିଜାଇନ୍‌ର କଲାର୍ ଥିବା ଡ୍ରେସ୍ ପିନ୍ଧି ଫ୍ୟାଶନେବୁଲ୍ ଲାଗିବାକୁ ଚାହୁଁଛନ୍ତି, ତେବେ ଜାଣିରଖନ୍ତୁ କେତୋଟି ଟିପ୍ସ...**



⏭ ଅଫିସ୍ କିମ୍ବା ଇଣ୍ଟରଭ୍ୟୁ ଟାଇମ୍‌ରେ କ୍ଲାସିକ୍ କଲାର୍ ଥିବା ଫର୍ମାଲ୍ ଶାର୍ଟ ପିନ୍ଧିଲେ ଭଲ ଲାଗିବେ। ମନେରଖନ୍ତୁ, ଏହି କଲାର ଥିବା ଶାର୍ଟ ପିନ୍ଧିବା ବେଳେ ବେକରେ କୌଣସି ଆସେସରିଜ୍ କ୍ୟାରି ନ କରିଲେ ସ୍ମାର୍ଟ ଲାଗିବେ।

⏭ ପଏଣ୍ଟ କଲାର୍ ସବୁଠୁ ପୁରୁଣା କଲାର୍ ଷ୍ଟାଇଲ୍, ଯେଉଁଥିରେ ଟାଏ ପିନ୍ଧିଲେ ସୋଭର ଲୁକ୍ ଏବଂ ଆଟ୍ରାକ୍ଟିଭ୍ ଲୁକ୍ ମିଳିଥାଏ। ଏହାକୁ ଉଭୟ ଯୁବତୀ ଏବଂ ଯୁବକ ଫର୍ମାଲ୍ ଆଉଟ୍‌ଫିଟ୍ ଭାବେ ବ୍ୟବହାର କଲେ ଭଲ ଲାଗିଥାଏ।

⏭ ପାଖୁଡ଼ା ପରି ଦେଖାଯାଉଥିବା ପିଟର୍ ପ୍ୟାନ୍ କଲାର୍ ୧୯୦୦ ମସିହାର ଏକ ଉପନ୍ୟାସ କ୍ଲାଉଡାଇନ୍‌ରୁ ଆସିଥିଲା। ଏହି ଉପନ୍ୟାସର ମୁଖ୍ୟ ଚରିତ୍ର କୋଲେଟ୍ ଏହି କଲାର୍‌ର ପୋଷାକ ପିନ୍ଧିଥିଲେ, ଯାହାକୁ ସେତେବେଳେ କ୍ଲାଉଡାଇନ୍ କଲାର୍ କୁହାଯାଉଥିଲା। ଏହି କଲାର୍‌କୁ ଯୁବତୀମାନେ କ୍ୟାରି କରିବାକୁ ବେଶି ପସନ୍ଦ କରିଥାନ୍ତି। ଏହି କଲାର୍ ଯୁବତୀମାନଙ୍କ ପାଇଁ ଶାର୍ଟ, ୱାନ୍ ପିସ୍ କିମ୍ବା ଟପ୍‌ରେ ମଧ୍ୟ ଉପଲବ୍ଧ ହୋଇଥାଏ। ଏହା ଦେଖିବାକୁ ଖୁବ୍ ସୁନ୍ଦର ଓ ଆକର୍ଷଣୀୟ ଲାଗିଥାଏ।

⏭ ଚାରିକୋଣିଆ ଭାବେ କାନ୍ଧଯାଏଁ ପଡିଥିବା କଲାର୍ ଡିଜାଇନ୍‌କୁ କୁହାଯାଏ ପୁରିଟାନ୍ କଲାର୍। ଏହା ଦେଖିବାକୁ ଷ୍ଟାଇଲିଶ୍ ଲାଗୁଥିବାରୁ ଏହି କଲାର୍ ଥିବା ଡ୍ରେସ୍‌କୁ ପାର୍ଟି ଫଙ୍କସନ୍‌ରେ ମଧ୍ୟ ପିନ୍ଧିପାରିବେ। ପୁରିଟାନ୍ କଲାର୍‌ଥିବା ଡ୍ରେସ୍ ଫ୍ୟାଶନେବୁଲ ଲାଗିବା ସହ ଆପଣ ଏହାଦ୍ୱାରା ଏଲିଗାଣ୍ଟ ଲୁକ୍ ମଧ୍ୟ ପାଇଥାନ୍ତି।



## ଜାଣନ୍ତୁ ଦୁନିଆ

# ଅନ୍ୟ ଦେଶରେ କେମିତି ପାଳନ୍ତି ଗଣତନ୍ତ୍ର ଦିବସ

**ଆଜି ଆମ ଦେଶ ୭୬ତମ ଗଣତନ୍ତ୍ର ଦିବସ ପାଳନ କରୁଛି। ଆଉ ଏହିଦିନ ଦେଶର ଅସ୍ମିତାକୁ ସ୍ମରଣ କରାଯାଇ ଦେଶ ପାଇଁ ବଳିଦାନ ଦେଇଥିବା ପୂର୍ବପୁରୁଷମାନଙ୍କୁ ସମ୍ମାନ ଜଣାଯାଏ। ହେଲେ, ବିଶ୍ୱର ବିଭିନ୍ନ ସ୍ଥାନରେ ଏହି ଦିବସକୁ ଭିନ୍ନ ଭିନ୍ନ ପ୍ରକାରରେ ପାଳନ କରାଯାଏ। ଜାଣନ୍ତୁ ସେ ସମ୍ପର୍କରେ...**



**ମାଳଦ୍ୱୀପ**– ଏଠାରେ ୧୯୬୮ ମସିହାଠାରୁ ପ୍ରତିବର୍ଷ ୧୧ ନଭେମ୍ବରକୁ ଗଣତନ୍ତ୍ର ଦିବସ ରୂପେ ପାଳନ କରାଯାଏ। ଏହି ଦିନ ଛୋଟ ପିଲାମାନେ ସମାନ ଭାବେ ସଜାଇ ହୋଇ ଗଳିକନ୍ଦି ବୁଲି ପରେଡ଼ କରିଥା'ନ୍ତି। ଏହି ଦିନରେ ଏମାନେ ସେଠାର ଏକ ନଡ଼ିଆ ଜାତୀୟ ଖାଦ୍ୟ 'ହୁନି ହାକୁରୁ ଫୋଳି', ସ୍ୱିଟି ରାଇସ୍ ଭାବେ 'ବୋଡ଼ିବାଇ' ଏବଂ ମାଛର ଏକ ଡିସ୍ 'ମାସ୍‌ରୋଶି' କରି ଖାଇଥା'ନ୍ତି ଓ ଅନ୍ୟମାନଙ୍କୁ ମଧ୍ୟ ଖୁଆଇଥା'ନ୍ତି।

**ଇଟାଲୀ**– ଏହି ଦେଶରେ ଗଣତନ୍ତ୍ର ଦିବସକୁ ଫେଷ୍ଟା ଡେଲା ରିପବ୍ଲିକ କୁହାଯାଏ। ଦ୍ୱିତୀୟ ବିଶ୍ୱଯୁଦ୍ଧ ପରେ ଏହା ଗଣତାନ୍ତ୍ରିକ ରାଷ୍ଟ୍ର ରୂପେ ଘୋଷିତ ହେବାପରେ ପ୍ରତିବର୍ଷ ୨ ଜୁନ୍‌ରେ ଏହି ଦିବସ ପାଳନ କରାଯାଏ। ରାଜଧାନୀ ରୋମ୍‌ଠାରେ ଉକ୍ତ ଦିବସ ଧୁମ୍‌ଧାମ୍‌ରେ ଆୟୋଜିତ ହୋଇଥାଏ। ରାଷ୍ଟ୍ରପତିଙ୍କ ବଗିଚା 'ପାଲାଜୋ ଡେଲ୍ କ୍ୟୁରିନାଲେ' ଜନସାଧାରଣଙ୍କ ପାଇଁ କେବଳ ଏହି ଦିନ ଉପରବେଳା ଖୋଲାଯାଏ, ଯେଉଁଠି ଲୋକମାନେ ବିଭିନ୍ନ ପ୍ରକାରର ମ୍ୟୁଜିକ୍ ଲଗାଇ ନିଜର ପାରମ୍ପରିକ ବେଶପୋଷାକରେ ନୃତ୍ୟ କରିଥା'ନ୍ତି।

**ତାଇୱାନ୍**– ତାଇୱାନର ଅଧିବାସୀମାନେ ୧୦ ଅକ୍ଟୋବରକୁ ଗଣତନ୍ତ୍ର ଦିବସ ଭାବେ ମାନିଥା'ନ୍ତି। ଏହାକୁ 'ଡବଲ୍ ଟେନ୍ ଡେ' ମଧ୍ୟ କୁହାଯାଏ। ଏହି ଦିନ ଦେଶର ମୁଖ୍ୟ (ଇଣ୍ଟେରିମ୍ ପ୍ରେସିଡେଣ୍ଟ) ଲୋକଙ୍କ ନିମିତ୍ତ ଅଭିଭାଷଣ ଦେଇଥା'ନ୍ତି। ମିଲିଟାରକ୍ ପରେଡ଼, ରାଲି ସହ ସବୁ ପ୍ରଫେସନ୍‌ର ଲୋକମାନେ ବ୍ୟାଣ୍ଡ ବଜାଇ ଉକ୍ତ ଦିନଟିକୁ ଅତିବାହିତ କରିଥା'ନ୍ତି।

**ତୁର୍କୀ**– ୧୯୨୩ ମସିହା ଅକ୍ଟୋବର ୨୯ରେ ତୁର୍କୀର ସମ୍ବିଧାନ ପ୍ରଣୟନ ହୋଇଥିଲା ଓ ତୁର୍କୀ ଏକ ଗଣତାନ୍ତ୍ରିକ ରାଷ୍ଟ୍ର ରୂପେ ପରିଗଣିତ ହେଲା। ସେବେଠୁ ଏହିଦିନକୁ ଗଣତନ୍ତ୍ର ଦିବସ ଭାବେ ସେଲିବ୍ରେଟ୍ କରାଯାଏ। ଏହି ଦିନ ସ୍କୁଲ୍, କଲେଜ୍, ସରକାରୀ କାର୍ଯ୍ୟାଳୟଗୁଡ଼ିକ ବନ୍ଦ ଥାଏ। ଦେଶର ପ୍ରତି ସହରକୁ ଲାଇଟ୍‌ରେ ସଜାଯାଏ, ବାଣ ଫୁଟାଯାଏ ଏବଂ ସନ୍ଧ୍ୟାରେ ଲାଇଟ୍ ଶୋ'ର ବ୍ୟବସ୍ଥା ବି କରାଯାଏ। ଏଠାର ଲୋକମାନେ ସାରାଦିନ ନିଜକୁ ପାରମ୍ପରିକ ବେଶରେ ସଜାଇ ନାଚଗୀତରେ ମସ୍‌ଗୁଲ ହୋଇଥାଆନ୍ତି।





# ମୟୂରଭଞ୍ଜରେ ବାଲି ଖନନ ନିଷେଧ

## ଚୂଡ଼ାନ୍ତ ରାୟ ଦେଲେ ଏନ୍‌ଜିଟି

ବାରିପଦା,୨୫ା୧
(ନୀଳାଦ୍ରି ବିହାରୀ ଦଣ୍ଡପାଟ)

ମୟୂରଭଞ୍ଜ ଜିଲାରେ ଲଘୁ ଖଣିଜ ଦ୍ରବ୍ୟର ପରିଚାଳନାରେ ଜିଲା ସର୍ଭେ ରିପୋର୍ଟକୁ ତ୍ରୁଟି ଦର୍ଶାଇ ଜାତୀୟ ନ୍ୟାଶନାଲ ଗ୍ରୀନ ଟ୍ରିବ୍ୟୁନାଲ(ଏନ୍‌ଜିଟି)ଙ୍କ ଚୂଡ଼ାନ୍ତ ରାୟ ପ୍ରକାଶ ପାଇଛି। ରାଜ୍ୟ ପରିବେଶ ପ୍ରଭାବ ଆକଳନ କର୍ତ୍ତୃପକ୍ଷ((ଏସ୍‌ଇଆଇଏଏ)ଙ୍କ ଦ୍ୱାରା ଅନୁମୋଦିତ ନ ହେବା ପର୍ଯ୍ୟନ୍ତ ଜିଲାରେ ବାଲି ଖନନ କିମ୍ବା ସଇରାତ ନିଲାମ ପ୍ରକ୍ରିୟା ବନ୍ଦ ରଖିବାକୁ ଜିଲାପାଳଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଫଳରେ ମୟୂରଭଞ୍ଜ ଜିଲାରେ ବାଲି ଉତ୍ତୋଳନ ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ବନ୍ଦ ରଖିବାକୁ କଟକଣା ଜାରି କରାଯାଇଛି।

ମୟୂରଭଞ୍ଜ ଜିଲାରେ ଥିବା ସଇରାତଗୁଡ଼ିକରୁ ବାଲିଖନନକୁ ନେଇ ପ୍ରସ୍ତୁତ କରାଯାଇଥିବା ଜିଲା ସର୍ଭେ ରିପୋର୍ଟକୁ ବେଆଇନ ଦର୍ଶାଇ ପରିବେଶବିତ୍ ବିବେକାନନ୍ଦ ପଟ୍ଟନାୟକ ୨୦୨୨ ଏପ୍ରିଲ ୨୨ରେ ଏନ୍‌ଜିଟିରେ ଅଭିଯୋଗ କରିଥିଲେ। ଏଥିରେ ରାଜ୍ୟ ମୁଖ୍ୟ ଶାସନସଚିବ, ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ, ରାଜ୍ୟ ପରିବେଶ ପ୍ରଭାବ ଆକଳନ(ଏସଇଆଇଏଏ), ମୟୂରଭଞ୍ଜ ଜିଲାପାଳ, ବାରିପଦା ସର୍କଲର ଖଣି ଅଧିକାରୀ, ମୟୂରଭଞ୍ଜ ଜଳସେଚନ ବିଭାଗ ବାରିପଦା, ଜଳସମ୍ପଦ ବିଭାଗର ଅତିରିକ୍ତ ମୁଖ୍ୟସଚିବ ଏବଂ ଜଙ୍ଗଲ ଉପମହାନିର୍ଦ୍ଦେଶକ ପରିବେଶ ମନ୍ତ୍ରଣାଳୟକୁ ପକ୍ଷ କରି ମାମଲା ଦାୟର କରିଥିଲେ। ଦୀର୍ଘ ୨ବର୍ଷ ୯ମାସ ପରେ ଏନ୍‌ଜିଟି ଆବେଦନକାରୀଙ୍କ ମାମଲାକୁ ବିଚାର କରି ଜୁଡିସିଆଲ ମେମ୍ବର ଜଷ୍ଟିସ ବି. ଅମିତ ସ୍ଥଲେକାର ଓ ଏକ୍ସପର୍ଟ ମେମ୍ବର ଡ. ଅରୁଣ କୁମାର ବର୍ମାଙ୍କ ଖଣ୍ଡପୀଠରେ ଉପରୋକ୍ତ ଶୁଣାଣି କରାଯାଇଛି। ଜିଲା ସର୍ଭେ ରିପୋର୍ଟ(ଡିଏସଆର)ର ପ୍ରାମାଣିକତା ସମୀକ୍ଷା କରିବାକୁ ରାଜ୍ୟ ପରିବେଶ ପ୍ରଭାବ ଆକଳନ(ଏସଇଆଇଏଏ) ପକ୍ଷରୁ ଅନୁମୋଦନ କରାଯାଇ ନ ଥିବାରୁ ତ୍ରୁଟି ଥିବା ଦର୍ଶାଇ ଜିଲାରେ ବାଲି ଖନନକୁ ଉପରେ ରୋକ୍ ଲଗାଇଛନ୍ତି। ଜିଲା ପ୍ରଶାସନ ପକ୍ଷରୁ ପ୍ରାସଙ୍ଗିକତା ତଥ୍ୟ ପ୍ରଦାନରେ ତ୍ରୁଟି ଥିବା ଦର୍ଶାଇଥିବାରୁ ପରବର୍ତ୍ତୀ ସମୟରେ ରାଜ୍ୟସ୍ତରୀୟ ୧୦ଜଣିଆ ବିଶେଷଜ୍ଞ ମୂଲ୍ୟାଙ୍କନ କମିଟି(ଏସଇଏସି) ଦ୍ୱାରା ଉପଯୁକ୍ତ ଭାବେ ବିଚାର କରା ନ ଯିବା ଏବଂ ଏସ୍ଆଇଏଏ ଦ୍ୱାରା ଅନୁମୋଦିତ ନ ହେବା ପର୍ଯ୍ୟନ୍ତ ବାଲି ଉତ୍ତୋଳନ ଓ ନିଲାମ ଉପରେ ନିଷେଧାଦେଶ ଜାରି ରହିବ ବୋଲି ରାୟରେ ଉଲ୍ଲେଖ କରିଛନ୍ତି। ଏହି ମାମଲାକୁ ଅଭିଯୋଗକାରୀଙ୍କ ପକ୍ଷରୁ ଆଇନଜୀବୀ ଶଙ୍କର ପ୍ରସାଦ ପାଣି ପରିଚାଳନା କରିଥିଲେ।

ସୂଚନାଯୋଗ୍ୟ, ଜିଲାର ବେତନଟୀ ତହସିଲ ଅଧୀନ ବୁଢ଼ାବଲଙ୍ଗ ବାଲିଶଯ୍ୟା-୧ର ବେଲାଣପୁରା, ମଧୁନଣ୍ଡା ଓ ଢେଁଫୌଦା ସଇରାତକୁ ୫ ବର୍ଷର ଲିଜ୍ ପାଇଁ ୨୦୨୪ ଜୁନ୍ ୨୦ରେ ବିଜ୍ଞପ୍ତି ପ୍ରକାଶ ପାଇଥିଲା। ବିଜ୍ଞପ୍ତିରେ ଏହି ଉତ୍ସ ୫ ହେକ୍ଟରରୁ କମ୍ ବୋଲି ଉଲ୍ଲେଖ କରାଯାଇଥିଲା। ମାତ୍ର ଅନ୍ତରୀଣ ଜିଲା ସର୍ଭେ ରିପୋର୍ଟରେ ଏହା ଅଧିକ ଥିବା ନେଇ ଉଲ୍ଲେଖ ରହିଥିବାରୁ ଏନ୍‌ଜିଟିରେ ଏକ ମାମଲା (ନଂ. ୧୨୫/୨୦୨୪) ଇଜେଡ୍ ଅନୁଯାୟୀ ରୁଜୁ ହୋଇଥିଲା। ଏହା ମଧ୍ୟରେ ସଂଶୋଧିତ ଡିଏସଆର ରିପୋର୍ଟକୁ ମୟୂରଭଞ୍ଜ ଜିଲାପାଳ ଉପସ୍ଥାପନା କରିଥିବା ବେଳେ ଏସ୍‌ଇଆଇଏଏ ପକ୍ଷରୁ ସେ ପ୍ରସଙ୍ଗରେ ଅନୁମୋଦନ ଦେଇନାହାନ୍ତି ବୋଲି ଦର୍ଶାଇ ଏନ୍‌ଜିଟିରେ ମାମଲା ରୁଜୁ କରାଯାଇଥିଲା। ସଇରାତ ଲିଜ୍ ପୂର୍ବରୁ ଡିଏସ୍ଆର ବାଧ୍ୟତାମୂଳକ ଓ ଡିଏସ୍ଆର୍ ଅନୁପସ୍ଥିତିରେ ଜୁନ ୨୦ତାରିଖରେ ପ୍ରକାଶିତ ନିଲାମ ନୋଟିସ ଗ୍ରହଣୀୟ ନୁହେଁ ବୋଲି ଦର୍ଶାଯାଇଥିଲା। ଗତ ଅଗଷ୍ଟ ୮ରେ ଏହି ମାମଲାର ଶୁଣାଣି କରି ମୟୂରଭଞ୍ଜ ଜିଲାର ସମସ୍ତ ଲଘୁଖଣିଜ ପଦାର୍ଥ ଉତ୍ତୋଳନ ବନ୍ଦ ରଖିବାକୁ ଏନ୍‌ଜିଟି ନିର୍ଦ୍ଦେଶ ଦେଇଥିଲେ। ପରବର୍ତ୍ତୀ ଶୁଣାଣି ଡିସେମ୍ବର ୩ ତାରିଖ ଥିବା ବେଳେ ଏହାକୁ ପୁନର୍ବାର ୨୦୨୫ ଜାନୁଆରୀ ୧୦ରେ ପୂର୍ଣ୍ଣାଙ୍ଗ ଶୁଣାଣି କରାଯାଇଥିଲା। ତେବେ ଏନ୍‌ଜିଟି ପକ୍ଷରୁ ପ୍ରକାଶିତ ରାୟକୁ ନେଇ ଜିଲାରେ ବାଲି ଉତ୍ତୋଳନ ନ ହେବା ଦ୍ୱାରା ଉନ୍ନୟନମୂଳକ କାର୍ଯ୍ୟରେ ବାଧା ସୃଷ୍ଟି ହୋଇଛି। ଜିଲାରେ କାର୍ଯ୍ୟ କରାଯାଉଥିବା ବିଭିନ୍ନ ସରକାରୀ ପ୍ରକଳ୍ପଗୁଡ଼ିକ ପୂର୍ଣ୍ଣାଙ୍ଗ ହେବାକୁ ନେଇ ଅନିଶ୍ଚିତତା ଦେଖାଦେଇଛି।

# ଓଡ଼ିଶୀ ନୃତ୍ୟଗୁରୁ କରୁଣାକରଙ୍କ ପରଲୋକ

ପାଟଣା,୨୫ା୧(ବୀରକିଶୋର ଦାଶ)


କରୁଣାକର ଦାଶ

କେନ୍ଦୁଝର ଜିଲା ପାଟଣା ବ୍ଲକ୍ ବଡ଼ ପାଟଣା ପଞ୍ଚାୟତ ସ୍ୱାମ ଶାସନର ଜଣାଶୁଣା ଓଡ଼ିଶୀ ନୃତ୍ୟଗୁରୁ କରୁଣାକର ଦାଶ(୬୩)ଙ୍କ ଶୁକ୍ରବାର ରାତି ୮ଟା ୧୦ରେ ମୟୂରଭଞ୍ଜ ଜିଲା କରଞ୍ଜିଆ ଉପଖଣ୍ଡ ଚିକିତ୍ସାଳୟରେ ହୃଦ୍‌ଘାତରେ ପରଲୋକ ଘଟିଛି। ସେ ଏକାଧାରରେ ଜଣେ ତବଲା, ହାର୍ମୋନିୟମ ବାଦକ, ସଙ୍ଗୀତଜ୍ଞ, ଓଡ଼ିଶୀ ନୃତ୍ୟଗୁରୁ, ଅଭିନେତା ଓ ନାଟ୍ୟ ନିର୍ଦ୍ଦେଶକ ଥିଲେ। ଜନ୍ମମାଟି ପାଟଣା ହୋଇଥିବା ବେଳେ ମୟୂରଭଞ୍ଜ ଜିଲା କରଞ୍ଜିଆ ଚକ୍ରଧରପୁର ଶାସନରେ ଅବସ୍ଥାନ କରୁଥିଲେ। ଆଜୀବନ ଅବିବାହିତ ରହି କଳା ସଂସ୍କୃତି ପାଇଁ ନିଜକୁ ସମର୍ପିତ କରିଥିଲେ। ମିଶନ ଶକ୍ତି ମା' ଚରିତ୍ରରେ ଅଭିନୟକରି ସେ ବେଶ୍ ପ୍ରଶଂସା ସାଉଁଟିଥିଲେ। ସେ କରଞ୍ଜିଆ ସଙ୍ଗୀତ ମହାବିଦ୍ୟାଳୟର ପ୍ରତିଷ୍ଠାତା ତଥା ସ୍ଥାୟୀ ଅଧ୍ୟକ୍ଷ ଥିଲେ। ଏଥିସହ ପଲ୍ଲବୀ ନାଟ୍ୟ ଅନୁଷ୍ଠାନର ଅନ୍ୟତମ ସାରଥି ଥିଲେ।


## ପୂର୍ବ ତଟ ରେଳପଥ

ଫାଇଲ୍ ନଂ.: DRM/Engg/KUR/24-25/E-Tender/99 ତା.20.01.2025ରିଖ

୧) ଟେଣ୍ଡର ନଂ.: e-tender-EastKUR-292-2024 ତା.10.01.2025ରିଖ

କାର୍ଯ୍ୟର ନାମ: ଖୋର୍ଦ୍ଧା ରୋଡ ମଣ୍ଡଳର ଯାଜପୁର କେନ୍ଦୁଝର ରୋଡ ଏବଂ ଭଦ୍ରକରେ ଆରପିଏଫ୍ ପୋଷ୍ଟ ବିଲ୍ଡିଂର ନିର୍ମାଣ।

କାର୍ଯ୍ୟର ଆନୁମାନିକ ମୂଲ୍ୟ : ଟ.144.92 ଲକ୍ଷ

EMD : ଟ.2,22,500/-, କାର୍ଯ୍ୟସମାପ୍ତିର ଅବଧି: 10 (ଦଶ) ମାସ

୨) ଟେଣ୍ଡର ନଂ.: e-tendersouthkur-293-2024 ତା.15.01.2025ରିଖ

କାର୍ଯ୍ୟର ନାମ: ସହାୟକ ମଣ୍ଡଳ ଯନ୍ତ୍ରୀ/ବାଲୁଗାଁ ଅଧୀନରେ ଏଲ୍‌ସି ଆପ୍ରୋଚ୍ ରୋଡ୍ ସରଫେସ୍, ଏଲ୍‌ସି ଗୁମ୍‌ଟୀ ସହିତ ଟଏଲେଟ୍, ଫେନ୍ସିଙ୍ଗ୍, ଟ୍ୟୁବ୍‌ୱେଲ୍ ଏବଂ ହାଇଟ୍ ଗେଜ୍ ଇତ୍ୟାଦିଗୁଡ଼ିକର ପ୍ରସ୍ତାବିତ ବିବିଧ ମରାମତି କାର୍ଯ୍ୟ।

କାର୍ଯ୍ୟର ଆନୁମାନିକ ମୂଲ୍ୟ : ଟ.99.93 ଲକ୍ଷ

EMD : ଟ.1,99,900/- କାର୍ଯ୍ୟ ସମାପ୍ତିର ଅବଧି : 8 (ଆଠ) ମାସ

ଟେଣ୍ଡର ବନ୍ଦ ହେବା ତାରିଖ ଏବଂ ସମୟ : ତା.05.02.2025ରିଖ 1500 ଘଟିକାରେ (ସମସ୍ତ ଟେଣ୍ଡର ନିମନ୍ତେ)

ଏହି ଇ-ଟେଣ୍ଡରଗୁଡ଼ିକ କ୍ଷେତ୍ରରେ ଡାକ/କୋରିୟର/ଫାକ୍ସ ମାଧ୍ୟମରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ପ୍ରକାର ମାନୁଆଲ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ, ଯଦ୍ୟପି ଏଗୁଡ଼ିକ ଫାର୍ମ (Firm)ର ଲେଟର ହେଡ୍‌ରେ ଦାଖଲ କରାଯାଇଥିବ ଏବଂ ଯଥା ସମୟରେ ଗ୍ରହଣ କରାଯାଇଥିବ। ଏହିଭଳି ସମସ୍ତ ମାନୁଆଲ ଅଫରଗୁଡ଼ିକ ଅବୈଧ ବୋଲି ଧରାଯିବ ଏବଂ କୌଣସି ବିଚାର ବିନା ବିଧିବଦ୍ଧ ରୂପେ ନାକଚ କରାଯିବ।

ଟେଣ୍ଡରଦାତା/ବିଡରମାନଙ୍କ ପାଖରେ ନିଶ୍ଚିତ ଭାବେ କ୍ଲାସ-III ଡିଜିଟାଲ ସ୍ୱାକ୍ଷର ପ୍ରମାଣପତ୍ର ଥିବା ଆବଶ୍ୟକ ଏବଂ ସେମାନେ ନିଶ୍ଚିତ ଭାବେ IREPS ପୋର୍ଟାଲରେ ପଞ୍ଜିକୃତ ହୋଇଥିବେ। କେବଳ ପଞ୍ଜିକୃତ ଟେଣ୍ଡରଦାତା/ବିଡରମାନେ ଇ-ଟେଣ୍ଡରିଙ୍ଗରେ ଅଂଶଗ୍ରହଣ କରିପାରିବେ।

ଦ୍ରଷ୍ଟବ୍ୟ : ଏହି ଇ-ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ/ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର ୧୦ ଦିନ ପୂର୍ବରୁ ୱେବସାଇଟକୁ ପୁନଃ ପରିଦର୍ଶନ କରିବାପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଅଛି। ୱେବ୍‌ସାଇଟ୍ : www.ireps.gov.in

PR-915/P/24-25 — ମଣ୍ଡଳ ରେଳ ପ୍ରବନ୍ଧକ(ଇଞ୍ଜିନିୟରିଙ୍ଗ) ଖୋର୍ଦ୍ଧା ରୋଡ



GOVERNMENT OF ODISHA — No. A-934
## DEPARTMENT OF WATER RESOURCES
## OFFICE OF THE ADDITIONAL CHIEF ENGINEER
ANGUL IRRIGATION CIRCLE, ANGUL, ODISHA, PIN - 759143
email: seangulirrigation@gmail.com
Government of Odisha "e" PROCUREMENT NOTICE
Bid Identification No. ACEAIC - 03/2024-25

| Sl. No. | Name of Work | Cost of Work | Class of Contractor | Period of Completion | Date and Time of availability of Bid Document in the portal | Last date/ time for receipt of bid in the portal | Name & Address of the Officer Inviting Bid |
|---|---|---|---|---|---|---|---|
| 01 | Improvement of Canal Service Road of Gohira Left Main Canal from RD 12400m to RD 16400m and RD 18909m to RD 20300m (Bank Widening with WBM) of GIP under Deogarh Irrigation Division, Deogarh for the year 2024-25. | Rs.249.02 lakh | "A" & "B" | 06 (Six) Calendar Months including rainy season | 29.01.2025 at 10.00 A.M. | 12.02.2025 upto 5.30 P.M. | Additional Chief Engineer, Angul Irrigation Circle, Angul |

Further details can be seen from the e-Procurement Portal http://tendersodisha.gov.in.
Any corrigendum/addendum/cancellation will be displayed in the Govt. Website only.
OIPR-32081/11/0005/2425 — Sd./- Additional Chief Engineer, Angul Irrigation Circle, Angul



## PUBLIC NOTICE

**M/s. JAGANNATH INDUSTRIAL AND LOGISTICS PARKS PVT. LTD.** has been granted Environmental Clearance for Warehouse Project at Village Banipada, Tahasil: Tangi-Choudwar, District Cuttack, Odisha vide **EC Identification No. EC24C3805OR5533862N** dated 21.01.2025. The copy of Clearance along with the conditions to be complied with is available at Office of the State Pollution Control Board on the website of MOEF&CC at **https://moef.gov.in/** and at registered office of the Company at **M/s. JAGANNATH INDUSTRIAL & LOGISTICS PARKS PVT. LTD.** 9th Floor, Iconic Building, Ganpatrao Kadam Marg, Lower Parel (West) Mumbai, Maharashtra - 400013.


# ଖାଲିଥିବା ୨୬୧ ଅଣବୈଷୟିକ, ବୈଷୟିକ କର୍ମଚାରୀ ନିଯୁକ୍ତ ହେବେ

## ଓଡ଼ିଶା ଉଠା ଜଳସେଚନ ନିଗମ ନିର୍ଦ୍ଦେଶକ ମଣ୍ଡଳୀ ପରିଷଦ ବୈଠକ

ଭୁବନେଶ୍ୱର,୨୫ା୧(ଅନିଲ ଦାସ)

ଓଡ଼ିଶା ଉଠା ଜଳସେଚନ ନିଗମ (ଓଏଲ୍ଆଇସି)ର ୨୦୭ତମ ବୋର୍ଡ ଅଫ୍ ଡାଇରେକ୍ଟର୍ସ ବୈଠକ ଶୁକ୍ରବାର ଉନ୍ନୟନ କମିଶନର ଏବଂ ଜଳସମ୍ପଦ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ତଥା ଓଏଲ୍ଆଇସିର ଅଧ୍ୟକ୍ଷ ଅନୁ ଗର୍ଗଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଓଏଲ୍ଆଇସି ପରିଚାଳନା ନିର୍ଦ୍ଦେଶକ ତଥା ବୋର୍ଡର ନିର୍ଦ୍ଦେଶକ ଆଲୋକ କୁମାର କରଙ୍କ ସମେତ ଅନ୍ୟ ସଦସ୍ୟମାନେ ଉପସ୍ଥିତ ଥିଲେ।

ବୈଠକରେ କନ୍ଧମାଳ ଜିଲାରେ ୫୦୦, ମୟୂରଭଞ୍ଜ ଜିଲାରେ ୬୦୦, ଦେବଗଡ଼ ଜିଲାରେ ୩୦୦, କୋରାପୁଟ ଜିଲାରେ ୭୦୦, ନବରଙ୍ଗପୁର ଜିଲାରେ ୧୦୦୦ ଏବଂ ନୂଆପଡ଼ା ଜିଲାରେ ୧୦୦୦ ସଂଖ୍ୟକ ସୋଲାର ଡିପ୍ ବୋରୱେଲ ସ୍ଥାପନ ପାଇଁ ଟେଣ୍ଡର ପ୍ରସ୍ତାବକୁ ବୋର୍ଡ ଅନୁମୋଦନ କରିଛି। ଏଥିସହିତ ମଞ୍ଜୁରିପ୍ରାପ୍ତ ଖାଲି ପଦବୀରେ ୨୬୧ଟି ବୈଷୟିକ ଓ ଅଣବୈଷୟିକ କର୍ମଚାରୀ ନିଯୁକ୍ତି ପାଇଁ ଅନୁମୋଦନ ସହ ନିଗମର ନିୟମିତ କର୍ମଚାରୀଙ୍କ ସପକ୍ଷରେ ଅତିରିକ୍ତ ୪% ମହଙ୍ଗା ଭତ୍ତା (ଡିଏ)କୁ ମଧ୍ୟ ବୋର୍ଡ ଅନୁମୋଦନ କରିଥିବା ଜଣାଯାଇଛି।


GOVERNMENT OF ODISHA — No. A-968
## "e" - PROCUREMENT
NOTICE NO. CCE, KIP-(KRC&BD)-04/2024-25
(Pertaining to Kanpur Rehabilitation Camps & Building Division, Basudevpur)

| | | |
|---|---|---|
| 1. | Name of the Work | "Construction of approach road along with drain & CD works from Naik Sahi to Munda Sahi including colony road for Munda Sahi at Kumulanali (Dhobakhuchuda) for the DPS of Village Dhobakhuchuda of KIP" |
| 2. | Bid Identification No. | CCE, KIP (KRC&BD)-04/2024-25 |
| 3. | Estimated Cost | Rs.190.22 Lakh |
| 4. | Period of Completion | 08 (Eight) Calendar Months including rainy season. |
| 5. | Date & time of availability of bid document in the portal | Dt.28.01.2025 from 10.00 hours to Dt.11.02.2025 upto 17.00 hours |
| 6. | Last date/time for receipt of bids in the portal | 11.02.2025 upto 17.00 hours. |
| 7. | Date & Time of opening of tender (Technical Bid) | 12.02.2025 at 11.00 hours |
| 8. | Name and address of the Officer Inviting Bid | Er. Prasad Ranjan Panda Chief Construction Engineer, Kanupur Irrigation Project, At/P.O.: Basudevpur, Dist.: Keonjhar, Odisha - 758047 |

Further details can be seen from the e-Procurement portal "https://www.tendersodisha.gov.in".

Sd./- (Er. Prasad Ranjan Panda)
Chief Construction Engineer
Kanupur Irrigation Project
Basudevpur, Keonjhar, Odisha

OIPR-32012/11/0006/2425


# ଯଜ୍ଞ ବୈଠକରେ ୨ ପରିବାର ମଧ୍ୟରେ ସଂଘର୍ଷ

## ୧୨ ଆହତ, ଗ୍ରାମରେ ପୋଲିସ ମୁତୟନ

ଛେନାପଦି,୨୫ା୧(ନିରାକାର ପରିଡ଼ା)

କେନ୍ଦୁଝର ଜିଲା ହାଟଡ଼ିହୀ ବ୍ଲକ୍ ସୋସୋ ଥାନା ଅଧୀନସ୍ଥ ନାହା ଗ୍ରାମରେ ଯଜ୍ଞ ବୈଠକରେ ଆକ୍ଷେପକୁ ନେଇ ଶୁକ୍ରବାର ସନ୍ଧ୍ୟା ୭ ଟାରେ ୨ ପରିବାର ମଧ୍ୟରେ ସଂଘର୍ଷ ଘଟିଛି। ଘଟଣାରେ ଉଭୟ ପରିବାର ପକ୍ଷରୁ ୧୨ ଆହତ ହୋଇଥିବା ବେଳେ ୩ ଗୁରୁତର ହୋଇଛନ୍ତି। ଶନିବାର ପୋଲିସ ପୃଥକ ମାମଲା ରୁଜୁ କରି ତଦନ୍ତ କରୁଛି। ସୂଚନା ଅନୁଯାୟୀ, ଗାଁରେ ପ୍ରତିବର୍ଷ ମାଘ ସପ୍ତମୀ ପାଇଁ ହୋମଯଜ୍ଞ ସହିତ ଯାତ୍ରା ଓ ଭୋଜିଭାତ ହୋଇଥାଏ। ଚଳିତବର୍ଷ ଉତ୍ସବ ଅନୁଷ୍ଠିତ ହେବାକୁ ଗାଁରେ ବୈଠକ ବସିଥିଲା। ବୈଠକରେ କୌଣସି କଥାକୁ ନେଇ ମହାନ୍ତି ଓ ରାଉତ ପରିବାର ଭିତରେ କଥା କଟାକଟି ହୋଇଥିଲା। ଘଟଣାକୁ ନେଇ ମହାନ୍ତି ପରିବାରର ୨ଯୁବକ ସଡ଼ା ଛକରୁ ଗାଁକୁ ଫେରୁଥିବା ବେଳେ ରାଉତ ପରିବାରର କିଛି ବ୍ୟକ୍ତି ତାଙ୍କୁ ଅତର୍କିତ ଆକ୍ରମଣ କରିବାରୁ ଉଭୟ ପରିବାର ଭିତରେ ସଂଘର୍ଷ ଘଟିଥିଲା। ଏଥିରେ ଉଭୟ ପକ୍ଷର ୧୫ରୁ ଊର୍ଦ୍ଧ୍ୱ ଆହତ ହୋଇଛନ୍ତି। ୩ ଜଣଙ୍କ ଅବସ୍ଥା ଗୁରୁତର ଥିବାରୁ ଭଦ୍ରକ ଓ ପରେ ଆନନ୍ଦପୁର ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ଗାଁରେ ଉତ୍ତେଜନା ଲାଗି ରହିଥିବାରୁ ଗାଁରେ ପୋଲିସ ମୃତୟନ କରାଯାଇଛି। ଉଭୟ ପକ୍ଷରୁ ଥାନାରେ ଅଭିଯୋଗ ପରେ ପୋଲିସ ଶନିବାର ପୃଥକ ମାମଲା(ନଂ.୧୭/୨୦୨୫ ଓ ୧୮/୨୦୨୫)ରେ ରୁଜୁ କରି ତଦନ୍ତ ଆରମ୍ଭ କରିଛି।

# ଘର ଭାଙ୍ଗି ଧାନ ଖାଇଲା ଗୋଠଛଡ଼ା ଦନ୍ତା



କେନ୍ଦୁଝର,୨୫ା୧(ନରେଶ ଚନ୍ଦ୍ର ପଟ୍ଟନାୟକ)

କେନ୍ଦୁଝର ସଦର ରେଞ୍ଜ ପଳାସପଙ୍ଗା ଫରେଷ୍ଟ ବିଟ ଅଞ୍ଚଳରେ ଗୋଠଛଡ଼ା ଦନ୍ତା ଉତ୍ପାତ କରୁଛି। ଶୁକ୍ରବାର ରାତିରେ ଦନ୍ତା କଣ୍ଡରାପଶି ତେଲିବନ୍ଧ ସାହିରେ ପଶି ବାଣେଶ୍ୱର ନାୟକଙ୍କ ଘର ଭାଙ୍ଗିବା ସହ ୫ କୁଇଣ୍ଟାଲରୁ ଊର୍ଦ୍ଧ୍ୱ ଧାନକୁ ଖାଇ ନଷ୍ଟ କରିଦେଇଛି। ଏହାସହ ପରିବାର ଲୋକେ ଶୋଇଥିବା ବେଳେ ଦନ୍ତାହାତୀ ଘର ଭାଙ୍ଗି ଦେଇଛି। ହାତୀ ଘରଭାଙ୍ଗୁଥିବା ଜାଣି ପରିବାର ଲୋକେ ଭୟରେ ବାହାରି ସାହି ଲୋକଙ୍କୁ ଖବର ଦେଇଥିଲେ। ସାହିଲୋକ ମିଶି ହାତୀଟିକୁ ସେଠାରୁ ଘଉଡାଇ ଦେବାରୁ ହାତୀଟି ରେଙ୍ଗାଳବେଡା ନିକଟସ୍ଥ ଜଙ୍ଗଲ ଆଡକୁ ଚାଲିଯାଇଥିଲା। ତେବେ ବାଣେଶ୍ୱର ଜଣେ ଛୋଟ ଚାଷୀ। କ୍ଷୟକ୍ଷତି ଆକଳନ କରି ତାଙ୍କୁ ତୁରନ୍ତ କ୍ଷତିପୂରଣ ପ୍ରଦାନ କରିବାକୁ ସାଧାରଣରେ ଦାବି ହୋଇଛି।


## कार्यपालक अभियंता का कार्यालय, पथ निर्माण विभाग, पथ प्रमंडल, सरायकेला–खरसावाँ

ई–प्रोक्योरमेंट सूचना, (द्वितीय कॉल)

ई–टेंडर रेफरेन्स नं०–प०नि०वि०/सरायकेला/20 दिनांक 25.01.2025

| | | |
|---|---|---|
| 1. | कार्य का नाम | काण्ड्रा–चौका सेक्शन के चैनेज 5+780 कि०मी० में अवस्थित टॉल प्लाजा में User Fee का Collection । |
| 2. | राशि (Annual Potential Collection) | रु० 13.5115120 करोड़ (रुपये ग्यारह करोड़ एकावन लाख पन्द्रह हजार एक सौ बीस) मात्र |
| 3. | बीड जमानत राशि | रु० 27,03,000.00 (सताईस लाख तीन हजार रुपये) मात्र |
| 4. | User Fee Collection की अवधि | 02 (दो) वर्ष |
| 5. | निविदा प्राप्ति की अंतिम तिथि/समय | 18.02.2025 12:00 बजे दोपहर तक |
| 6. | वेवसाईट पर निविदा प्रकाशन की तिथि | 29.01.2025 10:30 बजे अपराह्न |
| 7. | निविदा प्रकाशन करनेवाले कार्यालय का नाम एवं पता | कार्यपालक अभियंता, पथ निर्माण विभाग, पथ प्रमंडल, सरायकेला–खरसावाँ । |
| 8. | प्रोक्योरमेंट पदाधिकारी का सम्पर्क संख्या | 9199867872 |
| 9. | ई–प्रोक्योरमेंट सेल का हेल्पलाईन संख्या | 0651–2401010 |

नियम एवं शर्त्ते के लिए बेबसाईट–www.jharkhandtenders.gov.in पर देखें ।

कार्यपालक अभियंता, पथ निर्माण विभाग, पथ प्रमंडल, सरायकेला–खरसावाँ

PR 345110 Road Construction Dept Road Division Ranchi(24-25)#D



## कार्यपालक अभियंता का कार्यालय सिंचाई प्रमंडल गोड्डा,शिविर–महागामा

ई–प्रोक्योरमेंन्ट सूचना(अति अल्पकालीन)
निविदा सूचना सं0–WRD MAHAGAMA/02F2(24-25)
दिनांक:25-01-2025

| | | |
|---|---|---|
| 1 | कार्य का नाम | बटेश्वर स्थान गंगा पम्प नहर योजना के आर0 डी0सं0–88.90,102.20,104.20 एव 135.90 पर तीन अदद् CD का निर्माण एवं Gap भाग का Brick Lining कार्य। |
| 2. | प्राक्कलित राशि (रू0 में) | 2,19,00,440.00 |
| 3. | कार्य समाप्ति की अवधि | 300 दिन |
| 4. | ई0 निविदा बेवसाईट पर प्राप्त करने की अंतिम तिथि एवं समय | 05.02.2025 के 5:00बजे अपराह्न तक |
| 5. | ई0 निविदा बेवसाईट पर प्रकाशन की तिथि | 29.01.2025 के 11:00बजे पूर्वाह्न से |
| 6. | बीड खुलने की तिथि एवं समय | 06.02.2025 के 3:00 बजे अपराह्न में। |
| 7. | ई–प्रोक्योरमेंन्ट सेल का सम्पर्क सहायता नम्बर | 06432–232477 |
| 8. | ई0 निविदा आमंत्रित करने पाले कार्यालय का नाम एव पता | कार्यपालक अभियंता, सिंचाई प्रमंडल गोड्डा,शिविर–महागामा। |
| 9. | ई–प्रोक्योरमेंन्ट अधिकारी का सम्पर्क नं0 | 9801343072 |

नोट:केवल ई–निविदा ही स्वीकार किये जायेंगें।
1.निविदा शुल्क एवं अग्रधन की राशि केवल Online mode द्वारा स्वीकार्य होगी।
2.निविदा शुल्क एवं अग्रधन की राशि का ई– भुगतान जिस खाता से किया जायेगा उसी खाते में अग्रधन की राशि वापस होगी,अगर खता को बन्द कर दिया जाता है तो इसकी सारी जवाबदेही सम्बधित निविदा दाता की होगी।
3.प्राक्कलित राशि घट–बढ सकती है।
4.राज्य सरकार द्वारा निर्गत सभी अद्यतन अदेश/परिपत्र लागू होगे।
5.अन्य जानकारी के लिए बेवसाईट http://jharkhandtenders .gov.in पर प्राप्त की जा सकती है।

PR 345075 Irrigation(24-25).D

कार्यपालक अभियंता, सिंचाई प्रमंडल गोड्डा,शिविर–महागामा



## ଭାରତୀୟ ରିଜର୍ଭ ବ୍ୟାଙ୍କ
ସମ୍ପଦା ବିଭାଗ, ପଣ୍ଡିତ ଜବାହରଲାଲ ନେହରୁ ମାର୍ଗ, ଭୁବନେଶ୍ୱର – 751001
### ଟେଣ୍ଡର ବିଜ୍ଞପ୍ତି

ଭାରତୀୟ ରିଜର୍ଭ ବ୍ୟାଙ୍କ, ଭୁବନେଶ୍ୱର ଏପ୍ରିଲ୍ 01, 2025ରୁ ମାର୍ଚ୍ଚ 31, 2026 ପର୍ଯ୍ୟନ୍ତ ନିଜର ମୁଖ୍ୟ କାର୍ଯ୍ୟାଳୟ ପରିସରର ରକ୍ଷଣାବେକ୍ଷଣ ତଥା ହାଉସ୍ କିପିଙ୍ଗ୍ ସେବା ପାଇଁ ବ୍ୟାପକ ବାର୍ଷିକ ରକ୍ଷଣାବେକ୍ଷଣ ଚୁକ୍ତିନାମା କରିବା ନିମନ୍ତେ ଯୋଗ୍ୟ ସଂସ୍ଥାମାନଙ୍କଠାରୁ ଦୁଇଟି ଭାଗରେ ଇ–ଟେଣ୍ଡର ଆହ୍ୱାନ କରୁଅଛି।

ଆଗ୍ରହୀ ସଂସ୍ଥାମାନେ ବିସ୍ତୃତ ବିବରଣୀ ପାଇଁ ବ୍ୟାଙ୍କର ୱେବ୍‌ସାଇଟ୍ **www.rbi.org.in** ଦେଖିପାରିବେ କିମ୍ବା ବ୍ୟାଙ୍କର ସମ୍ପଦା ବିଭାଗ ସହିତ ଯୋଗାଯୋଗ କରିପାରିବେ। MSTC ପୋର୍ଟାଲ **www.mstcecommerce.com/eprocn**ରେ ଏହି ଟେଣ୍ଡରର ଆବେଦନର ଶେଷ ତାରିଖ ଫେବୃଆରୀ ୨୮, ୨୦୨୫ ଅପରାହ୍ନ ୦୨.୦୦ଟା ଅଟେ।

କ୍ଷେତ୍ରୀୟ ନିର୍ଦ୍ଦେଶକ, ଭୁବନେଶ୍ୱର



## ଭାରତୀୟ ରିଜର୍ଭ ବ୍ୟାଙ୍କ
ସମ୍ପଦା ବିଭାଗ, ପଣ୍ଡିତ ଜବାହରଲାଲ ନେହରୁ ମାର୍ଗ, ଭୁବନେଶ୍ୱର – 751001
### ଟେଣ୍ଡର ବିଜ୍ଞପ୍ତି

ଭାରତୀୟ ରିଜର୍ଭ ବ୍ୟାଙ୍କ, ଭୁବନେଶ୍ୱର ନିଜର ମୁଖ୍ୟ କାର୍ଯ୍ୟାଳୟର ସିଡ଼ି କ୍ଷେତ୍ର ନବୀକରଣ (ଖାଣ୍ଡୋଲାଇଟ୍ ପଥରକାର୍ଯ୍ୟ) ପାଇଁ ଯୋଗ୍ୟ ସଂସ୍ଥାମାନଙ୍କଠାରୁ ଦୁଇଟି ଭାଗରେ ଇ–ଟେଣ୍ଡର ଆହ୍ୱାନ କରୁଅଛି।

ଆଗ୍ରହୀ ସଂସ୍ଥାମାନେ ବିସ୍ତୃତ ବିବରଣୀ ପାଇଁ ବ୍ୟାଙ୍କର ୱେବ୍‌ସାଇଟ୍ **www.rbi.org.in** ଦେଖିପାରିବେ କିମ୍ବା ବ୍ୟାଙ୍କର ସମ୍ପଦା ବିଭାଗ ସହିତ ଯୋଗାଯୋଗ କରିପାରିବେ। MSTC ପୋର୍ଟାଲ **www.mstcecommerce.com/eprocn**ରେ ଆବେଦନର ଶେଷ ତାରିଖ ଫେବୃଆରୀ ୧୧, ୨୦୨୫ ଅପରାହ୍ନ ୦୨.୦୦ଟା ଅଟେ।

କ୍ଷେତ୍ରୀୟ ନିର୍ଦ୍ଦେଶକ, ଭୁବନେଶ୍ୱର



## ଭାରତୀୟ ରିଜର୍ଭ ବ୍ୟାଙ୍କ
ସମ୍ପଦା ବିଭାଗ, ପଣ୍ଡିତ ଜବାହରଲାଲ ନେହରୁ ମାର୍ଗ, ଭୁବନେଶ୍ୱର – 751001
### ଟେଣ୍ଡର ବିଜ୍ଞପ୍ତି

ଭାରତୀୟ ରିଜର୍ଭ ବ୍ୟାଙ୍କ, ଭୁବନେଶ୍ୱର ନିଜର ମୁଖ୍ୟ କାର୍ଯ୍ୟାଳୟର ଗ୍ରାଉଣ୍ଡ ଫ୍ଲୋର ଏରିଆରେ HVAC ଡକ୍ଟିଂ କାର୍ଯ୍ୟର ଯୋଗାଣ, ସ୍ଥାପନା, ପରୀକ୍ଷଣ ଓ କାର୍ଯ୍ୟକ୍ଷମତା ନିମନ୍ତେ ଯୋଗ୍ୟ ସଂସ୍ଥାମାନଙ୍କଠାରୁ ଦୁଇଟି ଭାଗରେ ଇ–ଟେଣ୍ଡର ଆହ୍ୱାନ କରୁଅଛି।

ଆଗ୍ରହୀ ସଂସ୍ଥାମାନେ ବିସ୍ତୃତ ବିବରଣୀ ପାଇଁ ବ୍ୟାଙ୍କର ୱେବ୍‌ସାଇଟ୍ **www.rbi.org.in** ଦେଖିପାରିବେ କିମ୍ବା ବ୍ୟାଙ୍କର ସମ୍ପଦା ବିଭାଗ ସହିତ ଯୋଗାଯୋଗ କରିପାରିବେ। MSTC ପୋର୍ଟାଲ **www.mstcecommerce.com/eprocn**ରେ ଆବେଦନର ଶେଷ ତାରିଖ ଫେବୃଆରୀ ୦୫, ୨୦୨୫ ଅପରାହ୍ନ ୦୨.୦୦ଟା ଅଟେ।

କ୍ଷେତ୍ରୀୟ ନିର୍ଦ୍ଦେଶକ, ଭୁବନେଶ୍ୱର

# ଅନୁକୂଳ ବାତାବରଣ ସୃଷ୍ଟିକରିବାକୁ ସରକାର ପ୍ରତିଶ୍ରୁତିବଦ୍ଧ

## ୨୮ରୁ ୩ ଦିନିଆ ଉତ୍କର୍ଷ ଓଡ଼ିଶା ଶିଖର ସମ୍ମିଳନୀ

ଭୁବନେଶ୍ୱର,୨୫।୧ (ଅଭୟ ଦାଶ)




ରାଜ୍ୟ ସରକାରଙ୍କ ବହୁ ପ୍ରତୀକ୍ଷିତ ତଥା ୩ଦିନିଆ ନିବେଶ ସମ୍ମିଳନୀ 'ଉତ୍କର୍ଷ ଓଡ଼ିଶା-ମେକ୍ ଇନ୍ ଓଡିଶା କନ୍‌କ୍ଲେଭ୍-୨୦୨୫' ଖୁବ୍‌ଶୀଘ୍ର ଆୟୋଜନ ହେବାକୁ ଯାଉଛି। ଓଡ଼ିଶାକୁ ଏକ ସମୃଦ୍ଧ ଓ ଶିଳ୍ପୋନ୍ନତ ରାଜ୍ୟ ଭାବେ ଗଢ଼ି ତୋଳିବାକୁ ସରକାରଙ୍କ ଉଦ୍ୟମରେ ଭୁବନେଶ୍ୱରର ଜନତା ମଇଦାନଠାରେ ଉତ୍କର୍ଷ ଓଡ଼ିଶା ପୁଞ୍ଜିନିବେଶ ଶିଖର ସମ୍ମିଳନୀ ୨୦୨୫ ଜାନୁୟାରୀ ୨୮ରୁ ୩୦ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ। ଏହି ପରିପ୍ରେକ୍ଷୀରେ ଶନିବାର ରାଜ୍ୟ ସରକାରଙ୍କ ଶିଳ୍ପ ବିଭାଗ ପକ୍ଷରୁ ଭୁବନେଶ୍ୱରରେ ଏକ ଖବରଦାତା ସମ୍ମିଳନୀର ଆୟୋଜନ କରାଯାଇଥିଲା। ଏହି ଅବସରରେ ଶିଳ୍ପ ଓ ଦକ୍ଷତା ବିକାଶ ମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ ଏବଂ ଶିଳ୍ପ ସଚିବ ହେମନ୍ତ ଶର୍ମାଙ୍କ ସମେତ ଅନ୍ୟମାନେ ଉପସ୍ଥିତ ଥିଲେ। ଉଲ୍ଲେଖଯୋଗ୍ୟ, ଉତ୍କର୍ଷ ଓଡ଼ିଶା-ମେକ୍ ଇନ୍ ଓଡ଼ିଶା କନ୍‌କ୍ଲେଭ୍-୨୦୨୫ ରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ସମେତ କେନ୍ଦ୍ର ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ, ଜୁଏଲ ଓରାମ ଏବଂ ଅଶ୍ୱିନୀ ବୈଷ୍ଣବ ପ୍ରମୁଖ ଯୋଗଦେବା ସହ ୧୬ଟି ରାଷ୍ଟ୍ର (ଦେଶ)ର ୧୦୦ରୁ ଅଧିକ ପୁଞ୍ଜି ନିବେଶକ ଏବଂ ପ୍ରମୁଖ ଭାରତୀୟ ଶିଳ୍ପପତିମାନଙ୍କୁ ଉଦ୍‌ବୋଧନ ଦେବାର କାର୍ଯ୍ୟକ୍ରମ ରହିଛି। ଅପରପକ୍ଷରେ ମୋଦି ୨୮ ଜାନୁଆରୀରେ ଏହି ସମ୍ମିଳନୀକୁ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିବେ। ସେହିଭଳି ଉତ୍କର୍ଷ ଓଡ଼ିଶା କନ୍‌କ୍ଲେଭ୍ ଓଡ଼ିଶାରେ ପୁଞ୍ଜିନିବେଶ ପାଇଁ ଏକ ନୂତନ ମାଇଲଖୁଣ୍ଟ ତଥା ଐତିହାସିକ କାର୍ଯ୍ୟକ୍ରମ ହେବାକୁ ଯାଉଛି। ଏହା ଓଡ଼ିଶାର ଶିଳ୍ପ କ୍ଷେତ୍ରର ଭବିଷ୍ୟତକୁ ନୂତନ ଓ ବ୍ୟାପକ କରିବାରେ ବେଶ୍ ସହାୟକ ହେବ ବୋଲି ଶିଳ୍ପ ଓ ଦକ୍ଷତା ବିକାଶ ମନ୍ତ୍ରୀ ସ୍ୱାଇଁ କହିଛନ୍ତି। ଓଡ଼ିଶାକୁ ଏକ ବୈଶ୍ୱିକ ଶିଳ୍ପ କେନ୍ଦ୍ରରେ ପରିଣତ କରିବା ସହ ଭାରତର ଏକ ଅଗ୍ରଣୀ ଅର୍ଥନୈତିକ ଶକ୍ତିଶାଳୀ ରାଜ୍ୟର ଆକାଂକ୍ଷାକୁ ସାକାର କରିବା ଦିଗରେ ଏହା ଏକ ମହତ୍ୱପୂର୍ଣ୍ଣ ଯୋଗଦାନ ଦେବ। ପ୍ରଧାନମନ୍ତ୍ରୀ ମୋଦିଙ୍କ ଦୂରଦୃଷ୍ଟିସମ୍ପନ୍ନ ନେତୃତ୍ୱ ଏବଂ ପୂର୍ବୋଦୟ ମିଶନ ସହ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ପ୍ରେରଣାଦାୟୀ ମାର୍ଗଦର୍ଶନରେ ଉତ୍କର୍ଷ ଓଡ଼ିଶା କନ୍‌କ୍ଲେଭ୍ ଓଡ଼ିଶାର ସାମଗ୍ରିକ ଓ ଦୀର୍ଘସ୍ଥାୟୀ ଆର୍ଥିକ ଅଭିବୃଦ୍ଧିକୁ ତ୍ୱରାନ୍ୱିତ କରିପାରିବ। ରାଜ୍ୟରେ ପୁଞ୍ଜିନିବେଶ, ଶିଳ୍ପ ଅଭିବୃଦ୍ଧି ତଥା ନୂତନ ନିଯୁକ୍ତି ସୃଷ୍ଟି ପାଇଁ ଅନୁକୂଳ ବାତାବରଣ ସୃଷ୍ଟି କରିବାକୁ ରାଜ୍ୟ ସରକାର ପ୍ରତିଶ୍ରୁତିବଦ୍ଧ ବୋଲି ସେ ବିସ୍ତୃତ ଭାବେ ମତପ୍ରକାଶ କରିଛନ୍ତି।

# ଫ୍ଲାଗ୍ ଫାଉଣ୍ଡେଶନ ଅଫ୍ ଇଣ୍ଡିଆର ନୂତନ ଅଭିଯାନ

ନୂଆଦିଲ୍ଲୀ,୨୫।୧


ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କୁ ୧୨/୮ ଫୁଟର ଏକ ଭବ୍ୟ ଭାରତୀୟ ତ୍ରିରଙ୍ଗା ପତାକାକୁ ନବୀନ ଜିନ୍ଦଲ ଏବଂ ଶାଲୁ ଜିନ୍ଦଲ ପ୍ରଦାନ କରୁଛନ୍ତି।

ଫ୍ଲାଗ୍ ଫାଉଣ୍ଡେଶନ ଅଫ୍ ଇଣ୍ଡିଆ (ଏଫ୍‌ଏଫ୍‌ଆଇ)ର ନୂତନ ଅଭିଯାନ 'ମେରା ଧାଗା, ମେରା ତିରଙ୍ଗା, ମେରା ଦେଶ' ଜରିଆରେ ସମଗ୍ର ଭାରତକୁ ଜାତୀୟ ପତାକା ତଳେ ଏକାଠି କରିବାର ଅନନ୍ୟ କାର୍ଯ୍ୟ ଜିନ୍ଦଲ ଷ୍ଟିଲ୍ ଆଣ୍ଡ ପାୱାରର ଅଧ୍ୟକ୍ଷ ତଥା କୁରୁକ୍ଷେତ୍ର ଏମ୍‌ପି ନବୀନ ଜିନ୍ଦଲଙ୍କ ନେତୃତ୍ୱରେ ଆରମ୍ଭ କରାଯାଇଥିଲା। ଏପରିକି ସର୍ଦ୍ଦାର ବଲ୍ଲଭଭାଇ ପଟେଲଙ୍କ ଏକ ଅଖଣ୍ଡ ଭାରତର ଦୃଷ୍ଟିକୋଣ ଏବଂ ଭାରତୀୟ ଗଣତନ୍ତ୍ରର ୭୫ବର୍ଷ ପୂର୍ତ୍ତି ଅବସରରେ ସର୍ଦ୍ଦାର ପଟେଲଙ୍କ ଜୟନ୍ତୀ ଏବଂ ରାଷ୍ଟ୍ରୀୟ ଏକତା ଦିବସ ଅବସରରେ ଏହି ଅଭିଯାନ ୨୦୨୪ ଅକ୍ଟୋବର ୩୧ରେ ଆରମ୍ଭ ହୋଇଥିଲା। ଏ ସମ୍ପର୍କରେ ଏଫ୍‌ଏଫ୍‌ଆଇର ସଭାପତି ନବୀନ ଜିନ୍ଦଲ କହିଥିଲେ,ଭାରତୀୟ ଜାତୀୟ ପତାକା କେବଳ ଏକ ପ୍ରତୀକ ନୁହେଁ, ଏହା ହେଉଛି ଆମ ଜାତିର ଆତ୍ମା। ତ୍ରିରଙ୍ଗାର ପ୍ରତ୍ୟେକ ସୂତା ଆମ ପୂର୍ବପୁରୁଷଙ୍କ ଐତିହ୍ୟ, କାରିଗରଙ୍କ ଦକ୍ଷତା ଏବଂ ଭାରତ ଗଠନରେ ଯୋଗଦାନ ଦେଇଥିବା ଅଗଣିତ ପିଢ଼ିର ଭାବନା ବହନ କରିଥାଏ। ଉଭୟ ଅନ୍‌ଲାଇନ ଓ ଅଫ୍‌ଲାଇନ ମାଧ୍ୟମରେ ଏହି ଅଭିଯାନ ଜାତୀୟ ସ୍ତରରେ ଆରମ୍ଭ ହୋଇଥିଲା।

# ବଜାରରେ ଆମ୍ପେରେ ମାଗ୍‌ନସ୍ ନିଓ

ଭୁବନେଶ୍ୱର,୨୫।୧



ଗ୍ରୀଭ୍‌ସ ଇଲେକ୍ଟ୍ରିକ୍ ମୋବିଲିଟି ପ୍ରାଇଭେଟ୍ ଲିମିଟେଡ୍ (ଜିଇଏମ୍‌ପିଏଲ୍)ର ଇଲେକ୍ଟ୍ରିକ୍ ଭେଇକଲ ବା ଇଭି ମଡେଲ 'ଆମ୍ପେରେ ମାଗ୍‌ନସ୍ ନିଓ'କୁ ନିକଟରେ ଅନାବରଣ କରାଯାଇଛି। ଏହି ପରିପ୍ରେକ୍ଷୀରେ କମ୍ପାନୀର ସ୍ୱୀକୃତିପ୍ରାପ୍ତ ଡିଲର ଆଇଓନ ହ୍ୱିଲ୍ସ କଟକ ରୋଡ୍ ଲକ୍ଷ୍ମୀସାଗର ଶୋ'ରୁମ୍‌ଠାରେ ଏକ ସ୍ୱତନ୍ତ୍ର ଅନାବରଣ ଉତ୍ସବର ଆୟୋଜନ କରାଯାଇଥିଲା। ଏହି ଅବସରରେ ବିଏମ୍‌ସିର ୪୨ ନଂ. ୱାର୍ଡ କର୍ପୋରେଟର ଆଶିଷ କୁମାର ପଟ୍ଟନାୟକ ସମ୍ମାନିତ ଅତିଥି ଭାବେ ଯୋଗ ଦେଇ ଉକ୍ତ ମଡେଲକୁ ଅନାବରଣ ସହ ବଜାର ପ୍ରବେଶ କରାଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜିଇଏମ୍‌ପିଏଲ୍‌ର ଜେଡ୍‌ଏମ୍ ଅରିନ୍ଦମ ନାଥଙ୍କ ସମେତ ଆଶିଷ କୁମାର ସ୍ୱାଇଁ ଓ ଅନ୍ୟମାନେ ଉପସ୍ଥିତ ଥିଲେ।

# ମାଲାବାରରେ ଜେମ୍‌ଷ୍ଟୋନ୍ ଜୁଏଲେରି ଫେଷ୍ଟିଭାଲ

ଭୁବନେଶ୍ୱର,୨୫।୧



ଦେଶର ଅଗ୍ରଣୀ ଅଳଙ୍କାର ପ୍ରତିଷ୍ଠାନ ତଥା ବୈଶ୍ୱିକ ଗହଣା ବ୍ରାଣ୍ଡ ମାଲାବାର ଗୋଲ୍ଡ ଆଣ୍ଡ ଡାଇମଣ୍ଡସର ବହୁପ୍ରତୀକ୍ଷିତ ପ୍ରଦର୍ଶନୀ 'ଜେମ୍‌ଷ୍ଟୋନ୍ ଜୁଏଲେରି ଫେଷ୍ଟିଭାଲ'ର ଶୁଭାରମ୍ଭ ନିକଟରେ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ ଭୁବନେଶ୍ୱରର ଚନ୍ଦ୍ରଶେଖରପୁରସ୍ଥିତ ମାଲାବାର ଗୋଲ୍ଡ ଆଣ୍ଡ ଡାଇମଣ୍ଡସର ଏକ୍ସକ୍ଲୁସିଭ ଶୋ'ରୁମ୍‌ରେ ଏହି ଫେଷ୍ଟିଭାଲ (ଜେମ୍‌ଷ୍ଟୋନ୍ ଜୁଏଲେରି ଫେଷ୍ଟିଭାଲ) ର ଅନାବରଣ (ଶୁଭାରମ୍ଭ) ଶନିବାର ଆନୁଷ୍ଠାନିକ ଭାବେ ହୋଇଯାଇଛି। ଏହି ଅବସରରେ ୟୁଟ୍ୟୁବ୍‌ର ବର୍ଷା ଦାସ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଏହାର ଅନାବରଣ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଶୋ'ରୁମ୍‌ର ବରିଷ୍ଠ ଅଧିକାରୀଙ୍କ ସମେତ କର୍ମଚାରୀ ଏବଂ ପ୍ରମୁଖ ଗ୍ରାହକ ଓ ଅନ୍ୟମାନେ ଉପସ୍ଥିତ ଥିଲେ। ଉଲ୍ଲେଖଯୋଗ୍ୟ, ମାଲାବାର ଗୋଲ୍ଡ ଆଣ୍ଡ ଡାଇମଣ୍ଡସର 'ଜେମ୍‌ଷ୍ଟୋନ୍ ଜୁଏଲେରି ଫେଷ୍ଟିଭାଲ' ୨୦୨୫ ଫେବୃୟାରୀ ୧୬ ପର୍ଯ୍ୟନ୍ତ ଜାରି ରହିବ।




# ବେଦାନ୍ତର 'ବେଦକ୍ଷତା' କେନ୍ଦ୍ର ଉଦ୍‌ଘାଟିତ

ଭୁବନେଶ୍ୱର,୨୫।୧

ବେଦାନ୍ତ ଆଲୁମିନିୟମର ନୂତନ ଦକ୍ଷତା ତାଲିମ କେନ୍ଦ୍ର 'ବେଦକ୍ଷତା' ଝାରସୁଗୁଡ଼ାର କୋଲାବିରା ବ୍ଲକ୍ ଅଧୀନ ପତ୍ରାପାଲିଠାରେ ଉଦ୍‌ଘାଟିତ ହୋଇଯାଇଛି। ଏହି ଅବସରରେ ଝାରସୁଗୁଡ଼ା ଜିଲା ନିୟୋଜନ ଅଧିକାରୀ ମାନସ କୁମାର ସମ୍ମାନିତ ଅତିଥି ଭାବେ ଯୋଗଦେଇ ଏହାର ଉଦ୍‌ଘାଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବହୁ ବିଶିଷ୍ଟ ଅତିଥି ଓ ସ୍ଥାନୀୟ ଗୋଷ୍ଠୀ ସଦସ୍ୟ ଉପସ୍ଥିତ ଥିଲେ।

ସେହିଭଳି ଏହି କେନ୍ଦ୍ରଟି ଅତ୍ୟାଧୁନିକ ଭିତ୍ତିଭୂମିରେ ସଜ୍ଜିତ, ଯେଉଁଥିରେ ଏକ ବହୁମୁଖୀ ହଲ୍, ଡିଜିଟାଲ ତାଲିମ କକ୍ଷ, ଟ୍ରେଡ୍ ଉପଯୋଗୀ ସ୍ଥାନ ଓ ପୁଅ-ଝିଅଙ୍କ ଲାଗି ସ୍ୱତନ୍ତ୍ର ହଷ୍ଟେଲ ବ୍ୟବସ୍ଥା ରହିଛି। ଏ ସମ୍ପର୍କରେ ବେଦାନ୍ତ ଆଲୁମିନିୟମର ସିଓଓ ସୁନୀଲ ଗୁପ୍ତା କହିଛନ୍ତି,ଆମେ ଆମର କାର୍ଯ୍ୟ ପରିସର ଓ ଆଖପାଖ ଅଞ୍ଚଳରେ ଥିବା ଗୋଷ୍ଠୀର ଯୁବକମାନଙ୍କ ଆକାଂକ୍ଷାକୁ ପୋଷଣ କରିବାକୁ ପ୍ରତିବଦ୍ଧ ରହିଛୁ। ବେଦକ୍ଷତା ଦକ୍ଷତା ତାଲିମ କେନ୍ଦ୍ର ଯୁବକମାନଙ୍କୁ ସ୍ଥାୟୀ ଜୀବିକାକୁ ସୁରକ୍ଷିତ କରିବା ସହ ସେମାନଙ୍କୁ ଉପଯୋଗୀ ପ୍ରଶିକ୍ଷଣ ଯୋଗାଇବ। ପ୍ରତିଭା ଓ ସୁଯୋଗ ମଧ୍ୟରେ ରହିଥିବା ପାର୍ଥକ୍ୟକୁ ଦୂରକରି ଆମେ ସମାବେଶୀ ଅଭିବୃଦ୍ଧିକୁ ପ୍ରୋତ୍ସାହିତ କରିବା ଓ ଝାରସୁଗୁଡ଼ାର ସାମାଜିକ-ଆର୍ଥିକ ବିକାଶରେ ମହତ୍ୱପୂର୍ଣ୍ଣ ଯୋଗଦାନ ଦେବାକୁ ଲକ୍ଷ୍ୟ ରଖିଛୁ।




See Career Appointment on every Wednesday & Saturday







# ଚେଞ୍ଜମେକର ୨୦୨୪

ଭୁବନେଶ୍ୱର,୨୫।୧

ଦି ଇଣ୍ଟରଭ୍ୟୁ ଟାଇମସ୍‌ର ବହୁ ପ୍ରତୀକ୍ଷିତ କାର୍ଯ୍ୟକ୍ରମ ଚେଞ୍ଜ ମେକର-୨୦୨୪ ଶନିବାର ଭୁବନେଶ୍ୱରର ଏକ ତାରକା ହୋଟେଲରେ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ରାଜ୍ୟପାଳ ଡ. ହରି ବାବୁ କୁମ୍ଭମପାଟି ମୁଖ୍ୟ ଅତିଥି ଭାବେ ଯୋଗଦେଇ ଏଲିଟ୍ ୧୦୦ ଚେଞ୍ଜମେକର୍ସ ୨୦୨୪କୁ ଉନ୍ମୋଚନ କରିବା ସହ କହିଥିଲେ ଓଡ଼ିଶା ଶ୍ରୀଜଗନ୍ନାଥଙ୍କ ପବିତ୍ର ଭୂମି। ଏହା ସଂସ୍କୃତି ଓ ପରମ୍ପରାରେ ଋଦ୍ଧିମନ୍ତ ହୋଇଛି। ଇଣ୍ଟରଭ୍ୟୁ ଟାଇମ୍ସ ଦ୍ୱାରା ପ୍ରକାଶିତ ପୁସ୍ତକରେ ଏଲିଟ୍ ୧୦୦ ଚେଞ୍ଜମେକରଙ୍କ ଭୂମିକାକୁ ସେ ପ୍ରଶଂସା କରିଥିଲେ। ସେହିଭଳି ସମ୍ମାନିତ ଅତିଥି ଭାବେ କିଟ୍ ଓ କିସ୍‌ର ପ୍ରତିଷ୍ଠାତା ଡ. ଅଚ୍ୟୁତ ସାମନ୍ତ, ଯାଜପୁର ସାଂସଦ ରବୀନ୍ଦ୍ର ନାରାୟଣ ବେହେରା, ଡା.ଆଦିତ୍ୟ ସାମଲ ପ୍ରମୁଖ ଯୋଗଦେଇ କାର୍ଯ୍ୟକ୍ରମକୁ ପ୍ରଶଂସା କରିଥିଲେ। ଅପରପକ୍ଷରେ ଏଲିଟ୍ ୧୦୦ ଚେଞ୍ଜମେକର୍ସ ଭଳି ପଦକ୍ଷେପ ଓଡ଼ିଶାର ଅଭିବୃଦ୍ଧି ଏବଂ ପ୍ରଗତି ପ୍ରତି ଆମର ପ୍ରତିବଦ୍ଧତାକୁ ସୁଦୃଢ଼ କରିବ ବୋଲି ଦି ଇଣ୍ଟରଭ୍ୟୁ ଟାଇମସ୍‌ର ସମ୍ପାଦକ ଦିବ୍ୟଜିତ୍ ସାହୁ ମତବ୍ୟକ୍ତ କରିଥିଲେ। ସେହିଭଳି ବର୍ଷକ ୧୨ମାସ ବିଭିନ୍ନ ପ୍ରକାରର କାର୍ଯ୍ୟକ୍ରମ ଓ କର୍ମଶାଳା ଆୟୋଜନ ସହିତ ସମାଜ ପାଇଁ ଉଲ୍ଲେଖନୀୟ ଅବଦାନ ରଖିଥିବା ବ୍ୟକ୍ତ ବିଶେଷଙ୍କୁ ସମ୍ମାନିତ କରାଯାଉଛି।









# ଗୁଣାତ୍ମକ ହେଉ ଆମ ଗଣତନ୍ତ୍ର

**ଦେ**ଶକୁ ଇଂରେଜ କବଳରୁ ମୁକ୍ତ କରିବାରେ ଜାତିର ପିତା ମହାତ୍ମା ଗାନ୍ଧୀଙ୍କ ଅହିଂସା ପ୍ରଚେଷ୍ଟା ସହ ଅଗଣିତ ସ୍ୱାଧୀନତା ସଂଗ୍ରାମୀଙ୍କ ଅଦମ୍ୟ ସାହସ ପାଇଁ ଆମେ ବିଶ୍ୱର ସର୍ବବୃହତ୍ ଗଣତାନ୍ତ୍ରିକ ରାଷ୍ଟ୍ରର ଜଣେ ଜଣେ ସ୍ୱାଧୀନ ନାଗରିକ ଭାବେ ପରିଚିତ। ୧୫ ଅଗଷ୍ଟ ୧୯୪୭ରେ ଦେଶ ସ୍ୱାଧୀନତା ପାଇଲେ ମଧ୍ୟ ବିଦେଶୀ ଶାସନ ଖସଡ଼ାରୁ ସମ୍ପୂର୍ଣ୍ଣ ମୁକୁଳି ପାରିନଥିଲା। ଦୀର୍ଘ ୨୦୦ ବର୍ଷର ବ୍ରିଟିଶ୍ ଶାସନ ଅବସାନ ପରେ ସମସ୍ତ ଭାରତୀୟଙ୍କ ମୁକ୍ତିର ଜୟଗୀତି ଥିଲା 'ଆମେ ଚଳାଇବୁ ଦେଶ ଆମରି, ଆମରି ନାଆରେ ଆମେ ନାଉରୀ', ଯାହା ପରବର୍ତ୍ତୀ ସମୟରେ ଶାସନ ସଂହିତା ପ୍ରସ୍ତୁତି ପାଇଁ ଅନେକ ଖୋରାକ ଯୋଗାଇଥିଲା। ସେହି ସମୟରେ ବିଶ୍ୱର ପ୍ରତ୍ୟେକ ସ୍ୱାଧୀନ ରାଷ୍ଟ୍ରର ନିଜସ୍ୱ ନୀତି ନିୟମ ଥିଲେ ମଧ୍ୟ ଭାରତରେ ଏହା ପ୍ରଣୟନ ହୋଇନଥିଲା। ଏହାର ଆବଶ୍ୟକତାକୁ ଉପଲବ୍ଧି କରି ମହାତ୍ମା ଗାନ୍ଧୀଙ୍କ ପରାମର୍ଶରେ ପଣ୍ଡିତ ଜବାହରଲାଲ ନେହେରୁଙ୍କ ସମେତ ଅନ୍ୟାନ୍ୟ ନେତୃବୃନ୍ଦ ୧୯୪୯ ନଭେମ୍ବର ୨୬ରେ ଦସ୍ତଖତ ସମ୍ବଳିତ ଏକ ଚିଠା ଭାରତ ସମ୍ବିଧାନ ସଭା ଦ୍ୱାରା ଗୃହୀତ ହୋଇଥିଲା। ଭାରତର ପ୍ରଶାସନ ସଂରଚନା, କାର୍ଯ୍ୟଶୈଳୀ, ନୀତିନିୟମ, ଅଧିକାର, କର୍ତ୍ତବ୍ୟକୁ ଗଣତାନ୍ତ୍ରିକ ଶାସନ ପଦ୍ଧତିରେ ବାନ୍ଧି ରଖିବା ପାଇଁ ଯେଉଁ କେତେକ ଶାସନ ଖସଡ଼ା ପ୍ରସ୍ତୁତ ହୋଇଥିଲା, ତାହାକୁ ଆମେ ସମ୍ବିଧାନ କହୁଛେ। ଭାରତୀୟ ସମ୍ବିଧାନର ପ୍ରଥମ ଅସ୍ଥାୟୀ ସଭାପତି ଥିଲେ ଡ. ସଚ୍ଚିଦାନନ୍ଦ ସିହ୍ନା ଓ ପରେ ଡ.ରାଜେନ୍ଦ୍ର ପ୍ରସାଦ ସଭାପତି ରୂପେ ନିର୍ବାଚିତ ହୋଇଥିଲେ। ସାତଜଣିଆ ଡ୍ରାଫ୍ଟିଙ୍ଗ୍ କମିଟି ପକ୍ଷରୁ ଡ. ଭୀମରାଓ ରାମ୍‌ଜୀ ଆମ୍ବେଡକରଙ୍କୁ ସମ୍ବିଧାନର ମୁଖ୍ୟ ସ୍ଥପତି ରୂପେ ଅଳଂକୃତ କରାଗଲା। ପରେ ପରେ ଭାରତ ପାର୍ଲାମେଣ୍ଟରେ ଏହି ସମ୍ବିଧାନ ୧୯୫୦ ଜାନୁଆରୀ ୨୬ରେ ଗୃହୀତ ହୋଇ କାର୍ଯ୍ୟକାରୀ କରାଗଲା।

ଭାରତ ଭଳି ବୃହତ୍ ରାଷ୍ଟ୍ରରେ ଏକତା ଓ ଅଖଣ୍ଡତାକୁ ବଜାୟ ରଖିବାରେ ସାମ୍ବିଧାନିକ ବିଧି, ବ୍ୟବସ୍ଥା ଯେ କେତେ ଜରୁରୀ ଏ କଥାକୁ ବେଶ୍ ଉପଲବ୍ଧି କରିଥିଲେ ଆମ ସମ୍ବିଧାନ ପ୍ରଣେତା ଡ. ଆମ୍ବେଡକର। ସମ୍ବିଧାନର ମୂଳ ଲକ୍ଷ୍ୟ ହେଉଛି ଭାରତକୁ ଏକ ସାର୍ବଭୌମ, ସମାଜବାଦ, ଧର୍ମନିରପେକ୍ଷ ରାଷ୍ଟ୍ର ରୂପେ ଗଢ଼ି ତୋଳିବା। ଏହାସହ ଗଣତାନ୍ତ୍ରିକ ବ୍ୟବସ୍ଥାରେ ସାଧାରଣ ଲୋକଙ୍କୁ ଶାସନ ବିକେନ୍ଦ୍ରୀକରଣ ଜରିଆରେ ସର୍ବନିମ୍ନ ମୌଳିକ ସୁବିଧା ଯୋଗାଇଦେବା। ଅପରପକ୍ଷେ ସମ୍ବିଧାନ ସଂଶୋଧନ ପରେ, ଉଲ୍ଲେଖ ଥିବା ମୋଟ ୪୪୮ ଧାରାର ସମସ୍ତ ସୁଫଳ ଭାରତୀୟଙ୍କ କଲ୍ୟାଣ ଲାଗି ଏକ ବିଧିବଦ୍ଧ ବ୍ୟବସ୍ଥା, ଯେଉଁଥିପାଇଁ ସମ୍ବିଧାନର ବୈଶିଷ୍ଟ୍ୟ ହେଉଛି ଲୋକଙ୍କର, ଲୋକଙ୍କ ଦ୍ୱାରା ଏବଂ ଲୋକମାନଙ୍କ ପାଇଁ। ବଡ଼ କଥା ହେଲା, ଆମ ଦେଶର ଶାସନ ଭାର ଜନତାଙ୍କ ହାତରେ ନ୍ୟସ୍ତ, ଯାହାଦ୍ୱାରା ସେମାନେ ନିର୍ବାଚନ ମାଧ୍ୟମରେ ଲୋକପ୍ରତିନିଧି ଚୟନ କରି ସାମ୍ବିଧାନିକ ମର୍ଯ୍ୟାଦାକୁ ସୁଦୃଢ଼ କରିବାରେ ପ୍ରତ୍ୟକ୍ଷ ଭାବରେ ସହଭାଗୀ ହୋଇଥାନ୍ତି। ସ୍ୱାଧୀନତା ପୂର୍ବରୁ ଯେଉଁ ଦେଶ ଗୋଟିଏ ପିନ୍ କଣ୍ଟା ଉତ୍ପାଦନ କରିବାରେ ସକ୍ଷମ ନ ଥିଲା, ସେ ଦେଶ ଏବେ ଆତ୍ମନିର୍ଭରଶୀଳ ପଥରେ ଅଗ୍ରସର। ମାତ୍ର ପରିତାପର ବିଷୟ, ଦେଶ ସ୍ୱାଧୀନତା ପାଇବାରେ ଅନେକ ବର୍ଷ ବିତିଯାଇଥିଲେ ମଧ୍ୟ ଦେଶର ୭୦% ସମ୍ପତ୍ତି ଶିଳ୍ପପତି ଓ ଧନିକ ଗୋଷ୍ଠୀଙ୍କ ହାତରେ ବନ୍ଧା ପଡ଼ିଛି। ଏପରି ଅସମାନତାରେ ସୁଧାର ନ ଆସିଲେ ତାହା ଦେଶର ପ୍ରଗତି ପାଇଁ ଶୁଭଙ୍କର ହେବନାହିଁ। ବର୍ତ୍ତମାନ ଧନିକ ବର୍ଗର ଲୋକମାନେ ସରକାରୀ ଯୋଜନାର ଦୁରୁପଯୋଗ କରି ଅନେକ ସମ୍ପତ୍ତି ଓ ସୁବିଧା ହାତଉ ଥିବାବେଳେ, ଗରିବମାନେ ରାଜନୈତିକ ଉଦ୍ଦେଶ୍ୟରେ ପ୍ରଣୟନ ହେଉଥିବା ବହୁସଂଖ୍ୟକ ମାଗଣା ଯୋଜନା ସାମିଲ ହୋଇ ଅନେକ ଫାଇଦା ପାଉଛନ୍ତି। ବିଚରା ମଧ୍ୟବିତ୍ତ ବର୍ଗ ଲୋକମାନେ ଆୟକର ସମେତ ବିଭିନ୍ନ ଉତ୍ସରୁ ଉପଲବ୍ଧ ଆୟରୁ ଟିକସ ଭରଣା କରି ଦେଶ ଅର୍ଥନୀତି ସୁଦୃଢ଼ କରିବାରେ ପ୍ରମୁଖ ଭାଗୀଦାର ଥିବାବେଳେ ସରକାରଙ୍କ ବିଭିନ୍ନ ସୁବିଧାରୁ ବଞ୍ଚିତ ହେଉଛନ୍ତି। ଏବେ ଦେଖାଯାଉଛି, ରାଜନୀତିରେ ବିଭିନ୍ନ ବର୍ଗର ମୁଷ୍ଟିମେୟ ଲୋକଙ୍କ ସମେତ ଅପରାଧ ପୃଷ୍ଠଭୂମିରେ ଲିପ୍ତ ଅନେକ ଅପରାଧୀ ଗୋଷ୍ଠୀ ନିଜକୁ ସୁରକ୍ଷିତ ରଖିବା ସହିତ ଆଇନକାନୁନ ଜାଲରୁ ମୁକ୍ତ ହେବା ପାଇଁ ରାଜନୀତିକୁ ଢାଲ କରୁଛନ୍ତି। ଅପରପକ୍ଷେ ବିଭିନ୍ନ ରାଜନୈତିକ ଦଳ ଶାସନକୁ ନିଜ ସପକ୍ଷରେ ଆଣିବା ପାଇଁ ବର୍ତ୍ତମାନ ନାନାଦି ପ୍ରକାରର ମାଗଣା ଯୋଜନାରେ ଜନସାଧାରଣଙ୍କୁ ପ୍ରଲୋଭିତ କରି ନିର୍ବାଚନ ବୈତରଣୀ ପାର ହେଉଛନ୍ତି। ମନେରଖିବାକୁ ହେବ ଯେ, ମାଗଣା ଯୋଜନାରେ ମୋଟ ବ୍ୟୟଭାର, ଦରଦାମ ବୃଦ୍ଧିର ଅନ୍ୟତମ କାରଣ, ଯାହା ଜନସାଧାରଣଙ୍କଠାରୁ ବିଭିନ୍ନ ଉପାୟରେ ଭରଣା କରାଯାଏ। ଦେଖାଯାଉଛି ନିର୍ବାଚିତ ପ୍ରତିନିଧି ସଂସଦ ବା ବିଧାନସଭାରେ ବିନା କାରଣରେ ହୋହଲ୍ଲା କରି ଅପ୍ରୀତିକର ପରିସ୍ଥିତି ସୃଷ୍ଟି କରି ପୂର୍ଣ୍ଣକାଳୀନ ଅଧିବେଶନକୁ ଚଳାଇ ନ ଦେବା ଏକ ଅଭ୍ୟାସ ହେଲାଣି। ଏହାଦ୍ୱାରା ସାମ୍ବିଧାନିକ ବ୍ୟବସ୍ଥା କ୍ଷୁଣ୍ଣ ହେବାରେ ଲାଗିଛି। ଏଥିରେ ସୁଧାର ଆଣିବା ଅପରିହାର୍ଯ୍ୟ। ସମ୍ବିଧାନ ନିୟମ ଅନୁଯାୟୀ ଲୋକପ୍ରତିନିଧିମାନେ ଦେଶ ବା ରାଜ୍ୟର ବିଭିନ୍ନ ପ୍ରସଙ୍ଗ ଉପସ୍ଥାପନ ସହ ଆଇନ ପ୍ରଣୟନରେ ନିର୍ଣ୍ଣାୟକ ଭୂମିକା ଗ୍ରହଣ କରିବା ସଂଘୀୟ ବ୍ୟବସ୍ଥାର ମୁଖ୍ୟ ପ୍ରସଙ୍ଗ। ଏହା ପ୍ରଭାବଶାଳୀ ହେବା ଆମ ସମ୍ବିଧାନ ପ୍ରତି ଶୁଭଙ୍କର । ଅପରପକ୍ଷେ ସାଂସଦ ବା ବିଧାୟକମାନେ ଲୋକଙ୍କ ପ୍ରକୃତ ସମସ୍ୟାକୁ ସଂସଦ ବା ବିଧାନସଭାରେ ଉପସ୍ଥାପନ ତଥା ପୁରୁଣା ନିୟମ ସଂଶୋଧନ ବା ନୂତନ ନିୟମ ପ୍ରଣୟନରେ ସହଯୋଗ କରି ଲୋକାଭିମୁଖୀ ନିୟମ ପ୍ରସ୍ତୁତ କରିବା ହେବ ଗୁଣାତ୍ମକ ଅବଦାନ। ନିର୍ବାଚନରେ ପ୍ରାର୍ଥିତ୍ୱ ଜାରି ରଖିବା ପାଇଁ ଲୋକ ପ୍ରତିନିଧିଙ୍କ ପାଇଁ ଥିବା ବ୍ୟବସ୍ଥାରେ ପୁନଃ ସଂସ୍କାର ସହ ସ୍ୱତନ୍ତ୍ର ମାନଦଣ୍ଡ ନିର୍ଦ୍ଧାରଣ କରାଯାଉ । ଫଳରେ ଉପଯୁକ୍ତ ରାଜନେତା ଚୟନ ସହ ସଂଘୀୟ ବ୍ୟବସ୍ଥାରେ ବିରାଟ ପରିବର୍ତ୍ତନ ଆସିପାରିବ। ଅନ୍ୟପଟେ ମଧ୍ୟବିତ୍ତବର୍ଗ ପରିବାର ପାଇଁ ସରକାର ଯତ୍ନବାନ ହୋଇ ଅନ୍ତତଃପକ୍ଷେ ସ୍ୱାସ୍ଥ୍ୟ ଓ ଶିକ୍ଷା କ୍ଷେତ୍ରରେ ବିଭିନ୍ନ ସାହାଯ୍ୟ ସୁବିଧା ଯୋଗାଇଦେବା ଗୁରୁତ୍ୱପୂର୍ଣ୍ଣ। ମାଗଣା ଯୋଜନାଗୁଡ଼ିକରେ ରାଜନୈତିକ ଅଭିସନ୍ଧି ନ ରଖି ପ୍ରକୃତ ଉପଭୋକ୍ତା ଚୟନ କରାଗଲେ ଦେଶରେ ଉପୁଜୁଥିବା ଅର୍ଥନୈତିକ ଅସମତାରେ ଅନେକ ସଂସ୍କାର ଆସିପାରିବ। ସୁତରାଂ ଆମ ଦୁର୍ବଳ ମାନସିକତାର ପରିବର୍ତ୍ତନ ହିଁ ଆଣିପାରିବ ଗଣତନ୍ତ୍ରରେ ଗୁଣାତ୍ମକ ସହଭାଗିତା।

**-ଡ. ଅଜୟ କୁମାର ନନ୍ଦ**
(ସହକାରୀ ପ୍ରାଧ୍ୟାପକ ଓ ଉପ ବିତ୍ତ ଅଧିକାରୀ)
କିସ୍ ବିଶ୍ୱବିଦ୍ୟାଳୟ,
ଭୁବନେଶ୍ୱର

## ସାଧାରଣତନ୍ତ୍ର ଦିବସ ଏମାନଙ୍କ ମତରେ..

### ମହାପୁରୁଷଙ୍କୁ ମନେପକାଇବା ଜରୁରୀ

ମହାପୁରୁଷଙ୍କୁ ମନେପକାଇବା ଜରୁରୀ ଛୋଟବେଳେ ବାପାଙ୍କ ସହିତ ସାଧାରଣତନ୍ତ୍ର ଦିବସ ପରେଡ୍ ଦେଖିବାକୁ ଯାଉଥିଲି, ଏବେ ମୋ ପୁଅକୁ ନେଇ ପରେଡ୍ ଦେଖାଉଛି। ଏଥର ମଧ୍ୟ ସକାଳୁ ଉଠି ପୁଅକୁ ସାଙ୍ଗରେ ନେଇ ଗାନ୍ଧୀମାର୍ଗରେ ପତାକା ଉତ୍ତୋଳନ ଏବଂ ପରେଡ୍ ଦେଖିବାକୁ ଯିବୁ। ସେଠାରୁ ଫେରିବା ପରେ ଘର ଆଗରେ ପତାକା ଉତ୍ତୋଳନ କରିବୁ। ଆମ ଦେଶର ମହାନାୟକମାନଙ୍କୁ ସ୍ମରଣ କରିବା ସହିତ ସେମାନଙ୍କ ବଳିଦାନ ସମ୍ପର୍କରେ ଆଗାମୀ ପିଢ଼ିଙ୍କୁ ଅବଗତ କରାଇବା ଏହି ଦିନଟିର ମୁଖ୍ୟ ଲକ୍ଷ୍ୟ। ତେଣୁ କେବଳ ଛୁଟିଦିନ ଭାବେ ଏହାକୁ ପାଳନ ନ କରି ଦେଶ ମାତୃକାର ସେବା ପାଇଁ ଜୀବନ ଦେଇଥିବା ପ୍ରତ୍ୟେକ ମହାପୁରୁଷଙ୍କୁ ମନେପକାଇବା ଜରୁରୀ।

**ସମ୍ରାଟ ମହାନ୍ତି, କର୍ମଜୀବୀ**

### ଯୁବପିଢ଼ି ସାଧାରଣତନ୍ତ୍ର ଦିବସର ବାସ୍ତବ ଅର୍ଥ ବୁଝିବା ଆବଶ୍ୟକ

୧୯୫୦ ଜାନୁଆରୀ ୨୬ରେ ଦେଶର ସମ୍ବିଧାନ କାର୍ଯ୍ୟକ୍ଷମ ହୋଇଥିଲା। ତେଣୁ ଦେଶବାସୀଙ୍କ ପାଇଁ ଏହି ଦିନର ବିଶେଷ ମହତ୍ତ୍ୱ ରହିଛି। ଏହା ହେଉଛି ବିଶ୍ୱର ସବୁଠାରୁ ବଡ ଲିଖିତ ସମ୍ବିଧାନ। ବାବା ସାହେବ ଆମ୍ବେଦକର, ଡ. ରାଜେନ୍ଦ୍ର ପ୍ରସାଦଙ୍କ ଭଳି ବହୁ ବିଦ୍ୱାନଙ୍କ ଅବଦାନ ଯୋଗୁ ଆମେ ଏହି ଜନକଲ୍ୟାଣକାରୀ ସମ୍ବିଧାନ ଲାଭ କରିଛେ। ମାତ୍ର ସାଧାରଣତନ୍ତ୍ର ଦିବସ ଏବେକାର ଯୁବପିଢିଙ୍କ ପାଇଁ କେବଳ ଏକ ଛୁଟିଦିନ ହୋଇରହିଯାଇଛି। ଭୋଜିଭାତ, ବୁଲାବୁଲିରେ ଦିନଟିକୁ କାଟି ଦେଉଛନ୍ତି। ତେଣୁ ସାଧାରଣତନ୍ତ୍ର ଦିବସର ବାସ୍ତବ ଅର୍ଥ ବୁଝିବା ସହିତ ଏହାକୁ ଯଥାରୀତି ପାଳନ କରିବା ଆବଶ୍ୟକ।

**-ବଂଶୀଧର ସାହୁ, ଶିକ୍ଷାବିତ୍**

### ଉତ୍ସାହର ସହ ଦିନଟିକୁ ପାଳନ କରୁ

ଆମେ ସ୍ୱତନ୍ତ୍ର ହେବା ପଛରେ ଦେଶଭକ୍ତମାନଙ୍କର ତ୍ୟାଗ, ବଳିଦାନ ରହିଛି। ଆଜିର ଦିନରେ ଭାରତର ସମ୍ବିଧାନ ଲାଗୁ ହୋଇଥିଲା, ଯାହାକି ଆମ ସମସ୍ତଙ୍କୁ ସମାନ ଅଧିକାର ପ୍ରଦାନ କରୁଛି। ଏହି ଦିନଟିକୁ ଆମେ ସମସ୍ତେ ଉତ୍ସାହର ସହିତ ପାଳନ କରିଥାଉ। ସକାଳେ ଘର ଛାତ ଉପରେ ପତାକା ଉତ୍ତୋଳନ କରିବା ସହିତ ଆଖପାଖର ଛୋଟ ପିଲାମାନଙ୍କୁ ମିଠା ଓ ଚକୋଲେଟ୍ ବାଣ୍ଟିଥାଉ। ଏଥିସହ ସେମାନଙ୍କୁ ଏହି ବିଶେଷ ଦିନ ସମ୍ପର୍କରେ ଅବଗତ କରାଇଥାଉ।

**-ପାୟଲ ମିଶ୍ର, ଇଞ୍ଜିନିୟରିଂ ଛାତ୍ରୀ**






























ଧରିତ୍ରୀ 51 Years
ଧରିତ୍ରୀ DHARITRI
www.orissakhabar.com/ www.dharitri.com ପୃଷ୍ଠା ୧୨ Press Regd. No. R.N. 21326/74 Postal Regd. No. BN/42/24-26. ଭୁବନେଶ୍ୱର, ରବିବାର, ୨୬ ଜାନୁଆରୀ, ୨୦୨୫ Bhubaneswar, Sunday, 26 January, 2025

# ଭାରତକୁ ଜିତାଇଲେ ତିଳକ ବର୍ମା

**ଚେନ୍ନାଇ, ୨୫।୧(ପି.ଟି.)**

ପ୍ରଥମ ଡାଉନ୍‌ରେ ବ୍ୟାଟିଂ କରିବାକୁ ଆସିଥିବା ତିଳକ ବର୍ମାଙ୍କ ଅପରାଜିତ ୭୨ ରନ (୫୫ ବଲ୍, ୪ ଚୌକା, ୫ ଛକା) ବଳରେ ଭାରତ ସ୍ଥାନୀୟ ଏମ୍.ଏ. ଚିଦାମ୍ବରମ ଷ୍ଟାଡିୟମରେ ଶନିବାର ଖେଳାଯାଇଥିବା ଦ୍ୱିତୀୟ ଅନ୍ତର୍ଜାତୀୟ ଟି୨୦ କ୍ରିକେଟ ମ୍ୟାଚରେ ଇଂଲଣ୍ଡକୁ ୨ ଉଇକେଟରେ ପରାସ୍ତ କରିଛି। ଏଥି ସହ ଦଳ ୫ ମ୍ୟାଚ ବିଶିଷ୍ଟ ସିରିଜ ୨-୦ରେ ଅଗ୍ରଣୀ ଲାଭ କରିଛି। ଟସ୍ ହାରି ପ୍ରଥମେ ବ୍ୟାଟିଂ କରିଥିବା ଭ୍ରମଣକାରୀ ଦଳ ଭାରତ ପାଇଁ ୧୬୬ ରନର ବିଜୟ ଲକ୍ଷ୍ୟ ଧାର୍ଯ୍ୟ କରିଥିଲା। ଭାରତ ୧୯.୨ ଓଭରରେ ୮ ଉଇକେଟ ବିନିମୟରେ ବିଜୟ ଲକ୍ଷ୍ୟ ହାସଲ କରିନେଇଥିଲା। ଇଂଲଣ୍ଡ ତରଫରୁ ଶ୍ରେଷ୍ଠ ବୋଲିଂ କରିଥିବା ବ୍ରାଇଡନ କାର୍ସ ୨୯ରନ ବିନିମୟରେ ୩ ଉଇକେଟ ଅକ୍ତିଆର କରିଥିଲେ।

ପୂର୍ବରୁ ଜୋସ୍ ବଟଲରଙ୍କ ଲଢୁଆ ୪୫ ରନ ସତ୍ତ୍ୱେ ଭାରତୀୟ ସ୍ପିନରଙ୍କ ପ୍ରଭାବୀ ବୋଲିଂ ଯୋଗୁ ଇଂଲଣ୍ଡ ସ୍କୋର ୧୬୫/୯ରେ ସୀମିତ ହୋଇଯାଇଛି। ବଟଲର ତାଙ୍କ ୩୦ବଲ୍‌ର ଇନିଂସରେ ୨ଚୌକା ଓ ୩ ଛକା ଲଗାଇଥିଲେ। ସେ ଅର୍ଶଦୀପ ସିଂଙ୍କ ଗୋଟିଏ ଓଭରରେ ଚୌକା, ଛକା ଓ ଗୋଟିଏ ଚୌକା ଲଗାଇଥିଲେ, ଯିଏକି ତାଙ୍କ ପ୍ରଥମ ଓଭରରେ ଓପନି ଫିଲ୍ ସଲ୍ଟ (୪ରନ)ଙ୍କୁ ଆଉଟ କରିଦେଇଥିଲେ। ବଟଲରଙ୍କ ବ୍ୟତୀତ ଅନ୍ୟମାନଙ୍କ ମଧ୍ୟରେ ବ୍ରାଇଡନ କାର୍ସ ୩୧, ଜେମି ସ୍ମିଥ୍ ୨୨ ରନ କରିଥିଲେ। ଭାରତ ତରଫରୁ ଅକ୍ଷର ପଟେଲ ଓ ବରୁଣ ଚକ୍ରବର୍ତ୍ତୀ ଦୁଇଟି ଲେଖାଏଁ ଉଇକେଟ ନେଇଥିବା ବେଳେ ଅର୍ଶଦୀପ, ହାର୍ଦ୍ଦିକ ପାଣ୍ଡ୍ୟା, ୱାଶିଂଟନ ସୁନ୍ଦର, ଓ ଅଭିଷେକ ଶର୍ମା ଗୋଟିଏ ଲେଖାଏଁ ଉଇକେଟ ସଫଳତା ପାଇଥିଲେ।

**ସଂକ୍ଷିପ୍ତ ସ୍କୋର**

ଇଂଲଣ୍ଡ ଇନିଂସ: ୨୦ ଓଭରରେ ୧୬୫/୯ (ଜୋସ ବଟଲର-୪୫, ବ୍ରାଇଡନ କାର୍ସ-୩୧ ; ଅକ୍ଷର ପଟେଲ-୨/୩୨, ବରୁଣ ଚକ୍ରବର୍ତ୍ତୀ-୨/୩୮, ହାର୍ଦ୍ଦିକପାଣ୍ଡ୍ୟା-୧/୬, ୱାଶିଂଟନ ସୁନ୍ଦର-୧/୯)। ଭାରତ ଇନିଂସ: ୧୯.୨ ଓଭରରେ ୧୬୬/୮ (ତିଳକ ବର୍ମା-୭୨*, ୱାଶିଂଟନ ସୁନ୍ଦର-୨୬ ; ବ୍ରାଇଡନ କାର୍ସ-୩/୨୯)।



ବିଜୟ ଲକ୍ଷ୍ୟ ହାସଲ ପରେ ପ୍ଲେୟର ଅଫ୍ ଦି ମ୍ୟାଚ୍ ତିଳକ ବର୍ମା(ବାମ)ଙ୍କୁ ବଧାଇ ଜଣାଉଛନ୍ତି ଅଧିନାୟକ ସୂର୍ଯ୍ୟକୁମାର ଯାଦବ।

# ଭାରତରୁ ରୋହିତ, ବୁମ୍‌ରା, ପାଣ୍ଡ୍ୟା ଓ ଅର୍ଶଦୀପ

**ଦୁବାଇ, ୨୫।୧ (ପି.ଟି.)**

## ଆଇସିସିର ଟି୨୦ ଅଲ୍‌ଷ୍ଟାର ଏକାଦଶ

ଅନ୍ତର୍ଜାତୀୟ କ୍ରିକେଟ ପରିଷଦ (ଆଇସିସି) ତରଫରୁ ଶନିବାର ୨୦୨୪ ବର୍ଷର ଅନ୍ତର୍ଜାତୀୟ ଟି୨୦ ଟିମ୍ ଅଫ୍ ଦି ଇୟର ଘୋଷଣା କରାଯାଇଛି। ଭାରତର ରୋହିତ ଶର୍ମାଙ୍କୁ ଏହାର ଅଧିନାୟକ ମନୋନୀତ କରାଯାଇଛି। ଏହି ଦଳରେ ଭାରତର ଅନ୍ୟ ଦୁଇ ଜଣ ଖେଳାଳି ଅଲରାଉଣ୍ଡର ହାର୍ଦ୍ଦିକ ପାଣ୍ଡ୍ୟା ଓ ବାମହାତୀ ସିମର ଅର୍ଶଦୀପ ସିଂ ସ୍ଥାନ ପାଇଛନ୍ତି। ଗତବର୍ଷ ପ୍ରଭାବୀ ପ୍ରଦର୍ଶନ ପାଇଁ ଏଥିରେ ସ୍ଥାନ ପାଇଥିବା ଅନ୍ୟ ଖେଳାଳିମାନଙ୍କ ମଧ୍ୟରେ ଅଛନ୍ତି ଅଷ୍ଟ୍ରେଲିଆର ଟ୍ରାଭିସ୍ ହେଡ୍, ଇଂଲଣ୍ଡର ଫିଲ୍ ସଲ୍ଟ, ପାକିସ୍ତାନର ବାବର ଆଜାମ, ୱେଷ୍ଟଇଣ୍ଡିଜର ନିକୋଲାସ ପୁରନ, ଜିମ୍ବାୱେର ସିକନ୍ଦର ରାଜା, ଆଫଗାନିସ୍ତାନର ରଶିଦ ଖାନ୍ ଏବଂ ଶ୍ରୀଲଙ୍କାର ୱାନିନ୍ଦୁ ହସରଙ୍ଗା। ସୂଚନାଯୋଗ୍ୟ, କିଛି ମାସ ହେଲା ଭାରତର ସିରିଜ ଖରାପ ପ୍ରଦର୍ଶନ ସାଙ୍ଗକୁ ବ୍ୟକ୍ତିଗତ ଫର୍ମରେ ନ ଥିବାରୁ ଟେଷ୍ଟ ଅଧିନାୟକ ଓ ଟେଷ୍ଟ ବ୍ୟାଟର ରୋହିତ ଚାପରେ ରହିଛନ୍ତି। କିନ୍ତୁ ଏହା ସତ୍ତ୍ୱେ ଏହି ୩୭ ବର୍ଷୀୟ ଖେଳାଳିଙ୍କର ଖେଳର ଶର୍ଟର ଫର୍ମାଟରେ ପ୍ରଭାବ ରହିଛି।

# ଜାତୀୟ କ୍ରୀଡ଼ାରେ ଭାଗ ନେବ ଓଡ଼ିଶା ବିଚ୍ ଭଲିବଲ ଦଳ

**ଭୁବନେଶ୍ୱର, ୨୫।୧ (ବିଜୟ ରଣା)**

ଉତ୍ତରାଖଣ୍ଡର ରିଷିକେଶଠାରେ ଆୟୋଜିତ ୩୮ତମ ଜାତୀୟ କ୍ରୀଡ଼ାରେ ଭାଗ ନେବା ଲାଗି ଓଡ଼ିଶା ବିଚ୍ ଭଲିବଲ୍ ଦଳ ପ୍ରସ୍ତୁତ ରହିଛି। ଗତ ଡିସେମ୍ବର ୨୫ରେ ସ୍ଥାନୀୟ କିଟ୍ ୟୁନିଭର୍ସିଟିସ୍ଥିତ କୋଚିଂ କ୍ୟାମ୍ପରେ ଦଳ ମନୋନୟନ କରାଯାଇଥିଲା। ଫେବୃଆରୀ ୩ରୁ ୬ ପର୍ଯ୍ୟନ୍ତ ହେବାକୁଥିବା ଚାମ୍ପିୟନଶିପ୍ ପାଇଁ ଓଡ଼ିଶା ପୁରୁଷ ଦଳରେ ସ୍ଥାନ ପାଇଥିବା ଖେଳାଳି ହେଲେ ଅମିତ କୁମାର ପରିଡ଼ା ଓ ମହସିମ ଖାନ୍। ସେମାନଙ୍କ କୋଚ ରହିଛନ୍ତି ସୁପର୍ଣା ହୋତା। ସେହିପରି ମହିଳା ଦଳରେ ଶିବାନୀ ପ୍ରିୟଦର୍ଶିନୀ ଓ ଆଶା ମୁନ୍ଦାରୀ ସ୍ଥାନ ପାଇଥିବା ବେଳେ ସଙ୍ଗୀତା ଟପୋ ତାଙ୍କ କୋଚ୍ ରହିଛନ୍ତି। ଭାରତୀୟ ଅଲିମ୍ପିକ ଆସୋସିଏଶନ (ଆଇଓଏ) ଜାତୀୟ କ୍ରୀଡ଼ା ଆୟୋଜକ କମିଟି (ଏନ୍‌ଜିଓସି) ଓଡ଼ିଶା ଭଲିବଲ୍ ଆସୋସିଏଶନର ସାଧାରଣ ସମ୍ପାଦକ ଡ. ଗଗନେନ୍ଦୁ ଦାଶଙ୍କୁ ଇନ୍‌ଡୋର ଭଲିବଲ ଗେମ୍ସର ଟେକ୍‌ନିକାଲ କମିଟି ସଦସ୍ୟ ଭାବେ ମନୋନୀତ କରିଛି। ସେହିପରି ବିଚ୍ ଭଲିବଲ ପାଇଁ ନ୍ୟାଶନାଲ ରେଫରି ବିଶ୍ୱଜିତ ଦାସଙ୍କୁ ଟେକ୍‌ନିକାଲ ଅଫିସିଆଲ ଭାବେ ମନୋନୀତ କରିଛି।

# ପି.ଆର୍ ଶ୍ରୀଜେସଙ୍କୁ ପଦ୍ମ ଭୂଷଣ ପୁରସ୍କାର



ପି. ଆର୍. ଶ୍ରୀଜେସ



ରବିଚନ୍ଦ୍ରନ ଅଶ୍ୱିନ

**ନୂଆଦିଲ୍ଲୀ, ୨୫।୧ (ପି.ଟି.)**

## ଅଶ୍ୱିନଙ୍କ ସମେତ ୪ଜଣଙ୍କୁ ପଦ୍ମଶ୍ରୀ

ଶନିବାର ଦେଶର ସମ୍ମାନଜନକ ବେସାମରିକ ପୁରସ୍କାର ବିଜେତାଙ୍କ ଏକ ୧୩୯ଜଣିଆ ତାଲିକା ପ୍ରକାଶ ପାଇଛି। ପୂର୍ବତନ ହକି ଅଧିନାୟକ ପି. ଆର. ଶ୍ରୀଜେସ ପଦ୍ମ ଭୂଷଣ ପୁରସ୍କାର ପାଇଁ ମନୋନୀତ ହୋଇଥିବା ବେଳେ ନିକଟରେ କ୍ରିକେଟରୁ ଅବସର ନେଇଥିବା କ୍ରିକେଟ ଷ୍ଟାର ରବିଚନ୍ଦ୍ରନ ଅଶ୍ୱିନଙ୍କ ସମେତ ୪ ଆଥଲେଟ ଏବଂ ଜଣେ ପାରା ଆଥଲେଟିକ୍ସ କୋଚ୍ ପଦ୍ମଶ୍ରୀ ପୁରସ୍କାର ପାଇବା ଲାଗି ବିବେଚିତ ହୋଇଛନ୍ତି। ଦେଶର ଚତୁର୍ଥ ସର୍ବୋଚ୍ଚ ବେସାମରିକ ପୁରସ୍କାର ପଦ୍ମଶ୍ରୀ ପାଇଁ କିମ୍ବଦନ୍ତୀ ଭାରତୀୟ ଫୁଟ୍‌ବଲର ଆଇ.ଏମ୍ ବିଜୟନ ଓ ଭାରତର ପ୍ରଥମ ପାରାଲିମ୍ପିକ୍ ସ୍ୱର୍ଣ୍ଣ ବିଜେତା ତୀରନ୍ଦାଜ ହରବିନ୍ଦର ସିଂଙ୍କୁ ମଧ୍ୟ ମନୋନୀତ କରାଯାଇଛି। ପ୍ୟାରିସ ପାରାଲିମ୍ପିକ୍ସ ସ୍ୱର୍ଣ୍ଣ ବିଜେତା ତଥା ଖେଳରତ୍ନ ପୁରସ୍କାର ବିଜେତା ହାଇଜମ୍ପର ପ୍ରବୀଣ କୁମାର ମଧ୍ୟ ପଦ୍ମଶ୍ରୀ ପାଇବେ। ୭୬ତମ ସାଧାରଣତନ୍ତ୍ର ଦିବସ ଉପଲକ୍ଷେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଏହି ୫ ଜଣଙ୍କୁ ପଦ୍ମ ପୁରସ୍କାର ପାଇଁ ମନୋନୀତ କରିଛନ୍ତି।

# ଅର୍ଶଦୀପ ଟି୨୦ କ୍ରିକେଟର ଅଫ୍ ଦି ଇୟର



ଅର୍ଶଦୀପ ସିଂ

**ଦୁବାଇ, ୨୫।୧ (ପି.ଟି.)**

ଭାରତର ବାମହାତୀ ପେସର ଅର୍ଶଦୀପ ସିଂ ଶନିବାର ୨୦୨୪ ବର୍ଷ ପାଇଁ ଆଇସିସି ପୁରୁଷ ଟି୨୦ କ୍ରିକେଟର ଅଫ୍ ଦି ଇୟର ବିବେଚିତ ହୋଇଛନ୍ତି। ବର୍ତ୍ତମାନ କ୍ରିକେଟର ଶର୍ଟ ଫର୍ମାଟରେ ସେ ଅନ୍ୟତମ ଅଗ୍ରଣୀ ବୋଲର ଭାବେ ବିବେଚିତ ହେଉଛନ୍ତି। ୨୫ ବର୍ଷୀୟ ଏହି କ୍ରିକେଟର ୨୦୨୪ରେ ୧୮ଟି ମ୍ୟାଚ ଖେଳି ୩୬ ଉଇକେଟ ନେଇଛନ୍ତି। ଶନିବାର ଏହା ପୂର୍ବରୁ ସେ ରୋହିତ ଶର୍ମା, ଯଶପ୍ରୀତ୍ ବୁମ୍‌ରା ଓ ହାର୍ଦ୍ଦିକ ପାଣ୍ଡ୍ୟାଙ୍କ ସହିତ ୨୦୨୪ ବର୍ଷର ଆଇସିସି ଅନ୍ତର୍ଜାତୀୟ ଟି୨୦ ଟିମ୍ ଅଫ୍ ଦି ଇୟରରେ ସ୍ଥାନ ପାଇଛନ୍ତି।

୨୫ ବର୍ଷୀୟ ଅର୍ଶଦୀପ ଭାରତର ଟି୨୦ ବିଶ୍ୱକପ୍ ଟାଇଟଲ ସଫଳତାରେ ବଡ଼ ଭୂମିକା ରହିଥିଲା। ଆମେରିକାରେ ଅନୁଷ୍ଠିତ ଏହି ଟୁର୍ନାମେଣ୍ଟରେ ସେ ଉଭୟ ପାୱାରପ୍ଲେ ଓ ଡେଥ୍ ଓଭରରେ ଚମତ୍କାର ବୋଲିଂ କରିଥିଲେ। ସେ ୮ଟି ମ୍ୟାଚରେ ୧୨.୬୪ ଆଭରେଜରେ ୧୭ ଉଇକେଟ ନେଇଥିଲେ। ଫଳରେ ସେ ଆଫଗାନିସ୍ତାନର ଫଜଲହକ୍ ଫାରୁକିଙ୍କ ସହ ଟୁର୍ନାମେଣ୍ଟର ମିଳିତ ସର୍ବାଧିକ ଉଇକେଟ ହାସଲକାରୀ ବୋଲର ବିବେଚିତ ହୋଇଥିଲେ। ବାର୍ବାଡୋସରେ ଅନୁଷ୍ଠିତ ଫାଇନାଲରେ ଦକ୍ଷିଣ ଆଫ୍ରିକା ବିପକ୍ଷରେ ୭ ଉଇକେଟ ବିଜୟରେ ମଧ ତାଙ୍କର ପ୍ରମୁଖ ଭୂମିକା ରହିଥିଲା। ଏଥବରେ ସେ ୨୦ରନ ବିନିମୟରେ ୨ ଉଇକେଟ ନେଇଥିଲେ। ସେ ଦକ୍ଷିଣ ଆଫ୍ରିକା ଅଧିନାୟକ ଏଡେନ ମାରାକ୍ରମଙ୍କୁ ଆଉଟ କରିଥିବା ବେଳେ ମିଡ୍‌ଲ ଓଭରରେ କ୍ୱିଣ୍ଟନ ଡି'କକ୍‌ଙ୍କୁ ଆଉଟ କରି ବିପଜ୍ଜନକ ମନେ ହେଉଥିବା ପାର୍ଟନରଶିପ୍‌କୁ ଭଙ୍ଗ କରି ଦେଇଥିଲେ। ୧୯ତମ ଓଭରରେ ଅର୍ଶଦୀପ ମାତ୍ର ୪ ରନ ଦେଇଥିଲେ, ଯାହାଫଳରେ ମ୍ୟାଚ ଜିତାଇବା ଲାଗି ହାର୍ଦ୍ଦିକ ପାଣ୍ଡ୍ୟାଙ୍କ ପାଇଁ କ୍ଷେତ୍ର ପ୍ରସ୍ତୁତ ହୋଇଯାଇଥିଲା। ଅନ୍ତର୍ଜାତୀୟ ଟି୨୦ରେ ଗୋଟିଏ କ୍ୟାଲେଣ୍ଡର ବର୍ଷରେ ସର୍ବାଧିକ ଉଇକେଟ ହାସଲ କରିବାରେ ଅର୍ଶଦୀପଙ୍କ ଆଗରେ ମାତ୍ର ୪ଜଣ ଖେଳାଳି ରହିଛନ୍ତି। ସେମାନେ ହେଲେ ସଉଦି ଆରବର ଉସ୍‌ମାନ ନଜିବ (୩୮), ଶ୍ରୀଲଙ୍କାର ୱାନିନ୍ଦୁ ହସରଙ୍ଗା (୩୮), ୟୁଏଇର ଜୁନେଦ ସିଦ୍ଦିକି (୪୦ ଓ ହଂକଂର ଏହେସାନ ଖାନ୍ (୪୬)।

# ଆଇସିସି ଟି୨୦ ମହିଳା ଦଳରେ ମନ୍ଧାନା, ରିଚା ଦୀପ୍ତି

**ଦୁବାଇ, ୨୫।୧ (ପି.ଟି.)**

ଭାରତର ଷ୍ଟାର ଓପନର ସ୍ମୃତି ମନ୍ଧାନା, ଉଇକେଟକିପର ବ୍ୟାଟର ରିଚା ଘୋଷ ଏବଂ ଅଲରାଉଣ୍ଡର ଦୀପ୍ତି ଶର୍ମା ଶନିବାର ଅନ୍ତର୍ଜାତୀୟ କ୍ରିକେଟ ପରିଷଦ (ଆଇସିସି) ଦ୍ୱାରା ୨୦୨୪ ପାଇଁ ଘୋଷଣା କରାଯାଇଥିବା ଅନ୍ତର୍ଜାତୀୟ ମହିଳା ଟି୨୦ ଦଳରେ ସ୍ଥାନ ମିଳିଛି। ଭାରତରୁ ୩ ଜଣ ବ୍ୟତୀତ ଆଇସିସି ଦଳରେ ଦକ୍ଷିଣ ଆଫ୍ରିକାରୁ ୨ ଜଣ ଏବଂ ଶ୍ରୀଲଙ୍କା, ଇଂଲଣ୍ଡ, ୱେଷ୍ଟଇଣ୍ଡିଜ, ଅଷ୍ଟ୍ରେଲିଆ, ଆୟର୍ଲାଣ୍ଡ ଓ ପାକିସ୍ତାନର ଜଣେ ଲେଖାଏଁ ଖେଳାଳିଙ୍କୁ ସ୍ଥାନ ମିଳିଛି। ଶୁକ୍ରବାର ପ୍ରକାଶିତ ଆଇସିସିର ଦିନିକିଆ ଦଳରେ ମନ୍ଧାନା ଓ ଦୀପ୍ତିଙ୍କୁ ମଧ ସ୍ଥାନ ମିଳିଥିଲା।

# ଓଡ଼ିଶାଠାରୁ ମେଘାଳୟ ଆହୁରି ୧୨୯ ରନ ପଛୁଆ

**ଶିଲଂ (ମେଘାଳୟ), ୨୫।୧**

ଏଠାରେ ଚାଲିଥିବା ଏଲିଟ୍ ଗ୍ରୁପ୍ 'ଏ'ର ଏକ ରଣ୍‌ଜୀ ଟ୍ରଫି ମ୍ୟାଚରେ ଓଡ଼ିଶା ପ୍ରଥମ ଇନିଂସ ସ୍କୋରଠାରୁ ମେଘାଳୟ ଆହୁରି ୧୨୯ରନ ପଛରେ ରହିଛି। ଏହି ମ୍ୟାଚରେ ମେଘାଳୟର ପ୍ରଥମ ଇନିଂସ ସ୍କୋର ୧୯୮ ରନ ଜବାବରେ ଶୁକ୍ରବାର ଦ୍ୱିତୀୟ ଦିବସ ଖେଳ ଶେଷସୁଦ୍ଧା ୫୨୩/୭ ରନ କରିଥିବା ଓଡ଼ିଶା ଶନିବାର ଏହାର ପ୍ରଥମ ଇନିଂସ ୫୪୮/୭ରେ ଘୋଷଣା କରିଥିଲା। ଜବାବରେ ମେଘାଳୟ ତୃତୀୟ ଦିବସ ଖେଳ ଶେଷସୁଦ୍ଧା ୬ ଉଇକେଟ ବିନିମୟରେ ୨୨୧ ରନ କରିଛି। ଯଶକିରଟ ସିଂ ସଚଦେବା ୫୩ ରନ ଏବଂ ୱାନ୍‌ଲାମ୍ବକ ନଙ୍ଗଖ୍ଲୁ ୧୯ ରନ କରି କ୍ରିଜ୍‌ରେ ଅଛନ୍ତି। ଓଡ଼ିଶା ପକ୍ଷରୁ ରାଜେଶ ମହାନ୍ତି (୩/୪୯) ଓ ସୁନୀଲ ରାଉଲ (୩/୪୮) ଦୁଇଟି ଲେଖାଏ ଉଇକେଟ ଅକ୍ତିଆର କରିଥିଲେ। ରବିବାର ହେଉଛି ମ୍ୟାଚର ଅନ୍ତିମ ଦିବସ।

**ସଂକ୍ଷିପ୍ତ ସ୍କୋର**

ମେଘାଳୟ: ୧୯୮ ଓ ୨୨୧ (ସୁମିତ କୁମାର-୫୧, ଯଶକିରଟ-୫୩* ; ରାଜେଶ ମହାନ୍ତି ୩/୪୯, ସୁନୀଲ ରାଉଲ-୩/୪୮)।

ଓଡ଼ିଶା: ୫୪୮/୭ (ଗୋବିନ୍ଦ ପୋଦ୍ଦାର-୧୨୧, ନାଫିସ ସିଦ୍ଦିକ-୩/୯୧)।

# ନବଜୀବନ, ବାପୁଜୀ କ୍ଲବ ଫାଇନାଲରେ

**ସୋନପୁର, ୨୫।୧ (ମୃତ୍ୟୁଞ୍ଜୟ ଶତପଥୀ)**

## ସର୍ବଭାରତୀୟ ଲାଲମନି କ୍ରିକେଟ

ସୁନ୍ଦରଗଡ଼ର ନବଜୀବନ କ୍ରିକେଟ୍ କ୍ଲବ ଓ ଭୁବନେଶ୍ୱରର ବାପୁଜୀ କ୍ଲବ ସୁବର୍ଣ୍ଣପୁର ଗାନ୍ଧୀ ପଡ଼ିଆରେ ଚାଲିଥିବା ୩୬ତମ ସର୍ବଭାରତୀୟ ଲାଲମନି କ୍ରିକେଟ୍ ଟୁର୍ନାମେଣ୍ଟର ଫାଇନାଲରେ ପ୍ରବେଶ କରିଛନ୍ତି। ସୁବର୍ଣ୍ଣପୁର ଜିଲା କ୍ରିକେଟ୍ ସଂଘ ଆନୁକୂଲ୍ୟରେ ଚାଲିଥିବା ଏହି ଟୁର୍ନାମେଣ୍ଟର ଫାଇନାଲ ୨୬ତାରିଖ ରବିବାର ଅନୁଷ୍ଠିତ ହେବ। ଶନିବାର ଟୁର୍ନାମେଣ୍ଟର ୨ୟ ସେମିଫାଇନାଲରେ ବାପୁଜୀ କ୍ଲବ ଏନ୍‌ସିଏ ଭାଇଜାଗ୍‌କୁ ପରାସ୍ତ କରି ଫାଇନାଲରେ ପ୍ରବେଶ କରିଛି। ଟି ୨୦ ମ୍ୟାଚ୍‌ରେ ଭାଇଜାଗ ଦଳ ଟସ୍ ଜିତି ପ୍ରଥମେ ବ୍ୟାଟିଂ କରିବାକୁ ନିଷ୍ପତ୍ତି ନେଇଥିଲା। ଦଳ ନିର୍ଦ୍ଧାରିତ ଓଭର ଶେଷ ସୁଦ୍ଧା ୬ ଉଇକେଟ୍ ବିନିମୟରେ ୧୭୪ରନ ସଂଗ୍ରହ କରିଥିଲା। କେ.ଏ.ଏସ୍ ପ୍ରସାଦ ୪୬ରନ, ମୋହନ ରିଷି ୩୧ରନ, ଟି ସାଇ ୨୫ରନ, ଭାସୱନ୍ତ କ୍ରିଷ୍ଣା ୧୯ରନ ଓ ଏନ୍ ଭିନିଲ୍ ସାଗର ୧୫ରନ ସଂଗ୍ରହ କରିଥିଲେ। ଭୁବନେଶ୍ୱରର ଦେବବ୍ରତ ପ୍ରଧାନ, ମନୋଜ ବାରିକ୍, ପ୍ରୟାସ ସିଂହ ଓ ରାକେଶ ପଟ୍ଟନାୟକ ୧ଟି କରି ଉଇକେଟ୍ ଅକ୍ତିୟାର କରିଥିଲେ। ଜବାବରେ ବାପୁଜୀ କ୍ଲବ ୧୫.୨ ଓଭରରେ ୪ ଉଇକେଟ୍ ହରାଇ ୧୭୫ରନ କରିଥିଲା। କ୍ଷମାସାଗର ବଳ ୬୩ରନ, ଶ୍ରେଷ୍ଠ ସାଗର ୪୪ରନ, ସୟଦ୍ ଜାକି ୨୪ରନ ଓ ରାକେଶ ପଟ୍ଟନାୟକ ୧୬ରନ ସଂଗ୍ରହ କରିଥିଲେ। ଭାଇଜାଗର ନରେଶ, ଏସ୍ ଗୋବିନ୍ଦ, ମୋହନ ରିଷି ଓ ଚରଣ ତେଜା ପ୍ରତ୍ୟେକ ଗୋଟିଏ ଲେଖାଏ ଉଇକେଟ୍ ନେଇଥିଲେ।

ଟି ୧୦ ମ୍ୟାଚ୍‌ରେ ଭାଇଜାଗ୍ ଦଳ କେ.ଏ.ଏସ. ପ୍ରସାଦଙ୍କ ୩୬ରନ ସହାୟତାରେ ୧୦ଉଇକେଟ୍ ବିନିମୟରେ ୭.୫ଓଭରରେ ୫୯ରନ କରିଥିଲା। ବାପୁଜୀ କ୍ଲବର ରାକେଶ ପଟ୍ଟନାୟକ ୫ଟି ଓ ଦେବବ୍ରତ ପ୍ରଧାନ ୩ଟି ଉଇକେଟ୍ ଅକ୍ତିୟାର କରିଥିଲେ। ବାପୁଜୀ କ୍ଲବ ୬.୪ଓଭରରେ ୨ଉଇକେଟ୍ ବିନିମୟରେ ୬୨ରନ ସଂଗ୍ରହ କରିଥିଲା। ସିଦ୍ଧାନ୍ତ ଜେନା ୨୩ରନ ଓ ରାକେଶ ପଟ୍ଟନାୟକ ୧୪ରନ ସଂଗ୍ରହ କରିଥିଲେ। ଭାଇଜାଗର ଏମ. କାର୍ତ୍ତିକେୟ ଓ କେ. ନବୀନ ୨ଟି କରି ଉଇକେଟ୍ ଅକ୍ତିୟାର କରିଥିଲେ। ଉଭୟ ମ୍ୟାଚ୍‌ରେ ବାପୁଜୀ କ୍ଲବ ବିଜୟୀ ହୋଇଥିଲା। ବାପୁଜୀ କ୍ଲବର ରାକେଶ ପଟ୍ଟନାୟକଙ୍କୁ ମ୍ୟାନ୍ ଅଫ ଦି ମ୍ୟାଚ୍ ପୁରସ୍କାର ପ୍ରଦାନ କରାଯାଇଥିଲା। ପ୍ଲାବନ ମହାପାତ୍ର, ରମଣ ପ୍ରଧାନ ଓ ଶୈଳରଞ୍ଜନ ବାଦୀ ଅତିଥିଭାବେ ଯୋଗଦେଇ ପୁରସ୍କାର ପ୍ରଦାନ କରିଥିଲେ।



ଶନିବାର ମୁମ୍ବାଇସ୍ଥିତ ଶରଦ ପାୱାର କ୍ରିକେଟ ଏକାଡେମୀରେ ମୁମ୍ବାଇ ବିପକ୍ଷ ରଣଜୀ ଟ୍ରଫି ମ୍ୟାଚ ଜିତିବା ପରେ ଖୁସି ମୁହୂର୍ତ୍ତରେ ଜମ୍ମୁ-କଶ୍ମୀର ଖେଳାଳି।

4-Printed and published by Adyasha Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ

# ଧରିତ୍ରୀ
DHARITRI

ଧରିତ୍ରୀ 51 Years

ପୃଷ୍ଠା–୧୨+୮

ଭୁବନେଶ୍ୱର, ରବିବାର, ଜାନୁଆରୀ ୨୬/୨୦୨୫ (୧୨+୮=୨୦ ପୃଷ୍ଠା+ଛୁଟିଦିନ) Bhubaneswar, Sunday, January 26/2025 Page 20 ₹ 7.00

୫୧ଶ ଭାଗ ୬୪ ସଂଖ୍ୟା www.orissakhabar.com/www.dharitri.com | Printed at Bhubaneswar, Sambalpur, Rayagada & Angul VOLUME 51 ISSUE 64 ମୂଲ୍ୟ₹୭/-


## ଗୋଟିଏ ସରଳରେଖାରେ ୬ ଗ୍ରହ

ୱାଶିଂଟନ,୨୫।୧

ଏକ ବିରଳ ଜ୍ୟୋତିର୍ବିଜ୍ଞାନ ଘଟଣା ଶନିବାର ରାତିରେ ଦେଖିବାକୁ ମିଳିଛି। ଆକାଶରେ ଶୁକ୍ର, ମଙ୍ଗଳ, ବୃହସ୍ପତି, ଶନି, ନେପ୍‌ଚ୍ୟୁନ ଏବଂ ୟୁରେନସ୍ ଗୋଟିଏ ସରଳରେଖାରେ ଅବସ୍ଥାନ କରିଛନ୍ତି। ଜ୍ୟୋତିର୍ବିଜ୍ଞାନୀମାନେ ଏହାକୁ 'ଗ୍ରହ ପୁଞ୍ଜର ପରେଡ୍' ବୋଲି କହିଛନ୍ତି। ଏହି ଦୁର୍ଲଭ ଦୃଶ୍ୟ ଜାନୁଆରୀ ୧୮ରୁ ଦେଖିବାକୁ ମିଳୁଥିବାବେଳେ ଏହା ଆସନ୍ତା ଫେବୃଆରୀ ପ୍ରାରମ୍ଭ ଯାଏ ଜାରି ରହିବ। ଶନିବାର ରାତିରେ ଏହି ୬ ଗ୍ରହ ସୂର୍ଯ୍ୟଙ୍କ ଗୋଟିଏ ପଟେ ସରଳରେଖାରେ ଏକ ବିଶାଳ ଚାପ ମଧ୍ୟରେ ପୃଥିବୀ ଉପରେ ଥିବା ନେଇ ସ୍ପଷ୍ଟ ଭାବେ ଦେଖାଯାଇଛି। ଏହି ମହାଜାଗତିକ ଘଟଣାର ପ୍ରଭାବରେ ବିଶ୍ୱବ୍ୟାପୀ ଏକ ବଡ଼ ପରିବର୍ତ୍ତନ ଆସିପାରେ ବୋଲି ଜ୍ୟୋତିର୍ବିଜ୍ଞାନୀମାନେ ମତ ଦେଇଛନ୍ତି।



ବେଙ୍ଗାଲୁରୁସ୍ଥିତ ନେହେରୁ ପ୍ଲାନେଟାରିୟମ୍ ପକ୍ଷରୁ ଜାରି ଗ୍ରହଗୁଡ଼ିକର ସମାନ୍ତରାଳ ଅବସ୍ଥାନ ବେଳର ଦୃଶ୍ୟ। (ଫଟୋ: ପି.ଟି.)

## ଡାଇରେକ୍ଟ ଟୁ ମୋବାଇଲ ସେବା ଯୋଗାଇବ ଷ୍ଟାରଲିଙ୍କ୍

**୨୭ରୁ ପରୀକ୍ଷା**

ନୂଆଦିଲ୍ଲୀ,୨୫।୧

ଷ୍ଟାରଲିଙ୍କ୍‌ର ଡାଇରେକ୍ଟ-ଟୁ-ସେଲ୍ ସାଟେଲାଇଟ୍ ସେବା ଆସନ୍ତା ୨୭ରୁ ଏହାର ବେଟା ଟେଷ୍ଟିଂ ପର୍ଯ୍ୟାୟ ଆରମ୍ଭ କରିବାକୁ ଯାଉଛି। ବିଶ୍ୱସ୍ତରରେ ମୋବାଇଲ ସଂଯୋଗ କ୍ଷେତ୍ରରେ ଏହା ଏକ ବଡ଼ ପଦକ୍ଷେପ ଯାହା ଯୋଗାଯୋଗ କ୍ଷେତ୍ରରେ କ୍ରାନ୍ତିକାରୀ ପରିବର୍ତ୍ତନ ଆଣିବାକୁ ଯାଉଛି। ମୋବାଇଲ ସଂଯୋଗ ପାଇଁ ପାରମ୍ପରିକ ଟାୱାର ଉପରେ ଆଉ ନିର୍ଭର କରିବାକୁ ପଡ଼ିବ ନାହିଁ। ସିଧାସଳଖ ସାଟେଲାଇଟ୍‌ରୁ ସେଲ୍‌ଫୋନ୍‌କୁ ମୋବାଇଲ ଇଣ୍ଟରନେଟ୍ ସଂଯୋଗ ମିଳିବ। ମୋବାଇଲ ଟାୱାର ନ ଥିବା ଅଗମ୍ୟ ଅଞ୍ଚଳ ସମେତ ନେଟ୍‌ୱର୍କ ସମସ୍ୟା ଥିବା ☞ପୃଷ୍ଠା–୨

# ୪ ଓଡ଼ିଆଙ୍କୁ ପଦ୍ମଶ୍ରୀ

ନୂଆଦିଲ୍ଲୀ,୨୫।୧(ପି.ଟି.)



ପ୍ରତିଭା ଶତପଥୀ



ଦୁର୍ଗାଚରଣ ରଣବୀର



ଅଦ୍ୱୈତ ଚରଣ ଗଡ଼ନାୟକ



ଡା. ଅଶୋକ କୁମାର ମହାପାତ୍ର

୭୬ତମ ସାଧାରଣତନ୍ତ୍ର ଦିବସ ଅବ୍ୟବହିତ ପୂର୍ବରୁ କେନ୍ଦ୍ର ସରକାର ଶନିବାର ସନ୍ଧ୍ୟାରେ ପଦ୍ମପୁରସ୍କାର ବିଜେତାମାନଙ୍କ ନାମ ଘୋଷଣା କରିଛନ୍ତି। ଲୋକଲୋଚନଠାରୁ ଦୂରରେ ରହିଥିବା ୩୦ ଜଣ ସମେତ ମୋଟ ୧୧୩ ଜଣଙ୍କୁ ଚଳିତ ବର୍ଷ ପଦ୍ମଶ୍ରୀ ସମ୍ମାନ ପାଇଁ ମନୋନୀତ କରାଯାଇଛି। ସେମାନଙ୍କ ମଧ୍ୟରେ ଓଡ଼ିଶାର ୪ଜଣ ରହିଛନ୍ତି। ସେମାନେ ହେଲେ ସାହିତ୍ୟ ଓ ଶିକ୍ଷା କ୍ଷେତ୍ରରେ ପ୍ରତିଭା ଶତପଥୀ, କଳା କ୍ଷେତ୍ରରେ ଦୁର୍ଗାଚରଣ ରଣବୀର ଓ ଅଦ୍ୱୈତ ଚରଣ ଗଡ଼ନାୟକ ଏବଂ ମେଡିସନ କ୍ଷେତ୍ରରେ ଡା. ଅଶୋକ କୁମାର ମହାପାତ୍ର। ସେହିପରି ଗୋଆର ଶତାୟୁ ସ୍ୱାଧୀନତା ସଂଗ୍ରାମୀ, ପଶ୍ଚିମବଙ୍ଗର ଢାକ୍ ବାଦକ ଏବଂ ଭାରତର ପ୍ରଥମ ମହିଳା କଣ୍ଢେଇ ନୃତ୍ୟ କାରିଗର ପଦ୍ମଶ୍ରୀ ତାଲିକାରେ ରହିଛନ୍ତି। ଗୋଆର ସ୍ୱାଧୀନତା ସଂଗ୍ରାମରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନେଇଥିଲେ ଲିବିଆ ଲୋବୋ ସର୍ଦେଶାଇ। ସେ ୧୯୫୫ରେ ଜଙ୍ଗଲ ମଧ୍ୟରେ ଭୋଜ୍ ଡା ଲିବେରଡାବେ (ସ୍ୱାଧୀନତାର ସ୍ୱର) ନାମରେ ଏକ ଭୂତଳ ରେଡିଓ ଷ୍ଟେଶନ ସ୍ଥାପନ କରିଥିଲେ, ଯାହା ପର୍ତ୍ତୁଗିଜ ଶାସନ ବିରୋଧରେ ସ୍ୱର ଉତ୍ତୋଳନ କରୁଥିଲା। ସର୍ଦେଶାଇଙ୍କୁ ପଦ୍ମଶ୍ରୀ ପୁରସ୍କାର ପାଇଁ ☞ପୃଷ୍ଠା–୨

### ୭ ପଦ୍ମବିଭୂଷଣ, ୧୯ ପଦ୍ମଭୂଷଣ

ସାଧାରଣତନ୍ତ୍ର ଦିବସ ଅବ୍ୟବହିତ ପୂର୍ବରୁ ପଦ୍ମ ପୁରସ୍କାର ପାଇଁ ମନୋନୀତ ୧୩୯ ଖ୍ୟାତନାମା ବ୍ୟକ୍ତିଙ୍କ ମଧ୍ୟରୁ ୧୧୩ ଜଣ ପଦ୍ମଶ୍ରୀ ପାଇବାକୁ ଥିବାବେଳେ ୭ ଜଣ ବିଶିଷ୍ଟ ବ୍ୟକ୍ତିଙ୍କୁ ଦେଶର ଦ୍ୱିତୀୟ ସର୍ବୋଚ୍ଚ ବେସାମରିକ ସମ୍ମାନ ପଦ୍ମବିଭୂଷଣ, ୧୯ ଜଣଙ୍କୁ ତୃତୀୟ ସର୍ବୋଚ୍ଚ ସମ୍ମାନ ପଦ୍ମଭୂଷଣ ପୁରସ୍କାର ଦିଆଯିବ। ପୁରସ୍କାର ବିଜେତାଙ୍କ ମଧ୍ୟରେ ପୂର୍ବତନ ପ୍ରଧାନ ବିଚାରପତି ଜଗଦୀଶ ସିଂ ଖେହର, ସୁଜୁକି ମୁଖ୍ୟ ଓସାମୁ ସୁଜୁକି, ଲୋକଗୀତ ଗାୟକ ଶାରଦା ସିହ୍ନା ଏବଂ ପୂର୍ବତନ କ୍ରିକେଟର ଆର୍. ଅଶ୍ୱିନ ପ୍ରମୁଖ ରହିଛନ୍ତି। ତେବେ ପଦ୍ମଭୂଷଣ ଓ ପଦ୍ମବିଭୂଷଣ ବର୍ଗରେ କେହି ଜଣେ ହେଲେ ଓଡ଼ିଆ ମନୋନୀତ ହୋଇନାହାନ୍ତି।

# ଭାରତକୁ ପ୍ରତ୍ୟର୍ପିତ ହେବେ ତହଉର ରାଣା

ୱାଶିଂଟନ/ନୂଆଦିଲ୍ଲୀ,୨୫।୧

### ୨୬/୧୧ ଅଭିଯୁକ୍ତଙ୍କୁ ଆଣିବା ଆବେଦନକୁ ଆମେରିକା ସୁପ୍ରିମକୋର୍ଟଙ୍କ ମଞ୍ଜୁରୀ



୨୦୦୮ ନଭେମ୍ବର ୨୬ରେ ମୁମ୍ବାଇରେ ହୋଇଥିବା ଆତଙ୍କବାଦୀ ଆକ୍ରମଣର ଅନ୍ୟତମ ଅଭିଯୁକ୍ତ ତହଉର ହୁସେନ୍ ରାଣାଙ୍କୁ ଭାରତ ପ୍ରତ୍ୟର୍ପଣ ନେଇ ପଥ ପରିଷ୍କାର ହୋଇଯାଇଛି। ପ୍ରତ୍ୟର୍ପଣ ଆବେଦନକୁ ଆମେରିକା ସୁପ୍ରିମକୋର୍ଟ ଶନିବାର ଅନୁମୋଦନ କରିଛନ୍ତି। ଡୋନାଲ୍ଡ ଟ୍ରମ୍ପ ଆମେରିକା ରାଷ୍ଟ୍ରପତି ଭାବେ ଦାୟିତ୍ୱ ଗ୍ରହଣ କରିବା ପରେ ଗତବର୍ଷ ନଭେମ୍ବରରେ ରାଣା ଦାଏର କରିଥିବା ରିଟ୍ ପିଟିଶନ୍‌କୁ ସୁପ୍ରିମକୋର୍ଟ ଖାରଜ କରିଦେଇଛନ୍ତି। ଭାରତର ପ୍ରତ୍ୟର୍ପଣ ଆବେଦନକୁ ଆମେରିକା ସରକାର ସମର୍ଥନ ଜଣାଇବା ସହ ରାଣାଙ୍କ ରିଟ୍ ପିଟିଶନକୁ ଖାରଜ କରିଦେବା ପାଇଁ ସର୍ବୋଚ୍ଚ ଅଦାଲତଙ୍କୁ ନିବେଦନ କରିଥିଲେ। ରାଣାଙ୍କ ପ୍ରତ୍ୟର୍ପଣକୁ ଅଟକାଇବା ପାଇଁ ତାଙ୍କ ଓକିଲ ନିବେଦନ କରି ରିଟ୍ ପିଟିଶନ ଦାଏର କରିଥିଲେ। ପୂର୍ବରୁ ରାଣା ଆମେରିକାର କେତେକ ତଳକୋର୍ଟରେ ଆବେଦନ କରିଥିଲେ ମଧ୍ୟ ତାହା ଖାରଜ ହୋଇଯାଇଥିଲା।

୨୬/୧୧ ମୁମ୍ବାଇ ଆକ୍ରମଣର ମୁଖ୍ୟ ଷଡ଼ଯନ୍ତ୍ରକାରୀ ପାକିସ୍ତାନୀ-ଆମେରିକୀୟ ଆତଙ୍କବାଦୀ ଡାଭିଡ୍ କୋଲେମାନ୍ ହେଡ୍‌ଲିଙ୍କ ସହ ରାଣାଙ୍କର ଘନିଷ୍ଠ ସମ୍ପର୍କ ରହିଛି। ୨୦୦୮ରେ ୧୦ ପାକିସ୍ତାନୀ ଆତଙ୍କବାଦୀ ସମୁଦ୍ରପଥରେ ଆସି ଭାରତର ଅର୍ଥନୈତିକ ରାଜଧାନୀ ମୁମ୍ବାଇରେ ପ୍ରବେଶ କରିବା ପରେ ଜୋର୍‌ଦାର ଆକ୍ରମଣ କରିଥିଲେ। ସେମାନଙ୍କ ଆକ୍ରମଣରେ ୬ ଆମେରିକୀୟଙ୍କ ସମେତ ୧୬୬ ଜଣଙ୍କ ମୃତ୍ୟୁ ଘଟିଥିଲା। ସୁରକ୍ଷା କର୍ମୀଙ୍କ ଗୁଳିରେ ୯ ଜଣ ଆତଙ୍କବାଦୀ ନିହତ ହୋଇଥିବାବେଳେ ବଞ୍ଚିଯାଇଥିବା ଆକ୍ରମଣକାରୀ ଅଜମଲ କସବଙ୍କୁ ଦୀର୍ଘଦିନର ବିଚାର ପ୍ରକ୍ରିୟା ପରେ ୨୦୧୨ ନଭେମ୍ବରରେ ଫାଶୀ ଦିଆଯାଇଥିଲା।

# ବଢ଼ିପାରେ ପ୍ରତାପଙ୍କ ଅଡୁଆ

ନିଶ୍ଚିନ୍ତକୋଇଲି,୨୫।୧
(ଅଶୋକ କୁମାର ମହାପାତ୍ର)

### ସୁପ୍ରିମକୋର୍ଟରେ ମାହାଙ୍ଗା ଡବଲ ମର୍ଡର ମାମଲା

**୪ ସପ୍ତାହରେ ରିପୋର୍ଟ ଦାଖଲ ନିର୍ଦ୍ଦେଶ**



ପ୍ରତାପ ଜେନା

ମାହାଙ୍ଗା ଡବଲ ମର୍ଡର ଘଟଣାରେ ସୁପ୍ରିମକୋର୍ଟ ବିଜେଡି ନେତା ପ୍ରତାପ ଜେନାଙ୍କ ସମ୍ପୃକ୍ତି ନେଇ ୪ ସପ୍ତାହ ମଧ୍ୟରେ ଜବାବ ଦାଖଲ କରିବାକୁ ଓଡ଼ିଶା ସରକାରଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ପୂର୍ବରୁ ଏହି ମାମଲାରେ ହାଇକୋର୍ଟରୁ ଆଶ୍ୱସ୍ତି ପାଇଥିବା ପ୍ରତାପଙ୍କ ପାଇଁ ଶୀର୍ଷ ଅଦାଲତଙ୍କ ନିର୍ଦ୍ଦେଶ ଅଡୁଆ ବୃଦ୍ଧିର କାରଣ ହୋଇପାରେ। ମୃତ କୁଳମଣି ବରାଳଙ୍କ ପୁଅ ରଞ୍ଜିତ ବରାଳ ହାଇକୋର୍ଟରୁ ନିରାଶ ହେବା ପରେ ସୁପ୍ରିମକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ସୁପ୍ରିମକୋର୍ଟ ଉକ୍ତ ମାମଲାକୁ ଗମ୍ଭୀରତାର ସହ ଗ୍ରହଣ କରି ୪ ସପ୍ତାହ ପରେ ପରବର୍ତ୍ତୀ ଶୁଣାଣି କରିବାକୁ ଧାର୍ଯ୍ୟ କରିଛନ୍ତି। ଏହି ୪ ସପ୍ତାହ ମଧ୍ୟରେ ଅପରପକ୍ଷ କାଉଣ୍ଟର ସତ୍ୟପାଠ ଦାଖଲ କରିପାରିବେ। ଏଥିସହ କୋର୍ଟରେ ସାକ୍ଷୀମାନେ ଦେଇଥିବା ବୟାନର ରେକର୍ଡ ଦାଖଲ କରିବାକୁ ମଧ୍ୟ ସର୍ବୋଚ୍ଚ ଅଦାଲତଙ୍କ ନିର୍ଦ୍ଦେଶ ରହିଛି। ଏହି ଆଦେଶ ଆସିବା ପରେ ମାହାଙ୍ଗା ରାଜନୀତିରେ ପୁଣି ହଟଚମଟ ଆରମ୍ଭ ହୋଇଛି।

ସୂଚନା ଅନୁଯାୟୀ, ୨୦୨୧ ଜାନୁଆରୀ ୨ରେ କଟକ ଜିଲା ମାହାଙ୍ଗା ଥାନା ଅଧୀନ ନୃତାଙ୍ଗ ପଞ୍ଚାୟତର କୁଳମଣି ବରାଳ ଓ ତାଙ୍କ ସହଯୋଗୀ ଦିବ୍ୟସିଂହ ବରାଳଙ୍କୁ ଆକ୍ରମଣ କରାଯାଇଥିଲା। ଘଟଣାସ୍ଥଳରେ କୁଳମଣିଙ୍କ ମୃତ୍ୟୁ ଘଟିଥିବାବେଳେ ଗୁରୁତର ଅବସ୍ଥାରେ ଦିବ୍ୟସିଂହଙ୍କୁ କଟକ ବଡ଼ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ହେଲେ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଏହି ☞ପୃଷ୍ଠା–୨







# ପାଣିରେ ୧୨୦ ଦିନ ରହି ବିଶ୍ୱ ରେକର୍ଡ

**ପ୍ୟୋର୍ଟୋ ଲିଣ୍ଡୋ,୨୫।୧**



ଜର୍ମାନ ଏରୋସ୍ପେସ୍ ଇଞ୍ଜିନିୟର ରୁଡିଗର କୋଚ୍ (୫୯) ପାଣି ଭିତରେ ୧୨୦ ଦିନ ବିତାଇ ନୂତନ ଗିନିଜ୍ ୱାର୍ଲ୍ଡ ରେକର୍ଡ୍ସ (ଜିଡବ୍ଲ୍ୟୁଆର୍) ସ୍ଥାପନ କରିଛନ୍ତି। ପାନାମା ଉପକୂଳସ୍ଥିତ ସମୁଦ୍ର ମଧ୍ୟରେ ଏକ ୩୦ ବର୍ଗ ମିଟରର (୩୨୦ ବର୍ଗ ଫୁଟ) କ୍ୟାପସୁଲରେ ରୁଡିଗର ୧୨୦ ଦିନ ରହି ରେକର୍ଡ ସୃଷ୍ଟି କରିଛନ୍ତି। ଶନିବାର ସେ ଗିନିଜ୍ ଅଧିକାରୀ ସୁସାନା ରେୟେସଲଙ୍କ ଉପସ୍ଥିତିରେ ସମୁଦ୍ର ଭିତରୁ ବାହାରିଥିଲେ। ପୂର୍ବରୁ ଏହି ରେକର୍ଡ ଆମେରିକୀୟ ଜୋସେଫ ଡେଟୁରିଙ୍କ ନାମରେ ରହିଥିଲା। ସେ ଫ୍ଲୋରିଡାର ଏକ ହ୍ରଦରେ ଥିବା ଅଣ୍ଡର ୱାଟର ଲଜ୍‌ରେ ୧୦୦ ଦିନ ପର୍ଯ୍ୟନ୍ତ ବିତାଇଥିଲେ ବୋଲି ସୁସାନା କହିଛନ୍ତି।

ସମୁଦ୍ରର ୧୧ ମିଟର (ପ୍ରାୟ ୩୬ ଫୁଟ) ତଳେ ଏତେ ଲମ୍ବା ସମୟ ଧରି ରହିବା ପରେ ବାହାରକୁ ଆସି ରୁଡିଗର କହିଛନ୍ତି, ଏହା ଏକ ରୋମାଞ୍ଚକର ଯାତ୍ରା ଥିଲା। ସେ ଏହି ଦୁଃସାହସିକ ଅନୁଭୂତିକୁ ଖୁବ୍ ଉପଭୋଗ କରିଥିଲେ। କ୍ୟାପ୍‌ସୁଲର ଝରକାରୁ ଅତ୍ୟନ୍ତ ଶାନ୍ତ ପରିବେଶ ମଧ୍ୟରେ ସମୁଦ୍ରରେ ଉଜ୍ଜ୍ୱଳତାକୁ ଦେଖିବା ଅତ୍ୟନ୍ତ ଆନନ୍ଦଦାୟକ ଥିଲା। ବାସ୍ତବରେ ସାମୁଦ୍ରିକ ପରିବେଶ ମାନବ ପାଇଁ ବ୍ୟବହାରଯୋଗ୍ୟ, ଏହାକୁ ପ୍ରମାଣ କରି ଦେଖାଇବା ଉଦ୍ଦେଶ୍ୟରେ ସେ ପାଣି ଭିତରେ ଦୀର୍ଘ ୪ ମାସ ଧରି ରହିଥିବା ରୁଡିଗର କହିଛନ୍ତି। ତେବେ ରୁଡିଗର ଥିବା କ୍ୟାପ୍‌ସୁଲ ମଧ୍ୟରେ ୪ଟି କ୍ୟାମେରା ତାଙ୍କ ଗତିବିଧି ଉପରେ ଭିଡିଓଗ୍ରାଫି କରୁଥିଲେ। ଏହାଫଳରେ ତାଙ୍କର ଦିନଚର୍ଯ୍ୟା, ମାନସିକ ସ୍ୱାସ୍ଥ୍ୟ ଉପରେ ନଜର ରଖାଯିବା ସହ ୪ ମାସ ଧରି ରୁଡିଗର ସମୁଦ୍ରରୁ ବାହାରକୁ ଆସିନାହାନ୍ତି ବୋଲି ପ୍ରମାଣ ରହିଥିଲା। ସେହିପରି ଉକ୍ତ କ୍ୟାପ୍‌ସୁଲରେ ଏକ ବେଡ୍, ଶୌଚାଳୟ, ଟିଭି, କମ୍ପ୍ୟୁଟର, ଇଣ୍ଟରନେଟ୍, ବ୍ୟାୟାମ ସୁବିଧା ଆଦିର ବ୍ୟବସ୍ଥା ମଧ୍ୟ ରହିଥିଲା।

# ପାଟାଥନ୍‌ରେ ପାଟଶାଢ଼ି ପିନ୍ଧି ଦୌଡ଼ିଲେ ୬ ହଜାର ମହିଳା



**ଭୁବନେଶ୍ୱର,୨୫।୧(ସୁଚିସ୍ମିତା ସାହୁ)**

## କିଟ୍ ଓ କିସ୍ ପକ୍ଷରୁ ମିନି ମାରାଥନ

କିଟ୍ ଓ କିସ୍ ପକ୍ଷରୁ ମିନି ମାରାଥନ 'ପାଟାଥନ'ର ଦ୍ୱିତୀୟ ସଂସ୍କରଣ ଶନିବାର ଅନୁଷ୍ଠିତ ହୋଇଯାଇଛି। ଶିଖରଚଣ୍ଡୀ ମନ୍ଦିର ଛକରୁ ମାରାଥନ ବାହାରି କିସ୍ ଆଥ୍‌ଲେଟିକ ଷ୍ଟାଡିୟମ ପର୍ଯ୍ୟନ୍ତ ଯାଇଥିଲା। ଏଥିରେ ୬ହଜାର ମହିଳା ପାଟଶାଢ଼ୀ ପିନ୍ଧି ଦୌଡିଥିଲେ। 'ମହିଳା ସଶକ୍ତୀକରଣ' ଓ 'ସମସ୍ତଙ୍କ ପାଇଁ ଶିକ୍ଷା' ଲକ୍ଷ୍ୟରେ ଏହି ମାରାଥନ ଓଡିଶାର ୩୭ଟି ସ୍ଥାନ ଓ ଭାରତର ୬୫ରୁ ଅଧିକ ସହରରେ ଆୟୋଜନ କରାଯାଇଥିଲା। କିଟ୍, କିସ୍ ଓ କିମ୍ସର ୫ ହଜାର ମହିଳା କର୍ମଚାରୀ ଏବଂ ରାଜ୍ୟର ବିଭିନ୍ନ ସ୍ଥାନରୁ ଆସିଥିବା ମହିଳାମାନେ ଏହି ଗଣଦୌଡରେ ସାମିଲ ହୋଇଥିଲେ। ତେବେ ରାଉରକେଲାର କିରଣ ମାହାତୋ ପ୍ରଥମ ପୁରସ୍କାର ସହ ୫୦ ହଜାର ଟଙ୍କା ଜିତିଥିଲେ। ସେହିପରି କଟକର ତେଜସ୍ୱିନୀ କିସପଟ୍ଟା ଦ୍ୱିତୀୟ ଓ ସସ୍ମିତା ବେହେରା ତୃତୀୟ ସ୍ଥାନରେ ରହି ଯଥାକ୍ରମେ ୪୦ହଜାର ଓ ୩୦ ହଜାର ଟଙ୍କା ପୁରସ୍କାର ରାଶି ପାଇଥିଲେ। ଏଥିସହ ୭ଜଣ ରନର୍ସଅପ୍‌ଙ୍କୁ ୧୦ ହଜାର ଟଙ୍କା ଲେଖାଏ ପୁରସ୍କାର ପ୍ରଦାନ କରାଯିବା ସହିତ ବିଜୟୀଙ୍କୁ ପାଟଶାଢ଼ୀ ପ୍ରଦାନ କରାଯାଇଥିଲା। କିଟ୍ କେ- ୩ ମହିଳା କ୍ଲବ ପକ୍ଷରୁ ଆୟୋଜିତ କାର୍ଯ୍ୟକ୍ରମରେ ବାଚସ୍ପତି ସୁରମା ପାଢ଼ୀ, ମେୟର ସୁଲୋଚନା ଦାସ, କର୍ପୋରେଟର ପ୍ରୀତିନନ୍ଦା ରାଉତରାୟ, ଅଲିମ୍ପିଆନ୍ ଦୃତି ଚାନ୍ଦ ଓ ଅନୁରାଧା ବିଶ୍ୱାଳ, କିଟ୍ ଓ କିସ୍ ପ୍ରତିଷ୍ଠାତା ଡ. ଅଚ୍ୟୁତ ସାମନ୍ତ, କିଟ୍ ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ଶରଣଜିତ ସିଂ, କୁଳସଚିବ ପ୍ରଫେସର ଜ୍ଞାନ ରଞ୍ଜନ ମହାନ୍ତି ପ୍ରମୁଖ ଯୋଗଦେଇ ସମସ୍ତଙ୍କୁ ଉତ୍ସାହିତ କରିଥିଲେ।

# ପଦ୍ମଶ୍ରୀ ବିଜେତାଙ୍କୁ ଭେଟିଲେ ମୁଖ୍ୟମନ୍ତ୍ରୀ



**ଭୁବନେଶ୍ୱର,୨୫।୧ (ଅନିଲ ଦାସ)**

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଶନିବାର ପଦ୍ମଶ୍ରୀ ବିଜେତାଙ୍କୁ ସାକ୍ଷାତ କରିବା ସହ ସେମାନଙ୍କ ଅବଦାନକୁ ପ୍ରଶଂସା କରିଛନ୍ତି। ଏ ନେଇ ମୁଖ୍ୟମନ୍ତ୍ରୀ ତାଙ୍କ ସୋସିଆଲ ମିଡିଆ ଏକ୍ସ'ରେ ସୂଚନା ଦେଇଛନ୍ତି। ମୁଖ୍ୟମନ୍ତ୍ରୀ ପଦ୍ମଶ୍ରୀ ଜିତେନ୍ଦ୍ର ହରିପାଲ, ଚତୁର୍ଭୁଜ ମେହେର, ପ୍ରମୋଦ ଭଗତ, ସୁଦର୍ଶନ ସାହୁ ଓ ଅନ୍ୟମାନଙ୍କୁ ସାକ୍ଷାତ କରିବା ସହ ବାର୍ତ୍ତାଳାପ କରିଛନ୍ତି। ରାଜ୍ୟ ସରକାର ସେମାନଙ୍କ ଅବଦାନକୁ ସମ୍ମାନ ଜଣାଇ ପ୍ରତ୍ୟେକ ମାସରେ ୩୦ ହଜାର ଟଙ୍କାର ଭତ୍ତା ଦେବାକୁ ଘୋଷଣା କରିଛନ୍ତି। ଓଡ଼ିଶାର ସମୃଦ୍ଧ ସଂସ୍କୃତି ଓ ଐତିହ୍ୟକୁ ଆଗାମୀ ଦିନ ପାଇଁ କିପରି ସଂରକ୍ଷଣ ରଖାଯାଇ ପାରିବ ସେ ନେଇ ଆଲୋଚନା କରିଛନ୍ତି।

# ୩.୯୧ ଲକ୍ଷ ଏକର ଜମିକୁ ଜଳସେଚନ

**ଭୁବନେଶ୍ୱର,୨୫।୧(ଅନିଲ ଦାସ)**

**୫ ବର୍ଷରେ ଖର୍ଚ୍ଚ ହେବ ୯୬୫୨.୨୪ କୋଟି**

ରାଜ୍ୟ ସରକାର ଆସନ୍ତା ୫ ବର୍ଷ ମଧ୍ୟରେ ରାଜ୍ୟରେ ୩.୯୧ ଲକ୍ଷ ଏକର ଜମିକୁ ଜଳସେଚନ ସୁବିଧା ଯୋଗାଇ ଦେବାକୁ ଯୋଜନା କରିଛନ୍ତି । ଏଥିପାଇଁ ରାଜ୍ୟ ସରକାର ନିଜସ୍ୱ ପାଣ୍ଠିରୁ ୯୬୫୨.୨୪କୋଟି ଟଙ୍କା ଖର୍ଚ୍ଚ କରିବେ । 'ଜଳକ୍ଷେତ୍ର ଭିତ୍ତିଭୂମି ଉନ୍ନୟନ କାର୍ଯ୍ୟକ୍ରମ' ଯୋଜନାରେ ଏହି ଜଳସେଚନ ଭିତ୍ତିଭୂମି ସୃଷ୍ଟି ହେବ । ଜଳସମ୍ପଦ ବିଭାଗ ପକ୍ଷରୁ ଜାରି ସଙ୍କଳ୍ପ ପତ୍ର ଅନୁ ଯାୟୀ ଏହି ଯୋଜନାରେ ୫ ବର୍ଷ ମଧ୍ୟରେ ଅତିରିକ୍ତ ଭାବେ ୧୫୮୩୧୮ ହେକ୍ଟର ଜମିରେ ସେଚାଞ୍ଚଳ ସୃଷ୍ଟି ସହିତ ୬୪୩୫ ହେକ୍ଟର ସେଚାଞ୍ଚଳର ସୁଦୃଢ଼ୀକରଣ କରାଯିବ। ନୂତନ ଜଳସେଚନ ପ୍ରକଳ୍ପର ଭିତ୍ତିଭୂମି ସ୍ଥାପନ ତଥା ସର୍ଭେ ଓ ଅନୁସନ୍ଧାନ, ନଦୀ ଅବବାହିକାରେ ବନ୍ୟା ଓ ମରୁଡ଼ି ପରିସ୍ଥିତିର ନିୟନ୍ତ୍ରଣ, ପର୍ଯ୍ୟାପ୍ତ ପାଣ୍ଠିର ବ୍ୟବସ୍ଥା ସହିତ ନିର୍ମାଣାଧୀନ ଜଳସେଚନ ପ୍ରକଳ୍ପଗୁଡ଼ିକର ନିର୍ଦ୍ଦିଷ୍ଟ ସମୟ ଅବଧି ମଧ୍ୟରେ ସମ୍ପୂର୍ଣ୍ଣ କରିବା ଏବଂ ପିଏମ୍‌କେଏସ୍‌ୱାଇ ପରି କେନ୍ଦ୍ରୀୟ ଅନୁଦାନ ପାଇବା ନିମନ୍ତେ ପ୍ରକଳ୍ପର ପୂର୍ବ କାର୍ଯ୍ୟକଳାପ ସମାପ୍ତ କରି ନିର୍ମାଣ କାର୍ଯ୍ୟକୁ ଅଗ୍ରୀମ ପର୍ଯ୍ୟାୟକୁ ନେବା ଏହି ଯୋଜନାର ମୁଖ୍ୟ ଉଦ୍ଦେଶ୍ୟ ବୋଲି ବିଭାଗ ପକ୍ଷରୁ କୁହାଯାଇଛି । ଏହି ଯୋଜନାରେ ୫ ବର୍ଷ ମଧ୍ୟରେ ନିର୍ମାଣାଧୀନ ପ୍ରକଳ୍ପ କାର୍ଯ୍ୟ ଶେଷ ପାଇଁ ୬୦୫୭.୬୭କୋଟି ଟଙ୍କା ଓ ନୂଆ ପ୍ରକଳ୍ପ ପାଇଁ ୩୫୯୪.୫୮କୋଟି ଟଙ୍କା ଖର୍ଚ୍ଚ ହେବ ବୋଲି ଜଣାପଡ଼ିଛି ।ଅନ୍ୟପକ୍ଷରେ ରାଜ୍ୟରେ ମୋଟ ୬୧.୮୦ଲକ୍ଷ ହେକ୍ଟର ଚାଷଜମି ଥିବାବେଳେ ସେଥିରୁ ୨୦୨୪ ମାର୍ଚ୍ଚ ଶେଷସୁଦ୍ଧା ୪୯.୯୩ ଲକ୍ଷ ହେକ୍ଟର ଚାଷଜମିକୁ ଜଳସେଚନ ସୁବିଧା ଉପଲବ୍ଧ ହୋଇସାରିଛି । ଏବେ ଏହି ଯୋଜନାରେ ଆଉ ୧.୫୮ଲକ୍ଷ ହେକ୍ଟର ଚାଷଜମି (୩.୯୧ଲକ୍ଷ ଏକର)କୁ ଜଳସେଚନ ସୁବିଧା ଯୋଗାଇବାକୁ ରାଜ୍ୟ ସରକାର ବଜେଟରେ ଆବଶ୍ୟକ ବ୍ୟୟବରାଦ କରିଥିବା ଜଣାପଡ଼ିଛି ।

# ସ୍ୱାଧୀନତା ସଂଗ୍ରାମୀ କେଶବ ପାଣିଗ୍ରାହୀଙ୍କ ପରଲୋକ

## ଗାର୍ଡ ଅଫ୍ ଅନର ପରେ ଶେଷକୃତ୍ୟ ସମ୍ପନ୍ନ

**ନୀଳଗିରି, ୨୫।୧(ପ୍ରଶାନ୍ତ ବିଶ୍ୱାଳ)**

ନୀଳଗିରି ଉପଖଣ୍ଡ ଔପଦା ବ୍ଲକ ଅଧୀନ ଦକ୍ଷିଣନରସିଂହପୁର ଗାଁର ବିଶିଷ୍ଟ ସ୍ୱାଧୀନତା ସଂଗ୍ରାମୀ କେଶବ ଚନ୍ଦ୍ର ପାଣିଗ୍ରାହୀ(୯୮)ଙ୍କ ଶୁକ୍ରବାର ରାତି ପ୍ରାୟ ୧୦ଟା ବେଳେ ନିଜ ବାସଭବନରେ ପରଲୋକ ହୋଇଯାଇଛି। ସେ ଦୀର୍ଘଦିନରୁ ବାର୍ଦ୍ଧକ୍ୟଜନିତ ରୋଗରେ ପୀଡ଼ିତ ଥିଲେ। ତାଙ୍କ ବିୟୋଗରେ ଜିଲାରେ ଶୋକର ଛାୟା ଖେଳିଯାଇଛି। ମୃତ୍ୟୁଶଯ୍ୟା ନିକଟରେ ୪ ପୁଅ ଓ ୩ ଝିଅ ସମେତ ବୋହୂ, ନାତି ନାତୁଣୀ ଉପସ୍ଥିତ ଥିଲେ। ଶନିବାର ତାଙ୍କ ଶ୍ମଶାନରେ ଗାର୍ଡ଼ ଅଫ୍ ଅନର ଦିଆଯାଇ କେଶବଙ୍କ ଶେଷକୃତ୍ୟ ସମ୍ପନ୍ନ କରାଯାଇଛି। ଏହି ସମୟରେ ନୀଳଗିରି ତହସିଲଦାର ସୋନମ ଦାସ, ଏସ୍‌ଡିପିଓ ସରୋଜ କୁମାର ଉପାଧ୍ୟାୟ ଓ ଆଇଆଇସି ଗୋପାଳ ଚନ୍ଦ୍ର କର୍ଣ୍ଣ ପ୍ରମୁଖ ଉପସ୍ଥିତ ଥିଲେ।



୧୯୨୭ ମସିହା ଏପ୍ରିଲ ୬ ତାରିଖରେ ସେ ଜନ୍ମଗ୍ରହଣ କରିଥିଲେ। ପାଠପଢ଼ିବା ବୟସରୁ ମହାତ୍ମା ଗାନ୍ଧୀଙ୍କ ଆଦର୍ଶରେ ଅନୁପ୍ରାଣିତ ହୋଇଥିଲେ। ଏନେଇ ସେ ଇଂରେଜ ସରକାରଙ୍କ ନଜରବନ୍ଦୀରେ ସବୁବେଳେ ରହି ଆସୁଥିଲେ। ୬।୧୦।୧୯୪୨ରୁ ୭।୧୦।୧୯୪୩ ଭାରତଛାଡ଼ ଆନ୍ଦୋଳନ ପାଇଁ ୧ବର୍ଷ ପାଇଁ କାରାବାସ ଯାଇଥିଲେ। ଏପରିକି ଆନ୍ଦୋଳନରେ ବାରମ୍ବାର ସାମିଲ ହେବା ଯୋଗୁ ତାଙ୍କ ୮ ଏକର ୬୪ ଡିସମିଲ ପୈତୃକ ଜମିକୁ ମାତ୍ର ୧୪୫ ଟଙ୍କାରେ ନିଲାମ କରି ଦିଆଯାଇଥିଲା। ସମ୍ପତ୍ତିକୁ ବାଜ୍ୟାପ୍ତି କରାଯାଇଥିଲା। ଦେଶ ସ୍ୱାଧୀନତା ପାଇବା ପରେ ତାଙ୍କୁ ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ପକ୍ଷରୁ ସ୍ୱାଧୀନତା ସଂଗ୍ରାମୀ ଭାବେ ମାନ୍ୟତା ଦିଆଯାଇଥିଲା। ଏହି ବିଶିଷ୍ଟ ସ୍ୱାଧୀନତା ସଂଗ୍ରାମୀଙ୍କୁ ୨୦୧୩ ମସିହା କ୍ରାନ୍ତିଦିବସରେ ତତ୍କାଳୀନ ରାଷ୍ଟ୍ରପତି ପ୍ରଣବ ମୁଖାର୍ଜୀ ତାଙ୍କୁ ସମ୍ବର୍ଦ୍ଧିତ କରିଥିଲେ।

# ୨ ଗିରଫ, ୧୧ ଲକ୍ଷ ୨୩ ହଜାର ଜବତ

**ନବରଙ୍ଗପୁର,୨୫।୧ (ସଦାଶିବ ପ୍ରହରାଜ)**

ଗତ ୧୩ ତାରିଖ ସନ୍ଧ୍ୟାରେ ନବରଙ୍ଗପୁର ଦାରୁବନ୍ଧ ସାହି ବ୍ୟବସାୟୀ ସରୋଜ ମହାନ୍ତିଙ୍କ ଘରୁ ୧୮ ଲକ୍ଷ ଟଙ୍କା ଓ ୧୦ ଭରି ସୁନା ଲୁଟ୍ ଘଟଣାରେ ନବରଙ୍ଗପୁର ପୋଲିସ ୨ ଜଣଙ୍କୁ ଗିରଫ କରିଛି। ସେମାନେ ହେଲେ ଢେଙ୍କାନାଳ ଜିଲା କାମାକ୍ଷାନଗର ବୈଶିଙ୍ଗା ଅଞ୍ଚଳର ଚିନ୍ମୟ କୁମାର ସାହୁ ଓ ନବରଙ୍ଗପୁର କେଉଟସାହିର ଶ୍ରୀମାନ୍ କୁମାର ଘଡ଼େଇ। ସେମାନଙ୍କଠାରୁ ୧୧ ଲକ୍ଷ ୨୩ ହଜାର ଟଙ୍କା, ବାଇକ୍ , ଗୋଟିଏ ସୁନାଚେନ୍, ମୁଦି, ଛୁରି, ଓ ୩ଟି ମୋବାଇଲ ଜବତ କରାଯାଇଥିବା ଶନିବାର ମଧ୍ୟାହ୍ନ ୧୨ଟାରେ ଏସ୍‌ପି ମିହିର କୁମାର ପଣ୍ଡା ଏକ ଖବରଦାତା ସମ୍ମିଳନୀରେ ସୂଚନା ଦେଇଛନ୍ତି।




ଶନିବାର ଅପରାହ୍ନ ୫ଟାରେ ମହାକାଶରୁ ଉତ୍ତୋଳିତ ପାଣିପାଗ ଚିତ୍ର।

# ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ତତଲା ଭାତରେ ଘିଅ**
**ଚିତା କୁଟିଦେବି ମନକୁ ଚାହିଁଲୋ**
**ଝଟକି ଦିଶିବ ଦିହ ।**

ଆଗକାଳରେ ଗାଁ ଗହଳିରେ ଝିଅ ବୋହୂମାନେ ଦେହରେ ଚିତା କୁଟାଉଥିଲେ। ସେତେବେଳେ ଦେହରେ ଚିତା କୁଟେଇବା ଏକପ୍ରକାର ଫ୍ୟାଶନ ଥିଲା କହିଲେ ଅତ୍ୟୁକ୍ତି ହେବ ନାହିଁ। ମନଲାଖି ଦେହରେ ଚିତା କୁଟେଇ ଶରୀରକୁ ଆକର୍ଷଣୀୟ କରିବାର ପ୍ରଲୋଭନ ଦେଖାଇବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

**ତେଲ ନ ଥାଇ ସାତ ସୁନ୍ଥାଣି**
**ସେ ଯେଉଁ ଥୋବରା ଛକେରା,**
**ସବୁବେଳେ ପର ଅନୁସରଣ**
**ଦନାଇ ବୋଲଇ ନାକେରା ।**

କିଛି ନ ଥାଇ ତୁଚ୍ଛାକୁ ଯିଏ ଛଇ ଛଟକ ଦେଖାଇ ହେଉଥାଏ, ତା' ଠାରୁ ଆଉ କେହି ଅଲାଜୁକ ନାହାନ୍ତି। ସେହିପରି ଯିଏ ସଦାସର୍ବଦା ପରର ଅନୁସରଣ କରିଥାଏ, ସିଏ ନିନ୍ଦନୀୟ ବୋଲି ବିବେଚିତ ହେଉଥିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ରୂଢ଼ି ପ୍ରୟୋଗ – ଏ.କେ. ମିଶ୍ର ପବ୍ଲିଶର୍ସ ପ୍ରା:ଲି:

## ପ୍ରଥମ ପୃଷ୍ଠାରୁ...

### ଡାଇରେକ୍ଟ ଟୁ ମୋବାଇଲ...

ଯେକୌଣସି ସ୍ଥାନରୁ ୟୁଜରମାନେ ଇଣ୍ଟରନେଟ୍ ବ୍ରାଉଜ୍ ସମେତ କଲ୍ ଓ ମେସେଜ୍ କରିପାରିବେ। ଆଇବିସି ଗ୍ରୁପ୍‌ର ପ୍ରତିଷ୍ଠାତା ମାରିଓ ନାଫଲ ଏହାକୁ 'ସେଲ୍ ଟାୱାର ଇନ୍ ସ୍ପେସ୍' ବୋଲି କହିଛନ୍ତି। ଏହି ସେବା ପାଇଁ ୟୁଜରମାନଙ୍କୁ ନୂଆ ଫୋନ୍ କିଣିବା କିମ୍ବା ସେବା ପାଇଁ ଅତିରିକ୍ତ ହାର୍ଡୱେର ଆବଶ୍ୟକ ପଡ଼ିବ ନାହିଁ। ବର୍ତ୍ତମାନର ଡିଭାଇସ୍ ଯୋଗେ ଏହି ସେବା ଉପଲବ୍ଧ କରିହେବ।

ସୋମବାରରୁ ଡାଇରେକ୍ଟ-ଟୁ-ସେଲ୍ ସାଟେଲାଇଟ୍ ସେବା ବେଟା ପରୀକ୍ଷା ହେବ ବୋଲି ସ୍ପେସ୍‌ଏକ୍ସ ସିଇଓ ଏଲନ୍ ମସ୍କ ନିଜ ସୋସିଆଲ ମିଡିଆ ଏକ୍ସ ଯୋଗେ ଘୋଷଣା କରିଛନ୍ତି। ଏହା ସ୍ପେସ୍‌କ୍ସ ପାଇଁ ଏକ ବଡ଼ ସଫଳତା ହେବ ବୋଲି ଆଶା କରାଯାଉଛି। ପରୀକ୍ଷା ସଫଳ ହେଲେ ଯେକୌଣସି ସ୍ଥାନରେ ରହୁଥିବା କିମ୍ବା ଯାତ୍ରା କରୁଥିବା ଲୋକେ ସେଲୁଲାର ସେବା ପାଇପାରିବେ। ଜରୁରୀ ସମୟରେ ପାରମ୍ପରିକ ନେଟ୍‌ୱର୍କ କାମ ନ କଲେ ମଧ୍ୟ ସେବା ପ୍ରଭାବିତ ହେବ ନାହିଁ। ଗ୍ରାମାଞ୍ଚଳ ଓ ଦୁର୍ଗମ ଅଞ୍ଚଳରେ ଦୀର୍ଘଦିନ ହେଲା ରହିଆସିଥିବା ନେଟ୍‌ୱର୍କ ସମସ୍ୟାର ସମାଧାନ କରିବାକୁ ଷ୍ଟାରଲିଙ୍କ୍ ଲକ୍ଷ୍ୟ ରଖିଛି। ପରବର୍ତ୍ତୀ ପିଢ଼ିର ଷ୍ଟାରଲିଙ୍କ୍ ସାଟେଲାଇଟ୍ ଇଣ୍ଟରନେଟ୍ ସଂଯୋଗକୁ ଆହୁରି ଦ୍ରୁତତର କରିବା ଆଶା କରାଯାଉଛି।

### ୪ ଓଡ଼ିଆଙ୍କୁ...

ମନୋନୀତ କରାଯାଇଛି। ସେହିପରି ପଶ୍ଚିମବଙ୍ଗର ଢାକ୍ ବାଦକ ୫୭ ବର୍ଷୀୟ ଗୋକୁଳ ଚନ୍ଦ୍ର ଦେ ପୁରୁଷ ପ୍ରାଧାନ୍ୟ ବାଦ୍ୟସଙ୍ଗୀତ ଜଗତରେ ୧୫୦ ଜଣ ମହିଳାଙ୍କୁ ତାଲିମ ପ୍ରଦାନ କରିଥିଲେ। ସେ ଏକ ହାଲୁକା ଢାକ୍ ବାଦ୍ୟଯନ୍ତ୍ର ନିର୍ମାଣ କରିଥିଲେ ଏବଂ ବିଭିନ୍ନ ଅନ୍ତର୍ଜାତୀୟ ମଞ୍ଚରେ ଭାରତର ପ୍ରତିନିଧିତ୍ୱ କରିଥିଲେ। ମହିଳା ସଶକ୍ତୀକରଣ ପାଇଁ ସ୍ୱର ଉଠାଇ ଆସିଥିବା ୮୨ ବର୍ଷୀୟ ସାଲି ହୋଲକର ମଧ୍ୟ ପଦ୍ମଶ୍ରୀ ବିଜୟୀ ହୋଇଛନ୍ତି। ପଶୁପକ୍ଷୀ ଓ ବୃକ୍ଷ ଉପରେ ଅନନ୍ୟ ଅଭିଧାନ ପ୍ରସ୍ତୁତ କରିଥିବା ବନ୍ୟପ୍ରାଣୀ ଗବେଷକ ତଥା ମରାଠୀ ଲେଖକ ମାରୁତି ଭୁଜଙ୍ଗରାଓ ଚିତାମପାଲ୍ଲି (୯୨), ଜୟପୁରର ୬୮ ବର୍ଷୀୟ ଭଜନ ଗାୟିକା ବାତୁଲ୍ ବେଗମ, ତାମିଲନାଡୁର ତାଳବାଦ୍ୟକାର ଭେଲୁ ଆସାନଙ୍କୁ ପଦ୍ମଶ୍ରୀ ପାଇଁ ମନୋନୀତ କରାଯାଇଛି। ପ୍ରଥମ ମହିଳା କଣ୍ଢେଇ ନୃତ୍ୟ କାରିଗର ଭିମଭା ଡୋଡାବାଲାପ୍ପା ସିଲେକ୍ୟାଥାରା ମଧ୍ୟ ଚଳିତ ବର୍ଷର ପଦ୍ମଶ୍ରୀ ପୁରସ୍କାର ପାଇବେ। ସେହିପରି ମହରାଷ୍ଟ୍ରରେ ୪୦୦ ଏକର ଜଙ୍ଗଲର ସଂରକ୍ଷଣ କରିଥିବା ଚୌତ୍ରମ୍ ଦେବଚାନ୍ଦ ପାୱାର, ଗରିବ କ୍ୟାନ୍‌ସର ରୋଗୀଙ୍କୁ ମାଗଣା ଚିକିତ୍ସା ଯୋଗାଉଥିବା ଡାକ୍ତର ବିଜୟଲକ୍ଷ୍ମୀ ଦେଶ୍‌ମାନେ ଏବଂ ଡଙ୍ଗାଲିଆ ବୁଣାକାର ଲାଭଜିଭାଇ ନାଗଜିଭାଇଙ୍କୁ ପଦ୍ମଶ୍ରୀ ପୁରସ୍କାର ନିମନ୍ତେ ମନୋନୀତ କରାଯାଇଛି।

### ବଢ଼ିପାରେ ପ୍ରତାପଙ୍କ...

ଘଟଣାରେ ତତ୍କାଳୀନ ଆଇନ ମନ୍ତ୍ରୀ ପ୍ରତାପ ଜେନାଙ୍କ ସମେତ ୧୩ ଜଣଙ୍କ ବିରୋଧରେ ମାହାଙ୍ଗା ଥାନାରେ କୁଳମଣିଙ୍କ ପୁଅ ରମାକାନ୍ତ ଅଭିଯୋଗ କରିଥିଲେ। ପୋଲିସ ଏହାକୁ ଭିତ୍ତିକରି ମାମଲା (ନଂ.୫/୨୧) ରୁଜୁ କରିଥିଲା। ୯ ଅଭିଯୁକ୍ତଙ୍କୁ ଗିରଫ କରାଯାଇଥିବାବେଳେ ମୁଖ୍ୟ ଅଭିଯୁକ୍ତ କୁହାଯାଉଥିବା ପ୍ରଫୁଲ୍ଲ ବିଶ୍ୱାଳଙ୍କ ସନ୍ଦେହଜନକ ମୃତ୍ୟୁ ଘଟିଥିଲା। ଅନ୍ୟ ଜଣେ ଅଭିଯୁକ୍ତ ବିଜୟ କୁମାର ବରାଳ ଏବେ ବି ଫେରାର ଥିବା କୁହାଯାଉଛି। ସେତେବେଳେ ଏନେଇ ରାଜ୍ୟରେ ହଟଚମଟ ସୃଷ୍ଟି ହୋଇଥିଲା। ଭାଜପା ଓ କଂଗ୍ରେସ ପକ୍ଷରୁ ତତ୍କାଳୀନ ମନ୍ତ୍ରୀ ଜେନାଙ୍କ ଗିରଫ ଦାବିରେ ବିକ୍ଷୋଭ ଓ ପ୍ରତିବାଦ ସଭା କରାଯାଇଥିଲା। କୋର୍ଟଙ୍କ ଆଦେଶ ବଳରେ ସାଲେପୁର ଏସ୍‌ଡିପିଓ ତଦନ୍ତ ପରେ ରିପୋର୍ଟ ଦାଖଲ କରିଥିଲେ। ପୋଲିସ ରୁଜୁ କରିଥିବା ମାମଲାରେ ଜେନାଙ୍କ ନାମ ଅଭିଯୁକ୍ତ ତାଲିକାର ୧୩ ନମ୍ବରରେ ଥିବାବେଳେ ପରବର୍ତ୍ତୀ ସମୟରେ ତାଙ୍କ ନାମକୁ ଚାର୍ଜଶିଟ୍‌ରୁ କାଟି ଦେଇଥିଲା। ଏହାକୁ ବିରୋଧକରି କୁଳମଣିଙ୍କ ପୁଅ ରମାକାନ୍ତ ସାଲେପୁର ଜେଏମ୍‌ଏଫ୍‌ସି କୋର୍ଟରେ ୨୧୭/୨୧ରେ ଏକ ପ୍ରୋଟେଷ୍ଟ ପିଟିଶନ ଦାଖଲ କରିଥିଲେ। ମାଜିଷ୍ଟ୍ରେଟ ଶୁଣାଣି କରି ପ୍ରତାପଙ୍କ ବିରୋଧରେ ଆସିଥିବା ଅଭିଯୋଗର ପୁଙ୍ଖାନୁପୁଙ୍ଖ ତଦନ୍ତ କରି ରିପୋର୍ଟ ଦେବାକୁ ମାହାଙ୍ଗା ଥାନା ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଏପରି କି ପ୍ରତାପଙ୍କ ପିଏ ଉମାକାନ୍ତ ବିଶ୍ୱାଳ(ବାପି) ଓ ତତ୍କାଳୀନ ମାହାଙ୍ଗା ବ୍ଲକ ଅଧ୍ୟକ୍ଷ ଶରତ ଚନ୍ଦ୍ର ନାୟକଙ୍କ କଲ୍ ରେକର୍ଡ ସମେତ ମୁଖ୍ୟ ଅଭିଯୁକ୍ତ କୁହାଯାଉଥିବା ମୃତ ପ୍ରଫୁଲ୍ଲ ବିଶ୍ୱାଳଙ୍କ ସିଡିଆର୍ ଦାଖଲ ପାଇଁ ମଧ୍ୟ ନିର୍ଦ୍ଦେଶ ଦେଇଥିଲେ। ଇତିମଧ୍ୟରେ ରମାକାନ୍ତଙ୍କ ମୃତ୍ୟୁ ହେବା ପରେ ତାଙ୍କ ଭାଇ ରଞ୍ଜିତ କୁମାର ବରାଳ ପୁନର୍ବାର ରିଭ୍ୟୁ ପିଟିଶନ ଦାଖଲ କରିଥିଲେ। ସାକ୍ଷ୍ୟପ୍ରମାଣ ଓ ମାମଲାର ପାରିପାର୍ଶ୍ୱିକ ସ୍ଥିତିକୁ ଦୃଷ୍ଟିରେ ରଖି ସାଲେପୁର ଜେଏମ୍‌ଏଫ୍‌ସି କୋର୍ଟ ୨୦୨୩ ସେପ୍ଟେମ୍ବର ୧୫ରେ ପ୍ରତାପଙ୍କ ନାମରେ ଆଇପିସି ଦଫା ୩୦୨, ୫୦୬,୧୦୨(ବି)ରେ ମାମଲା ଚାଲୁ ରଖିବା ପାଇଁ ନିର୍ଦ୍ଦେଶ ଦେଇଥିଲେ। ଏଥିସହ ଏହି ମାମଲାକୁ ସାଲେପୁରରୁ ଭୁବନେଶ୍ୱର ଆଡିଶନାଲ ଡିଷ୍ଟ୍ରିକ୍ଟ ସେସନ୍ସ ଜଜ କମ୍ ସ୍ପେଶାଲ କୋର୍ଟକୁ ସ୍ଥାନାନ୍ତର କରିବା ପାଇଁ ଆଦେଶ ଦେଇଥିଲେ। ତେବେ ଏହା ବିରୋଧରେ ପ୍ରତାପ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ଉଚ୍ଚ ନ୍ୟାୟାଳୟ ଉକ୍ତ ଆବେଦନର ଶୁଣାଣି କରି ପ୍ରତାପଙ୍କୁ କ୍ଲିନଚିଟ୍ ଦେଇଥିଲେ। ଏହି ମାମଲାରେ ସାଲେପୁର ଅତିରିକ୍ତ ଦୌରାଜଜ୍ ପୂର୍ବରୁ ୯ଜଣଙ୍କୁ ଆଜୀବନ ଦଣ୍ଡାଦେଶ ଶୁଣାଇଥିବାବେଳେ ଜଣଙ୍କୁ ସାକ୍ଷ୍ୟପ୍ରମାଣ ଅଭାବରୁ ନିର୍ଦ୍ଦୋଷରେ ଖଲାସ କରିଛନ୍ତି। ହାଇକୋର୍ଟଙ୍କ ରାୟ ବିରୋଧରେ ରଞ୍ଜିତ ସୁପ୍ରିମକୋର୍ଟରେ ଏସ୍‌ଏଲ୍‌ପି ଦାଖଲ କରିଥିଲେ। ସର୍ବୋଚ୍ଚ ଅଦାଲତ ଉକ୍ତ ଆବେଦନକୁ ଗ୍ରହଣ କରି ରାଜ୍ୟ ସରକାରଙ୍କୁ ରିପୋର୍ଟ ତଲବ କରିଥିବାରୁ ପ୍ରତାପଙ୍କ ପାଇଁ ଅଡୁଆ ସ୍ଥିତି ସୃଷ୍ଟି ହୋଇପାରେ ବୋଲି ବୁଦ୍ଧିଜୀବୀ ମତ ପ୍ରକାଶ କରିଛନ୍ତି। ଏନେଇ ପ୍ରତାପଙ୍କ ସହ ଯୋଗାଯୋଗ କରାଯାଇଥିଲେ ସୁଦ୍ଧା କୌଣସି ପ୍ରତିକ୍ରିୟା ମିଳିପାରି ନାହିଁ।

## ରାଜ୍ୟସ୍ତରୀୟ ଜାତୀୟ ମତଦାତା ଦିବସ ପାଳିତ

# ସାମୂହିକ ଶପଥପାଠ କରାଇଲେ ମୁଖ୍ୟ ଶାସନ ସଚିବ

ଭୁବନେଶ୍ୱର,୨୫।୧(ଅନିଲ ଦାସ)

ମତଦାତା ସଚେତନତା ଓ ଭାରତକୁ ଏକ ସୁଦୃଢ଼ ଗଣତନ୍ତ୍ର ରୂପେ ବଜାୟ ରଖିବା ଦିଗରେ ପ୍ରେରିତ କରିବା ପାଇଁ ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ ଆନୁକୂଲ୍ୟରେ ୧୫ତମ ଜାତୀୟ ମତଦାତା ଦିବସ ରାଜ୍ୟସ୍ତରୀୟ ସମାରୋହ ଶନିବାର ଭୁବନେଶ୍ୱର ରବୀନ୍ଦ୍ର ମଣ୍ଡପଠାରେ ଅନୁଷ୍ଠିତ ହୋଇଛି। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା ମୁଖ୍ୟ ଅତିଥି ଭାବରେ ଯୋଗଦେଇ ମତଦାତା ସଂକଳ୍ପ ପାଠ କରାଇଛନ୍ତି। ଏହି ଅବସରରେ ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା ମୁଖ୍ୟ ଅତିଥି ଭାବେ ଯୋଗଦେଇ କହିଛନ୍ତି, ଭାରତ ସର୍ବବୃହତ୍ ଗଣତନ୍ତ୍ର ରୂପେ ସମଗ୍ର ବିଶ୍ୱରେ ଏକ ଉଦାହରଣ। ଏହି ପ୍ରତିଷ୍ଠାକୁ ଅକ୍ଷୁର୍ଣ୍ଣ ରଖିବା ଦିଗରେ ନାଗରିକ ରୂପେ ଆମ ସମସ୍ତଙ୍କର ଦାୟିତ୍ୱ ରହିଛି। ସମସ୍ତ ମତଦାତା ସେହି ଦାୟିତ୍ୱ ପ୍ରତି ଯତ୍ନବାନ ହେବା ପାଇଁ ସେ ଆହ୍ୱାନ ଦେଇଛନ୍ତି। ଏହି ଅବସରରେ ମୁଖ୍ୟ ଶାସନ ସଚିବଙ୍କ ଦ୍ୱାରା ମତଦାତା ସଚେତନତା ସମ୍ବନ୍ଧୀୟ ଏକ କ୍ଷୁଦ୍ର ଚଳଚ୍ଚିତ୍ର ଏବଂ




ଫଟୋ ପ୍ରଦର୍ଶନୀ ଲୋକାର୍ପିତ ହୋଇଥିଲା।

ଏହି ଅବସରରେ ମୁଖ୍ୟ ନିର୍ବାଚନ ଅଧିକାରୀ, ଓଡ଼ିଶା ଆର୍‌ଏସ୍ ଗୋପାଲନ୍, କେନ୍ଦ୍ରାଞ୍ଚଳ ରାଜସ୍ୱ ଆୟୁକ୍ତ ପବି ପରମେଶ୍ୱରନ୍, ଖୋର୍ଦ୍ଧା ଜିଲାପାଳ ତଥା ଜିଲା ନିର୍ବାଚନ ଅଧିକାରୀ ଚଞ୍ଚଳ ରାଣା ଭାରତୀୟ ଗଣତନ୍ତ୍ର ଓ ସେଥିରେ ମତଦାତାଙ୍କ ଭୂମିକା ବିଷୟରେ ଆଲୋଚନା କରିଥିଲେ। କାର୍ଯ୍ୟକ୍ରମର ପ୍ରାରମ୍ଭରେ ଅତିରିକ୍ତ ମୁଖ୍ୟ ନିର୍ବାଚନ ଅଧିକାରୀ ଶତ୍ରୁଘ୍ନ କର ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ଉପମୁଖ୍ୟ ନିର୍ବାଚନ ଅଧିକାରୀ ଲକ୍ଷ୍ମୀ ପ୍ରସାଦ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

ଏହି କାର୍ଯ୍ୟକ୍ରମରେ ସାଧାରଣ ନିର୍ବାଚନ-୨୦୨୪ରେ ଆଇକନ୍ ରୂପେ କାର୍ଯ୍ୟକରି ମତଦାନ ପାଇଁ ସଚେତନତା ସୃଷ୍ଟି ଲାଗି ପ୍ରମୋଦ ଭଗତ, କମଳାକାନ୍ତ ନାୟକ, ଜୟନ୍ତୀ ବେହେରା, ସାଧନା ମିଶ୍ର ଓ ଐଶ୍ୱର୍ଯ୍ୟା ଋତୁପର୍ଣ୍ଣା ପ୍ରଧାନଙ୍କୁ ସମ୍ମାନିତ କରାଯାଇଥିଲା। ସାଧାରଣ ନିର୍ବାଚନ-୨୦୨୪ ପାଇଁ ସୂଚାରୁ ରୂପେ ଦାୟିତ୍ୱ ନିର୍ବାହ କରିଥିବାରୁ ଖୋର୍ଦ୍ଧା, କେନ୍ଦୁଝର, ପୁରୀ, ମାଲକାନଗିରି, ସୁନ୍ଦରଗଡ଼, ଝାରସୁଗୁଡ଼ା, ବୌଦ୍ଧ, ବାଲେଶ୍ୱର, ସମ୍ବଲପୁର ଆଦି ଜିଲାଗୁଡ଼ିକର ନିର୍ବାଚନ ଅଧିକାରୀଙ୍କୁ ସମ୍ମାନିତ କରାଯାଇଥିଲା।

# ଜାତୀୟ, ରାଜ୍ୟ ଖାଦ୍ୟ ନିରାପତ୍ତା ଯୋଜନାରୁ ବାଦ୍ ପଡ଼ିଲେ ଗ୍ରାମରକ୍ଷୀ

କଟକ ସଦର,୨୫।୧(ସୁଶାନ୍ତ କୁମାର ଜେନା)

ଅଯୋଗ୍ୟ ଥାଇ ଜାତୀୟ ଓ ରାଜ୍ୟ ଖାଦ୍ୟ ନିରାପତ୍ତା ଯୋଜନାରେ ଅନ୍ତର୍ଭୁକ୍ତ ହୋଇ କାର୍ଡ ହାସଲ କରିଥିବା ହିତାଧିକାରୀଙ୍କ ପାଇଁ ରାଜ୍ୟ ସରକାର କଠୋର ନିୟମ ପ୍ରଣୟନ କରିଛନ୍ତି। ଆଧାର ନମ୍ବରରୁ ମିଳିଥିବା ତଥ୍ୟ ଅନୁଯାୟୀ ଯେଉଁମାନେ ବେଆଇନ ଭାବେ ଚାଉଳ କିମ୍ବା ଗହମ ନେଉଥିଲେ, ସେମାନଙ୍କ ନାମ ତାଲିକାରୁ ବାଦ୍ ଦେବା ପାଇଁ ରାଜ୍ୟ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗ ପକ୍ଷରୁ ବିଭିନ୍ନ ଜିଲାର ଯୋଗାଣ ଅଧିକାରୀଙ୍କୁ ନିର୍ଦ୍ଦେଶ ଦିଆଯାଇଛି। କାରଣ ବାଦ୍ ପଡ଼ିବାକୁ ଯାଉଥିବା ହିତାଧିକାରୀ ବିଭିନ୍ନ ସରକାରୀ ବିଭାଗରେ କାର୍ଯ୍ୟ କରୁଥିବା ଜଣାପଡ଼ିଛି। ତଦନୁଯାୟୀ କଟକ ଜିଲାର କନ୍ଦରପୁର, ୪୨ ମୌଜା, କିଶନନଗର, କଟକ

### ପାଉଛନ୍ତି ସ୍ୱଳ୍ପ ପାରିତୋଷିକ

ସଦର ଏବଂ ସିଆର୍‌ଆର୍‌ଆଇ ଥାନାରେ ମାସିକ ୨୫୦୦ ଟଙ୍କା ପାରିତୋଷିକ ପାଇ କାର୍ଯ୍ୟ କରୁଥିବା ୨୨ ଜଣ ଗ୍ରାମରକ୍ଷୀ ମଧ୍ୟ ଖାଦ୍ୟ ନିରାପତ୍ତା ଯୋଜନାରୁ ବାଦ୍ ପଡ଼ିଛନ୍ତି। ସେମାନେ ଆସନ୍ତା ମାର୍ଚ୍ଚରୁ ଆଉ ମାଗଣା ଚାଉଳ କିମ୍ବା ଗହମ ପାଇବେ ନାହିଁ। କାରଣ ସେମାନେ ସରକାରୀ ଚାକିରିଆ ବୋଲି ଇ-କେୱାଇସିରୁ ଜଣାପଡ଼ିଛି। ସୂଚନାଥାଉ କି, ସହରାଞ୍ଚଳରେ ମାସିକ ୧୫ ହଜାର ଓ ଗ୍ରାମାଞ୍ଚଳରେ ୧୦ ହଜାର ଟଙ୍କା ଆୟ କରୁଥିବା ବ୍ୟକ୍ତି ଏହି ଆଇନରେ ଅନ୍ତର୍ଭୁକ୍ତ ହେବାର ସରକାରୀ ନିୟମ ରହିଛି। ହେଲେ ଉପରୋକ୍ତ କଠୋର ନିୟମ ଅନୁଯାୟୀ ଗ୍ରାମରକ୍ଷୀଙ୍କ ସମେତ କଟକ ସଦର ବ୍ଲକ ଅଧୀନ ୨୩ଟି ପଞ୍ଚାୟତର ୧୮୫ ଜଣ ସରକାରୀ କର୍ମଚାରୀ ବାଦ୍ ପଡ଼ିଛନ୍ତି। ବିଶେଷକରି ବିବାହିତା ଯୁବତୀମାନେ ପରବର୍ତ୍ତୀ କାଳରେ ସରକାରୀ ଚାକିରି ପାଇଛନ୍ତି। କିନ୍ତୁ ଆଧାର କାର୍ଡରେ ବାପାଙ୍କ ନାମ ଉଲ୍ଲେଖ ଥିବାରୁ ସମସ୍ୟା ଦେଖାଦେଇଛି। ବିବାହିତା ଝିଅଙ୍କ ଚାକିରି ପାଇଁ ବାପାଙ୍କ କାର୍ଡ ମଧ୍ୟ କଟିଯାଇଛି। ଯାହାଫଳରେ ଗରିବ ମାତାପିତା ସରକାରୀ ସୁବିଧାରୁ ବଞ୍ଚିତ ହୋଇଛନ୍ତି। ଏନେଇ କଟକ ଜିଲା ମୁଖ୍ୟ ଯୋଗାଣ ଅଧିକାରୀ ଚନ୍ଦ୍ରଶେଖର ମହାପାତ୍ର କହିଛନ୍ତି, ନିଷ୍ପତ୍ତି ଓ ତାଲିକା ଲୋକସେବା ଭବନରୁ ଆସୁଥିବାରୁ ଜିଲାସ୍ତରରେ କିଛି କରାଯାଇପାରିବ ନାହିଁ। ରାଜ୍ୟ ସରକାର ସମ୍ପୃକ୍ତ ହିତାଧିକାରୀଙ୍କ ଖାଦ୍ୟ ନିରାପତ୍ତା କାର୍ଡ ରଦ୍ଦ କରିବା ପୂର୍ବରୁ ବିଧିବଦ୍ଧ ଯାଞ୍ଚ ପାଇଁ ସାଧାରଣରେ ଦାବି ହେଉଛି।

DADLS-94
ଓଡ଼ିଶା ସରକାର
ରାଜ୍ୟସ୍ତରୀୟ
ସାଧାରଣତନ୍ତ୍ର ଦିବସ- ୨୦୨୫
ସ୍ଥାନ: ମହାତ୍ମା ଗାନ୍ଧୀ ମାର୍ଗ, ଭୁବନେଶ୍ୱର
ସମୟ: ପୂର୍ବାହ୍ଣ ଘ. ୮.୩୦ମି.
ଓଡ଼ିଶାର ମାନ୍ୟବର ରାଜ୍ୟପାଳ
ଡ଼. ହରି ବାବୁ କମ୍ଭମ୍‌ପାଟି
ଏହି ଉତ୍ସବରେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଜାତୀୟ ପତାକା ଉତ୍ତୋଳନ କରିବା ସହ ସମ୍ମିଳିତ ପ୍ୟାରେଡ୍‌ରେ ଅଭିବାଦନ ଗ୍ରହଣ କରିବେ ।
ଜନସାଧାରଣ ଏହି କାର୍ଯ୍ୟକ୍ରମରେ ବହୁ ସଂଖ୍ୟାରେ ଯୋଗଦେବା ପାଇଁ ଅନୁରୋଧ ।
ରାଜ୍ୟସ୍ତରୀୟ ସାଧାରଣତନ୍ତ୍ର ଦିବସର ସିଧା ପ୍ରସାରଣ ବୈଦ୍ୟୁତିକ ଓ ସାମାଜିକ ଗଣମାଧ୍ୟମରେ ମଧ୍ୟ ଉପଲବ୍ଧ ହେବ ।
ନିର୍ଦ୍ଦେଶକ
ସୂଚନା ଓ ଲୋକସମ୍ପର୍କ ବିଭାଗ
OIPR-15001/13/0396/2425

DSPL - 353
ODISHA NEW OPPORTUNITIES
UTKARSH ODISHA
MAKE IN ODISHA CONCLAVE'25
BHUBANESWAR | 28th - 29th JAN | 2025



Shri Narendra Modi
Prime Minister



Shri Mohan Charan Majhi
Chief Minister, Odisha

Sectoral Sessions

Odisha: The Emerging Destination for Textiles, Apparels & Handlooms

Sericulture & Technical Textiles - Odisha's Tryst with Silks & Sectoral Utilities

29 January 2025 | 10.30 AM - 12.30 PM
Hall 2, Janata Maidan, Bhubaneswar

OIPR-31001/13/0005/2425

Scan to Register
INVEST IN ODISHA, INVEST IN FUTURE
Or visit us at https://mio.investodisha.gov.in/
Investment Intention Form
Schedule a Meeting
Follow us on @InvestInOdisha /InvestOdisha

## ଦେବେନ୍ଦ୍ର ଭାଜପାର ପୁରୀ ଜିଲା ସଭାପତି

ପୁରୀ,(ଅଜିତ୍ କୁମାର ମହାନ୍ତି)-ଭାଜପା ପକ୍ଷରୁ ଜିଲା ସଭାପତି ଚୟନ କାର୍ଯ୍ୟକ୍ରମ ଜିଲା ସଂସ୍କୃତି ଭବନ ପରିସରରେ ଶନିବାର ଅନୁଷ୍ଠିତ ହୋଇଯାଇଛି। ଜିଲା ଭାଜପାର ନୂତନ ସଭାପତି ଭାବେ ଡ. ଦେବେନ୍ଦ୍ର ନାଥ ତରେଇଙ୍କୁ ଦଳ ପକ୍ଷରୁ ଚୟନ କରାଯାଇଛି। କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ପୁରୀ ଏମ୍‌ପି ଡ. ସମ୍ବିତ ପାତ୍ର, ପର୍ଯ୍ୟବେକ୍ଷକ ଭାବେ ପୂର୍ବତନ କେନ୍ଦ୍ରମନ୍ତ୍ରୀ ବିଶ୍ୱେଶ୍ୱର ଟୁଡୁ, ଶଙ୍କର୍ଷଣ ପ୍ରଧାନ, ପିପିଲି ବିଧାୟକ ଆଶ୍ରିତ ପଟ୍ଟନାୟକ, ପୂର୍ବତନ ବିଧାୟକ ଜୟନ୍ତ କୁମାର ଷଡ଼ଙ୍ଗୀ, ଭାଜପା ନେତା ତଥା ପୂର୍ବତନ ବିଧାୟକ ବାଇଧର ମଲ୍ଲିକ, ମହିଳା ନେତ୍ରୀ ଜ୍ୟୋତି ମହାପାତ୍ର, ଜାତୀୟ କାର୍ଯ୍ୟକାରୀ ସଦସ୍ୟ ମଧୁସୂଦନ ସିଂହାରୀ, ଯୁବମୋର୍ଚ୍ଚା ସଭାପତି ଜୟନ୍ତ କୁମାର ଦାସ ଏବଂ ଜିଲା ସମ୍ପାଦକ ଉମାକାନ୍ତ ନାୟକଙ୍କ ସହ ଭାଜପାର ଅନେକ ବରିଷ୍ଠ ନେତା ଉପସ୍ଥିତ ଥିଲେ।

## ଶ୍ରୀମନ୍ଦିର ହୁଣ୍ଡିରୁ ଆୟ



୨୫।୧।୨୦୨୫

| ୭,୧୦,୪୨୪ ଟଙ୍କା | |
|---|---|
| ସୁନା | ମିଳିନାହିଁ |
| ରୁପା | ମିଳିନାହିଁ |

# ଝାଡ଼ାବାନ୍ତିରେ ଆଉ ୩ ଆକ୍ରାନ୍ତ

କଣାସ,୨୫।୧(ବିଭୁତି ଭୂଷଣ ତ୍ରିପାଠୀ)

କଣାସ ବ୍ଲକ ଗଡ଼ିଶାଗୋଦା ପଞ୍ଚାୟତ ନୂଆଗାଁ ଗ୍ରାମରେ ୨୨ଦିନ ହେଲା ଝାଡ଼ାବାନ୍ତି ଦୟାନଦୀ ଜଳ ପ୍ରଦୂଷିତ ଯୋଗୁ ଲାଗି ରହିଛି। ଏହାର ନିକଟସ୍ଥ ଗ୍ରାମ ନଇକୂଳପାଟଣା, ଗଡ଼ିଶାଗୋଦା, ହରିପୁର, ଯାମଳଗୋଦା, ଗୋପୀନାଥପୁର ପଞ୍ଚାୟତ ଗୋପୀନାଥପୁର, କଳାପଦର, ଜାଗୁଳେଇପଦର, ପାଇକମରା, ଗଡ଼ସାହି, ଅଣ୍ଡାଳସିଂହ, ନୂଆଦୋକନ୍ଦା, ମଣିଜିପୁର, ଶିମିଳିପାଟଣା ପ୍ରଭୃତି ୨୦ଖଣ୍ଡ ଗ୍ରାମକୁ ଝାଡ଼ାବାନ୍ତି ବ୍ୟାପିଥିବା ବେଳେ ନୂଆଗାଁର ୩ଜଣ, ନଇକୂଳପାଟଣାର ଜଣେ ମୋଟ ୪ଜଣଙ୍କ ମୃତ୍ୟୁ ହୋଇଛି। ବିଭିନ୍ନ ଖବରକାଗଜରେ ଝାଡ଼ାବାନ୍ତି ସମ୍ପର୍କରେ ଖବର ପ୍ରକାଶ ପାଇଥିଲା।

ବ୍ୟାପିବାର ୧୦ଦିନ ପରେ ପୁରୀ ଜିଲା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଡାକ୍ତରୀଦଳ ନୂଆଗାଁ ଓ ଜାଗୁଳେଇପଦର ଠାରେ ପୃଥକ ପୃଥକ କ୍ୟାମ୍ପ ପକାଇ ଜଗି ରହିବା, ନଦୀ ବ୍ୟବହାର ନ କରିବାକୁ ବାରଣ କରିବା ଦ୍ୱାରା ଝାଡ଼ାବାନ୍ତି କମିଛି। ଶନିବାର ଜାଗୁଳେଇପଦର, ପାଇକମରା, ନୂଆଦୋକନ୍ଦାରୁ ଜଣେ ଲେଖାଏଁ ମୋଟ ୩ଜଣ ଆକ୍ରାନ୍ତ ହୋଇଥିବା କଣାସ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପକ୍ଷରୁ ସୂଚନା ମିଳିଛି। ଏଥିମଧ୍ୟରେ ପୁରୀ ଜିଲାପାଳ ସିଦ୍ଧାର୍ଥ ଶଙ୍କର ସ୍ୱାଇଁ, ସ୍ୱାସ୍ଥ୍ୟ ନିର୍ଦ୍ଦେଶକ, ସ୍ୱାସ୍ଥ୍ୟ ଉପନିର୍ଦ୍ଦେଶକ, ଏମ୍‌ପି, ବିଧାୟକ, ପୂର୍ବତନ କଂଗ୍ରେସ ସଭାପତି, ପୂର୍ବତନ ବିଧାୟକ ଓ ବିଜେଡି ବିଧାୟକ ଝାଡ଼ାବାନ୍ତି ବ୍ୟାପିଥିବା ଅଞ୍ଚଳ ବୁଲି ସ୍ଥିତି ସମୀକ୍ଷା କରିଛନ୍ତି।

## ଝାଡ଼ାବାନ୍ତି ଅଞ୍ଚଳ ସ୍ଥିତି ସମୀକ୍ଷାକଲେ ୨ ଟିମ୍

ପୁରୀ,୨୫।୧(ଅଜିତ୍ କୁମାର ମହାନ୍ତି)

ଜିଲା ଜନସ୍ୱାସ୍ଥ୍ୟ ଅଧିକାରୀ ଡ. ବିରଜା ଶଙ୍କର ରଥ ଓ ଅତିରିକ୍ତ ଜିଲା ଜନସ୍ୱାସ୍ଥ୍ୟ ଅଧିକାରୀ ଡ. ନାରାୟଣ ପ୍ରସାଦ ନନ୍ଦଙ୍କ ନେତୃତ୍ୱରେ ଶନିବାର ୨ ଟିମ୍ କଣାସ ବ୍ଲକ୍‌ର ଝାଡ଼ାବାନ୍ତିରେ ପ୍ରଭାବିତ ୬ଟି ଗ୍ରାମ ଗସ୍ତକରି ସ୍ୱାସ୍ଥ୍ୟ ବିଭାଗ ତରଫରୁ ନିଆଯାଉଥିବା ସମସ୍ତ ପଦକ୍ଷେପର ସମୀକ୍ଷା କରିଛନ୍ତି। ଜାଗୁଳେଇପଦର, ପାଇକମରା, ଗୋପୀନାଥପୁର, କଳପଦର ଓ ନୂଆଗାଁ ଭ୍ରମଣ କରି ରୋଗୀଙ୍କ ସମ୍ପର୍କୀୟଙ୍କୁ ଭେଟି ସେମାନଙ୍କୁ କଣ୍ଟାକ୍ ଡୋଜର ଉପକାରିତା, ହାଲୋଜେନ ବଟିକା ଓ ଓଆର୍‌ଏସ୍‌ର ବ୍ୟବହାର ଓ ବିଶୁଦ୍ଧ ପାନୀୟ ଜଳ ସେବନ ଆଦି ବିଷୟରେ ବୁଝାଇଛନ୍ତି। ଶନିବାର ସୁଦ୍ଧା ୯୧ ଜଣ ଝାଡ଼ାବାନ୍ତି ଆକ୍ରାନ୍ତ ଚିହ୍ନଟ ହୋଇଥିବା ବେଳେ ୩ଜଣ ଡାଇରିଆରେ ଆକ୍ରାନ୍ତ ହୋଇଛନ୍ତି। ସ୍ୱାସ୍ଥ୍ୟ ବିଭାଗ ତରଫରୁ ଗଡ଼ିଶାଗୋଦା ମେଡିକାଲକୁ ସମ୍ପୂର୍ଣ୍ଣ ରୂପେ ହାଇ ଆଲର୍ଟରେ ରଖାଯାଇଛି ଓ ୨ ଗୋଟି ଆମ୍ବୁଲାନ୍ସ ଡାଇରିଆ ପ୍ରପୀଡ଼ିତ ଗ୍ରାମଗୁଡ଼ିକରେ ଉପସ୍ଥିତ ରହି ଅହରହ ୨୪ ଘଣ୍ଟା ସେବା ପ୍ରଦାନ କରୁଛନ୍ତି ବୋଲି ପ୍ରଶାସନ ପକ୍ଷରୁ ସୂଚନା ପ୍ରଦାନ କରାଯାଇଛି।




ସାଧାରଣତନ୍ତ୍ର ଦିବସ ଅବସରରେ ବାଲୁକା କଳାରେ ଶିଳ୍ପୀ ସୁଦର୍ଶନ ପଟ୍ଟନାୟକ ଶୁଭେଚ୍ଛା ଜଣାଇଛନ୍ତି । (ଫଟୋ– ଯଜ୍ଞେଶ୍ୱର ମହାନ୍ତି)

# ସିରିଜ୍ ଦୁର୍ଘଟଣା: ୨୫ରୁ ଊର୍ଦ୍ଧ୍ୱ ଆହତ

ପୁରୀ,୨୫।୧(ଅଜିତ୍ କୁମାର ମହାନ୍ତି)

ପୁରୀ-ଭୁବନେଶ୍ୱର ଜାତୀୟ ରାଜପଥର ଚନ୍ଦନପୁର ନିକଟ ସମୟାଜପୁର ଓଭରବ୍ରିଜ୍ ଉପରେ ଶନିବାର ସନ୍ଧ୍ୟାରେ ମର୍ମନ୍ତୁଦ ସଡ଼କ ଦୁର୍ଘଟଣା ଘଟିଛି। ଦୁର୍ଘଟଣାରେ ୨୫ରୁ ଊର୍ଦ୍ଧ୍ୱ ବ୍ୟକ୍ତି ଆହତ ହୋଇଥିବା ବେଳେ ପୁରୀ ସଦର ମୁଖ୍ୟ ଚିକିତ୍ସାଳୟରେ ପ୍ରାୟ ୧୮ଜଣ ଚିକିତ୍ସିତ ହେଉଛନ୍ତି। ସେମାନଙ୍କ ମଧ୍ୟରୁ ୩ଜଣଙ୍କ ଅବସ୍ଥା ଗୁରୁତର ହୋଇଥିବା ଜଣାପଡ଼ିଛି। ସମସ୍ତ ଗୁରୁତର ଆହତଙ୍କୁ ପୁରୀ ମେଡିକାଲ ସହ ଭୁବନେଶ୍ୱରକୁ ସ୍ଥାନାନ୍ତରିତ କରାଯାଇଛି।

ସୂଚନା ଅନୁଯାୟୀ, ଶନିବାର ସନ୍ଧ୍ୟା ସମୟରେ ଏକ ବାଲି ବୋଝେଇ ଟିପ୍ପର ଚକା ଫାଟିଯିବାରୁ ତାହା ମରାମତି ପାଇଁ ରାସ୍ତା ପାର୍ଶ୍ୱରେ ଠିଆହୋଇଥିବା ବେଳେ ୩୫ରୁ ଅଧିକ ଯାତ୍ରୀଙ୍କୁ ନେଇ ଯାଉଥିବା ମୋ ବସ୍ ପଛପଟୁ ପ୍ରଥମେ ଟିପ୍ପରକୁ ଧକ୍କାଦେଇଥିଲା। ତା' ପଛରେ ଭୁବନେଶ୍ୱରରୁ ପୁରୀ ଅଭିମୁଖେ ଯାଉଥିବା ଏକ ଯାତ୍ରୀବାହୀ ୱିଇଙ୍ଗର ଗାଡ଼ି ମୋ ବସ୍‌କୁ ଧକ୍କାଦେଇଥିଲା। ଫଳରେ ମୋ ବସ୍‌ରେ ଥିବା ୧୫ରୁ ଊର୍ଦ୍ଧ୍ୱ ଯାତ୍ରୀଙ୍କ ସହ ୱିଇଙ୍ଗରରେ ଥିବା ଗୋରଖପୁର ଓ ଟାଟା ଅଞ୍ଚଳର ୧୩ ଜଣଙ୍କ ମଧ୍ୟରୁ ୬ ଯାତ୍ରୀ ଆହତ ହୋଇଛନ୍ତି। ଖବରପାଇ ଆମ୍ବୁଲାନ୍ସ ଘଟଣାସ୍ଥଳରେ ପହଞ୍ଚି ସମସ୍ତ ଆହତଙ୍କୁ ପୁରୀ ସଦର ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିଲା। ଏହି ସିରିଜ୍ ଦୁର୍ଘଟଣା ଯୋଗୁ ପୁରୀ-ଭୁବନେଶ୍ୱର ଜାତୀୟ ରାଜପଥରେ ଯାତାୟାତ ବାଧାପ୍ରାପ୍ତ ହୋଇଥିଲା। ଖବରପାଇ ଚନ୍ଦନପୁର ଓ ସଦର ଥାନା ପୋଲିସ ପହଞ୍ଚି ତଦନ୍ତ ଆରମ୍ଭ କରିଛି।




ଦୁର୍ଘଟଣାଗ୍ରସ୍ତ ବସ୍ ଓ ୱିଇଙ୍ଗର।

# ୨୭ରୁ ରୂପା ଆଣ୍ଡ ଟ୍ରୁପ୍‌ର ରୌପ୍ୟ ଜୟନ୍ତୀ

ପୁରୀ,୨୫।୧(ଅଜିତ୍ କୁମାର ମହାନ୍ତି)

ରୂପା ଆଣ୍ଡ ଟ୍ରୁପର ରୌପ୍ୟ ଜୟନ୍ତୀ ଉତ୍ସବ ଶରଧାବାଲି ମୁକ୍ତାକାଶ ରଙ୍ଗମଞ୍ଚରେ ଆସନ୍ତା ୨୭ରୁ ଅନୁଷ୍ଠିତ ହେବ। ଏନେଇ ଅନୁଷ୍ଠାନ ପକ୍ଷରୁ ଶନିବାର ଅନ୍ନପୂର୍ଣ୍ଣା ରଙ୍ଗମଞ୍ଚଠାରେ ଖବରଦାତା ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ପ୍ରତିଦିନ ଓଡ଼ିଶୀ ନୃତ୍ୟ, ଛଉ ନୃତ୍ୟ, ସମ୍ବଲପୁରୀ ନୃତ୍ୟ, ବିଶ୍ୱରୂପ ନୃତ୍ୟ, କାଞ୍ଚି ଅଭିଯାନ, ବନ୍ଦେ ମାତରମ ନୃତ୍ୟ ପରିବେଷଣ କରାଯିବ। ପଦ୍ମଶ୍ରୀ ଇଲିୟାନା ସୀତାରିଷ୍ଟଙ୍କଠାରୁ ଆରମ୍ଭ କରି ମନ୍ମଥ ଶତପଥୀ, ଚପଳା ମିଶ୍ର, ପ୍ରତିଭା ପଣ୍ଡା ପ୍ରମୁଖଙ୍କୁ ସମ୍ମାନିତ କରାଯିବ। ଜଣେ ଯୁବଶିଳ୍ପୀଙ୍କୁ ରୂପା ଆଣ୍ଡ ଟ୍ରୁପର ଦିବଙ୍ଗତ ଶିଳ୍ପୀ 'ପୁଷ୍ପଲତା ମହାନ୍ତି ସମ୍ମାନ' ପ୍ରଦାନ କରାଯିବ। ଓଡ଼ିଶୀ ନୃତ୍ୟ ପାଇଁ ଅନବଦ୍ୟ ଚେଷ୍ଟା କରିଥିବା ୮ଟି ଅନୁଷ୍ଠାନକୁ ପୁରସ୍କୃତ କରାଯିବ। ଖବରଦାତା ସମ୍ମିଳନୀରେ ରୂପା ଆଣ୍ଡ ଟ୍ରୁପର ସଭାପତି ଲକ୍ଷ୍ମୀଧର ପୂଜାପଣ୍ଡା, ସମ୍ପାଦିକା ରୂପଲତା ମହାନ୍ତି ଓ ଉପଦେଷ୍ଟା ଚକ୍ରଧର ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ ।

## ଅତିବଡ଼ୀ ଜଗନ୍ନାଥ ଦାସ ଏକାଡେମୀର ୩୪ତମ ବାର୍ଷିକୋତ୍ସବ

ପୁରୀ,୨୫।୧(ଅଜିତ୍ କୁମାର ମହାନ୍ତି)

ସ୍ୱର୍ଗଦ୍ୱାର ନିକଟରେ ଥିବା ଅତିବଡ଼ୀ ଜଗନ୍ନାଥ ଦାସ ଏକାଡେମୀର ୩୪ତମ ବାର୍ଷିକୋତ୍ସବ ଶିକ୍ଷାବିତ ଅଜୟ କୁମାର ପଣ୍ଡାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ପୁରୀ ବିଧାୟକଙ୍କ ପ୍ରତିନିଧି ଅମୃତ କୁମାର ମିଶ୍ର ଉତ୍ସବକୁ ଉଦ୍‌ଘାଟନ କରିଥିଲେ। ପୂର୍ବତନ ବାଚସ୍ପତି ସ୍ୱର୍ଗତ ମହେଶ୍ୱର ମହାନ୍ତି ଏହି ଅଞ୍ଚଳର ବିକାଶର ମୁଖ୍ୟ ବିନ୍ଧାଣୀ ଥିଲେ ବୋଲି ମିଶ୍ର କହିଥିଲେ। ମୁଖ୍ୟବକ୍ତା ଭାବେ ଐତିହ୍ୟ ବିଶାରଦ ଡ. ସୁରେନ୍ଦ୍ର କୁମାର ମିଶ୍ର ଓଡ଼ିଆ ଭାଗବତ ପଠନ ଓ ଶିକ୍ଷାର ମହତ୍ତ୍ୱ ସମ୍ପର୍କରେ ଆଲୋକପାତ କରିଥିଲେ। କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥି ଭାବେ ପୂର୍ବତନ ପୌରସଦସ୍ୟ ନାରାୟଣ ପଟ୍ଟନାୟକ ଯୋଗଦେଇ ବିଦ୍ୟାଳୟ ଓ ଶିକ୍ଷାଦାନର ଉନ୍ନତି ସମ୍ପର୍କରେ ମତବ୍ୟକ୍ତ କରିଥିଲେ। ଶିକ୍ଷୟିତ୍ରୀ ଦେବସ୍ମିତା ସାହୁ ଅତିଥିଙ୍କ ପରିଚୟ ପ୍ରଦାନ କରିଥିବା ବେଳେ ପ୍ରାଧନ ଶିକ୍ଷକ ଚନ୍ଦ୍ରଶେଖର ମିଶ୍ର ବାର୍ଷିକ ବିବରଣୀ ପାଠ କରିଥିଲେ। ଅମ୍ବିକା ଷଡ଼ଙ୍ଗୀ, ଭାଗ୍ୟଲକ୍ଷ୍ମୀ ସାହୁ, ପ୍ରତିମା ଚିନରା, ଚିନ୍ମୟୀ ଦାସ, ପୂଜାଲିନ୍ ପଣ୍ଡା, ସୁମନ ସରିତା କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ଶେଷରେ ଶିକ୍ଷକ ପୁରୁଷୋତ୍ତମ ପୃଷ୍ଟି ଧନ୍ୟବାଦ ଦେଇଥିଲେ।

## ବାଳିକା ଆତ୍ମରକ୍ଷା ତାଲିମ ଶିବିର ଉଦ୍‌ଯାପିତ

ଡେଲାଙ୍ଗ,୨୫।୧(ରଶ୍ମିରଞ୍ଜନ ପ୍ରଧାନ)

ଡେଲାଙ୍ଗ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ବାଳିକା ଅତ୍ମରକ୍ଷା କୌଶଳ ତାଲିମ ଶିବିର ଉଦ୍‌ଯାପିତ ହୋଇଯାଇଛି। ଉଦ୍‌ଯାପନୀ ଉତ୍ସବରେ ଅଧକ୍ଷ ସରୋଜ ବଳିୟାରସିଂହ, ଅଧ୍ୟାପକ ମନୋରଞ୍ଜନ ରଣଜିତ୍, ସୁମନ୍ତ ତରେଇ, ରାକେଶ କୁମାର ସ୍ୱାଇଁ, ଜିତେନ୍ଦ୍ର କୁମାର ମଲ୍ଲିକ, ଅଧ୍ୟାପିକା ସୁକାନ୍ତୀ ସେଠୀ, ଗୀତାଞ୍ଜଳି ସାହୁ, ସୁମଞ୍ଜୁଳା ବିଶ୍ୱାଳ, ଭୂମିକା ଜାଲି, ଡଲିସାହୁପ୍ରମୁଖ ଉପସ୍ଥିତ ରହି ମହିଳାଙ୍କ ସୁରକ୍ଷା ନିମନ୍ତେ ଅତ୍ମରକ୍ଷା କୌଶଳର ଉପକାରିତା ସମ୍ପର୍କରେ ଛାତ୍ରୀମାନଙ୍କୁ ସଚେତନ କରାଇଥିଲେ। ଅଧ୍ୟାପିକା ତନ୍ମୟୀ ମହାପାତ୍ରଙ୍କ ସଂଯୋଜନାରେ ଆୟୋଜିତ ତାଲିମ ଶିବିରରେ ମାଷ୍ଟର ଟ୍ରେନର ତପସ୍ୱିନୀ ମହାପାତ୍ର ମୋଟ ୧୫୧ଜଣ ଛାତ୍ରୀଙ୍କୁ ଅତ୍ମରକ୍ଷା ତାଲିମ ପ୍ରଦାନ କରିଥିଲେ।

## ସଂକ୍ଷେପରେ

### ଦେଶାତ୍ମବୋଧକ କବିତା ପାଠୋତ୍ସବ

ପୁରୀ,୨୫।୧(ଅଜିତ୍ କୁମାର ମହାନ୍ତି)

ଜିଲା ସୂଚନା ଓ ଲୋକ ସମ୍ପର୍କ ବିଭାଗ ଏବଂ ପୁରୀ ସାହିତ୍ୟ ଉତ୍ସବ ସମିତିର ମିଳିତ ଆନୁକୂଲ୍ୟରେ ଦେଶରେ ୭୬ତମ ସାଧାରଣତନ୍ତ୍ର ଦିବସ ଉପଲକ୍ଷେ ସଦ୍‌ଭାବନା ସଭାକକ୍ଷରେ ଶନିବାର ଦେଶାତ୍ମବୋଧକ କବିତା ପାଠୋତ୍ସବ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଅତିଥିଭାବେ ବର୍ଷିୟାନ ସାମାଜିକ କର୍ମୀ ପ୍ରତିମା ମିଶ୍ର, ସୂଚନା ଓ ଲୋକ ସମ୍ପର୍କ ବିଭାଗ ଉପନିର୍ଦ୍ଦେଶକ ସନ୍ତୋଷ କୁମାର ସେଠୀ ପ୍ରମୁଖ ମଞ୍ଚାସୀନ ଥିଲେ। କବିତା ଆସରକୁ ସୁସଂଯୋଜିକା ସର୍ବାଣୀ ଦାସ ସଂଯୋଜନା କରିଥିଲେ। ଆୟୋଜିତ କବିତା ଆସରରେ କୃଷ୍ଣଚନ୍ଦ୍ର ରଥ, ଜ୍ୟୋତିର୍ବିଦ ଡ. ମୀନକେତନ ପାଟଯୋଶୀ, ଡ. ସସ୍ମିତା ମିଶ୍ର, ଅଧ୍ୟାପକ ଅଶୋକ କୁମାର ମିଶ୍ର, ଭାରତୀ ଭୂଷଣ ଦାସ, ଲଲାଟେନ୍ଦୁ ମିଶ୍ର, ଶିବ ମିଶ୍ର, ସୁରେଶ ପଟ୍ଟନାୟକ, ପ୍ରତିଭା ଦାସ, ବିଚିତ୍ର ରଞ୍ଜନ ମହାପାତ୍ର, ସାରଙ୍ଗଧର ଷଡ଼ଙ୍ଗୀ, ରାଧାକୃଷ୍ଣ ପ୍ରଧାନୀ, ପ୍ରବାସିନୀ ମିଶ୍ର, ପୌର୍ଣ୍ଣମାସୀ ଦେବୀ, ନାରାୟଣ ନନ୍ଦ, ବିପିନ ଦଳାଇ, ମୀରା ମହାନ୍ତି, ଯୋଗେଶ୍ୱର ପ୍ରହରାଜ, ସୁବାସ ଚନ୍ଦ୍ର ମିଶ୍ର ପ୍ରମୁଖ ସ୍ୱରଚିତ ଦେଶାତ୍ମବୋଧକ କବିତା ଆବୃତ୍ତି କରିଥିଲେ।

### ତ୍ରିଲୋଚନପୁର ଉଚ୍ଚବିଦ୍ୟାଳୟ ବାର୍ଷିକୋତ୍ସବ

କଣାସ,୨୫।୧(ବିଭୂତି ଭୂଷଣ ତ୍ରିପାଠୀ

କଣାସ ବ୍ଲକ ତ୍ରିଲୋଚନପୁର ଗ୍ରାମରେ ପ୍ରତିଷ୍ଠିତ ତ୍ରିଲୋଚନପୁର ଉଚ୍ଚବିଦ୍ୟାଳୟର ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ପ୍ରଧାନଶିକ୍ଷକ ରଘୁନାଥ ବେହେରାଙ୍କ ସଭାପତିତ୍ୱରେ କଣାସ ବ୍ଲକର ସହ ଶିକ୍ଷାଧିକାରୀ ନାରାୟଣ ପ୍ରଧାନ, ସରପଞ୍ଚ ବିଜୟିନୀ ପାତ୍ର, ତ୍ରିଲୋଚନପୁର ଗ୍ରାମ୍ୟ କମିଟିର ସମ୍ପାଦକ ରବିନାରାୟଣ ଦାସ, ବିଦ୍ୟାଳୟ ଆଲୁମ୍‌ନି ପ୍ରତିନିଧି ଭୂପତି ଭୂଷଣ ତ୍ରିପାଠୀ, ଏସ୍‌ଏମ୍‌ଡି ସଭ୍ୟ ଶ୍ୟାମସୁନ୍ଦର ଦାସ, ପ୍ରମୋଦ କୁମାର ତ୍ରିପାଠୀ, ସଦସ୍ୟା ସ୍ୱର୍ଣ୍ଣଲତା ଦାସ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଛାତ୍ରୀଛାତ୍ରଙ୍କୁ ଭଲ ମଣିଷ ହେବା ପାଇଁ ପରାମର୍ଶ ଦେଇଥିଲେ। ଶିକ୍ଷୟିତ୍ରୀ ଆଦ୍ୟାଶା ପ୍ରିୟଦର୍ଶିନୀଙ୍କ ସଂଯୋଜନାରେ ଉତ୍ସବରେ ବାର୍ଷିକ କ୍ରୀଡ଼ା ପ୍ରତିଯୋଗିତାରେ କୃତିତ୍ୱ ହାସଲ କରିଥିବା ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା। ଏହି ଅବସରରେ ଛାତ୍ରୀଛାତ୍ରମାନଙ୍କୁ ପୋଷାକ ବଣ୍ଟନ କରାଯାଇଥିଲା।

## ସେଲ୍‌ଫି କର୍ନର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

metroselfie@gmail.com



@ ଅର୍ଚ୍ଚନା



@ ଦୁଃଶାସନ



@ ଈଶ୍ୱର



@ ସଞ୍ଜୟ



@ ସୂର୍ଯ୍ୟମଣି

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ । ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ଭଲମଣିଷ କରାଏ ଠିକ୍ ପ୍ରାଥମିକ ଶିକ୍ଷା

ଡେଲାଙ୍ଗ,୨୫।୧(ରଶ୍ମିରଞ୍ଜନ ପ୍ରଧାନ)

### ଡେଲାଙ୍ଗ କଲେଜର ବାର୍ଷିକ ଉତ୍ସବ

ଡେଲାଙ୍ଗ ହାଟ ବଜାରସ୍ଥିତ ଡେଲାଙ୍ଗ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ୪୪ତମ ବାର୍ଷିକ ଉତ୍ସବ ଅଧକ୍ଷ ସରୋଜ କୁମାର ବଳିଆରସିଂହଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ପୁରୀ ଏମ୍‌ପି ସମ୍ବିତ ପାତ୍ର, ସ୍ଥାନୀୟ ବିଧାୟକ ଆଶ୍ରିତ ପଟ୍ଟନାୟକ, ପ୍ରାକ୍ତନ ଅଧକ୍ଷ ଭାସ୍କର ଚନ୍ଦ୍ର ସାମନ୍ତରାୟ, ଅଭୟ ଚରଣ ରାଉତରାୟ, ଗାଦିବ୍ରହ୍ମ ସ୍ନାତକ ମହାବିଦ୍ୟାଳୟର ଅଧକ୍ଷ ଡ. ସରୋଜ କୁମାର ପଣ୍ଡା, ଅଧ୍ୟାପକ ତ୍ରିନାଥ ପରିଡ଼ା ପ୍ରମୁଖ ଯୋଗଦେଇ ଛାତ୍ର ଜୀବନରେ ଶିକ୍ଷାର ନୈତିକତା ମୂଲ୍ୟବୋଧ ଓ ମହତ୍ତ୍ୱ ସମ୍ପର୍କରେ ଆଲୋକପାତ କରିଥିଲେ। ପ୍ରାଥମିକ ଶିକ୍ଷା ଦ୍ୱାରା ଜଣେ ଭଲ ମଣିଷ ହୋଇପାରିବ , ଜଣେ ଭଲ ମଣିଷ ହେଲେ ସଫଳତା ନିଶ୍ଚୟ ମିଳିବ ବୋଲି ଏମ୍‌ପି ଡ. ପାତ୍ର ମତବ୍ୟକ୍ତ କରିଥିଲେ। ଏହି ପରିପ୍ରେକ୍ଷୀରେ ଗତ ବାର୍ଷିକ ପରୀକ୍ଷାରେ କୃତିତ୍ୱ ଅର୍ଜନ କରିଥିବା ୧୦ଜଣ ଛାତ୍ରୀଛାତ୍ରଙ୍କୁ ଦିଗ୍‌ନାଙ୍ଗ ସମ୍ମାନରେ ସମ୍ମାନିତ କରାଯାଇଥିଲା। ୧ମ ସ୍ଥାନ ଅଧିକାର କରିଥିବା ଛାତ୍ରୀ ପୁଷ୍ପାଞ୍ଜଳୀ ସିଂହଙ୍କୁ ୩ହଜାର, ୨ୟ ସ୍ଥାନ ଅଧିକାର କରିଥିବା ଛାତ୍ରୀ ଦୀପାଞ୍ଜଳି ସିଂହଙ୍କୁ ୨ହଜାର, ୩ୟ ସ୍ଥାନ ଅଧିକାର କରିଥିବା ଛାତ୍ରୀ ସୋନାଲି ପ୍ରିୟଦର୍ଶିନୀ ସ୍ୱାଇଁଙ୍କୁ ୧ହଜାର ଟଙ୍କାର ସହାୟତା ରାଶି ସହ ପ୍ରଶଂସାପତ୍ର ଓ ଅନ୍ୟ ୭ଜଣଙ୍କୁ ୫ଶହ ଟଙ୍କା ଲେଖାଏ ସହାୟତା ରାଶି ପ୍ରଦାନ କରାଯାଇଥିଲା। ସେହିପରି ଜାତୀୟ ଓ ଅନ୍ତର୍ଜାତୀୟସ୍ତରରେ ସୁନାମ ଅର୍ଜନ କରିଥିବା କଲେଜର କ୍ରୀଡ଼ାବିତ୍‌ଙ୍କୁ ଅତିଥିମାନେ ସମ୍ମାନିତ କରିଥିଲେ। ଅଧ୍ୟାପିକା ସୁମଞ୍ଜୁଳା ବିଶ୍ୱାଳ ଅତିଥି ପରିଚୟ ଓ ମଞ୍ଚ ପରିଚାଳନା କରିଥିବା ବେଳେ ଅଧ୍ୟାପିକା ତନ୍ମୟୀ ମହାପାତ୍ର, ଗୀତାଞ୍ଜଳି ସାହୁ, ଭୂମିକା ଜାଲି, ସୁକାନ୍ତି ସେଠୀ, ଡଲି ସାହୁ, ଅଧ୍ୟାପକ ମନୋରଞ୍ଜନ ରଣଜିତ୍, ଜିତେନ୍ଦ୍ର କୁମାର ମଲ୍ଲିକ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ଛାତ୍ରୀମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା।




କାର୍ଯ୍ୟକ୍ରମରେ ଏମ୍‌ପି ସମ୍ବିତ ପାତ୍ର, ବିଧାୟକ ଆଶ୍ରିତ ପଟ୍ଟନାୟକ କୃତୀ ପ୍ରତିଯୋଗୀଙ୍କୁ ସମ୍ବର୍ଦ୍ଧିତ କରୁଛନ୍ତି ।

# ଅଳିଆ ହଟୁନି, ବଢୁଛି ଦୁର୍ଗନ୍ଧ

- ରାଜରାସ୍ତାରେ ଗାଡ଼ି ପାର୍କିଂ ଦୁର୍ଗନ୍ଧରେ ଫାଟିପଡୁଛି
- କୋଣାର୍କ, ନାକ ଟେକୁଛନ୍ତି ପର୍ଯ୍ୟଟକ

କୋଣାର୍କ,୨୫।୧(ଜ୍ୟୋତିରାଜ ମହାନ୍ତି)

କୋଣାର୍କଠାରେ ଏନ୍‌ଏସି ପକ୍ଷରୁ ସ୍ଥାୟୀ ପାର୍କିଂ ବ୍ୟବସ୍ଥା ନ ଥିବାରୁ ରାଜରାସ୍ତାରେ ବେଆଇନ ଭାବେ ପାର୍କିଂ କରୁଥିବା ଗାଡ଼ି ଓ ରାସ୍ତାକଡ଼ରେ ଥିବା ଘରୋଇ ଲଜ୍ ଓ କଲ୍ୟାଣ ମଣ୍ଡପଗୁଡ଼ିକରୁ ସୃଷ୍ଟି ହେଉଥିବା ଅଳିଆ ଆବର୍ଜନା ସାଙ୍ଗକୁ ଲଜ୍ ଓ ମଣ୍ଡପରୁ ନିର୍ଗତ ଦୂଷିତ ଜଳ ଡ୍ରେନ୍ ମଧ୍ୟକୁ ସଂଯୋଗ ଯୋଗୁ କୋଣାର୍କଠାରେ ଦୁର୍ଗନ୍ଧମୟ ପରିବେଶ ସୃଷ୍ଟିହେବା ସହ ମଶାମାଛିଙ୍କ ପ୍ରାଦୁର୍ଭାବ ବଢ଼ିଚାଲିଛି। ସୂର୍ଯ୍ୟମନ୍ଦିର ପରିଦର୍ଶନରେ ଆସୁଥିବା ପର୍ଯ୍ୟଟକମାନେ ଏଠାକାର ଅସ୍ୱାସ୍ଥ୍ୟକର ପରିବେଶ ଯୋଗୁ ନାକ ଟେକୁଥିବା ଭଳି ପରିସ୍ଥିତି ଉପୁଜିଛି।

ପ୍ରକାଶ ଯେ, କୋଣାର୍କ ରାଜରାସ୍ତାରେ ବେଆଇନ ଭାବେ ଗାଡ଼ି ପାର୍କିଂ କରିବା ଯୋଗୁ ସେଥିରେ ଆସିଥିବା ଯାତ୍ରୀମାନେ ଖାଦ୍ୟପଦାର୍ଥ ଖାଇ ରାସ୍ତାରେ ଆବର୍ଜନା ପକାଉଥିବା ଦେଖାଯାଇଛି। ସେଗୁଡ଼ିକ ଏନ୍‌ଏସି ପକ୍ଷରୁ ସଫେଇ ନ କରାଯିବା ଓ ରାସ୍ତା କଡ଼ରେ ଶୌଚାଳୟ ନ ଥିବା ହେତୁ ପର୍ଯ୍ୟଟକମାନେ ଏଣେତେଣେ ଝାଡ଼ା, ପରିସ୍ରା କରୁଛନ୍ତି। ସେହିପରି କୋଣାର୍କ ଓ ଚନ୍ଦ୍ରଭାଗା ରାଜରାସ୍ତା କଡରେ ଘରୋଇ ଲଜ୍ ଓ ହୋଟେଲଗୁଡ଼ିକରୁ ନିର୍ଗତ ଜଳ ଠିକ୍ ଭାବେ ନିଷ୍କାସନ ହୋଇପାରୁ ନ ଥିବାରୁ ସେଗୁଡ଼ିକ ପର୍ଯ୍ୟଟନସ୍ଥଳୀ କୋଣାର୍କର ପରିବେଶକୁ ଦୂଷିତ କରିବା ସହ ଅସ୍ୱାସ୍ଥ୍ୟକର ପରିବେଶ ସୃଷ୍ଟି କରୁଛି ବୋଲି ସାଧାରଣରେ ମତପ୍ରକାଶ ପାଇଛି। କୋଣାର୍କ ଏନ୍‌ଏସି ପ୍ରଶାସନ ପକ୍ଷରୁ ସଫେଇ କାର୍ଯ୍ୟ ହେଉ ନ ଥିବାରୁ ଏଭଳି ଦୁର୍ଗନ୍ଧମୟ ପରିବେଶ ସୃଷ୍ଟି ହୋଇଛି ବୋଲି ପରିବେଶବିତ୍ ମହଲରେ ଆଲୋଚନା ହେଉଛି। ସେହିପରି କୋଣାର୍କ ମେଡିକାଲ, ମା'ଭଗବତୀ ପୀଠ, ବସ୍‌ଷ୍ଟାଣ୍ଡ ଓ ଚନ୍ଦ୍ରଭାଗା ତୀର୍ଥ ଆଦି ଜାଗାକୁ ସଫେଇ ପାଇଁ ବାରମ୍ବାର ଅଭିଯୋଗ କରିବା ସତ୍ତ୍ୱେ ଏଥିପ୍ରତି ଏନ୍‌ଏସିର କୌଣସି ଅଧିକାରୀ ଦୃଷ୍ଟି ନ ଦେବା ହେତୁ ଏ ସ୍ଥାନଗୁଡ଼ିକରେ ଆବର୍ଜନା ପଡ଼ିରହୁଛି। ଏ ସମ୍ପର୍କରେ କୋଣାର୍କ ନିର୍ବାହୀ ଅଧିକାରୀ ଛବିରାଣୀ ସାହୁ କହିଛନ୍ତି, ସେ ଏଠାରେ ଅଳ୍ପଦିନ ହେଲା ଦାୟିତ୍ୱରେ ଥିବାରୁ ଅବଗତ ନ ଥିଲେ। ଖୁବ୍‌ଶୀଘ୍ର ଏସବୁ ସମସ୍ୟାର ସମାଧାନ କରିବା ପାଇଁ ଚେଷ୍ଟା କରିବେ।



କୋଣାର୍କ ଏନ୍‌ଏସି ରାସ୍ତା ଉପରେ ଗାଡ଼ି ପାର୍କିଂ କରାଯାଇଥିବା ଦୃଶ୍ୟ ।

# ଓଡ଼ିଶାର ଗୌରବ ବଢ଼ାଇଲେ ୪ ଓଡ଼ିଆ

ଭୁବନେଶ୍ୱର, ୨୫।୧ (ସୌମ୍ୟରଞ୍ଜନ ରାଉତ): ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ପକ୍ଷରୁ ଶନିବାର ପଦ୍ମ ପୁରସ୍କାର ଘୋଷଣା କରାଯାଇଛି। କଳା, ସମାଜସେବା, ଚିକିତ୍ସା, ଶିଳ୍ପ, ସାହିତ୍ୟ, କ୍ରୀଡା ଆଦି କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ମୋଟ ୧୩୯ଜଣ ବିଶିଷ୍ଟ ବ୍ୟକ୍ତିଙ୍କୁ ପଦ୍ମ ପୁରସ୍କାର ପାଇଁ ମନୋନୀତ କରାଯାଇଛି। ଏହି ତାଲିକାରେ ଓଡ଼ିଶାରୁ ୪ଜଣଙ୍କ ନାମ ରହିଛି। ମେଡିସିନ କ୍ଷେତ୍ରରେ ଅଶୋକ ମହାପାତ୍ର, କଳାରେ ଅଦ୍ୱୈତ ଚରଣ ଗଡ଼ନାୟକ ଓ ଦୁର୍ଗା ଚରଣ ରଣବୀର, ସାହିତ୍ୟ ଓ ଶିକ୍ଷାରେ ପ୍ରତିଭା ଶତପଥୀ ପଦ୍ମଶ୍ରୀ ପାଇବାକୁ ମନୋନୀତ ହେବା ସହ ଓଡ଼ିଶାର ଗୌରବ ବଢ଼ାଇଛନ୍ତି।

## କଳା, ସାହିତ୍ୟ, ଚିକିତ୍ସା କ୍ଷେତ୍ରରେ ପଦ୍ମଶ୍ରୀ




### ଜଗନ୍ନାଥଙ୍କ ଆଶୀର୍ବାଦ, ଲୋକଙ୍କ ଭଲ ପାଇବାର ପୁରସ୍କାର

"ପୁରସ୍କାର ପାଇବି ଜାଣିବା ପରେ ଭଲ ଲାଗୁଛି। ମାତ୍ର ଏଥିପାଇଁ ମୋର ବିଶେଷ କିଛି ଖୁସି ହେବାର କାରଣ ନାହିଁ। ଜଗନ୍ନାଥଙ୍କ ଆଶୀର୍ବାଦ ଏବଂ ଲୋକଙ୍କ ଭଲପାଇବା ପାଇଁ ପଦ୍ମ ପୁରସ୍କାର ପାଇବାକୁ ମନୋନୀତ ହୋଇଛି। ଆରମ୍ଭରୁ ନିଃସ୍ୱାର୍ଥ ଭାବରେ ରୋଗୀସେବା କରି ଆସୁଛି। କାହାଠାରୁ କିଛି ପାଇବାର ଆଶା ନ ଥାଏ। ଜଣେ ଡାକ୍ତର ଭାବେ ସର୍ବଦା ନିଜ କାମକୁ ଗୁରୁତ୍ୱ ଦେଇ ଆସିଛି। ରାତି ଦିନ, ପର୍ବପର୍ବାଣି, ଯାହା ହେଲେ ବି ନିଜ କର୍ତ୍ତବ୍ୟରୁ ଓହରି ନାହିଁ। ଯାହାର ଫଳସ୍ୱରୂପ ପୁରସ୍କାର ମିଳିବ।

**ଡା. ଅଶୋକ ମହାପାତ୍ର**

### ଯାହା ହୃଦୟରୁ ବାହାରେ, ଲେଖାରେ ପ୍ରକାଶିତ ହୋଇଯାଏ

"ପଦ୍ମ ଆମ ସଂସ୍କୃତିର ସବୁଠୁ ପବିତ୍ର ଓ ସୁନ୍ଦର ପୁଷ୍ପ। ତାହାର ଅନୁଭବ ମଧ୍ୟ ସେହିଭଳି ପବିତ୍ର ଓ ଆନନ୍ଦମୟ। ତେଣୁ ପଦ୍ମ ପୁରସ୍କାର ପାଇବି ଜାଣିବା ପରେ ମୋତେ ବହୁତ ଆନନ୍ଦ ଲାଗୁଛି। ମୋର ଅନେକ ବହି ବିଭିନ୍ନ ଭାଷାରେ ସାରା ଭାରତରେ ପ୍ରକାଶିତ ହୋଇଛି। ବହୁ ଅନୁବାଦ ପୁସ୍ତକ ମଧ୍ୟ ରଚନା କରିଛି। ମାତ୍ର କେଉଁ ପୁସ୍ତକ ପାଇଁ ପୁରସ୍କାର ପାଇବାକୁ ମନୋନୀତ ହୋଇଛି, ତାହା ଏଯାବତ୍ ଜଣାଇ ନାହାନ୍ତି। ଯାହା ମୋ ହୃଦୟ ଭିତରୁ ବାହାରେ ତାହା ଲେଖାରେ ପ୍ରକାଶିତ ହୋଇଯାଏ। ମୁଁ ତ ଜଣେ ବିଚାରକ ନୁହେଁ, ତେଣୁ ମୋ ଲେଖାରେ କ'ଣ ଦେଖି ପୁରସ୍କାର ଦେଉଛନ୍ତି ତାହା କହି ପାରିବି ନାହିଁ। ବୟସ ବହୁତ ଆଗେଇ ଗଲାଣି। ତେଣୁ ଆଗାମୀ ଯୋଜନା କିଛି କରିନି।

**ପ୍ରତିଭା ଶତପଥୀ**

### ଭାସ୍କର୍ଯ୍ୟ କଳାରେ ପଦ୍ମ ସମ୍ମାନ ଓଡ଼ିଶା ପାଇଁ ଗୌରବ

"୪୫ ବର୍ଷର ସଂଘର୍ଷ ପରେ ଏତେବଡ଼ ସମ୍ମାନ ପାଇବା ଖୁସିର କଥା। ଏହି ପୁରସ୍କାର ପାଇଁ ସମଗ୍ର ଭାରତବାସୀଙ୍କ ସ୍ନେହ, ଆଶୀର୍ବାଦ ରହିଥାଏ। ତେଣୁ ଜଣେ ଆର୍ଟିଷ୍ଟ ପାଇଁ ଏହା ନିଶ୍ଚିତ ପକ୍ଷେ ଗୌରବର ବିଷୟ। ଅପରପକ୍ଷେ ପ୍ରଥମଥର ପାଇଁ ଓଡ଼ିଶାକୁ ଭାସ୍କର୍ଯ୍ୟକଳାରେ ପଦ୍ମ ପୁରସ୍କାର ମିଳିବାକୁ ଯାଉଛି। ଏହାଠାରୁ ବଡ ଖୁସିର କଥା ଆଉ କିଛି ନୁହେଁ। ମୋର ଏହି ସମ୍ମାନ ସମସ୍ତ ଲୋକଙ୍କ ଭଲପାଇବା ଏବଂ ଆଶୀର୍ବାଦର ଫଳ।

**ଅଦ୍ୱୈତ ଚରଣ ଗଡ଼ନାୟକ**

### ପୁରସ୍କାର ପାଇବି, ବହୁତ ଖୁସି ଲାଗୁଛି

"ପୁରସ୍କାର ପାଇବି ଜାଣିବା ପରେ ବହୁତ ଖୁସି ଲାଗୁଛି। ଦୀର୍ଘବର୍ଷ ଧରି ଓଡ଼ିଶୀ ନୃତ୍ୟ କ୍ଷେତ୍ରରେ ମୋର ସାଧନା ଜାରି ରହିଛି। ଆଗରୁ ଅନେକ ପୁରସ୍କାର ପାଇଛି, ଏବେ ପଦ୍ମ ପୁରସ୍କାର ପାଇବି। ଓଡ଼ିଶୀ ନୃତ୍ୟକୁ ଆହୁରି ଆଗକୁ ନେବାକୁ ସର୍ବଦା ଚେଷ୍ଟା କରି ଆସିଛି। ଓଡ଼ିଶୀ ନୃତ୍ୟର ଠିକ୍ ଭାବେ ବ୍ୟାକରଣ ଓ ବିଜ୍ଞାନକୁ ନେଇ ପର୍ଯ୍ୟାୟକ୍ରମେ କିଭଳି ଉନ୍ନତି ହୋଇପାରିବ ସେଥିପାଇଁ ପ୍ରୟାସ କରିବି।

**ଦୁର୍ଗାଚରଣ ରଣବୀର**

ସେଲ୍ଫି କର୍ଣ୍ଣର ଧରିତ୍ରୀ
ଆମକୁ ପଠାନ୍ତୁ ଆପଣଙ୍କ ସେଲ୍ଫି
metroselfie@gmail.com


@ ଅର୍ଚ୍ଚନା


@ ଦୁଃଶାସନ


@ ଈଶ୍ୱର


@ ସଞ୍ଜୟ


@ ସୂର୍ଯ୍ୟମଣି

ସେଲ୍ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ବିଏନ୍ଆଇ ନୀଳଚକ୍ରର ଶୁଭାରମ୍ଭ

ଭୁବନେଶ୍ୱର, ୨୫।୧ (ଅନୁରାଧା ମହାରଣା)

ବିଏନ୍ଆଇ ଓଡ଼ିଶା ପକ୍ଷରୁ ପୁରୀଠାରେ ଅଷ୍ଟମ ଚାପ୍ଟର- ବିଏନ୍ଆଇ ନୀଳଚକ୍ର ଶୁଭାରମ୍ଭ କରାଯାଇଛି। ପ୍ରଥମ ଦିନରେ ଏହା ୨.୨ କୋଟିର ବ୍ୟବସାୟ କରିଥିବାବେଳେ ୩୫ ସଦସ୍ୟତା ହାସଲ କରିଛି। ଏହା ସହ ପ୍ରାୟ ୫୬ଜଣ ପରିଦର୍ଶକଙ୍କୁ ସ୍ୱାଗତ କରିଛି। ବିଏନ୍ଆଇ ଇକୋସିଷ୍ଟମ୍ ମଧ୍ୟରେ ବିଏନ୍ଆଇ ଗ୍ରେଟର ଓଡ଼ିଶା ଦ୍ରୁତ ପ୍ରଦର୍ଶନକାରୀଭାବେ ଗଣାଯାଉଥିବାବେଳେ ଓଡ଼ିଶାରେ ୮ଟି ଚାପ୍ଟର ସହ ୪୭୦ ସଦସ୍ୟତା ହାସଲ କରିଛି। ଜାନୁଆରୀ ସୁଦ୍ଧା ଓଡ଼ିଶାରେ ୪୧୫ କୋଟିର କାରବାର କରିବାରେ ସକ୍ଷମ ହୋଇଛି। ଏହି ସଫଳତା ପଛରେ କ୍ଷେତ୍ର ନିର୍ଦ୍ଦେଶକ କେ. ସଞ୍ଜୀବ ପାତ୍ର ଓ ସହକାରୀ କ୍ଷେତ୍ର ନିର୍ଦ୍ଦେଶକ ଜୟ ପାତ୍ରଙ୍କ ଭୂମିକା ରହିଛି। କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ସିଏସ୍ ସୁନୀତା ମହାନ୍ତି, ନମ୍ରତା ସାମଲ ଓ ପ୍ରଦୀପ ଅଗରୱାଲ ଗୁରୁତ୍ୱପୂର୍ଣ୍ଣ ଦାୟିତ୍ୱ ତୁଲାଇଛନ୍ତି।



ଇଣ୍ଟରଭ୍ୟୁ ଟାଇମ୍ସ ପତ୍ରିକାର 'ଏଲିଟ୍ ୧୦୦ ଚେଞ୍ଜ୍‌ମେକର୍ସ'ଶୀର୍ଷକ ସଂସ୍କରଣକୁ ଶନିବାର ଭୁବନେଶ୍ୱରସ୍ଥିତ ଏକ ହୋଟେଲରେ ରାଜ୍ୟପାଳ ହରି ବାବୁ କମ୍ଭମପାଟି, କିଟ୍ ଓ କିସ୍ ପ୍ରତିଷ୍ଠାତା ଡ. ଅଚ୍ୟୁତ ସାମନ୍ତଙ୍କ ସହ ଅନ୍ୟମାନେ ଲୋକାର୍ପଣ କରୁଛନ୍ତି।

# ଶ୍ରେଷ୍ଠ ନିର୍ବାଚନ ଅଭ୍ୟାସ ପୁରସ୍କାର ପାଇଲା ଭାରତୀୟ ରେଳପଥ



ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କଠାରୁ ରେଳପଥ ବୋର୍ଡ ଅଧ୍ୟକ୍ଷ ସତୀଶ୍ କୁମାର ପୁରସ୍କାର ଗ୍ରହଣ କରୁଛନ୍ତି।

ଭୁବନେଶ୍ୱର, ୨୫।୧ (ଅନୁରାଧା ମହାରଣା)

ଜାତୀୟ ମତଦାତା ଦିବସ ଅବସରରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ମତଦାତା ସଚେତନତା ଅଭିଯାନରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥିବା ଭାରତୀୟ ରେଳପଥକୁ ପୁରସ୍କୃତ କରିଛନ୍ତି। ନୂଆଦିଲ୍ଲୀର ଦିଲ୍ଲୀ କ୍ୟାଣ୍ଟନମେଣ୍ଟର ମାନେକଶା ସେଣ୍ଟରରେ ଶନିବାର ଆୟୋଜିତ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ଶ୍ରେଷ୍ଠ ନିର୍ବାଚନ ଅଭ୍ୟାସ ପୁରସ୍କାର ପ୍ରଦାନ କରାଯାଇଛି। ଭାରତୀୟ ରେଳପଥ ପକ୍ଷରୁ ରେଳପଥ ବୋର୍ଡର ଅଧ୍ୟକ୍ଷ ତଥା ସିଇଓ ସତୀଶ୍ କୁମାର ଏହି ପୁରସ୍କାର ଗ୍ରହଣ କରିଛନ୍ତି।

# ସିଏସ୍ଆଇଆର୍-ଆଇଏମ୍ଏମ୍ଟି ପରିଦର୍ଶନ କଲେ ଖଣି ମନ୍ତ୍ରଣାଳୟ ସଚିବ

ଭୁବନେଶ୍ୱର, ୨୫।୧ (ସୁଚିସ୍ମିତା ସାହୁ)




ଖଣି ମନ୍ତ୍ରଣାଳୟ ସଚିବ ଭି. ଏଲ୍. କାନ୍ତ ରାଓ ଶନିବାର ଭୁବନେଶ୍ୱରସ୍ଥିତ ସିଏସ୍ଆଇଆର୍-ଆଇଏମ୍ଏମ୍ଟି ପରିଦର୍ଶନ କରିଛନ୍ତି। ତାଙ୍କ ସହ ନାଲ୍କୋ ସିଏମ୍ଡି ବି.ପି. ସିଂହ ଓ ଏନ୍ଏଫ୍‌ଟିଡିସି ହାଇଦ୍ରାବାଦର ନିର୍ଦ୍ଦେଶକ ଡ. କେ. ବାଲ୍ ସୁବ୍ରମଣ୍ୟମ ଏହି ପରିଦର୍ଶନରେ ଆସି ଗବେଷଣା ଓ ବିକାଶ ସୁବିଧାର ସମୀକ୍ଷା କରିବା ସହ ଖଣିଜ ଓ ପଦାର୍ଥ ପ୍ରଯୁକ୍ତି ବିଦ୍ୟାକ୍ଷେତ୍ରରେ ଅଭିନବ ଗବେଷଣା ଓ ଅଗ୍ରଗତିକୁ ଅନୁଧ୍ୟାନ କରିଥିଲେ। ପ୍ରତିଷ୍ଠାନର ବିଭିନ୍ନ ପରୀକ୍ଷାଗାର ଓ ପାଇଲଟ ପ୍ଲାଣ୍ଟ ପରିଦର୍ଶନ କରିବା ଅବସରରେ ସଚିବ କାନ୍ତରାଓ କହିଛନ୍ତି, ଭାରତର ଗୁରୁତ୍ୱପୂର୍ଣ୍ଣ ଖଣିଜ ଯୋଗାଣ ଶୃଙ୍ଖଳାକୁ ସୁରକ୍ଷିତ କରିବାର ଅବଶ୍ୟକତା ରହିଛି। ଦ୍ୱିପାକ୍ଷିକ ଓ ବହୁପାକ୍ଷିକ ଯୋଗଦାନ ମାଧ୍ୟମରେ ଖଣିଜ ପ୍ରକଳ୍ପଗୁଡ଼ିକୁ ଆଗେଇ ନିଆଯାଉଛି। ମନ୍ତ୍ରଣାଳୟ ପକ୍ଷରୁ ଖଣି ଅନୁସନ୍ଧାନ, ଘରୋଇ ପ୍ରକ୍ରିୟାକରଣ, ବିଶୋଧନ ଏବଂ ଅନ୍ୟଦେଶ ସହିତ ଭାଗିଦାରୀ ସମେତ ବହୁମୁଖୀ ଆଭିମୁଖ୍ୟ ଉପରେ ଧ୍ୟାନ ଦେଉଛି। ମନ୍ତ୍ରଣାଳୟ ପକ୍ଷରୁ ନିଆଯାଇଥିବା ପଦକ୍ଷେପ ଖଣିଜ ଆମଦାନୀ ଉପରେ ନିର୍ଭରଶୀଳତା ହ୍ରାସ କରିବ। ଏହି ପରିଦର୍ଶନ ମନ୍ତ୍ରଣାଳୟର ଗୁରୁତ୍ୱପୂର୍ଣ୍ଣ ଖଣିଜ ବ୍ଲକଗୁଡ଼ିକର ନିଲାମ ଲକ୍ଷ୍ୟ ହାସଲ ପାଇଁ ଏକ ପ୍ରମୁଖ ଦିଗ ବୋଲି ସଚିବ କହିଛନ୍ତି।

ନାଲକୋ ସିଏମ୍ଡି ସିଂହ କହିଲେ, ବୈଷୟିକ ଜ୍ଞାନକୌଶଳ ଓ ସବୁଜ ଶକ୍ତିର ଭବିଷ୍ୟତ ପାଇଁ ଗୁରୁତ୍ୱପୂର୍ଣ୍ଣ ଖଣିଜ ପଦାର୍ଥ ନିର୍ଭରଯୋଗ୍ୟ। ଏନ୍ଏଫ୍‌ଟିଡିସି ହାଇଦ୍ରାବାଦର ନିର୍ଦ୍ଦେଶକ ଡ. ସୁବ୍ରମଣ୍ୟମ କହିଲେ, ଦେଶ ପାଇଁ ଏକ ସୁଦୃଢ଼, ବିବିଧ ଯୋଗାଣ ଶୃଙ୍ଖଳା ନିର୍ମାଣର ଗୁରୁତ୍ୱକୁ ସ୍ୱୀକାର କରିବା ଆମ ପାଇଁ ଜରୁରୀ। ବର୍ତ୍ତମାନ ଓ ଭବିଷ୍ୟତର ଚାହିଦା ପୂରଣ କରିବାକୁ ଆମେ ପ୍ରସ୍ତୁତ ଅଛୁ ବୋଲି ସେ କହିଥିଲେ। ସିଏସ୍ଆଇଆର୍-ଆଇଏମ୍ଏମ୍ଟି ଭୁବନେଶ୍ୱରର ନିର୍ଦ୍ଦେଶକ ଡ. ରାମାନୁଜ ନାରାୟଣ ଖଣିଜ ଏବଂ ପଦାର୍ଥ ପ୍ରଯୁକ୍ତି ବିଦ୍ୟା କ୍ଷେତ୍ରରେ ଅତ୍ୟାଧୁନିକ ଗବେଷଣା, ବିକାଶ ସହ ଦେଶରେ ସ୍ୱଚ୍ଛ ଶକ୍ତି, ବୈଦ୍ୟୁତିକ ଯାନ (ଇଭି) ଏବଂ ଉଚ୍ଚ ଜ୍ଞାନକୌଶଳ ଉତ୍ପାଦର ଚାହିଦା ବୃଦ୍ଧି ନେଇ ରୋଡ୍‌ମ୍ୟାପ ସମ୍ପର୍କରେ ଅବଗତ କରାଇଥିଲେ।

# ଓପିଟିସିଏଲ୍ ଯନ୍ତ୍ରୀ ସଂଘର ରୌପ୍ୟ ଜୟନ୍ତୀ



ଭୁବନେଶ୍ୱର, ୨୫।୧ (ଅଭୟ ଦାଶ)

ଓଡ଼ିଶା ପାୱାର ଟ୍ରାନ୍ସମିଶନ କର୍ପୋରେଶନ ଲିମିଟେଡ୍(ଓପିଟିସିଏଲ୍) ଯନ୍ତ୍ରୀ ସଂଘର ରୌପ୍ୟ ଜୟନ୍ତୀ ନିକଟରେ ସଂଘର ଭୁବନେଶ୍ୱରସ୍ଥିତ ମୁଖ୍ୟ କାର୍ଯ୍ୟାଳୟଠାରେ ପାଳିତ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ ସାମାଜିକ ପ୍ରତିଷ୍ଠାନ 'ସହାୟ' ସହ ମିଳିତ ଭାବେ ଏକ ମେଗା ରକ୍ତଦାନ ଶିବିରର ଆୟୋଜନ କରାଯାଇଥିଲା। ସାମୂହିକ ଭାବେ ଏବଂ ଉଦାରତାର ଏକ ଉଲ୍ଲେଖନୀୟ ପ୍ରଦର୍ଶନ ସହ ୫୮ ୟୁନିଟ୍ ରକ୍ତ ସଂଗ୍ରହ କରାଯାଇଥିଲା।

# ରାଷ୍ଟ୍ରପତିଙ୍କୁ ଭେଟିଲେ ବସ୍ତିନେତା ଆଜାଦ୍

## ଆଦିବାସୀ, ବସ୍ତିବାସିନ୍ଦାଙ୍କ ସମସ୍ୟା ଜଣାଇଲେ

କଟକ, ୨୫।୧ (କାର୍ତ୍ତିକ ସାହୁ)

ରାଜ୍ୟର ଆଦିବାସୀ ଏବଂ ବସ୍ତିବାସିନ୍ଦାଙ୍କ ବିଭିନ୍ନ ସମସ୍ୟାର ସମାଧାନ ପାଇଁ ବସ୍ତିନେତା ବୃନ୍ଦାବନ ଦାସ ଆଜାଦ୍ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କୁ ଭେଟିଛନ୍ତି। ଦିଲ୍ଲୀସ୍ଥିତ ରାଷ୍ଟ୍ରପତି ଭବନଠାରେ ରାଷ୍ଟ୍ରପତି ମୁର୍ମୁଙ୍କୁ ସେ ଏକ ଦାବିପତ୍ର ପ୍ରଦାନ କରି ତାଙ୍କ ସହ ଏ ବିଷୟରେ ବ୍ୟାପକ ଆଲୋଚନା କରିଥିଲେ। ଦାବିଗୁଡ଼ିକ ପ୍ରତି ରାଷ୍ଟ୍ରପତି ସକାରାତ୍ମକ ଦୃଷ୍ଟିକୋଣ ଆପଣେଇ ଓଡ଼ିଶା ସରକାରଙ୍କ ସହ କଥାହେବାକୁ ପ୍ରତିଶ୍ରୁତି ଦେଇଥିଲେ ବୋଲି ଆଜାଦ ଜଣାଇଛନ୍ତି। ଏହି ଆଲୋଚନାବେଳେ ଆଜାଦଙ୍କ ସହିତ ରାଜ୍ୟ ଆଦିବାସୀ ନେତା ହୃଷୀକେଶ ଦେହୁରୀ ଏବଂ ଶିକ୍ଷାବିତ୍ ତଥା ଆଦିବାସୀ ନେତା ରବୀନ୍ଦ୍ରନାଥ ସୋରେନ୍ ମଧ୍ୟ ଉପସ୍ଥିତ ଥିଲେ।

# ଜନଜାତିମାନେ ଆମର ଗର୍ବ, ଗୌରବ

## ୧୬ତମ ଆଦିବାସୀ ଯୁବ ବିନିମୟ କାର୍ଯ୍ୟକ୍ରମ ଉଦ୍‌ଘାଟିତ

ଭୁବନେଶ୍ୱର, ୨୫।୧ (ଅନୁରାଧା ମହାରଣା)

ନେହେରୁ ଯୁବକେନ୍ଦ୍ର ସଙ୍ଗଠନ ଓଡ଼ିଶା ଶାଖା ଓ ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ପକ୍ଷରୁ ୧୬ତମ ଆଦିବାସୀ ଯୁବ ବିନିମୟ କାର୍ଯ୍ୟକ୍ରମ ଭୁବନେଶ୍ୱର କଳିଙ୍ଗ ଷ୍ଟାଡ଼ିୟମ୍ ପରିସରରେ ଶନିବାର ଉଦ୍‌ଘାଟିତ ହୋଇଯାଇଛି। ନକ୍ସଲ ପ୍ରଭାବିତ ଅଞ୍ଚଳର ଯୁବତୀଯୁବକଙ୍କୁ ସମାଜର ମୁଖ୍ୟସ୍ରୋତରେ ସାମିଲ ସହ ପରସ୍ପର ମଧ୍ୟରେ ଭାବର ଆଦାନ ପ୍ରଦାନ କରିବା ଉଦ୍ଦେଶ୍ୟରେ ଏହି କାର୍ଯ୍ୟକ୍ରମର ଆୟୋଜନ କରାଯାଇଛି। ମୁଖ୍ୟଅତିଥି ଭାବେ ସିଆର୍‌ପିଏଫ୍ ଭୁବନେଶ୍ୱରର ଡିଆଇଜି ଭାରତ ଭୂଷଣ ସେଠୀ, ସମ୍ମାନିତ ଅତିଥି ଭାବେ ନେହେରୁ ଯୁବକେନ୍ଦ୍ରର




ଆଦିବାସୀ ଯୁବ ବିନିମୟ କାର୍ଯ୍ୟକ୍ରମ ଉଦ୍‌ଘାଟନ ଅବସରରେ ସିଆର୍‌ପିଏଫ୍ ଡିଆଇଜି ଭାରତ ଭୂଷଣ ସେଠୀଙ୍କ ସହ ଅନ୍ୟମାନେ।

ରାଜ୍ୟ ନିର୍ଦ୍ଦେଶକ ଶିବାଜୀ ମୁରଲୀଧର ଖରାତ, ରାଜ୍ୟ ସରକାରଙ୍କ କ୍ରୀଡ଼ା ଓ ଯୁବସେବା ବିଭାଗର ଓଏସ୍‌ଡି ବିଜୟ କୁମାର ରାଉତ, ଯୁବ ଅଧିକାରୀ ପ୍ରସନ୍ନ ମେହେର, ବି. ରମେଶ, ବିପିନ କୁମାର ପ୍ରମୁଖ ଯୋଗଦେଇଥିଲେ। ଏ ଅବସରରେ ଅତିଥିମାନେ କହିଲେ, ଆଦିବାସୀ କଳା, ସଂସ୍କୃତି ଦେଶକୁ ଗୌରବାନ୍ୱିତ କରୁଛି। ଜନଜାତିମାନେ ଆମର ଗର୍ବ ଓ ଗୌରବ। ଜନଜାତିର କଲ୍ୟାଣ ତଥା ରାଷ୍ଟ୍ରର ଅର୍ଥନୈତିକ ସମୃଦ୍ଧି ପାଇଁ ଯୁବପିଢ଼ି ଉଦ୍ୟମ କରିବା ସହିତ ଆମ ସଂସ୍କୃତି ଓ ଆଧ୍ୟାତ୍ମିକ ଚିନ୍ତାଧାରାକୁ ବିଶ୍ୱସ୍ତରରେ ପ୍ରତିଷ୍ଠିତ କରିବାକୁ ଆହ୍ୱାନ ଦେଇଥିଲେ। ଛତିଶଗଡ଼, ମଧ୍ୟପ୍ରଦେଶ ଏବଂ ଓଡ଼ିଶାର ୫ଟି ଜିଲାର ୨୨୦ ଜଣ ଯୁବ ପ୍ରତିନିଧି କାର୍ଯ୍ୟକ୍ରମରେ ଯୋଗଦେଇଥିବାବେଳେ ନେହେରୁ ଯୁବକେନ୍ଦ୍ରର ଶୁଭେନ୍ଦ୍ରନାଥ ସାହୁ, କୁଳମଣି ମଲ୍ଲିକ, ରୋହିତ ସମାରାଓ ନନ୍ଦେଶ୍ୱର, ସ୍ୱେଚ୍ଛାସେବୀ ସତ୍ୟନାରାୟଣ ଶ୍ରୀଚନ୍ଦନ, ମନୋରଞ୍ଜନ ପାତ୍ର, ଦେବସ୍ମିତା ସାହୁ ପ୍ରମୁଖ ପରିଚାଳନା କରିଥିଲେ।

# ଅଗ୍ନିଶମ ସେବା ବର୍ଗରେ ଓଡ଼ିଶାରୁ ୫ ଜଣଙ୍କୁ ପଦକ

ଭୁବନେଶ୍ୱର, ୨୫।୧ (ସୂର୍ଯ୍ୟକାନ୍ତ ବେହେରା)

ସାଧାରଣତନ୍ତ୍ର ଦିବସର ଅବ୍ୟବହିତ ପୂର୍ବରୁ ଶନିବାର ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ପକ୍ଷରୁ ସାହାସିକତା, ଉଲ୍ଲେଖନୀୟ କାର୍ଯ୍ୟ ଓ ବିଶିଷ୍ଟ ସେବା ପାଇଁ ବିଭିନ୍ନ ସେବା ବର୍ଗରେ ପଦକ ଘୋଷଣା କରାଯାଇଛି। ହୋମଗାର୍ଡ ଓ ବେସାମରିକ ପ୍ରତିରକ୍ଷା ବର୍ଗରେ ୩ଜଣଙ୍କୁ ମିଳିବ ପଦକ। ବିଶିଷ୍ଟ ସେବା ପାଇଁ ସିଭିଲ୍ ଡିଫେନ୍ସ ଭଲୁଣ୍ଟିୟର ପ୍ରମୋଦ କୁମାର ରାଉତ ଓ ହୋମ୍‌ଗାର୍ଡ କମ୍ପାନୀ କମାଣ୍ଡର ସୌଭାଗ୍ୟ ପ୍ରଧାନଙ୍କୁ ରାଷ୍ଟ୍ରପତି ପଦକ ଏବଂ ଉଲ୍ଲେଖନୀୟ ସେବା ପାଇଁ ସିଭିଲ୍ ଡିଫେନ୍ସ ଭଲୁଣ୍ଟିୟର ସଞ୍ଜୀବ କୁମାର ନାୟକ ପଦକ ପାଇବେ।

ସେହିପରି ଅଗ୍ନିଶମ ସେବା ବିଭାଗରୁ ୫ଜଣ ପଦକ ପାଇଁ ମନୋନୀତ ହୋଇଛନ୍ତି।

### ହୋମ୍‌ଗାର୍ଡ ଓ ବେସାମରିକ ପ୍ରତିରକ୍ଷା ବର୍ଗରେ ୩ ମନୋନୀତ

ବିଶିଷ୍ଟ ସେବା ପାଇଁ ଲିଡିଂ ଫାୟାର ମ୍ୟାନ୍ ଭମରବର ସେଠ ରାଷ୍ଟ୍ରପତି ପଦକ ଓ ଉଲ୍ଲେଖନୀୟ ସେବା ପାଇଁ ଲିଡିଂ ଫାୟାର ମ୍ୟାନ ପ୍ରଶାନ୍ତ କୁମାର ସାହୁ, ବିଶ୍ୱ ରଞ୍ଜନ ଭୋଳ, ଅଭିମନ୍ୟୁ ପ୍ରଧାନ ଓ ନଗେନ୍ଦ୍ର କୁମାର ଭଲ୍ ପଦକ ପାଇବେ। ସେହିଭଳି ଜେଲ ବିଭାଗରେ ଓଡ଼ିଶାରୁ ମୋଟ ୨ ଜଣ ପଦକ ପାଇଁ ମନୋନୀତ ହୋଇଛନ୍ତି। ଉଲ୍ଲେଖନୀୟ ସେବା ପାଇଁ ସିନିୟର ସୁପରିଟେଣ୍ଡେଣ୍ଟ କୁଆଁର ମାରଣ୍ଡି ଓ ସୁପରିଟେଣ୍ଡେଣ୍ଟ ସୁଚିତ୍ରା ଦାସ ପଦପ ପାଇବାକୁ ମନୋନୀତ ହୋଇଥିବା ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ପକ୍ଷରୁ ଶନିବାର ପ୍ରକାଶିତ ବିଜ୍ଞପ୍ତିରୁ ଜଣାପଡିଛି।

# ମତଦାତା ସଚେତନ ହେଲେ ଗଣତନ୍ତ୍ର ସୁଦୃଢ଼ ହେବ




ଜାତୀୟ ଭୋଟର ଦିବସ ଅବସରରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଉପସ୍ଥିତ ଅଧିକାରୀ ଏବଂ ଅନ୍ୟମାନେ।

**ଖୋର୍ଦ୍ଧା, ୨୫।୧ (ପ୍ରଭାତ ପାଣିଗ୍ରାହୀ)**

ଖୋର୍ଦ୍ଧା ଜିଲା ପ୍ରଶାସନ ପକ୍ଷରୁ ଶନିବାର ଜାତୀୟ ଭୋଟର ଦିବସ ପାଳିତ ହୋଇଯାଇଛି। ପୂର୍ବାହ୍ନରେ ଜିଲାପାଳଙ୍କ କାର୍ଯ୍ୟାଳୟରୁ ଏକ ସଚେତନତା ଶୋଭାଯାତ୍ରା ବାହାରି ପଲ୍ଲା ଛକରୁ ଫେରିଥିଲା। ଏଥିରେ ବିଭିନ୍ନ ସ୍କୁଲ କଲେଜ ଛାତ୍ରୀଛାତ୍ର, ଶିକ୍ଷୟିତ୍ରୀ ଶିକ୍ଷକ, ପ୍ରଶାସନିକ ଅଧିକାରୀ ପ୍ରମୁଖ ସାମିଲ ହୋଇ ସଚେତନତାର ବାର୍ତ୍ତା ଦେଇଥିଲେ। ଜିଲା ପରିଷଦ ସମ୍ମିଳନୀ କକ୍ଷରେ ଜିଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ(ସିଡିଓ) ଜ୍ୟୋତିଶଙ୍କର ସାହୁଙ୍କ ଅଧ୍ୟକ୍ଷତାରେ ଭୋଟର ଦିବସ ଅନୁଷ୍ଠିତ ହୋଇଥିଲା। ଉପଜିଲାପାଳ କିଶୋର ଚନ୍ଦ୍ର ପଣ୍ଡା ଉପସ୍ଥିତ ଥିଲେ। ସଭାପତିତ୍ୱ ଭାଷଣରେ ସିଡିଓ ସାହୁ କହିଥିଲେ, ମଦଦାତା ଗଣତନ୍ତ୍ର ପାଇଁ ଗୁରୁତ୍ୱପୂର୍ଣ୍ଣ। ଏକ ଗଣତାନ୍ତ୍ରିକ ରାଷ୍ଟ୍ରରେ ମତଦାତା ସଚେତନ ହେଲେ ଗଣତନ୍ତ୍ର ସୁଦୃଢ଼, ସୁରକ୍ଷିତ ରହିପାରିବ। ଉପଜିଲାପାଳ ପଣ୍ଡା ଭୋଟର ଦିବସର ଉଦ୍ଦେଶ୍ୟ ସମ୍ପର୍କରେ କହିଥିଲେ। ୧୮ ବର୍ଷରୁ ଊର୍ଦ୍ଧ୍ୱ ଯୁବ, ଯୋଗ୍ୟ ବିବେଚିତ ଭୋଟରଙ୍କ ନାମ ତାଲିକାରେ ପଞ୍ଜୀକରଣ କରାଯାଇଛି। ଯୁବ ଭୋଟରମାନେ ନିଜ ମତ ସାବ୍ୟସ୍ତ କରିବାର ସୁଯୋଗ ପାଇପାରିବେ ବୋଲି କହିଥିଲେ। ବିଡିଓ କ୍ଷୀରାବ୍ଦିତନୟା ସାହୁ, ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଜ୍ୟୋତ୍ସ୍ନାମୟୀ ଆଚାର୍ଯ୍ୟଙ୍କ ସମେତ ପଞ୍ଚାୟତ ନିର୍ବାଚନ ଅଧିକାରୀ ଏବଂ ଅନ୍ୟ ବିଭାଗୀୟ ଅଧିକାରୀ ଉପସ୍ଥିତ ଥିଲେ। ମତଦାତା ସଙ୍କଳ୍ପ ପାଠ କରିଥିଲେ। ନୂତନ ଭୋଟରଙ୍କୁ ଭୋଟର ପରିଚୟପତ୍ର ପ୍ରଦାନ କରାଯାଇଥିଲା।

## ସଂକ୍ଷେପରେ

### ପର୍ଯ୍ୟଟକଙ୍କ ଟଙ୍କା, ଅଳଙ୍କାର ଚୋରିକରି ୨ ଗିରଫ

**ବାଲୁଗାଁ, ୨୫।୧ (ସଂଗ୍ରାମ ପାଇକରାୟ)**

ପର୍ଯ୍ୟଟକଙ୍କ ଟଙ୍କା ଏବଂ ଅଳଙ୍କାର ଚୋରି କରିବା ଅଭିଯୋଗରେ ବାଲୁଗାଁ ପୋଲିସ ୨ଜଣଙ୍କୁ ଗିରଫ କରି ଶନିବାର କୋର୍ଟଚାଲାଣ କରିଛି। ସେମାନେ ହେଲେ ସ୍ଥାନୀୟ ଅଞ୍ଚଳର ଶଙ୍କର ପଲେଇ ଏବଂ ବିଘ୍ନେଶ୍ୱର ପଲେଇ। ଏନେଇ ଥାନାରେ ଏକ ମାମଲା (ନଂ.୨୭/୨୫)ରୁଜୁ ହୋଇଛି। ସୂଚନା ମୁତାବକ, ଟାଙ୍ଗୀ ଥାନା ଜରିପଡ଼ା ଅଞ୍ଚଳର ୧୫ ଜଣ ପୁରୁଷ ଓ ମହିଳା ସପରିବାର ଗତ ଗୁରୁବାର ମା'କାଳିଜାଈଙ୍କ ଦର୍ଶନ ପାଇଁ ଆସିଥିଲେ। ତେବେ ଫେରିବା ବେଳକୁ ସନ୍ଧ୍ୟା ହୋଇଯିବାରୁ ବାଲୁଗାଁ ଚିଲିକାକୂଳ ଜେଟିଠାରେ ଡଙ୍ଗା ରଖି ରାତ୍ରିଯାପନ କରିଥିଲେ। ସକାଳୁ ଉଠି ଦେଖିବାବେଳକୁ କେତେଜଣ ବ୍ୟକ୍ତିଙ୍କ ମନିପର୍ସ ଏବଂ ଜଣେ ମହିଳାଙ୍କ ସୁନାହାର ଚୋରି ହୋଇଥିବା ଜଣାପଡ଼ିଥିଲା। ପର୍ଯ୍ୟଟକଙ୍କ ଡଙ୍ଗାକୁ ଲାଗି ଅନ୍ୟ ଏକ ଡଙ୍ଗାରେ ରାତ୍ରିଯାପନ କରିଥିବା ଦୁଇଜଣ ଯୁବକ ଏହି ଚୋରିରେ ସମ୍ପୃକ୍ତ ଥିବା ନେଇ ଜରିପଡ଼ା ଗ୍ରାମର ବୁଲୁ ବେହେରା ଶୁକ୍ରବାର ବାଲୁଗାଁ ଥାନାରେ ଅଭିଯୋଗ କରିବା ପରେ ପୋଲିସ ତଦନ୍ତ କରି ଉପରୋକ୍ତ ଅଭିଯୁକ୍ତଦ୍ୱୟଙ୍କୁ ଗିରଫ କରିଥିଲା। ଘଟଣାର ଅନୁସନ୍ଧାନ ଜାରି ରହିଛି। ଖୁବ୍‌ଶୀଘ୍ର ଚୋରି ସାମଗ୍ରୀ ଜବତ କରାଯିବ ବୋଲି ଆଇଆଇସି ଜୟପ୍ରକାଶ ପରିଡ଼ା କହିଛନ୍ତି।

### ବିଶ୍ୱଶାନ୍ତି ମହାଯଜ୍ଞ

**ବାଘମାରୀ, ୨୫।୧ (ମିହିର ରଞ୍ଜନ ମହାପାତ୍ର)**

ପୋଡ଼ାଡିହ ପଞ୍ଚାୟତ ଓସ୍ତପୁର ଗ୍ରାମର ଆରାଧ୍ୟା ମା' ବଘେଇଙ୍କ ପୀଠରେ ବିଶ୍ୱଶାନ୍ତି ମହାଯଜ୍ଞ ଆରମ୍ଭ ହୋଇଛି। ଶନିବାର ସକାଳେ ଶ୍ରଦ୍ଧାଳୁମାନେ ନିକଟ ନଦୀ କୂଳରେ ପୂଜାର୍ଚ୍ଚନା ପରେ ୧୦୮ ଜଳପୂର୍ଣ୍ଣ କଳସକୁ ଶୋଭାଯାତ୍ରାରେ ଆଣି ମା'ଙ୍କ ପୀଠରେ ସ୍ଥାପନ କରିଥିଲେ। ସତ୍ୟପ୍ରିୟ ମିଶ୍ର, କୀର୍ତ୍ତି ରଞ୍ଜନ ପ୍ରହରାଜଙ୍କ ଦ୍ୱାରା ଶୁଭାଧିବାସ, ଅଙ୍କୁରାରୋପଣ, ସୂର୍ଯ୍ୟପୂଜା ଆଦି କରାଯାଇ ଯଜ୍ଞ ଆରମ୍ଭ ହୋଇଥିଲା। ଭଗବାନ୍ ହୋତା, ସ୍ମୃତିରଞ୍ଜନ ପଣ୍ଡା, ସୌଭାଗ୍ୟ ରଞ୍ଜନ ଦାସ, ଲିଟୁ, ଗୁରେଇ ପ୍ରମୁଖ ସହଯୋଗ କରିଥିଲେ।

### ବର୍ଦ୍ଧିତ ଭତ୍ତା ବଣ୍ଟନ କଲେ ବିଧାୟିକା

**କୃଷ୍ଣପ୍ରସାଦ, ୨୫।୧ (କୈଳାସ ଚନ୍ଦ୍ର ପଟ୍ଟନାୟକ)**

କୃଷ୍ଣପ୍ରସାଦ ବ୍ଲକ କାର୍ଯ୍ୟାଳୟ ପରିସରରେ ବର୍ଦ୍ଧିତ ଭତ୍ତା ବଣ୍ଟନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ବିଡିଓ ଅମିୟ କୁମାର ପଣ୍ଡାଙ୍କ ପୌରୋହିତ୍ୟରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ବ୍ରହ୍ମଗିରି ବିଧାୟିକା ଉପାସନା ମହାପାତ୍ର ଯୋଗଦେଇ ହିତାଧିକାରୀଙ୍କୁ ବର୍ଦ୍ଧିତ ଭତ୍ତା ବଣ୍ଟନ କରିଥିଲେ। ବ୍ଲକ ଅଧ୍ୟକ୍ଷା ସରୋଜିନୀ ତରେଇ, ବିଧାୟିକାଙ୍କ ପ୍ରତିନିଧି ଉତ୍ତମ କୁମାର ତରେଇ, ଏମ୍‌ପିଙ୍କ ପ୍ରତିନିଧି ହରିହର ଦାଶ, ଚିଲିକା ନୂଆପଡ଼ା ସମିତିସଭ୍ୟା ମମତାମୟୀ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ। ବ୍ଲକ ସହକାରୀ ନିର୍ବାହୀ ଯନ୍ତ୍ରୀ ତୀର୍ଥ ତଥାଗତ ଆଇଚ, କନିଷ୍ଠ ଯନ୍ତ୍ରୀ ପଙ୍କଜରାଜ ମିଞ୍ଜି, ଜିତେନ୍ଦ୍ର ଦାଶ, କମଳାକାନ୍ତ ବାସ୍କେ, କାଶୀମ୍ ମହମ୍ମଦ, ଆଲୋକ କୁମାର ଖୁଣ୍ଟିଆ, ରତ୍ନାକର ମାଝୀ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

### କଳିଯୁଗରେ ମୋକ୍ଷର ମାର୍ଗ ନାମଯଜ୍ଞ

**ବୋଲଗଡ଼, ୨୫।୧ (ଦେବବ୍ରତ ହୋତା)**

ବୋଲଗଡ଼ ବ୍ଲକ ସାନପଦର ପଞ୍ଚାୟତ ରାସୋଲ ଗ୍ରାମସ୍ଥିତ ଚୈତନ୍ୟଦେବଙ୍କ ପୀଠରେ ଶନିବାର ଅଷ୍ଟପ୍ରହର ନାମଯଜ୍ଞ ଅନୁଷ୍ଠିତ ହୋଇଯାଇଛି। ରାସୋଲ ଗ୍ରାମବାସୀ ଏବଂ ସ୍ଥାନୀୟ ନଦିଆ ସଂକୀର୍ତ୍ତନ ମଣ୍ଡଳୀ ପକ୍ଷରୁ ଆୟୋଜିତ ଏହି ନାମଯଜ୍ଞରେ ନିକଟବର୍ତ୍ତୀ ଗ୍ରାମରୁ ନାମକୀର୍ତ୍ତନ ଶ୍ରବଣ କରିବାକୁ ବହୁ ଶ୍ରଦ୍ଧାଳୁ ଯୋଗଦେଇଥିଲେ। ସ୍ଥାନୀୟ ବିଧାୟକ ପ୍ରଦୀପ ସାହୁ, ସାନପଦର ସରପଞ୍ଚ ବୈକୁଣ୍ଠ ଚରଣ ସ୍ୱାଇଁ, ପିତୁକୁଳି ସରପଞ୍ଚଙ୍କ ପ୍ରତିନିଧି ତଥା ଖୋର୍ଦ୍ଧା କେନ୍ଦ୍ର ସମବାୟ ବ୍ୟାଙ୍କ ନିର୍ଦ୍ଦେଶକ ପବିତ୍ର ମୋହନ ମାଝି ପ୍ରମୁଖ ଯୋଗଦେଇ କଳିଯୁଗରେ ମୁଖ୍ୟ ମୋକ୍ଷର ମାର୍ଗ ହେଉଛି ନାମଯଜ୍ଞ ବୋଲି କହିଥିଲେ। ବଧିପାଟଣା, ବିନୋଦପଡ଼ା, ଆମ୍ବଝର, କୁଳାସର ଗ୍ରାମର ନାମ ସଂକୀର୍ତ୍ତନମଣ୍ଡଳୀ ଯୋଗଦେଇଥିବା ବେଳେ ଗାୟକ ସନାତନ ବାରିକ, ବାୟକ ପବିତ୍ର ବାରିକ, ଶିଶିର ଦାସ, ଅଖିଳ ବଳିୟାରସିଂହ, ଆକୁଳ ପରିଡା, ବସନ୍ତ ପରିଡ଼ା, ଶଙ୍କର ଦାସ, ସତ୍ୟନାରାୟଣ ବାରିକଙ୍କ ସମେତ ଗ୍ରାମବାସୀ ସହଯୋଗ କରିଥିଲେ।



ପୋଡ଼ାପାଟଣା ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ବାର୍ଷିକୋତ୍ସବ ଉଦ୍‌ଯାପନୀ ଦିବସରେ ଅତିଥିଙ୍କ ଗହଣରେ କୃତୀ ଛାତ୍ରୀଛାତ୍ର।

### ବିଦ୍ୟାଳୟର ବାର୍ଷିକୋତ୍ସବ

**ବେଗୁନିଆ, ୨୫।୧ (ହରପ୍ରସନ୍ନ ପଣ୍ଡା)**

ବେଗୁନିଆ ବ୍ଲକ ପୋଡ଼ାପାଟଣା ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ବାର୍ଷିକୋତ୍ସବ ଅନୁଷ୍ଠିତ ହୋଇଯାଇଛି। ପରିଚାଳନା କମିଟି ସଭାପତି ରବିନାରାୟଣ ସାହୁଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଉତ୍ସବରେ କୁଞ୍ଜୁରି ସରପଞ୍ଚ ପ୍ରଣତୀ ସାହୁ ମୁଖ୍ୟ ଅତିଥିଭାବେ ଯୋଗଦେଇ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ବକ୍ତାଭାବେ ସାରୁଅ-ଜୟମଙ୍ଗଳ ସରକାରୀ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଗଣେଶ୍ୱର ମିଶ୍ର ଏବଂ ମୋ ସ୍କୁଲ୍‌ର ସଭାପତି ପ୍ରହ୍ଲାଦ ସାହୁ, ଅନନ୍ତ ବିଶ୍ୱାଳ, ପରମାନନ୍ଦ ସାହୁ, ଶିକ୍ଷକ ଅକ୍ଷୟ ମହାପାତ୍ର, ଦୀନବନ୍ଧୁ ବେହେରା, ଶଶିଶେଖର ସାହୁ, ସିଆର୍‌ସିସି ପ୍ରଶାନ୍ତ କୁମାର ନାୟକ ପ୍ରମୁଖ ସମ୍ମାନିତ ଅତିଥିଭାବେ ଉପସ୍ଥିତ ଥିଲେ। ବିଦ୍ୟାଳୟର ପ୍ରଧାନ ଶିକ୍ଷକ ବୀରକିଶୋର ମହାରଣା ବାର୍ଷିକ ବିବରଣୀ ପାଠ କରିଥିଲେ। ଏହି ଅବସରରେ ଖେଳ ଏବଂ ବିଭିନ୍ନ ସାଂସ୍କୃତିକ ପ୍ରତିଯୋଗିତାରେ କୃତିତ୍ୱ ଅର୍ଜନ କରିଥିବା ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା। ଶିକ୍ଷୟିତ୍ରୀ ରିନାଞ୍ଜଳି ସାହୁ ପରିଚାଳନା କରିଥିବା ବେଳେ ଶିକ୍ଷକ ବୁଦ୍ଧିବାମନ ଦାସ ଧନ୍ୟବାଦ ଦେଇଥିଲେ। ବିଦ୍ୟାଳୟର ସମସ୍ତ ସହକାରୀ ଶିକ୍ଷକ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ।

## 'ଜୀବଜଗତ ପାଇଁ ଜୀବସମ୍ପଦର ମୂଲ୍ୟବୋଧ ଜାଣିବା ଦରକାର'

**ଜଟଣୀ, ୨୫।୧ (ରବୀନ୍ଦ୍ରନାଥ ମହାକୁଡ଼)**




ଆଲୋଚନାଚକ୍ରରେ ମଞ୍ଚାସୀନ ଅତିଥି ଏବଂ ଅନ୍ୟମାନେ।

ଜଟଣୀ ମହାବିଦ୍ୟାଳୟର ଉଦ୍ଭିଦ ବିଜ୍ଞାନ ପକ୍ଷରୁ ଶନିବାର ରାଜ୍ୟର ଜୀବସମ୍ପଦ ଓ ତା'ର କୃଷି, ସ୍ୱଚ୍ଛ ପରିବେଶ ସ୍ୱାସ୍ଥ୍ୟଯତ୍ନରେ ନିରନ୍ତର ବିନିଯୋଗ ଶୀର୍ଷକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ଅଧ୍ୟକ୍ଷ ଡ. ରାଜୀବ କୁମାର କରଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଆଲୋଚନାଚକ୍ରରେ ପ୍ରଫେସର ଡ. କୁଞ୍ଜବିହାରୀ ଶତପଥୀ ଯୋଗଦେଇ ମତବ୍ୟକ୍ତ କରିଥିଲେ। ନିମାପଡ଼ା ସ୍ୱୟଂଶାସିତ ମହାବିଦ୍ୟାଳୟ ଉଦ୍ଭିଦ ବିଜ୍ଞାନ ଅଧ୍ୟାପକ ରମାକାନ୍ତ ମିଶ୍ର ଯୋଗଦେଇ ଜୀବସମ୍ପଦର ମୂଲ୍ୟବୋଧ ଓ ଏହା କିପରି କୃଷି, ପରିବେଶ ଓ ଉତ୍ତମ ସ୍ୱାସ୍ଥ୍ୟ ନିମନ୍ତେ ନିରନ୍ତର ବିନିଯୋଗ ହୋଇପାରିବ ତାହା ଉପରେ ଆଲୋକପାତ କରିଥିଲେ। ଡ. ଅନୁପ କୁମାର ମହାନ୍ତି ପରିବେଶ ସୁରକ୍ଷା ଏବଂ ଜୀବସମ୍ପଦର ମୂଲ୍ୟବୋଧ ବୁଝାଇଥିଲେ। ଅଧ୍ୟାପିକା ଡ. ସ୍ମରଣିକା ନାୟକ ଅତିଥି ପରିଚୟ ପ୍ରଦାନ, ଅଧ୍ୟାପକ କୁମାରେଶ୍ ଛୋଟରାୟ ଅନୁଷ୍ଠିତ ପାଠଚକ୍ରର ବିବରଣୀ ପ୍ରଦାନ କରିଥିଲେ। ବିଭାଗୀୟ ଅଧ୍ୟାପିକା ଯାଜ୍ଞସେନୀ ସାହୁ ଏବଂ ଛାତ୍ରୀଛାତ୍ର ସହଯୋଗ କରିଥିଲେ। ସେହିପରି ଇତିହାସ ବିଭାଗ ପକ୍ଷରୁ ବ୍ରିଟିଶ୍ ଶାସନ ସମୟରେ ଦେଶର ଅର୍ଥନୀତିକ ଓ ସାମାଜିକ ପ୍ରଭାବକୁ ନେଇ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା। ଅଧ୍ୟକ୍ଷ ଡ. କରଙ୍କ ସଭାପତିତ୍ୱରେ ମୁଖ୍ୟ ଅତିଥିଭାବେ ଅବସରପ୍ରାପ୍ତ ଅଧ୍ୟକ୍ଷ ଡ. ଶିବପ୍ରସାଦ ନାୟକ ଯୋଗଦେଇଥିଲେ। ଅତିଥିଭାବେ ବେଗୁନିଆ ମହାବିଦ୍ୟାଳୟର ଡ. ପ୍ରଫୁଲ୍ଲ କୁମାର ରଥ ଯୋଗଦେଇ ନାରୀଶିକ୍ଷା ଉପରେ ବକ୍ତବ୍ୟ ରଖିଥିଲେ। ବିଭାଗୀୟ ମୁଖ୍ୟ ଅଜିତ୍ କୁମାର ସୁନ୍ଦରାୟ ରାମ ମୋହନଙ୍କ ବ୍ରହ୍ମ ସମାଜ ଓ ସମାଜର ଉନ୍ନତି ଉପରେ ଆଲୋକପାତ କରିଥିଲେ। ସୁଶାନ୍ତ କୁମାର ବାରିକ ଅତିଥି ପରିଚୟ ପ୍ରଦାନ କରିଥିଲେ। ଛାତ୍ରୀଛାତ୍ରଙ୍କ ଦ୍ୱାରା ଗବେଷଣା ସନ୍ଦର୍ଭ ଉପସ୍ଥାପନା କରାଯାଇଥିଲା। ଆଲୋଚନା ପରିପ୍ରେକ୍ଷୀରେ ବିଭାଗର ବିଦ୍ୟାର୍ଥୀଙ୍କୁ ନେଇ ଗବେଷଣା ପ୍ରବନ୍ଧ ପାଠ କରାଯାଇଥିଲା। ଅଂଶଗ୍ରହଣ କରିଥିବା ବିଦ୍ୟାର୍ଥୀଙ୍କୁ ସମ୍ମାନିତ କରାଯାଇଥିଲା। ଶେଷରେ ସନ୍ତୋଷିନୀ ପରିଡ଼ା ଧନ୍ୟବାଦ ଦେଇଥିଲେ।

### ଜରିପଡ଼ାରେ ଋଣ ଆଦାୟ ମେଳା

**ଟାଙ୍ଗୀ, ୨୫।୧ (ରଘୁନାଥ ସାହୁ)**

ଚିଲିକା କେନ୍ଦ୍ର ମତ୍ସ୍ୟଜୀବୀ ସମବାୟ ସମିତି ପକ୍ଷରୁ ଜରିପଡ଼ାଠାରେ ଋଣ ଆଦାୟ ମେଳା ଅନୁଷ୍ଠିତ ହୋଇଯାଇଛି। ଚିଲିକା ଉପରେ ନିର୍ଭର କରୁଥିବା ମତ୍ସ୍ୟଜୀବୀଙ୍କ ଆର୍ଥିକ ଅବସ୍ଥା ସୁଧାରିବା ଏବଂ ଅନାଦେୟ ଋଣ ପୈଠ କରିବାକୁ ଏହି ମେଳା ହୋଇଥିଲା। ଏହି କାର୍ଯ୍ୟକ୍ରମରେ କେନ୍ଦ୍ର ସମବାୟ ସମିତି ନିରୀକ୍ଷକ ମୁନା ନାୟକ, କୋଷାଧ୍ୟକ୍ଷ ଶଙ୍କର ପରମାଣିକ, କ୍ଷେତ୍ର କର୍ମଚାରୀ ଧୀରେନ୍ଦ୍ର ବେହେରା, ମତ୍ସ୍ୟଜୀବୀ ସମବାୟ ସମିତି ନିର୍ଦ୍ଦେଶକ ଦିଲୀପ କୁମାର ବେହେରା ପ୍ରମୁଖ ଯୋଗଦେଇଥିଲେ। ଏହି ଅବସରରେ ମତ୍ସ୍ୟଜୀବୀଙ୍କୁ ସଶକ୍ତ କରିବା ପାଇଁ କେନ୍ଦ୍ର ସରକାର ଘୋଷଣା କରିଥିବା ନିର୍ଦ୍ଦେଶନାମା କାର୍ଯ୍ୟକାରୀ କରିବାକୁ ସ୍ଥାନୀୟ ମତ୍ସ୍ୟଜୀବୀମାନେ ଦାବି କରିଥିଲେ।

## ପୁରାତନ ପରମ୍ପରା ବଜାୟ ରଖିଛି ବେଶଭୂଷା ପ୍ରଦର୍ଶନୀ



ପିଲାମାନେ ବିଭିନ୍ନ ବେଶରେ ସଜ୍ଜିତ ହୋଇଛନ୍ତି।

**ବେଗୁନିଆ, ୨୫।୧ (ହରପ୍ରସନ୍ନ ପଣ୍ଡା)**

ବେଗୁନିଆ ସଦର ମହକୁମାରେ ଥିବା ନାଳନ୍ଦା ପବ୍ଲିକ ସ୍କୁଲ ପକ୍ଷରୁ ଶନିବାର 'ସଡ଼କ ସୁରକ୍ଷା' ଏବଂ 'କୌତୁକ ବେଶଭୂଷା' ପ୍ରଦର୍ଶନୀ ଅନୁଷ୍ଠିତ ହୋଇଯାଇଛି। ଛାତ୍ରୀଛାତ୍ରମାନେ ଦେବଦେବୀ, ରାଜରାଜୁଡ଼ା, ଚଷାପୁଅ, ପାଇକପୁଅ ଏବଂ ମହାପୁରୁଷଙ୍କ ବେଶଭୂଷା ପରିଧାନ କରି ପ୍ରଦର୍ଶନୀରେ ଅଂଶଗ୍ରହଣ କରିଥିଲେ। ଅଧ୍ୟକ୍ଷ ରାଜେଶ କୁମାର ସାହୁଙ୍କ ସଭାପତିତ୍ୱରେ ଆୟୋଜିତ ଆଲୋଚନାଚକ୍ରରେ ଅନୁଷ୍ଠାନର ଉପଦେଷ୍ଟା ଅଖିଳେଶ ମହାପାତ୍ର ମୁଖ୍ୟ ଅତିଥି ଏବଂ ପ୍ରତିଷ୍ଠାତା ସଭାପତି ଅଜୟ ସାହୁ ସମ୍ମାନିତ ଅତିଥିଭାବେ ଯୋଗଦେଇଥିଲେ। ପୁରାତନ ପରମ୍ପରା ଏବଂ ସଂସ୍କୃତିକୁ ପିଲାମାନେ ମନେରଖିବା ଏହି ପ୍ରତିଯୋଗିତାର ମୂଳ ଉଦ୍ଦେଶ୍ୟ ବୋଲି ଅତିଥିମାନେ କହିଥିଲେ। ସେହିପରି ଗାଡ଼ି ଚଳାଇବା ବେଳେ ସତର୍କତା ଅବଲମ୍ବନ କଲେ ଜୀବନ ସୁରକ୍ଷିତ ସମ୍ଭବ ବୋଲି ସଭାପତି ସାହୁ ପିଲାମାନଙ୍କୁ ସଚେତନ କରିଥିଲେ। ଅନୁଷ୍ଠାନର ଗୁରୁମା' ଜ୍ୟୋତ୍ସ୍ନାରାଣୀ ମହାରଣା, ଅମିତା ମହାନ୍ତି, ପ୍ରିୟଙ୍କା ପ୍ରିୟଦର୍ଶିନୀ, ରଶ୍ମିତା ପ୍ରିୟଦର୍ଶିନୀ, ସୁଚିସ୍ମିତା ସୁନ୍ଦରାୟ, ରେଶ୍ମା ପ୍ରଭାଙ୍କ ସମେତ ସମସ୍ତ ଗୁରୁମା' ଉପସ୍ଥିତ ଥିଲେ। ଗୁରୁଜୀ ଭାଗୀରଥି ନାୟକ ପରିଚାଳନା କରିଥିବା ବେଳେ ଗୁରୁଜୀ ପ୍ରଭାକର ବିଶ୍ୱାଳ ଧନ୍ୟବାଦ ଦେଇଥିଲେ।

### ଚକ୍ଷୁ ଚିକିତ୍ସା ଶିବିର

**ବୋଲଗଡ଼, ୨୫।୧ (ଦେବବ୍ରତ ହୋତା)**

ଦେଉଳିସ୍ଥିତ ରଘୁନାଥ ଉଚ୍ଚ ମ୍ୟାଧମିକ ବିଦ୍ୟାଳୟର ଜାତୀୟ ସେବା ଯୋଜନା ସ୍ୱତନ୍ତ୍ର ଶିବିର ଆନୁକୂଲ୍ୟରେ ମଙ୍ଗଳବାର ମାଗଣା ଚକ୍ଷୁ ଚିକିତ୍ସା ଶିବିର ବିଦ୍ୟାଳୟର ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି। ଭୁବନେଶ୍ୱର ସ୍ଥିତ ସତ୍ୟସାଇ ସେବା ସଙ୍ଗଠନ ଏବଂ କେୟାର ନେତ୍ରମ ମିଳିତ ସହଯୋଗରେ ଏହି ଶିବିର ହୋଇଥିଲା। ବିଦ୍ୟାଳୟର ଅଧ୍ୟକ୍ଷ ଡ. ତପନ କୁମାର ଜେନା ମୁଖ୍ୟ ଅତିଥିଭାବେ ଯୋଗଦେଇ ଶିବିରକୁ ଉଦ୍‌ଘାଟନ କରିଥିଲେ। ଶିବିରରେ ୧୫୦ଜଣଙ୍କ ଚକ୍ଷୁ ପରୀକ୍ଷା କରାଯାଇଥିବା ବେଳେ ସ୍କୁଲ ପିଲାଙ୍କୁ ସତ୍ୟସାଇ ସେବା ସଙ୍ଗଠନ ପକ୍ଷରୁ ମାଗଣାରେ ଚଷମା ପ୍ରଦାନ କରାଯାଇଥିଲା। ବୋଲଗଡ ବ୍ଲକ ଉପାଧ୍ୟକ୍ଷ ରମେଶଚନ୍ଦ୍ର ସାହୁ, ଗୋପାଳପୁର ସରପଞ୍ଚ ପ୍ରଦୀପ ବାରିକ, ସୁନୀଲ ରଥ, ଅଧ୍ୟାପକ ଭଗବାନ ଜେନା, ପ୍ରତାପ ବେହେରା, ଅଧ୍ୟାପିକା ଅମୀୟବାଳା ନନ୍ଦ, ଗାୟତ୍ରୀ ଦାଶ, ପଦ୍ମାଳୟା ମହାରଣା ପ୍ରମୁଖ ସହଯୋଗ କରିଥିଲେ। ଜାତୀୟ ସେବା ଯୋଜନା କାର୍ଯ୍ୟକ୍ରମ ସଂଯୋଜକ ଅଧ୍ୟାପକ ତ୍ରିଲୋଚନ ସାହୁଙ୍କ ଆବାହକତ୍ୱରେ ୫୦ଜଣ ସ୍ୱେଚ୍ଛାସେବୀ ପରିଚାଳନାରେ ସହଯୋଗ କରିଥିଲେ। ଡା.ପ୍ରିୟବ୍ରତ ଛୁଆଳସିଂହ ଓ ଡା. ଶିବାନୀ ସାହୁ ଚକ୍ଷୁ ପରୀକ୍ଷା କରିଥିଲେ। ବିଦ୍ୟାଳୟ ପ୍ରତିଷ୍ଠାତା ଭାଗୀରଥି ସାହୁ ଧନ୍ୟବାଦ ଦେଇଥିଲେ।

## ମା' ରାମଚଣ୍ଡୀ କ୍ରିକେଟ ଟୁର୍ଣ୍ଣାମେଣ୍ଟ | ପାଟପୁର ଶାସନ ଚାମ୍ପିୟନ



ଅତିଥିଙ୍କଠାରୁ ଖେଳାଳି ପୁରସ୍କାର ଗ୍ରହଣ କରୁଛନ୍ତି।

**ବୋଲଗଡ଼, ୨୫।୧ (ଦେବବ୍ରତ ହୋତା)**

ଖଙ୍ଗୁରିଆ ଗ୍ରାମ ବଡ଼ତୋଟା ଖେଳପଡ଼ିଆରେ ଅନୁଷ୍ଠିତ ୧୦ମ ମା' ରାମଚଣ୍ଡୀ କ୍ରିକେଟ ଟୁର୍ଣ୍ଣାମେଣ୍ଟରେ ପାଟପୁର ଶାସନ କ୍ରିକେଟ କ୍ଲବ ଚାମ୍ପିୟନ ହୋଇଛି। ଶନିବାର ଫାଇନାଲ ମ୍ୟାଚ୍ ରମ୍ଭାବିଲ କ୍ରିକେଟ କ୍ଲବ ଏବଂ ପାଟପୁର ଶାସନ କ୍ରିକେଟ କ୍ଲବ ମଧ୍ୟରେ ହୋଇଥିଲା। ଟସ୍ ଜିତି ରମ୍ଭାବିଲ କ୍ଲବ ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୨୦ ଓଭରରେ ୯ ଉଇକେଟ ବିନିମୟରେ ୧୨୬ ରନ୍ ସଂଗ୍ରହ କରିଥିଲା। ଜବାବରେ ପାଟପୁର ଶାସନ କ୍ଲବ ୧୭.୩ ଓଭରରେ ୭ ଉଇକେଟ ହରାଇ ୧୩୦ ରନ୍ ସଂଗ୍ରହ କରି ବିଜୟୀ ହେବା ସହ ଚାମ୍ପିୟନ ହୋଇଥିଲା। ବବୁଲ କୁମାର ମହାନ୍ତି ଏବଂ ବିକାଶ କୁମାର ବେହେରା ମ୍ୟାଚ୍ ପରିଚାଳନା କରିଥିଲେ। ରଶ୍ମିରଞ୍ଜନ ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଆୟୋଜିତ ପୁରସ୍କାର ବିତରଣ ଉତ୍ସବରେ ମୁଖ୍ୟ ଅତିଥିଭାବେ ସ୍ଥାନୀୟ ବିଧାୟକ ପ୍ରଦୀପ କୁମାର ସାହୁ, ମୁଖ୍ୟବକ୍ତାଭାବେ ଖୋର୍ଦ୍ଧା କେନ୍ଦ୍ର ସମବାୟ ବ୍ୟାଙ୍କର ସଭାପତି ଅଭିଷେକ ସିଂ ସାମନ୍ତ, ସମ୍ମାନିତ ଅତିଥିଭାବେ ସରପଞ୍ଚ ଜଳଧର ମହାନ୍ତି, ସାମାଜିକ କର୍ମୀ ଶୁଭେନ୍ଦ୍ର କୁମାର ସାହୁ, ଶ୍ରୀଧର ଦତ୍ତ ପ୍ରମୁଖ ଯୋଗଦେଇ ଚାମ୍ପିୟନ ପାଟପୁର କ୍ଲବକୁ ଟ୍ରଫି ସହ ୬ ହଜାର ଏବଂ ରନର୍ସଅପ୍ ରମ୍ଭାବିଲ କ୍ଲବ୍‌କୁ କପ୍ ସହ ୪ ହଜାର ଟଙ୍କା ପ୍ରଦାନ କରିଥିଲେ। ଏଥିସହ ଅନ୍ୟାନ୍ୟ ପୁରସ୍କାର ମଧ୍ୟ ପ୍ରଦାନ କରାଯାଇଥିଲା।

ସେଲ୍‌ଫି କର୍ନର ଧରିତ୍ରୀ
ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି
metroselfie@gmail.com



@ ଅର୍ଚ୍ଚନା



@ ଦୁଃଶାସନ



@ ଈଶ୍ୱର



@ ସଞ୍ଜୟ



@ ସୂର୍ଯ୍ୟମଣି

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

**ଉଦ୍ଭିଦ ବିଜ୍ଞାନ ବିଭାଗର ବାର୍ଷିକ ପାଠଚକ୍ର**

ଚୌଦ୍ୱାର,(ଆଶୁତୋଷ ଦାସ): ଚୌଦ୍ୱାର କଲେଜ ଉଦ୍ଭିଦ ବିଜ୍ଞାନ ବିଭାଗର ବାର୍ଷିକ ପାଠଚକ୍ର ଶନିବାର ଅପରାହ୍ନରେ କଲେଜ ସଭାଗୃହରେ ଅନୁଷ୍ଠିତ ହୋଇଯାଇଛି। ଅଧକ୍ଷା ରଶ୍ମି ରାଉତରାୟଙ୍କ ପୌରୋହିତ୍ୟରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଛତ୍ରପୁର ସରକାରୀ ମହାବିଦ୍ୟାଳୟର ସହକାରୀ ପ୍ରଫେସର ଡ. ମାନସ କୁମାର ତ୍ରିପାଠୀ ଯୋଗଦେଇ ଟ୍ରାନ୍ସଜେନିକ୍ ପ୍ଲାଣ୍ଟ ଡେଭଲପ୍‌ମେଣ୍ଟ ଉପରେ ସନ୍ଦର୍ଭ ଉପସ୍ଥାପନା କରିଥିଲେ। ବିଭାଗୀୟ ମୁଖ୍ୟ ସସ୍ମିତା ଭୂୟାଁ ପାଠଚକ୍ର ପରିଚାଳନା କରିଥିଲେ। ଅଧାପିକା ରାଜଲକ୍ଷ୍ମୀ ସାହୁ, ଚିତ୍ତରଞ୍ଜନ ଦାସ, ବିଜୟ କୁମାର ସେଠୀ, ଲହରୀ ଲୋପାମୁଦ୍ରା ରାଉତରାୟଙ୍କ ସମେତ ଛାତ୍ରୀଛାତ୍ର ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ଛାତ୍ରୀ କଳ୍ପନା ସୁବୁଦ୍ଧି ବାର୍ଷିକ ବିବରଣୀ ପାଠ ଓ ଅଧାପିକା ଡ. କ୍ରିଷ୍ଣା କାବେରୀ ଦାସ ଧନ୍ୟବାଦ ଦେଇଥିଲେ।

# ଓଡ଼ିଶାର ଗୌରବ ବଢ଼ାଇଲେ ୪ ଓଡ଼ିଆ

ଭୁବନେଶ୍ୱର, ୨୫।୧(ସୌମ୍ୟରଞ୍ଜନ ରାଉତ): ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ପକ୍ଷରୁ ଶନିବାର ପଦ୍ମ ପୁରସ୍କାର ଘୋଷଣା କରାଯାଇଛି। କଳା, ସମାଜସେବା, ଚିକିତ୍ସା, ଶିଳ୍ପ, ସାହିତ୍ୟ, କ୍ରୀଡା ଆଦି କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ମୋଟ ୧୩୯ଜଣ ବିଶିଷ୍ଟ ବ୍ୟକ୍ତିଙ୍କୁ ପଦ୍ମ ପୁରସ୍କାର ପାଇଁ ମନୋନୀତ କରାଯାଇଛି। ଏହି ତାଲିକାରେ ଓଡିଶାରୁ ୪ଜଣଙ୍କ ନାମ ରହିଛି। ମେଡିସିନ କ୍ଷେତ୍ରରେ ଅଶୋକ ମହାପାତ୍ର, କଳାରେ ଅଦ୍ୱୈତ ଚରଣ ଗଡ଼ନାୟକ ଓ ଦୁର୍ଗା ଚରଣ ରଣବୀର, ସାହିତ୍ୟ ଓ ଶିକ୍ଷାରେ ପ୍ରତିଭା ଶତପଥୀ ପଦ୍ମଶ୍ରୀ ପାଇବାକୁ ମନୋନୀତ ହେବା ସହ ଓଡ଼ିଶାର ଗୌରବ ବଢ଼ାଇଛନ୍ତି।

## କଳା, ସାହିତ୍ୟ, ଚିକିତ୍ସା କ୍ଷେତ୍ରରେ ପଦ୍ମଶ୍ରୀ




### ଜଗନ୍ନାଥଙ୍କ ଆଶୀର୍ବାଦ, ଲୋକଙ୍କ ଭଲ ପାଇବାର ପୁରସ୍କାର

"ପୁରସ୍କାର ପାଇବି ଜାଣିବା ପରେ ଭଲ ଲାଗୁଛି। ମାତ୍ର ଏଥିପାଇଁ ମୋର ବିଶେଷ କିଛି ଖୁସି ହେବାର କାରଣ ନାହିଁ। ଜଗନ୍ନାଥଙ୍କ ଆଶୀର୍ବାଦ ଏବଂ ଲୋକଙ୍କ ଭଲପାଇବା ପାଇଁ ପଦ୍ମ ପୁରସ୍କାର ପାଇବାକୁ ମନୋନୀତ ହୋଇଛି। ଆରମ୍ଭରୁ ନିଃସ୍ୱାର୍ଥ ଭାବରେ ରୋଗୀସେବା କରି ଆସୁଛି। କାହାଠାରୁ କିଛି ପାଇବାର ଆଶା ନ ଥାଏ। ଜଣେ ଡାକ୍ତର ଭାବେ ସର୍ବଦା ନିଜ କାମକୁ ଗୁରୁତ୍ୱ ଦେଇ ଆସିଛି। ରାତି ଦିନ, ପର୍ବପର୍ବାଣି, ଯାହା ହେଲେ ବି ନିଜ କର୍ତ୍ତବ୍ୟରୁ ଓହରି ନାହିଁ। ଯାହାର ଫଳସ୍ୱରୂପ ପୁରସ୍କାର ମିଳିବ।

**ଡା. ଅଶୋକ ମହାପାତ୍ର**

### ଯାହା ହୃଦୟରୁ ବାହାରେ, ଲେଖାରେ ପ୍ରକାଶିତ ହୋଇଯାଏ

"ପଦ୍ମ ଆମ ସଂସ୍କୃତିର ସବୁଠୁ ପବିତ୍ର ଓ ସୁନ୍ଦର ପୁଷ୍ପ। ତାହାର ଅନୁଭବ ମଧ୍ୟ ସେହିଭଳି ପବିତ୍ର ଓ ଆନନ୍ଦମୟ। ତେଣୁ ପଦ୍ମ ପୁରସ୍କାର ପାଇବି ଜାଣିବା ପରେ ମୋତେ ବହୁତ ଆନନ୍ଦ ଲାଗୁଛି। ମୋର ଅନେକ ବହି ବିଭିନ୍ନ ଭାଷାରେ ସାରା ଭାରତରେ ପ୍ରକାଶିତ ହୋଇଛି। ବହୁ ଅନୁବାଦ ପୁସ୍ତକ ମଧ୍ୟ ରଚନା କରିଛି। ମାତ୍ର କେଉଁ ପୁସ୍ତକ ପାଇଁ ପୁରସ୍କାର ପାଇବାକୁ ମନୋନୀତ ହୋଇଛି, ତାହା ଏଯାବତ୍ ଜଣାଇ ନାହାନ୍ତି। ଯାହା ମୋ ହୃଦୟ ଭିତରୁ ବାହାରେ ତାହା ଲେଖାରେ ପ୍ରକାଶିତ ହୋଇଯାଏ। ମୁଁ ତ ଜଣେ ବିଚାରକ ନୁହେଁ, ତେଣୁ ମୋ ଲେଖାରେ କ'ଣ ଦେଖି ପୁରସ୍କାର ଦେଉଛନ୍ତି ତାହା କହି ପାରିବି ନାହିଁ। ବୟସ ବହୁତ ଆଗେଇ ଗଲାଣି। ତେଣୁ ଆଗାମୀ ଯୋଜନା କିଛି କରିନି।

**ପ୍ରତିଭା ଶତପଥୀ**

### ଭାସ୍କର୍ଯ୍ୟ କଳାରେ ପଦ୍ମ ସମ୍ମାନ ଓଡ଼ିଶା ପାଇଁ ଗୌରବ

"୪୫ ବର୍ଷର ସଂଘର୍ଷ ପରେ ଏତେବଡ଼ ସମ୍ମାନ ପାଇବା ଖୁସିର କଥା। ଏହି ପୁରସ୍କାର ପାଇଁ ସମଗ୍ର ଭାରତବାସୀଙ୍କ ସ୍ନେହ, ଆଶୀର୍ବାଦ ରହିଥାଏ। ତେଣୁ ଜଣେ ଆର୍ଟିଷ୍ଟ ପାଇଁ ଏହା ନିଶ୍ଚିତ ପକ୍ଷେ ଗୌରବର ବିଷୟ। ଅପରପକ୍ଷେ ପ୍ରଥମଥର ପାଇଁ ଓଡ଼ିଶାକୁ ଭାସ୍କର୍ଯ୍ୟକଳାରେ ପଦ୍ମ ପୁରସ୍କାର ମିଳିବାକୁ ଯାଉଛି। ଏହାଠାରୁ ବଡ ଖୁସିର କଥା ଆଉ କିଛି ନୁହେଁ। ମୋର ଏହି ସମ୍ମାନ ସମସ୍ତ ଲୋକଙ୍କ ଭଲପାଇବା ଏବଂ ଆଶୀର୍ବାଦର ଫଳ।

**ଅଦ୍ୱୈତ ଚରଣ ଗଡ଼ନାୟକ**

### ପୁରସ୍କାର ପାଇବି, ବହୁତ ଖୁସି ଲାଗୁଛି

"ପୁରସ୍କାର ପାଇବି ଜାଣିବା ପରେ ବହୁତ ଖୁସି ଲାଗୁଛି। ଦୀର୍ଘବର୍ଷ ଧରି ଓଡ଼ିଶୀ ନୃତ୍ୟ କ୍ଷେତ୍ରରେ ମୋର ସାଧନା ଜାରି ରହିଛି। ଆଗରୁ ଅନେକ ପୁରସ୍କାର ପାଇଛି, ଏବେ ପଦ୍ମ ପୁରସ୍କାର ପାଇବି। ଓଡ଼ିଶୀ ନୃତ୍ୟକୁ ଆହୁରି ଆଗକୁ ନେବାକୁ ସର୍ବଦା ଚେଷ୍ଟା କରି ଆସିଛି। ଓଡ଼ିଶୀ ନୃତ୍ୟର ଠିକ୍ ଭାବେ ବ୍ୟାକରଣ ଓ ବିଜ୍ଞାନକୁ ନେଇ ପର୍ଯ୍ୟାୟକ୍ରମେ କିଭଳି ଉନ୍ନତି ହୋଇପାରିବ ସେଥିପାଇଁ ପ୍ରୟାସ କରିବି।

**ଦୁର୍ଗାଚରଣ ରଣବୀର**



କିଟ୍, କିସ୍ ବିଶ୍ୱବିଦ୍ୟାଳୟ ପକ୍ଷରୁ ଶନିବାର ଅନୁଷ୍ଠିତ ମିନି ମାରାଥନକୁ ଅତିଥିମାନେ ପତକା ଦେଖାଇ ଶୁଭାରମ୍ଭ କରୁଛନ୍ତି।

## କିଟ୍, କିସ୍ ପକ୍ଷରୁ ମିନି ମାରାଥନ୍

କଟକ,୨୫।୧(କାର୍ତ୍ତିକ ସାହୁ)

କିଟ୍, କିସ୍ ବିଶ୍ୱବିଦ୍ୟାଳୟ ପକ୍ଷରୁ ସମସ୍ତଙ୍କ ପାଇଁ ଶିକ୍ଷା ସଚେତନତା ବାର୍ତ୍ତା ନେଇ ସପ୍ତମ ମିନି ମାରାଥନ୍ ଶନିବାର ଅନୁଷ୍ଠିତ ହୋଇଯାଇଛି। ଏହି ମିନି ମାରାଥନ୍ କଟକ ଖାନ୍‌ନଗର ସାଇମନ୍ଦିର ନିକଟରୁ ଆରମ୍ଭ ହୋଇ ଜୁଡିସିଆଲ ଛକ ପର୍ଯ୍ୟନ୍ତ ଯାଇଥିଲା। ଏଥିରେ କ୍ରୀଡ଼ାବିତ୍, ଛାତ୍ରୀଛାତ୍ର ଓ ସମାଜର ବିଭିନ୍ନ ବର୍ଗର ଲୋକ ଅଂଶଗ୍ରହଣ କରିଥିଲେ। ନେତାଜୀ ବସ୍ ଟର୍ମିନାଲ ନିକଟରୁ ଏହି ମିନି ମାରାଥନ୍‌କୁ ବିଧାୟିକା ସୋଫିଆ ଫିର୍ଦ୍ଦୋସ, ବିଧାୟକ ଦେବୀ ରଞ୍ଜନ ତ୍ରିପାଠୀ, ସିଏମ୍‌ସି ମେୟର ସୁବାସ ସିଂ, ପୂର୍ବତନ ବିଧାୟକ ପ୍ରଭାତ ରଞ୍ଜନ ବିଶ୍ୱାଳ, ଅନ୍ତର୍ଜାତୀୟ ମାରାଥନର ବିବେକାନନ୍ଦ ତ୍ରିପାଠୀ ପ୍ରମୁଖ ଅତିଥି ଭାବେ ଯୋଗଦେଇ ଶୁଭାରମ୍ଭ କରିଥିଲେ। ଜୁଡିସିଆଲ ଏକାଡେମୀ ନିକଟରେ ମାରାଥନ୍ ପହଞ୍ଚିବା ପରେ ମିନି ମାରାଥନ୍‌ର ସଂଯୋଜିକା ମାଲା ପ୍ରଧାନଙ୍କ ସଭାପତିତ୍ୱରେ ଏକ ବୈଠକ ଆୟୋଜିତ ହୋଇଥିଲା। ଏଥିରେ ବରିଷ୍ଠ କଂଗ୍ରେସ ନେତା ମହମ୍ମଦ ମୋକିମ, ବିଧାୟକ ଦେବୀ ରଞ୍ଜନ ତ୍ରିପାଠୀ ଓ ମେୟର ସିଂ ଅତିଥି ଭାବେ ଯୋଗଦେଇ ଓଡ଼ିଶାରେ ଶିକ୍ଷାକ୍ଷେତ୍ରରେ ଡକ୍ଟର ଅଚ୍ୟୁତ ସାମନ୍ତ ବୈପ୍ଳବିକ ପରିବର୍ତ୍ତନ ଆଣିପାରିଥିବା କହିଥିଲେ। ବିଶେଷକରି ଆଦିବାସୀ ଛାତ୍ରୀଛାତ୍ରଙ୍କ ଭବିଷ୍ୟତ ଗଠନରେ ଡ. ଅଚ୍ୟୁତ ସାମନ୍ତ ଅଗ୍ରଣୀ ଭୂମିକା ନିଭାଇଥିବା ଅତିଥିମାନେ ମତବ୍ୟକ୍ତ କରିଥିଲେ। ଅଂଶଗ୍ରହଣ କରିଥିବା କ୍ରୀଡ଼ାବିତ୍ ଓ ଛାତ୍ରୀଛାତ୍ରଙ୍କୁ ମାନପତ୍ର ପ୍ରଦାନ କରାଯାଇଥିଲା। ଏହି ମିନି ମାରାଥନ୍‌କୁ କଳିଙ୍ଗ ଟିଭିର ଜୋନାଲ ହେଡ୍ ବିଭୂତି ଭୂଷଣ ସାହୁ ଓ କିଟ୍‌ର ଡାଇରେକ୍ଟର (ଇଲେକ୍ଟ୍ରିକାଲ) ଜିତେନ୍ଦ୍ର କୁମାର ପଟ୍ଟନାୟକ ପରିଚାଳନା କରିଥିଲେ।
















**ସେଲ୍‌ଫି କର୍ନର ଧରିତ୍ରୀ**

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

metroselfie@gmail.com

@ ଅର୍ଚ୍ଚନା

@ ଦୁଃଶାସନ

@ ଈଶ୍ୱର

@ ସଞ୍ଜୟ

@ ସୂର୍ଯ୍ୟମଣି

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

## ଶ୍ରେଷ୍ଠ ନିର୍ବାଚନ ଅଭ୍ୟାସ ପୁରସ୍କାର ପାଇଲା ଭାରତୀୟ ରେଳପଥ



ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କଠାରୁ ରେଳ ବୋର୍ଡ ଅଧ୍ୟକ୍ଷ ସତୀଶ୍ କୁମାର ପୁରସ୍କାର ଗ୍ରହଣ କରୁଛନ୍ତି।

ଭୁବନେଶ୍ୱର,୨୫।୧(ଅନୁରାଧା ମହାରଣା)

ଜାତୀୟ ମତଦାତା ଦିବସ ଅବସରରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ମତଦାତା ସଚେତନତା ଅଭିଯାନରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥିବା ଭାରତୀୟ ରେଳପଥକୁ ପୁରସ୍କୃତ କରିଛନ୍ତି। ନୂଆଦିଲ୍ଲୀର ଦିଲ୍ଲୀ କ୍ୟାଣ୍ଟନମେଣ୍ଟର ମାନେକଶା ସେଣ୍ଟରରେ ଶନିବାର ଆୟୋଜିତ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ଶ୍ରେଷ୍ଠ ନିର୍ବାଚନ ଅଭ୍ୟାସ ପୁରସ୍କାର ପ୍ରଦାନ କରାଯାଇଛି। ଭାରତୀୟ ରେଳପଥ ପକ୍ଷରୁ ରେଳପଥ ବୋର୍ଡର ଅଧ୍ୟକ୍ଷ ତଥା ସିଇଓ ସତୀଶ୍ କୁମାର ଏହି ପୁରସ୍କାର ଗ୍ରହଣ କରିଛନ୍ତି।

## ଓଡ଼ିଶାର କୁଶଳୀ କାରିଗର ରାଜ୍ୟ ବାହାରେ ଉଚ୍ଚ ପ୍ରଶଂସିତ

କଟକ,୨୫।୧(କାର୍ତ୍ତିକ ସାହୁ)

ପ୍ରଜାତନ୍ତ୍ର ପ୍ରଚାର ସମିତି ଆନୁକୂଲ୍ୟରେ ଆତ୍ମନିର୍ଭର ଓଡ଼ିଶା ଶୀର୍ଷକ ଆଲୋଚନାଚକ୍ର କଟକ ବିହାରୀବାଗ୍‌ସ୍ଥିତ ପ୍ରଜାତନ୍ତ୍ର ପରିସରରେ ଶନିବାର ଅନୁଷ୍ଠିତ ହୋଇଯାଇଛି। ଚାମ୍ବର ଅଫ୍ କମର୍ସର ଚେୟାରମ୍ୟାନ୍ ରାଜୀବ ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଏମ୍‌ପି ଭର୍ତ୍ତୃହରି ମହତାବ ଯୋଗଦେଇ କହିଛନ୍ତି, ବିଭିନ୍ନ କ୍ଷେତ୍ରରେ ଓଡ଼ିଶାର କୁଶଳୀ କାରିଗର ରାଜ୍ୟ ବାହାରେ ବେଶ୍ ଉଚ୍ଚ ପ୍ରଶଂସିତ। ଆମ ରାଜ୍ୟରେ କର୍ମସଂସ୍ଥାନ ଅଭାବରୁ ସେମାନେ ଭିଟାମାଟି ଛାଡ଼ିବା ପାଇଁ ବାଧ୍ୟ ହେଉଛନ୍ତି। ଓଡ଼ିଶା ଗୋଟିଏ ଖାଉଟି ରାଜ୍ୟ ଭାବେ ପରିଣତ ହୋଇଛି। ପ୍ରତ୍ୟେକ କ୍ଷେତ୍ରରେ ଅନ୍ୟ ରାଜ୍ୟ ଉପରେ ନିର୍ଭର କରୁଥିବାରୁ ଆମ ରାଜ୍ୟ ନିଜର ରାଜସ୍ୱ ହରାଇବା ସହ ମୁଦ୍ରାସ୍ଫୀତି ଚାପରେ ଜର୍ଜରିତ ବୋଲି ମହତାବ କହିଛନ୍ତି। ବିଶିଷ୍ଟ ସ୍ତମ୍ଭକାର ନଟବର ଖୁଣ୍ଟିଆ ଓ ପୂର୍ବତନ ସୂଚନା କମିଶନର ଜଗଦାନନ୍ଦ ସମ୍ମାନିତ ବକ୍ତା ଭାବେ ଯୋଗଦେଇଥିଲେ। ସନ୍ତୋଷ ପତି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ଏବଂ ଡା. ରବି ରଞ୍ଜନ ସାହୁ ଧନ୍ୟବାଦ ଦେଇଥିଲେ।

## ଅଗ୍ନିଶମ ସେବା ବର୍ଗରେ ଓଡ଼ିଶାରୁ ୫ ଜଣଙ୍କୁ ପଦକ

ଭୁବନେଶ୍ୱର,୨୫।୧(ସୂର୍ଯ୍ୟକାନ୍ତ ବେହେରା)

**ହୋମ୍‌ଗାର୍ଡ ଓ ବେସାମରିକ ପ୍ରତିରକ୍ଷା ବର୍ଗରେ ୩ ମନୋନୀତ**

ସାଧାରଣତନ୍ତ୍ର ଦିବସର ଅବ୍ୟବହିତ ପୂର୍ବରୁ ଶନିବାର ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ପକ୍ଷରୁ ସାହାସିକତା, ଉଲ୍ଲେଖନୀୟ କାର୍ଯ୍ୟ ଓ ବିଶିଷ୍ଟ ସେବା ପାଇଁ ବିଭିନ୍ନ ସେବା ବର୍ଗରେ ପଦକ ଘୋଷଣା କରାଯାଇଛି। ହୋମଗାର୍ଡ ଓ ବେସାମରିକ ପ୍ରତିରକ୍ଷା ବର୍ଗରେ ୩ଜଣଙ୍କୁ ମିଳିବ ପଦକ। ବିଶିଷ୍ଟ ସେବା ପାଇଁ ସିଭିଲ୍ ଡିଫେନ୍ସ ଭଲ୍ୟୁଣ୍ଟିୟର ପ୍ରମୋଦ କୁମାର ରାଉତ ଓ ହୋମ୍‌ଗାର୍ଡ କମ୍ପାନୀ କମାଣ୍ଡର ସୌଭାଗ୍ୟ ପ୍ରଧାନଙ୍କୁ ରାଷ୍ଟ୍ରପତି ପଦକ ଏବଂ ଉଲ୍ଲେଖନୀୟ ସେବା ପାଇଁ ସିଭିଲ୍ ଡିଫେନ୍ସ ଭଲ୍ୟୁଣ୍ଟିୟର ସଞ୍ଜୀବ କୁମାର ନାୟକ ପଦକ ପାଇବେ।

ସେହିପରି ଅଗ୍ନିଶମ ସେବା ବିଭାଗରୁ ୫ଜଣ ପଦକ ପାଇଁ ମନୋନୀତ ହୋଇଛନ୍ତି। ବିଶିଷ୍ଟ ସେବା ପାଇଁ ଲିଡିଂ ଫାୟାର ମ୍ୟାନ୍ ଭମରବର ସେଠ ରାଷ୍ଟ୍ରପତି ପଦକ ଓ ଉଲ୍ଲେଖନୀୟ ସେବା ପାଇଁ ଲିଡିଂ ଫାୟାର ମ୍ୟାନ ପ୍ରଶାନ୍ତ କୁମାର ସାହୁ, ବିଶ୍ୱ ରଞ୍ଜନ ଭୋଳ, ଅଭିମନ୍ୟୁ ପ୍ରଧାନ ଓ ନଗେନ୍ଦ୍ର କୁମାର ଭଲ୍ ପଦକ ପାଇବେ। ସେହିଭଳି ଜେଲ ବିଭାଗରେ ଓଡ଼ିଶାରୁ ମୋଟ ୨ ଜଣ ପଦକ ପାଇଁ ମନୋନୀତ ହୋଇଛନ୍ତି। ଉଲ୍ଲେଖନୀୟ ସେବା ପାଇଁ ସିନିୟର ସୁପରିଟେଣ୍ଡେଣ୍ଟ କୁଆଁର ମାରଣ୍ଡି ଓ ସୁପରିଟେଣ୍ଡେଣ୍ଟ ସୁଚିତ୍ରା ଦାସ ପଦପ ପାଇବାକୁ ମନୋନୀତ ହୋଇଥିବା ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ପକ୍ଷରୁ ଶନିବାର ପ୍ରକାଶିତ ବିଜ୍ଞପ୍ତିରୁ ଜଣାପଡିଛି।

## ଅନ୍ତର୍ଜାତୀୟ କ୍ରୀଡ଼ାରେ ଡ୍ରିମ୍ସ ଛାତ୍ରଙ୍କ ଉଲ୍ଲେଖନୀୟ ପ୍ରଦର୍ଶନ

କଟକ,୨୫।୧(କାର୍ତ୍ତିକ ସାହୁ)

ନେପାଳ ଯୁବକ୍ରୀଡ଼ା ବିକାଶ ଫୋରମ୍ ଆନୁକୂଲ୍ୟରେ ଅନୁଷ୍ଠିତ ୭ମ ଇଣ୍ଡୋ-ନେପାଳ ଅନ୍ତର୍ଜାତୀୟ ଚାମ୍ପିୟନଶିପ୍‌ରେ ଡ୍ରିମ୍‌ସ ଶିକ୍ଷାନୁଷ୍ଠାନ ସମୂହର ଆଇଟିଆଇ ଛାତ୍ର ଉଲ୍ଲେଖନୀୟ ପ୍ରଦର୍ଶନ କରି ପୁରସ୍କୃତ ହୋଇଛନ୍ତି। ନେପାଳର ପୋଖରାସ୍ଥିତ ରଙ୍ଗଶାଳା ଷ୍ଟାଡିୟମ୍‌ରେ ଅନୁଷ୍ଠିତ ଭଲିବଲ ପ୍ରତିଯୋଗିତାରେ ଭାରତୀୟ ଦଳ ସିନିୟର ବର୍ଗରେ ପ୍ରତିନିଧିତ୍ୱ କରି ଡ୍ରିମ୍‌ସ ଆଇଟିଆଇ ଫିଟର ବିଭାଗର ୨ୟ ବର୍ଷ ଛାତ୍ର ଅବ୍‌ଦୁଲ୍ ସଦ୍ଦାମ୍ ଓ ଇଲେକ୍ଟ୍ରିସିଆନ୍ ବିଭାଗର ୨ୟ ବର୍ଷ ଛାତ୍ର ଶେଖ୍ ହାଫିଜ୍ ଉଦ୍ଦିନ୍ ଦ୍ୱିତୀୟ ସ୍ଥାନ ଅଧିକାରକରି ଟ୍ରଫି ହାସଲ କରିଛନ୍ତି। ଆନ୍ତର୍ଜାତିକ ସ୍ତରରେ ଛାତ୍ରଦ୍ୱୟଙ୍କ ଏହି ସଫଳତା ପାଇଁ ଡ୍ରିମ୍‌ସ ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠାତା ଅଧ୍ୟକ୍ଷ ଡ. ପ୍ରମୋଦ ଚନ୍ଦ୍ର ରଥ ସେମାନଙ୍କୁ ସମ୍ବର୍ଦ୍ଧିତ କରିବା ସହ ସେମାନଙ୍କ ପାଇଁ ଶିକ୍ଷାନୁଷ୍ଠାନ ଗର୍ବିତ ବୋଲି କହିଛନ୍ତି। ବିଶ୍ୱବିଦ୍ୟାଳୟର ଉପାଧ୍ୟକ୍ଷ ଇଂ. ଦୁର୍ଗାପ୍ରସାଦ ରଥ, କୁଳପତି ପ୍ରଫେସର ଡ. ପ୍ରକାଶ କୁମାର ହୋତା, ପ୍ରଶାସନିକ ନିର୍ଦ୍ଦେଶକ ବଳରାମ କର, ନିର୍ଦ୍ଦେଶକ ପ୍ରଦୀପ୍ତ ଚନ୍ଦ୍ର ରଥ, ନିର୍ଦ୍ଦେଶିକା ଚିନ୍ମୟୀ ରଥ, କ୍ରୀଡ଼ା ନିର୍ଦ୍ଦେଶକ ନବକିଶୋର ମିଶ୍ର, ଆଇଟିଆଇ ଅଧ୍ୟକ୍ଷ ଇଂ. ପ୍ରଶାନ୍ତ କୁମାର ନାୟକ ପ୍ରମୁଖ ଉଭୟ ଛାତ୍ରଙ୍କୁ ଅଭିନନ୍ଦନ ଜଣାଇଛନ୍ତି।

**ଫଟୋରେ ଖବର**




କଟକ ଯୋବ୍ରା ମାରିଟାଇମ୍ ମ୍ୟୁଜିୟମ ସଭାଗୃହରେ ମୋ କଟକ ସୁରକ୍ଷା ମଞ୍ଚର ପଞ୍ଚମ ସ୍ୱନକ୍ଷତ୍ର ଉତ୍ସବରେ ଏମ୍‌ପି ଭର୍ତ୍ତୃହରି ମହତାବଙ୍କୁ ସମ୍ବର୍ଦ୍ଧିତ କରାଯାଉଛି।



ପରାକ୍ରମ ଦିବସ ପାଳନ ଅବସରରେ ଶନିବାର କଟକ ସତ୍ୟବ୍ରତ ଷ୍ଟାଡିୟମରେ ଶ୍ରୀନି ଡ୍ୟାନ୍ସ ଏକାଡେମୀ ପକ୍ଷରୁ ପରିବେଷିତ ନୃତ୍ୟନାଟିକା।

# ଓଡ଼ିଶାର ଗୌରବ ବଢ଼ାଇଲେ ୪ ଓଡ଼ିଆ

ଭୁବନେଶ୍ୱର, ୨୫।୧ (ସୌମ୍ୟରଞ୍ଜନ ରାଉତ): ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ପକ୍ଷରୁ ଶନିବାର ପଦ୍ମ ପୁରସ୍କାର ଘୋଷଣା କରାଯାଇଛି। କଳା, ସମାଜସେବା, ଚିକିତ୍ସା, ଶିଳ୍ପ, ସାହିତ୍ୟ, କ୍ରୀଡା ଆଦି କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ମୋଟ ୧୩୯ଜଣ ବିଶିଷ୍ଟ ବ୍ୟକ୍ତିଙ୍କୁ ପଦ୍ମ ପୁରସ୍କାର ପାଇଁ ମନୋନୀତ କରାଯାଇଛି। ଏହି ତାଲିକାରେ ଓଡ଼ିଶାରୁ ୪ଜଣଙ୍କ ନାମ ରହିଛି। ମେଡିସିନ କ୍ଷେତ୍ରରେ ଅଶୋକ ମହାପାତ୍ର, କଳାରେ ଅଦ୍ୱୈତ ଚରଣ ଗଡ଼ନାୟକ ଓ ଦୁର୍ଗା ଚରଣ ରଣବୀର, ସାହିତ୍ୟ ଓ ଶିକ୍ଷାରେ ପ୍ରତିଭା ଶତପଥୀ ପଦ୍ମଶ୍ରୀ ପାଇବାକୁ ମନୋନୀତ ହେବା ସହ ଓଡ଼ିଶାର ଗୌରବ ବଢ଼ାଇଛନ୍ତି।

●●●

### କଳା, ସାହିତ୍ୟ, ଚିକିତ୍ସା କ୍ଷେତ୍ରରେ ପଦ୍ମଶ୍ରୀ




### ଜଗନ୍ନାଥଙ୍କ ଆଶୀର୍ବାଦ, ଲୋକଙ୍କ ଭଲ ପାଇବାର ପୁରସ୍କାର

"ପୁରସ୍କାର ପାଇବି ଜାଣିବା ପରେ ଭଲ ଲାଗୁଛି। ମାତ୍ର ଏଥିପାଇଁ ମୋର ବିଶେଷ କିଛି ଖୁସି ହେବାର କାରଣ ନାହିଁ। ଜଗନ୍ନାଥଙ୍କ ଆଶୀର୍ବାଦ ଏବଂ ଲୋକଙ୍କ ଭଲପାଇବା ପାଇଁ ପଦ୍ମ ପୁରସ୍କାର ପାଇବାକୁ ମନୋନୀତ ହୋଇଛି। ଆରମ୍ଭରୁ ନିଃସ୍ୱାର୍ଥ ଭାବରେ ରୋଗୀସେବା କରି ଆସୁଛି। କାହାଠାରୁ କିଛି ପାଇବାର ଆଶା ନ ଥାଏ। ଜଣେ ଡାକ୍ତର ଭାବେ ସର୍ବଦା ନିଜ କାମକୁ ଗୁରୁତ୍ୱ ଦେଇ ଆସିଛି। ରାତି ଦିନ, ପର୍ବପର୍ବାଣି, ଯାହା ହେଲେ ବି ନିଜ କର୍ତ୍ତବ୍ୟରୁ ଓହରି ନାହିଁ। ଯାହାର ଫଳସ୍ୱରୂପ ପୁରସ୍କାର ମିଳିବ।

**ଡା. ଅଶୋକ ମହାପାତ୍ର**

### ଯାହା ହୃଦୟରୁ ବାହାରେ, ଲେଖାରେ ପ୍ରକାଶିତ ହୋଇଯାଏ

"ପଦ୍ମ ଆମ ସଂସ୍କୃତିର ସବୁଠୁ ପବିତ୍ର ଓ ସୁନ୍ଦର ପୁଷ୍ପ। ତାହାର ଅନୁଭବ ମଧ୍ୟ ସେହିଭଳି ପବିତ୍ର ଓ ଆନନ୍ଦମୟ। ତେଣୁ ପଦ୍ମ ପୁରସ୍କାର ପାଇବି ଜାଣିବା ପରେ ମୋତେ ବହୁତ ଆନନ୍ଦ ଲାଗୁଛି। ମୋର ଅନେକ ବହି ବିଭିନ୍ନ ଭାଷାରେ ସାରା ଭାରତରେ ପ୍ରକାଶିତ ହୋଇଛି। ବହୁ ଅନୁବାଦ ପୁସ୍ତକ ମଧ୍ୟ ରଚନା କରିଛି। ମାତ୍ର କେଉଁ ପୁସ୍ତକ ପାଇଁ ପୁରସ୍କାର ପାଇବାକୁ ମନୋନୀତ ହୋଇଛି, ତାହା ଏଯାବତ୍ ଜଣାଇ ନାହାନ୍ତି। ଯାହା ମୋ ହୃଦୟ ଭିତରୁ ବାହାରେ ତାହା ଲେଖାରେ ପ୍ରକାଶିତ ହୋଇଯାଏ। ମୁଁ ତ ଜଣେ ବିଚାରକ ନୁହେଁ, ତେଣୁ ମୋ ଲେଖାରେ କ'ଣ ଦେଖି ପୁରସ୍କାର ଦେଉଛନ୍ତି ତାହା କହି ପାରିବି ନାହିଁ। ବୟସ ବହୁତ ଆଗେଇ ଗଲାଣି। ତେଣୁ ଆଗାମୀ ଯୋଜନା କିଛି କରିନି।

**ପ୍ରତିଭା ଶତପଥୀ**

### ଭାସ୍କର୍ଯ୍ୟ କଳାରେ ପଦ୍ମ ସମ୍ମାନ ଓଡ଼ିଶା ପାଇଁ ଗୌରବ

"୪୫ ବର୍ଷର ସଂଘର୍ଷ ପରେ ଏତେବଡ଼ ସମ୍ମାନ ପାଇବା ଖୁସିର କଥା। ଏହି ପୁରସ୍କାର ପାଇଁ ସମଗ୍ର ଭାରତବାସୀଙ୍କ ସ୍ନେହ, ଆଶୀର୍ବାଦ ରହିଥାଏ। ତେଣୁ ଜଣେ ଆର୍ଟିଷ୍ଟ ପାଇଁ ଏହା ନିଶ୍ଚିତ ପକ୍ଷେ ଗୌରବର ବିଷୟ। ଅପରପକ୍ଷେ ପ୍ରଥମଥର ପାଇଁ ଓଡ଼ିଶାକୁ ଭାସ୍କର୍ଯ୍ୟକଳାରେ ପଦ୍ମ ପୁରସ୍କାର ମିଳିବାକୁ ଯାଉଛି। ଏହାଠାରୁ ବଡ ଖୁସିର କଥା ଆଉ କିଛି ନୁହେଁ। ମୋର ଏହି ସମ୍ମାନ ସମସ୍ତ ଲୋକଙ୍କ ଭଲପାଇବା ଏବଂ ଆଶୀର୍ବାଦର ଫଳ।

**ଅଦ୍ୱୈତ ଚରଣ ଗଡ଼ନାୟକ**

### ପୁରସ୍କାର ପାଇବି, ବହୁତ ଖୁସି ଲାଗୁଛି

"ପୁରସ୍କାର ପାଇବି ଜାଣିବା ପରେ ବହୁତ ଖୁସି ଲାଗୁଛି। ଦୀର୍ଘବର୍ଷ ଧରି ଓଡ଼ିଶୀ ନୃତ୍ୟ କ୍ଷେତ୍ରରେ ମୋର ସାଧନା ଜାରି ରହିଛି। ଆଗରୁ ଅନେକ ପୁରସ୍କାର ପାଇଛି, ଏବେ ପଦ୍ମ ପୁରସ୍କାର ପାଇବି। ଓଡ଼ିଶୀ ନୃତ୍ୟକୁ ଆହୁରି ଆଗକୁ ନେବାକୁ ସର୍ବଦା ଚେଷ୍ଟା କରି ଆସିଛି। ଓଡ଼ିଶୀ ନୃତ୍ୟର ଠିକ୍ ଭାବେ ବ୍ୟାକରଣ ଓ ବିଜ୍ଞାନକୁ ନେଇ ପର୍ଯ୍ୟାୟକ୍ରମେ କିଭଳି ଉନ୍ନତି ହୋଇପାରିବ ସେଥିପାଇଁ ପ୍ରୟାସ କରିବି।

**ଦୁର୍ଗାଚରଣ ରଣବୀର**

## ଶ୍ରେଷ୍ଠ ନିର୍ବାଚନ ଅଭ୍ୟାସ ପୁରସ୍କାର ପାଇଲା ଭାରତୀୟ ରେଳପଥ




ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କଠାରୁ ରେଳ ବୋର୍ଡ ଅଧ୍ୟକ୍ଷ ସତୀଶ୍ କୁମାର ପୁରସ୍କାର ଗ୍ରହଣ କରୁଛନ୍ତି।

ଭୁବନେଶ୍ୱର, ୨୫।୧ (ଅନୁରାଧା ମହାରଣା)

ଜାତୀୟ ମତଦାତା ଦିବସ ଅବସରରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ମତଦାତା ସଚେତନତା ଅଭିଯାନରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥିବା ଭାରତୀୟ ରେଳପଥକୁ ପୁରସ୍କୃତ କରିଛନ୍ତି। ନୂଆଦିଲ୍ଲୀର ଦିଲ୍ଲୀ କ୍ୟାଣ୍ଟନମେଣ୍ଟର ମାନେକଶା ସେଣ୍ଟରରେ ଶନିବାର ଆୟୋଜିତ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ଶ୍ରେଷ୍ଠ ନିର୍ବାଚନ ଅଭ୍ୟାସ ପୁରସ୍କାର ପ୍ରଦାନ କରାଯାଇଛି। ଭାରତୀୟ ରେଳପଥ ପକ୍ଷରୁ ରେଳପଥ ବୋର୍ଡର ଅଧ୍ୟକ୍ଷ ତଥା ସିଇଓ ସତୀଶ୍ କୁମାର ଏହି ପୁରସ୍କାର ଗ୍ରହଣ କରିଛନ୍ତି।

## ମା' ମଙ୍ଗଳା ମନ୍ଦିର ପରିଦର୍ଶନକଲେ ବାଚସ୍ପତି

କାକଟପୁର, ୨୫।୧ (ଶୁଭଦର୍ଶନ ମିଶ୍ର)



ବାଚସ୍ପତି ସୁରମା ପାଢ଼ୀଙ୍କୁ ଉପହାର ପ୍ରଦାନ କରୁଛନ୍ତି ସେବାୟତ।

କାକଟପୁରର ଅଧିଷ୍ଠାତ୍ରୀ ମା' ମଙ୍ଗଳାଙ୍କୁ ଓଡ଼ିଶାର ବାଚସ୍ପତି ସୁରମା ପାଢ଼ୀ ଦର୍ଶନ କରି ଆଶୀର୍ବାଦ ଭିକ୍ଷା କରିଛନ୍ତି। ଗସ୍ତ ସମୟରେ ମା' ମଙ୍ଗଳା ଟ୍ରଷ୍ଟ କାର୍ଯ୍ୟନିର୍ବାହୀ ଅଧିକାରୀ କୈଳାସ ଚନ୍ଦ୍ର ଦାସ ପ୍ରମୁଖ ଉପସ୍ଥିତ ଥିଲେ। ବଚସ୍ପତି ପାଢ଼ୀ ମା'ଙ୍କ ଦର୍ଶନ କରିବା ସହିତ ମନ୍ଦିରର ବିଭିନ୍ନ ଉନ୍ନୟନମୂଳକ କାମ ସମ୍ପର୍କରେ ସେବାୟତଙ୍କ ସହିତ ଆଲୋଚନା କରିଛନ୍ତି। ମନ୍ଦିର ଟ୍ରଷ୍ଟ ତରଫରୁ ବାଚସ୍ପତି ସୁରମା ପାଢ଼ୀଙ୍କୁ ମଙ୍ଗଳାଙ୍କ ଏକ ଫଟୋଚିତ୍ର ପ୍ରଦାନ କରାଯାଇଥିଲା।

## ଜିଲାସ୍ତରୀୟ ସ୍ୱେଚ୍ଛାସେବୀ ନେତୃତ୍ୱର ବିକାଶ ପ୍ରଶିକ୍ଷଣ

ବଳଙ୍ଗା, ୨୫।୧ (କେଦାରେଶ୍ୱର ନନ୍ଦ)

ବଳଙ୍ଗା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଜାତୀୟ ସେବା ଯୋଜନା ଶାଖା ଦ୍ୱାରା ତ୍ରିଦିବସୀୟ ଜିଲାସ୍ତରୀୟ ସ୍ୱେଚ୍ଛାସେବୀ ନେତୃତ୍ୱ ବିକାଶ ପ୍ରଶିକ୍ଷଣ ଉଦ୍‌ଘାଟିତ ହୋଇଛି। ଅଧ୍ୟକ୍ଷ ପ୍ରଭାତ କୁମାର ସାହୁଙ୍କ ସଭାପତିତ୍ୱରେ ମୁଖ୍ୟ ଅତିଥି ଭାବେ ଭାରତୀୟ ପ୍ରଶାସନିକ ଅଧିକାରୀ ଶୁଭଶ୍ରୀ ନନ୍ଦ, ମୁଖ୍ୟବକ୍ତା ଭାବେ ଏମ୍ ପ୍ୟାନେଲ ଟ୍ରେନିଂ ଇନ୍‌ଷ୍ଟିଚ୍ୟୁଟର ସଂଯୋଜକ ନୀରଦ ଚରଣ ଖୁଣ୍ଟିଆ, ସମ୍ମାନିତ ଅତିଥି ଭାବେ ଯୁକ୍ତ ୨ ଶିକ୍ଷା ପରିଷଦର ଉପସମ୍ପାଦକ ଡ. ଯଶୋବନ୍ତ ସାମଲ ଉପସ୍ଥିତ ଥିଲେ। ଉଦ୍‌ଘାଟନୀ ଉତ୍ସବରେ ଅତିଥିମାନେ ସେବା ଉତ୍ସର୍ଗୀକୃତ ମନୋଭାବ, ମାନସିକତା, ସହଯୋଗ ମନୋଭାବ, ସାମୂହିକ ସ୍ୱାର୍ଥସାଧନ, ପରୋପକାରିତା, ଭାଷା ସଂସ୍କୃତିର ସୁରକ୍ଷା, ଓଡ଼ିଆ ଭାଷାର ଅସ୍ମିତା ଇତ୍ୟାଦିର ସୁରକ୍ଷା ପ୍ରତି ସମସ୍ତେ ବ୍ରତୀ ହେବା ଆବଶ୍ୟକ ବୋଲି ମତବ୍ୟକ୍ତ କରିଥିଲେ। ବଳଙ୍ଗା ସମେତ ମହାତ୍ମାଗାନ୍ଧୀ ଉଚ୍ଚମାଧ୍ୟମିକ ବିଦ୍ୟାଳୟ ପୁବା ଶାସନ ଓ ଅସ୍ତରଙ୍ଗ, କୋଣାର୍କ ଭଗବତୀ ଉଚ୍ଚମାଧ୍ୟମିକ ବିଦ୍ୟାଳୟ, କୋଣାର୍କ ସାମନ୍ତ ଚନ୍ଦ୍ରଶେଖର ଉଚ୍ଚମାଧ୍ୟମିକ ବିଦ୍ୟାଳୟ, ପୁରୀ ଉତ୍କଳ ମଣି ଗୋପବନ୍ଧୁ ଉଚ୍ଚବିଦ୍ୟାଳୟ, ସାକ୍ଷୀଗୋପାଳ ପ୍ରାଚୀ ଉଚ୍ଚମାଧ୍ୟମିକ ବିଦ୍ୟାଳୟ, ବାଙ୍ଗୁରିଗାଁ, ବାଣିଶ୍ରୀ ଉଚ୍ଚମାଧ୍ୟମିକ ବିଦ୍ୟାଳୟ କଅଁରପୁର, କନ୍ଦାଖାଇ ଉଚ୍ଚମାଧ୍ୟମିକ ବିଦ୍ୟାଳୟ ଓ ସୁରଜମଲ୍ଲ ଶାହା ଉଚ୍ଚମାଧ୍ୟମିକ ବିଦ୍ୟାଳୟ ଏହି କାର୍ଯ୍ୟକ୍ରମରେ ଯୋଗଦେଇଥିଲେ। ଦ୍ୱିତୀୟ ଅଧିବେଶନରେ ସାଧନ କର୍ମୀ ସ୍ୱରୂପ ଅବସରପ୍ରାପ୍ତ ରାଜନୀତି ବିଜ୍ଞାନ ଅଧ୍ୟାପକ ସୁକାନ୍ତ ମହାନ୍ତି, ପୁରୀ ଜିଲାର ବିଶିଷ୍ଟ ସାମାଜିକ କର୍ମୀ ଦେବୀ ମିଶ୍ର ଓ ପୁରୀ ଜିଲାର ସହକାରୀ କାର୍ଯ୍ୟକ୍ରମ ଅଧିକାରୀମାନେ ଉପସ୍ଥିତ ରହି ବିଭିନ୍ନ ପ୍ରସଙ୍ଗ ଉପରେ ଚର୍ଚ୍ଚା କରିଥିଲେ। ଓଡ଼ିଆ ବିଭାଗର ମୁଖ୍ୟ ମିଥୁନ ମଲ୍ଲିକ ଧନ୍ୟବାଦ ଦେଇଥିଲେ। ଶିକ୍ଷା ବିଭାଗୀୟ ମୁଖ୍ୟ ଡ. ପ୍ରଦୋଷ କୁମାର ପତି ସଭା ସଞ୍ଚାଳନ କରିଥିଲେ।

## ମା' କଲରେଇ ଟ୍ରଷ୍ଟ ପକ୍ଷରୁ ସ୍ୱାସ୍ଥ୍ୟ ଶିବିର

ଅସ୍ତରଙ୍ଗ/କାକଟପୁର, ୨୫।୧ (ମମତା ଜେନା/ଶୁଭଦର୍ଶନ ମିଶ୍ର)

କାକଟପୁର ମୂଳାଗଡ଼ସ୍ଥିତ ବିଶ୍ୱ ହିନ୍ଦୁ ପରିଷଦ ଶାଖା କାର୍ଯ୍ୟାଳୟ ପରିସରରେ 'ସ୍ୱାସ୍ଥ୍ୟ ହିଁ ସମ୍ପଦ' ବାର୍ତ୍ତା ନେଇ ମା' କଲରେଇ ଚାରିଟେବଲ ଟ୍ରଷ୍ଟ ସହଭାଗିତାରେ ହାଇଟେକ୍ ମେଡିକାଲ୍ କଲେଜ ଆଣ୍ଡ ରିସର୍ଚ୍ଚ ସେଣ୍ଟର ପକ୍ଷରୁ ସ୍ୱାସ୍ଥ୍ୟ ପରୀକ୍ଷା ଶନିବାର ଅନୁଷ୍ଠିତ ହୋଇଯାଇଛି। ଟ୍ରଷ୍ଟର ପରିଚାଳକ ଅଧ୍ୟକ୍ଷ ଇଂ. ରଞ୍ଜିତ କୁମାର ସ୍ୱାଇଁଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ସ୍ୱାସ୍ଥ୍ୟ ଶିବିର ଅନୁଷ୍ଠିତ ହେଉଥିବା ବେଳେ ପାଖଆଖ ଅଞ୍ଚଳରୁ ୨୦୦ରୁ ଊର୍ଦ୍ଧ୍ୱ ବ୍ୟକ୍ତି ଡାକ୍ତରଙ୍କ ପରାମର୍ଶ ନେଇଥିଲେ। ମୁଖ୍ୟଅତିଥି ଭାବେ ହାଇଟେକ୍ ମେଡିକାଲ କଲେଜ ଆଣ୍ଡ ରିସର୍ଚ୍ଚ ସେଣ୍ଟରର ଡାକ୍ତର ବିପ୍ଳବ ବିଶ୍ୱକେଶରୀ ମହାନ୍ତି, ମେଡିସିନ ସ୍ପେଶାଲିଷ୍ଟ ଡ. ସମ୍ବିତ ସୌରଭ ଦାସ, ଅର୍ଥପେଡିକ୍ ଡ. ସିଦ୍ଧାର୍ଥ ପାତ୍ର, ସର୍ଜରି ବିଭାଗ ଡ. ସନ୍ଦୀପ ସାଶମଲ, ମୁଖ ଓ ମାକ୍ସିଲୋଫେସିଆଲ ସର୍ଜନ ଉପସ୍ଥିତ ଥିଲେ। ବିଶ୍ୱ ହିନ୍ଦୁ ପରିଷଦର କାକଟପୁର ଶାଖାର ସଭାପତି କାବୁଲି ବିଶ୍ୱାଳ, ମିହିର ଦୀକ୍ଷିତ ପ୍ରମୁଖ ସହଯୋଗ କରିଥିଲେ।

## ବିଏନ୍‌ଆଇ ଓଡ଼ିଶା- ବିଏନ୍‌ଆଇ ନୀଳଚକ୍ର ଉନ୍ମୋଚିତ

ଭୁବନେଶ୍ୱର, ୨୫।୧ (ଅନୁରାଧା ମହାରଣା)

ବିଏନ୍‌ଆଇ ଓଡ଼ିଶା ପକ୍ଷରୁ ପୁରୀଠାରେ ଅଷ୍ଟମ ଚାପ୍ଟର- ବିଏନ୍‌ଆଇ ନୀଳଚକ୍ର ଉନ୍ମୋଚନ କରାଯାଇଛି। ପ୍ରଥମ ଦିନରେ ଏହା ୨.୨ କୋଟିର ବ୍ୟବସାୟ କରିଥିବାବେଳେ ୩୫ ସଦସ୍ୟତା ହାସଲ କରିଛି। ଏହା ସହ ପ୍ରାୟ ୫୬ଜଣ ପରିଦର୍ଶକଙ୍କୁ ସ୍ୱାଗତ କରିଛି। ବିଏନ୍‌ଆଇ ଇକୋସିଷ୍ଟମ୍ ମଧ୍ୟରେ ବିଏନ୍‌ଆଇ ଗ୍ରେଟର ଓଡ଼ିଶା ଦ୍ରୁତ ପ୍ରଦର୍ଶନକାରୀଭାବେ ଗଣାଯାଉଥିବାବେଳେ ଓଡ଼ିଶାରେ ୮ଟି ଚାପ୍ଟର ସହ ୪୭୦ ସଦସ୍ୟତା ହାସଲ କରିଛି। ଜାନୁଆରୀ ସୁଦ୍ଧା ଓଡ଼ିଶାରେ ୪୧୫ କୋଟିର କାରବାର କରିବାରେ ସକ୍ଷମ ହୋଇଛି। ଏହି ସଫଳତା ପଛରେ କ୍ଷେତ୍ର ନିର୍ଦ୍ଦେଶକ କେ. ସଞ୍ଜୀବ ପାତ୍ର ଓ ସହକାରୀ କ୍ଷେତ୍ର ନିର୍ଦ୍ଦେଶକ ଜୟ ପାତ୍ରଙ୍କ ଭୂମିକା ରହିଛି। କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ସିଏସ୍ ସୁନୀତା ମହାନ୍ତି, ନମ୍ରତା ସାମଲ ଓ ପ୍ରଦୀପ ଅଗରୱାଲ ଗୁରୁତ୍ୱପୂର୍ଣ୍ଣ ଦାୟିତ୍ୱ ତୁଲାଇଛନ୍ତି।

## ବ୍ଲକ୍‌ସ୍ତରୀୟ ଜାତୀୟ ବାଳିକା ଶିଶୁ ଦିବସ

କଣାସ/ପିପିଲି, ୨୫।୧
(ବିଭୂତି ଭୂଷଣ ତ୍ରିପାଠୀ/ଦୁର୍ଗାମାଧବ ମିଶ୍ର)

କଣାସ ବ୍ଲକ ସିରେଇ ସଂଯୁକ୍ତ ଉ.ପ୍ରା. ବିଦ୍ୟାଳୟରେ ଜାତୀୟ ବାଳିକା ଶିଶୁ ଦିବସ ଅନୁଷ୍ଠିତ ହୋଇଯାଇଛି। କଣାସ ବ୍ଲକ ସହ ଶିକ୍ଷାଧିକାରୀ ତଥା ଗୋଷ୍ଠୀ ସାଧନକେନ୍ଦ୍ର ସଂଯୋଜକ ନାରାୟଣ ପ୍ରଧାନଙ୍କ ସଭାପତିତ୍ୱରେ ସଭାରେ ମୁଖ୍ୟ ଅତିଥି ଭାବେ ଜିଲା ପରିଷଦ ସଦସ୍ୟା ଲତାମଣି ଜଗଦେବ, ସମ୍ମାନିତ ଅତିଥି ଭାବେ ସରପଞ୍ଚ ପ୍ରତିନିଧି ଦେବବ୍ରତ ପରିଡ଼ା, ପରିଚାଳନା କମିଟି ଉପାଧ୍ୟକ୍ଷ ସୁରଥ ସାହୁ, ପ୍ରଧାନଶିକ୍ଷକ ଗୋବର୍ଦ୍ଧନ ବେହେରା, ସିଆର୍‌ସିସି ସନ୍ତୋଷ ବେହେରା ପ୍ରମୁଖ ସମାଜରେ ବାଳିକାଙ୍କର ଭୂମିକା ସମ୍ପର୍କରେ ଆଲୋକପାତ କରିଥିଲେ। ବରିଷ୍ଠ ସିଆର୍‌ସିସି ବୈକୁଣ୍ଠନାଥ କୋଦମାସିଂହଙ୍କ ସଂଯୋଜନାରେ କାର୍ଯ୍ୟକ୍ରମରେ କଣାସ ବ୍ଲକର ୧୦ଶ୍ରେଣୀ ଅଧ୍ୟୟନରତ ଛାତ୍ରୀଙ୍କ ମଧ୍ୟରେ ଜୁନିୟର-ସିନିୟର ଫ୍ୟାନ୍ସି ଡ୍ରେସ୍, ଚିତ୍ରାଙ୍କନ, ସ୍ଲୋଗାନ୍, ଲିଖନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଏହି ପ୍ରତିଯୋଗିତାର କୃତୀ ଛାତ୍ରୀଙ୍କୁ ପ୍ରମାଣପତ୍ର ସହ ପୁରସ୍କୃତ କରାଯାଇଥିବା ବେଳେ ଶ୍ରେଷ୍ଠ ୬ ଛାତ୍ରୀ ଜିଲାସ୍ତରୀୟ ପ୍ରତିଯୋଗିତା ପାଇଁ ମନୋନୀତ ହୋଇଥିଲେ। କଣାସ ବ୍ଲକ ସମସ୍ତ ସାଧନକେନ୍ଦ୍ର ସଂଯୋଜକ ଓ ସିରେଇ ସଂଯୁକ୍ତ ଉ.ପ୍ରା. ବିଦ୍ୟାଳୟ ଶିକ୍ଷକ ଶିକ୍ଷୟିତ୍ରୀମାନେ ସହଯୋଗ କରିଥିଲେ।

ପିପିଲି ମଣ୍ଡଳସ୍ତରୀୟ ଜାତୀୟ ବାଳିକା ଦିବସ ଜବାହର ବିଦ୍ୟାପୀଠରେ ଅନୁଷ୍ଠିତ ହୋଇଛି। ଜବାହର ବିଦ୍ୟାପୀଠର ପ୍ରଧାନଶିକ୍ଷକ ପୀତବାସ ସେଠୀଙ୍କ ଅଧ୍ୟକ୍ଷତାରେ ଅତିଥି ଭାବେ ମଣ୍ଡଳ ସହ ଶିକ୍ଷାଧିକାରୀ ସାହେବ ପାତ୍ର, ପିପିଲି ବ୍ଲକ ନୋଡାଲ୍ ଅଧିକାରୀ ଦୀପକ କୁମାର ଗୁରୁ ପ୍ରମୁଖ ଉପସ୍ଥିତ ଥିଲେ। ସିଆର୍‌ସିସି ରମେଶ ଚନ୍ଦ୍ର ଦାସ ସଭା ପରିଚାଳନା କରିଥିବା ବେଳେ ସିଆର୍‌ସିସି ପୂର୍ଣ୍ଣଚନ୍ଦ୍ର ବେହେରା ଧନ୍ୟବାଦ ଦେଇଥିଲେ। ପରିଚାଳନା ଅଫିସ ଷ୍ଟାଫ ଅଳକା ବେହେରା ପରିଚାଳନାରେ ସହଯୋଗ କରିଥିଲେ।

## ସଂସ୍କୃତି, ପରମ୍ପରା ବଞ୍ଚିଲେ ଓଡ଼ିଆ ଜାତି ବଞ୍ଚିବ

### ବେଗୁନିଆ ଛକ ମହୋତ୍ସବ ଉଦ୍‌ଘାଟିତ

ଗୋପ, ୨୫।୧ (ଭାରତୀ ଭୂଷଣ ଉପାଧ୍ୟାୟ)

ସଂସ୍କୃତି, ପରମ୍ପରା ବଞ୍ଚିଲେ ଆମ ଓଡ଼ିଆ ଜାତି ବଞ୍ଚିବ। ଆମ ଅଞ୍ଚଳରେ ୧୨ଶହ ବଢ଼େଇ ରହି କୋଣାର୍କ ସୂର୍ଯ୍ୟମନ୍ଦିର ନିର୍ମାଣ କରିଥିବା ବେଳେ କୋଣାର୍କ ମନ୍ଦିର ମୁଣ୍ଡି ମାରିଥିବା ଧର୍ମପଦର ଦାୟାଦ ବୋଲି ଶନିବାର ସନ୍ଧ୍ୟାରେ ଗୋପ ବ୍ଲକ୍ ଅନ୍ତର୍ଗତ ବେଗୁନିଆଠାରେ ବେଗୁନିଆ ଛକ ମହୋତ୍ସବରେ ମୁଖ୍ୟ ଅତିଥି ଭାବେ ଗୋପ ବ୍ଲକ ଉପାଧ୍ୟକ୍ଷ ବନରଞ୍ଜନ ପଟ୍ଟନାୟକ ଏହି ସୂଚନା ଦେଇଥିଲେ।

ବେଗୁନିଆ ମହାବୀର ଯାତ୍ରା କମିଟି ଦ୍ୱାରା ଆୟୋଜିତ କାର୍ଯ୍ୟକ୍ରମରେ ବ୍ୟବସାୟୀ ସଂଘ ସଭାପତି ନିରଞ୍ଜନ ସାହୁଙ୍କ ସଭାପତିତ୍ୱରେ ସମ୍ମାନିତ ଅତିଥି ଭାବେ ଜିଲା ପରିଷଦ ସଭ୍ୟ ପ୍ରରୋଦ କୁମାର ରାୟ, ଶିକ୍ଷାବିତ୍ ତଥା ମା' ଭୁଆସୁଣୀ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ବିଭୁଦତ୍ତ ନାୟକ, ଗୋପ ମହାବିଦ୍ୟାଳୟର ପ୍ରାକ୍ତନ ଅଧ୍ୟକ୍ଷ ପ୍ରକାଶ ଚନ୍ଦ୍ର ଖଟୋଇ, ଅଣ୍ଡରା - ଇଚ୍ଛାପୁର ପଞ୍ଚାୟତର ପୂର୍ବତନ ସରପଞ୍ଚ ଅଶ୍ୱିନ ପଟ୍ଟନାୟକ ପ୍ରମୁଖ ଯୋଗଦେଇ ଗାଁ ସଂସ୍କୃତି ଗାଁ ପରମ୍ପରା ଉପରେ ଆମକୁ ଦୃଷ୍ଟିଦେବା ସହ ଏପରି ମହୋତ୍ସବ ଉପରେ ଗୁରୁତ୍ୱ ଦେବାର ଆବଶ୍ୟକତା ରହିଛି ବୋଲି କହିଥିଲେ। ଶେଷରେ ବିଭିନ୍ନ ସାଂସ୍କୃତିକ ସଂଗଠନ ଓ ମା' ଭୁଆସୁଣୀ ଉଚ୍ଚ ବିଦ୍ୟାଳୟର ଛାତ୍ରୀମାନଙ୍କ ଦ୍ୱାରା ରଙ୍ଗାରଙ୍ଗ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ବେଗୁନିଆ ଛକ ମହୋତ୍ସବ ୫ ଦିନ ଧରି ଚାଲିବ ବୋଲି ଆୟୋଜକ ମଦନମୋହନ ହାଜରା, ଅକ୍ଷୟ କୁମାର ମୁଦୁଲି, ରଞ୍ଜନ କୁମାର ସାହୁ, ପ୍ରଦୀପ୍ତ କୁମାର ଖଟୋଇ ପ୍ରମୁଖ ସୂଚନା ଦେଇଛନ୍ତି।



ମହୋତ୍ସବରେ ନୃତ୍ୟଶିଳ୍ପୀମାନେ ନୃତ୍ୟ ପରିବେଷଣ କରୁଛନ୍ତି।











୭୬ତମ ସାଧାରଣତନ୍ତ୍ର ଦିବସ ପାଇଁ ଭୁବନେଶ୍ୱରସ୍ଥିତ ଓଡ଼ିଶା ବିଧାନ ସୌଧ, ସହର ରାସ୍ତା ଓ ଲୋକ ସମ୍ପର୍କ ଭବନକୁ ଆଲୋକରେ ସଜାଯାଇଛି। (ଫଟୋ– ବିକାଶ ନାୟକ ଓ ମନୋରଞ୍ଜନ ମିଶ୍ର)

# ସିରିଜ ଦୁର୍ଘଟଣା ଘଟାଇଥିବା ସରକାରୀ ଗାଡ଼ିରେ ନିଶା ସାମଗ୍ରୀ

## ସ୍କୁଟିକୁ ଧକ୍କା ଦେଇ ଓଲଟିବା ପରେ ଭ୍ୟାନ୍‌ରେ ପିଟିହେଲା, ୨ ଆହତ




ଭୁବନେଶ୍ୱର,୨୫।୧
(ସୂର୍ଯ୍ୟକାନ୍ତ ବେହେରା)

ସିରିଜ୍ ଦୁର୍ଘଟଣା ଘଟାଇଥିବା ଏକ ସରକାରୀ ବିଭାଗର କାର୍‌ରେ ନିଶା ସାମଗ୍ରୀ ମିଳିଛି। ଭୁବନେଶ୍ୱର ନୟାପଲ୍ଲୀ ଥାନା ଅନ୍ତର୍ଗତ ଜାତୀୟ ରାଜପଥ–୧୬ ଓଭରବ୍ରିଜ ଉପରେ ଶନିବାର ଦିନ ପ୍ରାୟ ୧ଟାରେ ଏକ ସଡକ ଦୁର୍ଘଟଣା ଘଟିଥିଲା। ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ବିଭାଗ ଲେଖାଥିବା କାର୍‌ଟି ପ୍ରଥମେ ସ୍କୁଟିକୁ ଧକ୍କା ଦେବା ପରେ ଓଲଟି ପଡିବା ପରେ ରାସ୍ତା ଅପରପାର୍ଶ୍ୱକୁ ଡେଇଁ ଅନ୍ୟ ଏକ ଭ୍ୟାନରେ ମାଡ ହୋଇଥିଲା। ଏହି ଦୁର୍ଘଟଣାରେ ସ୍କୁଟି ଚାଳକଙ୍କ ସମେତ ୨ ଆହତ ହୋଇଥିଲେ। ଖବର ପାଇ ନୟାପଲ୍ଲୀ ପୋଲିସ ଆହତଙ୍କୁ ଉଦ୍ଧାର କରି ହସ୍ପିଟାଲ ପଠାଇବା ସହ ଗାଡି ଜବତ କରି ଘଟଣାର ତଦନ୍ତ ଚଳାଇଛି। ଏହାସହ କାର୍ ଚାଳକ ଓ ତାଙ୍କର ଜଣେ ସହଯୋଗୀଙ୍କୁ ଥାନାରେ ଅଟକ ରଖି ପଚରାଉଚରା କରାଯାଉଛି। ଉକ୍ତ କାର୍‌ରେ ନିଶା ସେବନ ସାମଗ୍ରୀ ମିଳିଥିବା ପୋଲିସ କହିଛି।

ସୂଚନାନୁସାରେ, ଉକ୍ତ କାର୍‌ଟି ରସୁଲଗଡରୁ ବରମୁଣ୍ଡା ଅଭିମୁଖେ ଦ୍ରୁତଗତିରେ ଯାଉଥିବା ବେଳେ ନୟାପଲ୍ଲୀ ଥାନା ଅନ୍ତର୍ଗତ ଜାତୀୟ ରାଜପଥ ଓଭର ବ୍ରିଜ ଉପରେ ଏକ ସ୍କୁଟିକୁ ଜୋରରେ ଧକ୍କା ଦେଇଥିଲା। ଏହାପରେ କାରଟି ଓଲଟି ପଡି ରାସ୍ତାର ବିପକ୍ଷ ପାର୍ଶ୍ୱକୁ ଯାଇ ଏକ ଭ୍ୟାନ ସହ ମାଡ ହୋଇଥିଲା। ଦୁର୍ଘଟଣା ଏତେ ଭୟଙ୍କର ଥିଲା ଯେ କାରର ଚକ ଫାଟିଯିବା ସହ ସ୍କୁଟି ମଧ୍ୟ ଭାଙ୍ଗି ଯାଇଛି।

# ଗଛରେ ପିଟିହୋଇ ରାସ୍ତାତଳକୁ ଖସିଲା କାର

## ଚାଳକ ମୃତ, ୪ ଆହତ

ଭୁବନେଶ୍ୱର,୨୫।୧
(ସୂର୍ଯ୍ୟକାନ୍ତ ବେହେରା)



ଭୁବନେଶ୍ୱର–ପୁରୀ ଜାତୀୟ ରାଜପଥ ବାଇପାସ୍‌ର ଲିଙ୍ଗିପୁର ଟ୍ରାଫିକ୍ ଛକ ନିକଟରେ ଶୁକ୍ରବାର ବିଳମ୍ବିତ ରାତିରେ ଏକ ଭୟଙ୍କର ଦୁର୍ଘଟଣା ଘଟିଛି। ଏକ କାର ଖୁଣ୍ଟ ଓ ଗଛକୁ ଧକ୍କା ଦେବା ପରେ ରାସ୍ତା ତଳକୁ ଖସି ପଡିବାରୁ ଚାଳକଙ୍କ ମୃତ୍ୟୁ ଘଟିଥିବାବେଳେ ୪ଜଣ ଆହତ ହୋଇଛନ୍ତି। ମୃତକ ହେଲେ ବୋଲଗଡ ଥାନା ଅଞ୍ଚଳର ସୁନୀଲ କୁମାର ସ୍ୱାଇଁ (୨୪)। ଆହତମାନେ ହେଲେ ରାଜେଶ ମହାରଣା, କାହ୍ନୁଚରଣ ମଲ୍ଲିକ, ଚନ୍ଦନ ମଲ୍ଲିକ ଓ ସଂଗ୍ରାମ ରାଉତ। ଦୁର୍ଘଟଣାରେ କାରଟି ସମ୍ପୂର୍ଣ୍ଣ ଭାଙ୍ଗିରୁଜି ଯାଇଥିବାବେଳେ ଧଉଳି ପୋଲିସ ଗାଡ଼ିକୁ ଜବତ କରି ଘଟଣାର ତଦନ୍ତ ଚଳାଇଛି। ଦ୍ରୁତଗତି ଓ କୁହୁଡ଼ି ଯୋଗୁ ଏହି ଦୁର୍ଘଟଣା ଘଟିଥିବା ଆଶଙ୍କା କରାଯାଉଛି।

ସୂଚନାନୁସାରେ, ସମସ୍ତେ ଭୋଜି ସାରି ଫେରୁଥିବାବେଳେ ରାତି ପ୍ରାୟ ୧ଟାରେ ଲିଙ୍ଗିପୁର ଟ୍ରାଫିକ ଛକ ନିକଟ ବୁଲାଣିରେ କାରଟି ଭାରସାମ୍ୟ ହରାଇ ପ୍ରଥମେ ଏକ ଖୁଣ୍ଟକୁ ଧକ୍କାଦେଇ ରାସ୍ତାପାର୍ଶ୍ୱ ଏକ ଗଛରେ ଜୋର୍‌ରେ ଧକ୍କା ଲାଗିଥିଲା। ଫଳରେ ଗଛଟି ଭାଙ୍ଗିଯିବା ସହ କାର ତଳେ ସୁନୀଲ ଏବଂ ଅନ୍ୟମାନେ ଚାପିହୋଇ ଗାଡ଼ି ସହ ତଳକୁ ଗଡ଼ିଯାଇଥିଲେ। ଖବର ପାଇ ଧଉଳି ପୋଲିସ ଓ ଅଗ୍ନିଶମ ଟିମ୍ ଘଟଣାସ୍ଥଳରେ ପହଞ୍ଚି ସମସ୍ତଙ୍କୁ ଉଦ୍ଧାର କରି କ୍ୟାପିଟାଲ ହସ୍ପିଟାଲ ପଠାଇଥିଲା। ସେଠାରେ ଚାଳକ ସୁନୀଲଙ୍କୁ ଡାକ୍ତର ମୃତ ଘୋଷଣା କରିଥିବା ବେଳେ ଅନ୍ୟମାନଙ୍କୁ କଟକ ଏସ୍‌ସିବି ମେଡିକାଲକୁ ସ୍ଥାନାନ୍ତର କରାଯାଇଥିଲା। ଏନେଇ ଗାଡ଼ି ମାଲିକ ଧଉଳି ଥାନାରେ ଅଭିଯୋଗ କରିବା ପରେ ପୋଲିସ ଏକ ମାମଲା ରୁଜୁକରି ତଦନ୍ତ ତ୍ୱରାନ୍ୱିତ କରିଥିଲା।

# ଦୟା ନଦୀ ପ୍ରଦୂଷଣ ପାଇଁ ବିଏମ୍‌ସି, ପୂର୍ବତଟ ରେଳପଥକୁ ଦାୟୀ କଲେ ଦୁଇ ସଙ୍ଗଠନ

ଭୁବନେଶ୍ୱର, ୨୫।୧ (ବନ୍ଦନା ସେଠୀ)

ଦୟା ନଦୀର ପ୍ରଦୂଷିତ ବିଷାକ୍ତ ପାଣି ବ୍ୟବହାର କରି କଣାସ ବ୍ଲକର ୪ଜଣଙ୍କ ମୃତ୍ୟୁ ଘଟିଥିବାବେଳେ ଶତାଧିକ ଲୋକ ବିଭିନ୍ନ ଡାକ୍ତରଖାନାରେ ମୃତ୍ୟୁ ସହିତ ସଂଗ୍ରାମ କରୁଛନ୍ତି। ଏଥିପାଇଁ ବିଏମ୍‌ସି ଓ ପୂର୍ବତଟ ରେଳପଥକୁ ଦାୟୀ କରିଛି ମହାନଦୀ ବଞ୍ଚାଅ ଆନ୍ଦୋଳନ ଓ ଦୟା ସୁରକ୍ଷା ଅଭିଯାନ। ଦୁଇ ସଙ୍ଗଠନ ସମାନ ଅଭିଯୋଗ ଆଣିଛନ୍ତି ଯେ, ଭୁବନେଶ୍ୱରର ସମସ୍ତ ବର୍ଜ୍ୟବସ୍ତୁ ସହିତ ବିଷାକ୍ତ ପାଣି ଗଙ୍ଗୁଆ ମାଧ୍ୟମରେ ସିଧାସଳଖ ଦୟା ନଦୀରେ ମିଶୁଛି। ଫଳରେ ସେହି ଜହର ପାଣି ବ୍ୟବହାର କରି କଣାସ ଅଞ୍ଚଳର ଲୋକଙ୍କ ଦୁର୍ଦ୍ଦଶା ବଢ଼ିଚାଲିଛି। ସତ୍ୟନଗର ନିକଟରେ ଥିବା ରେଳ ବିଭାଗର ଗାଡ଼ି ୱାଶିଂ ପଏଣ୍ଟଠାରେ ଭୁବନେଶ୍ୱରକୁ ସଫେଇ ପାଇଁ ଆସୁଥିବା ସବୁ ରେଳଗାଡ଼ିର ବର୍ଜ୍ୟବସ୍ତୁ, ବାୟୋଟଏଲେଟ୍‌ର ମଳମୂତ୍ର ଆଦି ସେଠାରୁ ସିଧା ଗଙ୍ଗୁଆକୁ ଛାଡ଼ି ଦିଆଯାଉଛି। ଏହା ହିଁ ଗଙ୍ଗୁଆ ପ୍ରଦୂଷଣର ମୁଖ୍ୟ କାରଣ ହୋଇଛି। ଅନ୍ୟପକ୍ଷରେ ଭୁବନେଶ୍ୱର ମହାନଗର ନିଗମ (ବିଏମ୍‌ସି) ମଧ୍ୟ ସମସ୍ତ ଡ୍ରେନ୍‌କୁ ଗଙ୍ଗୁଆ ସହିତ ସଂଯୋଗ କରିଛି। ତେଣୁ ବିଏମ୍‌ସି କମିଶନର ଓ ପୂର୍ବତଟ ରେଳପଥର ମୁଖ୍ୟ ପ୍ରବନ୍ଧକ ଦୟା ପ୍ରଦୂଷଣର ପ୍ରମୁଖ ଅଭିଯୁକ୍ତ ବୋଲି ଅଭିଯୋଗ କରାଯାଇଛି।

## ଏତଲା ଦେବ ମହାନଦୀ ବଞ୍ଚାଅ ଆନ୍ଦୋଳନ ଓ ଦୟା ସୁରକ୍ଷା ଅଭିଯାନ

ଦୟାନଦୀର ଏଭଳି ସ୍ଥିତି ସଂକ୍ରାନ୍ତରେ ଶନିବାର ଅଭିଯାନର ଉପଦେଷ୍ଟା ଅର୍ଜୁନ ସାମନ୍ତରାୟଙ୍କ ଅଧ୍ୟକ୍ଷତାରେ ଏକ ଜରୁରୀ ବୈଠକ ବସିଥିଲା। ଆସନ୍ତା ୨୭ ତାରିଖରେ ଦୟା ଅଞ୍ଚଳର କ୍ଷତିଗ୍ରସ୍ତ ଲୋକଙ୍କ ସମେତ ସଂଗଠନର ଏକ ପ୍ରତିନିଧି ଦଳ ସତ୍ୟନଗର ରେଳ ୱାଶିଂ ପଏଣ୍ଟକୁ ଯାଇ ବାସ୍ତବ ସ୍ଥିତି ଅନୁଧ୍ୟାନ କରିବା ପରେ ବିଏମ୍‌ସି କମିଶନର ଓ ପୂର୍ବତଟ ରେଳ ମହାପ୍ରବନ୍ଧକଙ୍କ ବିରୋଧରେ ଖାରବେଳ ନଗର ଥାନାରେ ଏତଲା ଦିଆଯିବ। ସେହିପରି ଗଙ୍ଗୁଆ, ଦୟା ଓ ଚିଲିକାର ସୁରକ୍ଷା ପାଇଁ ସାମାଜିକ ସଂଗଠନ, ବିଶେଷଜ୍ଞ, ପରିବେଶବିତ୍, ଜଳ ଅଧିକାର କର୍ମୀଙ୍କୁ ନେଇ ଫେବୃଆରୀ ୬ରେ ଭୁବନେଶ୍ୱରରେ ଏକ ବିଚାର ସଭା ଆୟୋଜନ ହେବାକୁ ସ୍ଥିର କରାଯାଇଛି। ବୈଠକରେ ଆନ୍ଦୋଳନ ଆବାହକ ସୁଦର୍ଶନ ଦାସ, ମୁଖପାତ୍ର ପ୍ରସନ୍ନ ବିଷୋୟୀ, ସଂଯୋଜକ ବିଜୟ ପ୍ରଧାନ ଉପସ୍ଥିତ ଥିଲେ।

# ୩ ଶାବକ ଜନ୍ମଦେଲା ସିଂହୀ ରେଓ୍ୱା



ବାରଙ୍ଗ/ତ୍ରିଶୂଳିଆ,୨୫।୧ (ଲିଙ୍ଗରାଜ ରାଉତ/ତୁଷାରକାନ୍ତ ବେହେରା)

## ଜନ୍ମ ପରେ ଆଖି ବୁଜିଲା ପ୍ରଥମ ଛୁଆ

ନନ୍ଦନକାନନ ପ୍ରାଣୀ ଉଦ୍ୟାନର ସିଂହ ସଫାରୀ ଫିଡିଂ ଚାମ୍ବରରେ ରହୁଥିବା ୭ ବର୍ଷର ସିଂହୀ ରେଓ୍ୱା ଶନିବାର ୩ଟି ଶାବକ ଜନ୍ମ ଦେଇଛି। ପ୍ରଥମ ଶାବକ ସକାଳ ୯ଟା ୩୩ରେ ଜନ୍ମ ହୋଇଥିଲେ ମଧ୍ୟ କୌଣସି କାରଣରୁ ତା'ର ମୃତ୍ୟୁ ଘଟିଥିଲା। ଅପରାହ୍ନ ୩ଟା ୪୬ରେ ରେଓ୍ୱାକୁ ଅକ୍ସିଟୋସିନ୍ ଦିଆଯାଇଥିଲା। ଫଳରେ ଅପରାହ୍ନ ୩ଟା ୫୮ରେ ଦ୍ୱିତୀୟ ଶାବକ ଏବଂ ସନ୍ଧ୍ୟା ୫ଟା ୫୬ରେ ତୃତୀୟ ଶାବକ ଜନ୍ମ ହୋଇଥିଲା। ଏହାର କିଛି ସମୟ ପରେ ରେଓ୍ୱା ଦୁଇ ଶାବକଙ୍କୁ ଗ୍ରହଣ ନ କରିବାରୁ ସେମାନଙ୍କୁ ବନ୍ୟପ୍ରାଣୀ ଶାବକ ଲାଳନପାଳନ କେନ୍ଦ୍ରକୁ ଅଣାଯାଇଥିଲା। ଲାଳନପାଳନ କେନ୍ଦ୍ରର ଆଇସିୟୁରେ ଏମାନଙ୍କୁ ରଖାଯିବା ସହ ସ୍ୱତନ୍ତ୍ର ଯତ୍ନ ନିଆଯାଉଛି। ପ୍ରକାଶ ଯେ, ଇନ୍ଦୋରର କମଳା ନେହେରୁ ପ୍ରାଣୀ ସଂଗ୍ରହାଳୟରୁ ୨୦୨୦ ଡିସେମ୍ବର ୨୦ରେ ରେଓ୍ୱାକୁ ନନ୍ଦନକାନନ ଅଣାଯାଇଥିଲା। ଏବେ ଏଠାରେ ସିଂହ ସଂଖ୍ୟା ବୃଦ୍ଧି ପାଇ ୨୪ରେ ପହଞ୍ଚିଛି ବୋଲି ନନ୍ଦନକାନନ ଉପନିର୍ଦ୍ଦେଶକ ସନତ୍ କୁମାର ନାରାୟଣ କହିଛନ୍ତି।

# ସାମ୍ବାଦିକଙ୍କ ପେନ୍‌ସନ ଯୋଜନା ଲାଗୁ ଶେଷ ପର୍ଯ୍ୟାୟରେ ପହଞ୍ଚିଛି

ଭୁବନେଶ୍ୱର,୨୫।୧ (ସୌମ୍ୟରଞ୍ଜନ ରାଉତ)

ଉତ୍କଳ ସାମ୍ବାଦିକ ସଂଘର ୮୧ତମ ପ୍ରତିଷ୍ଠା ଦିବସ ଶନିବାର ଖାରବେଳ ନଗରସ୍ଥିତ ସଂଘଠାରେ ପାଳିତ ହୋଇଯାଇଛି। ରାଜ୍ୟ ସଭାପତି ବିଭୂତି ଭୂଷଣ କରଙ୍କ ଅଧ୍ୟକ୍ଷତାରେ ଏକାମ୍ର ବିଧାୟକ ବାବୁ ସିଂ ମୁଖ୍ୟ ଅତିଥିଭାବେ ଯୋଗଦେଇ କହିଲେ, ସାମ୍ବାଦିକଙ୍କ ବିଭିନ୍ନ ସମସ୍ୟାର ସମାଧାନ ପାଇଁ ରାଜ୍ୟ ସରକାରଙ୍କ ପ୍ରଚେଷ୍ଟା ଜାରି ରହିଛି। ସାମ୍ବାଦିକଙ୍କ ପେନସନ ଯୋଜନା ଲାଗୁ ହେବାର ପ୍ରକ୍ରିୟା ଶେଷ ପର୍ଯ୍ୟାୟରେ ପହଞ୍ଚିଛି ବୋଲି ସୂଚନା ଦେଇଥିଲେ।

## ଉତ୍କଳ ସାମ୍ବାଦିକ ସଂଘର ୮୧ତମ ପ୍ରତିଷ୍ଠା ଦିବସ

ପେନ୍‌ସନ୍ ପ୍ରଦାନ, ସୁରକ୍ଷା ଆଇନ ଲାଗୁ, ପ୍ରଚଳିତ ସ୍ୱାସ୍ଥ୍ୟବୀମା ଯୋଜନାରେ ପିତାମାତାଙ୍କୁ ସାମିଲ ଓ ପ୍ରେସ୍ ଏକାଡେମୀ ଗଠନ ନେଇ ସଂଘର ଏକ ପ୍ରତିନିଧି ମଣ୍ଡଳୀ ଆଗାମୀ ବିଧାନସଭା କାଳରେ ମୁଖ୍ୟମନ୍ତ୍ରୀଙ୍କୁ ସାକ୍ଷାତ କରି ଅବଗତ କରାଇବା ପାଇଁ ବୈଠକରେ ନିଷ୍ପତ୍ତି ନିଆଯାଇଛି। ସଂଘର ରାଜ୍ୟ ସାଧାରଣ ସମ୍ପାଦକ ବେଣୁଧର ପଣ୍ଡା ବାର୍ଷିକ ବିବରଣୀ ପାଠ କରିଥିଲେ । କାର୍ଯ୍ୟକାରୀ ସଭାପତି ପୂର୍ଣ୍ଣଚନ୍ଦ୍ର ନାୟକ, ହାରଧନ ବାନାର୍ଜୀ, ରାଜ୍ୟ ଉପସଭାପତି ଡ. ରଶ୍ମିରଞ୍ଜନ ମିଶ୍ର, ସତ୍ୟ ନାରାୟଣ ମିଶ୍ର, ଉପଦେଷ୍ଟା ସନତ ମିଶ୍ର ପ୍ରମୁଖ ଉପସ୍ଥିତ ରହି ନିଜ ବକ୍ତବ୍ୟ ରଖିଥିଲେ।

# ସିରିଜ ଦୁର୍ଘଟଣା: ମୋ ବସ୍, ୱିଙ୍ଗରରେ ଥିବା ୨୫ରୁ ଊର୍ଦ୍ଧ୍ୱ ଆହତ

ପୁରୀ,୨୫।୧ (ଅଜିତ୍ କୁମାର ମହାନ୍ତି)

ପୁରୀ–ଭୁବନେଶ୍ୱର ଜାତୀୟ ରାଜପଥର ଚନ୍ଦନପୁର ନିକଟ ସମଯାଜପୁର ଓଭରବ୍ରିଜ୍ ଉପରେ ଶନିବାର ସନ୍ଧ୍ୟାରେ ସିରିଜ ଦୁର୍ଘଟଣା ଘଟିଛି। ଏଥିରେ ୨୫ରୁ ଊର୍ଦ୍ଧ୍ୱ ବ୍ୟକ୍ତି ଆହତ ହୋଇଥିବା ବେଳେ ପୁରୀ ମେଡିକାଲ ସହ ଭୁବନେଶ୍ୱରକୁ ସ୍ଥାନାନ୍ତରିତ କରାଯାଇଛି। ସୂଚନା ଅନୁଯାୟୀ, ଶନିବାର ସନ୍ଧ୍ୟାରେ ଏକ ବାଲି ବୋଝେଇ ଟିପ୍ପର ଚକା ଫାଟିଯିବାରୁ ତାହା ମରାମତି ପାଇଁ ରାସ୍ତା ପାର୍ଶ୍ୱରେ ଠିଆହୋଇଥିଲା। ଏହି ସମୟରେ ୩୫ରୁ ଅଧିକ ଯାତ୍ରୀଙ୍କୁ ନେଇ ଯାଉଥିବା ମୋ ବସ୍‌ଟି ପଛପଟୁ ପ୍ରଥମେ ଟିପ୍ପରକୁ ଧକ୍କାଦେଇଥିଲା। ଫଳରେ ପଛରେ ଭୁବନେଶ୍ୱରରୁ ପୁରୀ ଅଭିମୁଖେ ଯାଉଥିବା ଏକ ଯାତ୍ରୀବାହୀ ୱିଇଙ୍ଗର ଗାଡ଼ି ମୋ ବସ୍‌ରେ ପିଟି ହୋଇଯାଇଥିଲା। ଫଳରେ ଉଭୟ ଗାଡିର ୨୫ରୁ ଊର୍ଦ୍ଧ୍ୱ ଯାତ୍ରୀ ଆହତ ହୋଇଥିଲେ। ଦୁର୍ଘଟଣା ଯୋଗୁ ଜାତୀୟ ରାଜପଥରେ ଯାତାୟାତ ବାଧାପ୍ରାପ୍ତ ହୋଇଥିଲା। ଚନ୍ଦନପୁର ଓ ସଦର ଥାନା ପୋଲିସ ପହଞ୍ଚି ତଦନ୍ତ ଆରମ୍ଭ କରିଛି।




ବନ୍ଦେ ମାତରମ୍ ପକ୍ଷରୁ ଲୋୟର ପିଏମ୍‌ଜିରେ ଅନୁଷ୍ଠିତ ପଥପ୍ରାନ୍ତ ନାଟକ 'ମେରି ଜାନ୍ ହିନ୍ଦୁସ୍ତାନ'।



**ସଂକ୍ଷେପରେ**

## ଅଟଳ ବିହାରୀ ବାଜପେୟୀଙ୍କ ନାମରେ ଡାକଟିକଟ ପ୍ରଚଳନ

### ଅଟଳ ସେନାର ପ୍ରସ୍ତାବ ରଖିଲେ କେନ୍ଦ୍ର ସରକାର



ସାଲେପୁର,୨୫।୧ (ଅରବିନ୍ଦ ଭୂୟାଁ)- ପୂର୍ବତନ ପ୍ରଧାନମନ୍ତ୍ରୀ ଭାରତରତ୍ନ ଅଟଳ ବିହାରୀ ବାଜପେୟୀଙ୍କ ନାମରେ ଏକ ଡାକଟିକେଟ୍ ପ୍ରଚଳନ ପାଇଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଓ କେନ୍ଦ୍ର ଯୋଗାଯୋଗ ମନ୍ତ୍ରୀ ଜ୍ୟୋତିରାଦିତ୍ୟ ସିନ୍ଧିଆଙ୍କୁ ୧୮ଡିସେମ୍ବର୨୦୨୪ରେ ଅଟଳ ସେନା ଓଡ଼ିଶା ତରଫରୁ ଅନୁରୋଧ କରାଯାଇଥିଲା। ଫଳ ସ୍ୱରୂପ କେନ୍ଦ୍ର ସରକାରଙ୍କର ଯୋଗାଯୋଗ ବିଭାଗ, ବାଜପେୟୀଙ୍କ ନାମରେ ଏକ ଡାକଟିକେଟ୍ ପ୍ରଚଳନ କରିଛନ୍ତି। ଏ ସଂପର୍କରେ ନୂଆଦିଲ୍ଲୀସ୍ଥିତ ସମ୍ପୃକ୍ତ ବିଭାଗର ସହକାରୀ ନିର୍ଦ୍ଦେଶକ ଅଟଳ ସେନାକୁ ପତ୍ର ମାଧ୍ୟମରେ ଅବଗତ କରାଇଛନ୍ତି। ଏଥିପାଇଁ ଅଟଳ ସେନା ଓଡ଼ିଶା ପକ୍ଷରୁ ପ୍ରଧାନମନ୍ତ୍ରୀ ମୋଦିଙ୍କୁ କୃତଜ୍ଞତା ଜ୍ଞାପନ କରାଯାଇଛି ବୋଲି ଅଟଳ ସେନାର ରାଜ୍ୟ ସଭାପତି ଦିବାକର ପ୍ରଧାନ, ମୁଖ୍ୟ ଉପଦେଷ୍ଟା ଇଂ. ଚୌଧୁରୀ ପ୍ରଭାତ କିଶୋର ମିଶ୍ର, ବୁଦ୍ଧିଜୀବୀ ସଂଘର ସଭାପତି ଡ.ଉମେଶ ଚନ୍ଦ୍ର ପତି, ଚିନ୍ତନ ପରିଷଦର ଉପାଧ୍ୟକ୍ଷ ଡ. ପ୍ରଭାତ କିଶୋର ନାୟକ, ଉପଦେଷ୍ଟା ଡ. ପୂର୍ଣ୍ଣଚନ୍ଦ୍ର ଓଝା, ପ୍ରଫେସର ଦୀନବନ୍ଧୁ ରାଉତ, ପ୍ରଫେସର ନିରଂଜନ ପାଢ଼ୀ, ପ୍ରଫେସର ବ୍ରଜବନ୍ଧୁ ଚିନରା ପ୍ରମୁଖ କହିଛନ୍ତି। (ମୁଣ୍ଡ ଫଟୋ- ଅଟଳ ବିହାରୀ ବାଜପେୟୀ)

## ବ୍ଲକ୍ ଅବସରପ୍ରାପ୍ତ ଶିକ୍ଷକ କଲ୍ୟାଣ ସମିତିର କର୍ମକର୍ତ୍ତା ମନୋନୀତ

ସାଲେପୁର,୨୫।୧(ଅରବିନ୍ଦ ଭୂୟାଁ)- ସାଲେପୁର ବ୍ଲକର ଅବସରପ୍ରାପ୍ତ ଶିକ୍ଷକ କଲ୍ୟାଣ ସମିତିର ଦ୍ୱିତୀୟ ବୈଠକ ସାଇଷ୍ଟଡି ସେଣ୍ଟର ପରିସରରେ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ସର୍ବସମ୍ମତିକ୍ରମେ କର୍ମକର୍ତ୍ତା ଚୟନ କରାଯାଇଛି। ସଭାପତି ଭାବେ ଜଗବନ୍ଧୁ ଶତପଥୀ, ଉପସଭାପତି ତପନ କୁମାର ଦାଶ, ସାଧାରଣ ସମ୍ପାଦକ ସେକ୍ଅବୁ ତାହେର, ଯୁଗ୍ମ ସମ୍ପାଦକ ଗୌରଚରଣ ଭୂୟାଁ, ସହସମ୍ପାଦକ ଭାବେ ଖଗେଶ୍ୱର ବେହେରା, କୋଷାଧ୍ୟକ୍ଷଭାବେ ଝରିସୁନ୍ଦର ମଲ୍ଲିକ, ରଞ୍ଜନ କୁମାର ନାୟକ ଓ ଚିରଞ୍ଜନ ଶତପଥୀଙ୍କୁ ମନୋନୀତ ହୋଇଛନ୍ତି। ସେହିପରି ଉପଦେଷ୍ଟା ମଣ୍ଡଳିରେ ଅଶୋକ କୁମାର ସ୍ୱାଇଁ, ରଜନୀକାନ୍ତ ଦାଶ, ଜନାର୍ଦ୍ଦନ ଦାଶ, ବିରଞ୍ଚିନାରାୟଣ ଦାସଙ୍କୁ ଚୟନ କରାଯାଇଛି।

## ସିଂହୀ ଜନ୍ମଦେଲା ୩ ଶାବକ

### ଆଖି ବୁଜିଲା ୧ମ ଛୁଆ

ବାରଙ୍ଗ/ତ୍ରିଶୂଳିଆ,୨୫।୧ (ଲିଙ୍ଗରାଜ ରାଉତ/ତୁଷାରକାନ୍ତ ବେହେରା): ନନ୍ଦନକାନନ ପ୍ରାଣୀ ଉଦ୍ୟାନର ସିଂହ ସଫାରୀ ଫିଡିଂ ଚାମ୍ବରରେ ରହୁଥିବା ୭ ବର୍ଷର ସିଂହୀ ରେଖା ଶନିବାର ୩ଟି ଶାବକ ଜନ୍ମ ଦେଇଛି। ପ୍ରଥମ ଶାବକ ସକାଳ ୯ଟା ୩୩ରେ ଜନ୍ମ ହୋଇଥିଲେ ମଧ୍ୟ କୌଣସି କାରଣରୁ ତା'ର ମୃତ୍ୟୁ ଘଟିଥିଲା। ଅପରାହ୍ନ ୩ଟା ୪୬ରେ ରେଖାକୁ ଅକ୍ସିଟୋସିନ୍ ଦିଆଯାଇଥିଲା। ଫଳରେ ଅପରାହ୍ନ ୩ଟା ୫୮ରେ ଦ୍ୱିତୀୟ ଶାବକ ଏବଂ ସନ୍ଧ୍ୟା ୫ଟା ୫୬ରେ ତୃତୀୟ ଶାବକ ଜନ୍ମ ହୋଇଥିଲା। ଏହାର କିଛି ସମୟ ପରେ ରେଖା ଦୁଇ ଶାବକଙ୍କୁ ଗ୍ରହଣ ନ କରିବାରୁ ସେମାନଙ୍କୁ ବନ୍ୟପ୍ରାଣୀ ଶାବକ ଲାଳନପାଳନ କେନ୍ଦ୍ରକୁ ଅଣାଯାଇଥିଲା।

# ଜନଜାତିମାନେ ଆମର ଗର୍ବ, ଗୌରବ

### ୧୬ତମ ଆଦିବାସୀ ଯୁବ ବିନିମୟ କାର୍ଯ୍ୟକ୍ରମ ଉଦ୍‌ଘାଟିତ




ଆଦିବାସୀ ଯୁବ ବିନିମୟ କାର୍ଯ୍ୟକ୍ରମ ଉଦ୍‌ଘାଟନ ଅବସରରେ ସିଆର୍‌ପିଏଫ୍ ଡିଆଇଜି ଭାରତ ଭୂଷଣ ସେଠୀଙ୍କ ସହ ଅନ୍ୟମାନେ।

ଭୁବନେଶ୍ୱର,୨୪।୧(ଅନୁରାଧା ମହାରଣା)

ନେହେରୁ ଯୁବକେନ୍ଦ୍ର ସଙ୍ଗଠନ ଓଡ଼ିଶା ଶାଖା ଓ ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ପକ୍ଷରୁ ୧୬ତମ ଆଦିବାସୀ ଯୁବ ବିନିମୟ କାର୍ଯ୍ୟକ୍ରମ ଭୁବନେଶ୍ୱର କଳିଙ୍ଗ ଷ୍ଟାଡ଼ିୟମ୍ ପରିସରରେ ଶନିବାର ଉଦ୍‌ଘାଟିତ ହୋଇଯାଇଛି। ନକ୍ସଲ ପ୍ରଭାବିତ ଅଞ୍ଚଳର ଯୁବତୀଯୁବକଙ୍କୁ ସମାଜର ମୁଖ୍ୟସ୍ରୋତରେ ସାମିଲ ସହ ପରସ୍ପର ମଧ୍ୟରେ ଭାବର ଆଦାନ ପ୍ରଦାନ କରିବା ଉଦ୍ଦେଶ୍ୟରେ ଏହି କାର୍ଯ୍ୟକ୍ରମର ଆୟୋଜନ କରାଯାଇଛି। ମୁଖ୍ୟଅତିଥି ଭାବେ ସିଆର୍‌ପିଏଫ୍ ଭୁବନେଶ୍ୱରର ଡିଆଇଜି ଭାରତ ଭୂଷଣ ସେଠୀ, ସମ୍ମାନିତ ଅତିଥି ଭାବେ ନେହେରୁ ଯୁବକେନ୍ଦ୍ରର ରାଜ୍ୟ ନିର୍ଦ୍ଦେଶକ ଶିବାଜୀ ମୁରଲୀଧର ଖରାତ, ରାଜ୍ୟ ସରକାରଙ୍କ କ୍ରୀଡ଼ା ଓ ଯୁବସେବା ବିଭାଗର ଓଏସ୍‌ଡି ବିଜୟ କୁମାର ରାଉତ, ଯୁବ ଅଧିକାରୀ ପ୍ରସନ୍ନ ମେହେର, ବି. ରମେଶ, ବିପିନ କୁମାର ପ୍ରମୁଖ ଯୋଗଦେଇଥିଲେ। ଏ ଅବସରରେ ଅତିଥିମାନେ କହିଲେ, ଆଦିବାସୀ କଳା, ସଂସ୍କୃତି ଦେଶକୁ ଗୌରବାନ୍ୱିତ କରୁଛି। ଜନଜାତିମାନେ ଆମର ଗର୍ବ ଓ ଗୌରବ। ଜନଜାତିର କଲ୍ୟାଣ ତଥା ରାଷ୍ଟ୍ରର ଅର୍ଥନୈତିକ ସମୃଦ୍ଧି ପାଇଁ ଯୁବପିଢ଼ି ଉଦ୍ୟମ କରିବା ସହିତ ଆମ ସଂସ୍କୃତି ଓ ଆଧ୍ୟାତ୍ମିକ ଚିନ୍ତାଧାରାକୁ ବିଶ୍ୱସ୍ତରରେ ପ୍ରତିଷ୍ଠିତ କରିବାକୁ ଆହ୍ୱାନ ଦେଇଥିଲେ। ଛତିଶଗଡ଼, ମଧ୍ୟପ୍ରଦେଶ ଏବଂ ଓଡ଼ିଶାର ୫ଟି ଜିଲାର ୨୨୦ ଜଣ ଯୁବ ପ୍ରତିନିଧି କାର୍ଯ୍ୟକ୍ରମରେ ଯୋଗଦେଇଥିବାବେଳେ ନେହେରୁ ଯୁବକେନ୍ଦ୍ରର ଶୁଭେନ୍ଦ୍ରନାଥ ସାହୁ, କୁଳମଣି ମଲ୍ଲିକ, ରୋହିତ ସମାରାଓ ନନ୍ଦେଶ୍ୱର, ସ୍ୱେଚ୍ଛାସେବୀ ସତ୍ୟନାରାୟଣ ଶ୍ରୀଚନ୍ଦନ, ମନୋରଞ୍ଜନ ପାତ୍ର, ଦେବସ୍ମିତା ସାହୁ ପ୍ରମୁଖ ପରିଚାଳନା କରିଥିଲେ।

## ଭାଜପା କଟକ ଜିଲା ସଙ୍ଗଠନ ସଭାପତି ସୁକାନ୍ତ ବିଶ୍ୱାଳ

କଟକ/ଚୌଦ୍ୱାର, ୨୫।୧ (ଶିଲ୍ପା ପ୍ରିୟଦର୍ଶିନୀ/ଆଶୁତୋଷ ଦାସ):



ଭାଜପା କଟକ ଜିଲା (୧) ସଙ୍ଗଠନ ସଭାପତି ଚୟନ ସ୍ଥାନୀୟ ସର୍କିଟ୍ ହାଉସ୍‌ଠାରେ ଅନୁଷ୍ଠିତ ହୋଇଯାଇଛି। ପୂର୍ବତନ ନଗର ଜିଲା ସଭାପତି ଲଲାଟେନ୍ଦୁ ବଡ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ମୁଖ୍ୟ ଅତିଥି ଭାବେ ପୂର୍ତ୍ତ ଓ ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ଯୋଗଦେଇ ନୂତନ ସଭାପତି ଭାବେ ସୁକାନ୍ତ କୁମାର ବିଶ୍ୱାଳଙ୍କ ନାମ ଘୋଷଣା କରିଥିଲେ। ଏହି ଅବସରରେ ମନ୍ତ୍ରୀ କହିଛନ୍ତି, କଟକ ନଗର ଜିଲା ପୂର୍ବରୁ ଥିଲା ହେଲେ ତାହାକୁ ବଦଳାଯାଇଛି। ଏଥିରେ ବାଙ୍କୀ, ନିଆଳି ଓ କଟକ ସଦର ଅଞ୍ଚଳକୁ ମିଶାଯାଇଛି। କଟକକୁ ସଶକ୍ତ ଜିଲା ଭାବେ ଗଢ଼ିତୋଳିବା ପାଇଁ ଲକ୍ଷ୍ୟ ରଖାଯାଇଛି ବୋଲି ସେ କହିଛନ୍ତି। ଜିଲା ନିର୍ବାଚନ ଅଧିକାରୀ ଲକ୍ଷ୍ମଣ ପଣ୍ଡା ଧନ୍ୟବାଦ ଦେଇଥିଲେ। ରାଜ୍ୟ ପର୍ଯ୍ୟବେକ୍ଷକ କସ୍ତୁରୀ ମିଶ୍ର, ବରିଷ୍ଠ ନେତା ମହେଶ ମହାନ୍ତି, ବିଶ୍ୱରଞ୍ଜନ ମିଶ୍ର, ମହେନ୍ଦ୍ର ମଲ୍ଲିକ, ସିକନ୍ଦର ଅଲ୍ଲୀ, ରଶ୍ମିରେଖା ଦାସ, ଗୀତା ଦାସ, ହୃଷୀକେଶ ଜେନା, ଆଲୋକ ମହାନ୍ତିଙ୍କ ସମେତ ଅନ୍ୟମାନେ ଯୋଗଦେଇଥିଲେ। ଜିଲା ସାଧାରଣ ସମ୍ପାଦକ ଭାଗୀରଥି ଦଳେଇ ଧନ୍ୟବାଦ ଦେଇଥିଲେ।

ଚୌଦ୍ୱାର ଗାନ୍ଧୀଛକସ୍ଥିତ ମାର୍କେଟ କମ୍ପ୍ଲେକ୍ସଠାରେ ଶନିବାର ସନ୍ଧ୍ୟାରେ ଏକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏଥିରେ ସୁକାନ୍ତଙ୍କୁ ସ୍ୱାଗତ କରାଯାଇଥିଲା। ଭାଜପା କାଉନ୍‌ସିଲର ସୁଜାତା ସାହୁ ଏବଂ ଓବିସି ମୋର୍ଚ୍ଚା ସାଧାରଣ ସମ୍ପାଦକ ଜ୍ଞାନେନ୍ଦ୍ର ସ୍ୱାଇଁଙ୍କ ନେତୃତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ବରିଷ୍ଠ ନେତା ପ୍ରଶାନ୍ତ ହୋତା, ଅକ୍ଷୟ ଭୂୟାଁ, ଅରୁଣ ନାୟକ, ପ୍ରକାଶ ବଡ଼ଜେନା, ପ୍ରତାପ ଜେନା, ନିଗମ ସାହୁ, ପ୍ରତ୍ୟୁଷା ସାହୁ, କଳ୍ପନା ସାହୁ, ସ୍ୱପ୍ନା ସାହୁ, ସଞ୍ଜୟ ମହାରଣାଙ୍କ ସମେତ ବହୁ କର୍ମକର୍ତ୍ତା ଯୋଗଦେଇଥିଲେ। ସୁକାନ୍ତ ଛାତ୍ର ଜୀବନରୁ ଏବିଭିପି ଓ ଭାଜପାର ଅନେକ ରାଜ୍ୟସ୍ତରୀୟ ଦାୟିତ୍ୱ ସୁଚାରୁରୂପେ ତୁଲାଇଥିବାରୁ ଆଗାମୀ ଦିନରେ ଦଳୀୟ ସଙ୍ଗଠନ ଆହୁରି ସୁଦୃଢ଼ ହେବ ବୋଲି କାର୍ଯ୍ୟକର୍ତ୍ତାମାନେ ଆଶାପ୍ରକଟ କରିଛନ୍ତି।

## 'ଅନଗ୍ରସର ପିଲାଙ୍କୁ ମୁଖ୍ୟସ୍ରୋତରେ ସାମିଲ ପାଇଁ ଆହ୍ୱାନ'

କଟକ,୨୫।୧(କାର୍ତ୍ତିକ ସାହୁ)

କଟକ ମର୍କତନଗର ସେକ୍ଟର-୭ସ୍ଥିତ ମାନସିକ ଅନଗ୍ରସର ପିଲାଙ୍କ ପ୍ରଶିକ୍ଷଣ ପ୍ରତିଷ୍ଠାନ 'ଆଶ୍ରୟ ଦି ସେଲ୍‌ଟର'ର ବିଂଶତମ ବାର୍ଷିକ ଉତ୍ସବ ସାରଳା ଭବନଠାରେ ଶନିବାର ସନ୍ଧ୍ୟାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ରାଜ୍ୟ ଭିନ୍ନକ୍ଷମ ଆୟୁକ୍ତ ବ୍ରତତୀ ହରିଚନ୍ଦନ ଯୋଗଦେଇ ମାନସିକ ଅନଗ୍ରସର ପିଲାଙ୍କୁ ସମାଜର ମୁଖ୍ୟସ୍ରୋତରେ ସାମିଲ କରିବା ପାଇଁ ଆହ୍ୱାନ ଦେଇଥିଲେ। ସମସ୍ତଙ୍କ ସ୍ନେହ, ଶ୍ରଦ୍ଧା ଓ ପ୍ରେମ ଦ୍ୱାରା ସେମାନଙ୍କ ଲୁକ୍କାୟିତ ପ୍ରତିଭାର ବିକାଶ ସମ୍ଭବ ହୋଇପାରିବ। ଅନୁଷ୍ଠାନର ସଭାପତି ଡାକ୍ତର ଶୈଳେଶ୍ୱର ନନ୍ଦଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉତ୍ସବରେ ସାମାଜିକ କର୍ମୀ ଡ. ରୀନା ରାଉତରାୟ, ଉପସଭାପତି ଡାକ୍ତର ପତିତପାବନ ମହାନ୍ତି, ସମ୍ପାଦିକା ସୁଜାତା ପଟ୍ଟନାୟକ ପ୍ରମୁଖ ବକ୍ତବ୍ୟ ପ୍ରଦାନ କରିଥିଲେ। ଅଧ୍ୟକ୍ଷା ଡ. ସୁଚେତା ଜେନା କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ଏହି ଅବସରରେ କୃତୀ ପିଲାଙ୍କୁ ପୁରସ୍କୃତ କରାଯାଇଥିଲା। ଏଥିସହ ପିଲାମାନେ ନୃତ୍ୟ, ସଙ୍ଗୀତ ପରିବେଷଣ କରିଥିଲେ।

## 'ଲବ୍ଧଜ୍ଞାନ-ପ୍ରୟୋଗାତ୍ମକ ଜ୍ଞାନ ମଧ୍ୟରେ ସେତୁ ଦକ୍ଷତା ବିକାଶ'

କଟକ,୨୫।୧(କାର୍ତ୍ତିକ ସାହୁ)

କଟକ ମିଡ୍‌ଟାଉନ ରୋଟାରି କ୍ଲବ୍ ଆନୁକୂଲ୍ୟରେ ବୃତ୍ତିଗତ ତାଲିମ ଓ ଦକ୍ଷତା ବିକାଶ ପ୍ରଶିକ୍ଷଣ ସମ୍ପର୍କିତ ଆଲୋଚନାଚକ୍ର ସ୍ଥାନୀୟ ଏକ ହୋଟେଲରେ ଅନୁଷ୍ଠିତ ହୋଇଯାଇଛି। କ୍ଲବ୍ ସଭାପତି ଡ. ଆଶୁତୋଷ ଦେବତାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଆଲୋଚନାଚକ୍ରରେ ଭାରତୀୟ କୃଷି ଗବେଷଣା ପରିଷଦ ଅନ୍ତର୍ଗତ ଜାତୀୟ ଧାନ ଗବେଷଣା କେନ୍ଦ୍ରର ନିର୍ଦ୍ଦେଶକ ତଥା ବରିଷ୍ଠ ବୈଜ୍ଞାନିକ ଡ. ଅମରେଶ୍ ନାୟକ ସମ୍ମାନିତ ଅତିଥି ବକ୍ତା ଭାବେ ଯୋଗଦେଇ କହିଛନ୍ତି, ଶିକ୍ଷା ପ୍ରତିଷ୍ଠାନ ଲବ୍ଧ ବିଦ୍ୟା ଓ ପ୍ରୟୋଗାତ୍ମକ ଜ୍ଞାନ ମଧ୍ୟରେ ସେତୁ ସଦୃଶ ଦକ୍ଷତା ବିକାଶ ପ୍ରମୁଖ ଭୂମିକା ଗ୍ରହଣ କରେ। ଶିଳ୍ପ ଓ ନିଯୁକ୍ତି ଅଭିମୁଖୀ ତାଲିମ ପ୍ରଦାନ ଏ ଦିଗରେ ଅପରିହାର୍ଯ୍ୟ ବୋଲି ସେ କହିଛନ୍ତି। ଏଥିରେ ବରିଷ୍ଠ ରୋଟାରିଆନ୍ ଡ. ରଜନୀକାନ୍ତ ଶତପଥୀ, ମେଜର ନନ୍ଦକିଶୋର ଶତପଥୀ, ରମେଶ ଚନ୍ଦ୍ର ସିଂ, ଶୁଭ୍ରାଂଶୁ ସାମନ୍ତରାୟ, ଶଶାଙ୍କ ମହାପାତ୍ର, ବିଭୂତି ଭୂଷଣ ରାଉତ, ଶୈଳେନ୍ଦ୍ର ନାରାୟଣ ଠାକୁର ପ୍ରମୁଖ ଉପସ୍ଥିତ ଥିଲେ।

## ରାଷ୍ଟ୍ରପତିଙ୍କୁ ଭେଟିଲେ ବସ୍ତିନେତା ଆଜାଦ

### ଆଦିବାସୀ, ବସ୍ତିବାସିନ୍ଦାଙ୍କ ସମସ୍ୟା ଜଣାଇଲେ



କଟକ,୨୫।୧(କାର୍ତ୍ତିକ ସାହୁ):

ରାଜ୍ୟର ଆଦିବାସୀ ଏବଂ ବସ୍ତିବାସିନ୍ଦାଙ୍କ ବିଭିନ୍ନ ସମସ୍ୟାର ସମାଧାନ ପାଇଁ ବସ୍ତିନେତା ବୃନ୍ଦାବନ ଦାସ ଆଜାଦ୍ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କୁ ଭେଟିଛନ୍ତି। ଦିଲ୍ଲୀସ୍ଥିତ ରାଷ୍ଟ୍ରପତି ଭବନଠାରେ ରାଷ୍ଟ୍ରପତି ମୁର୍ମୁଙ୍କୁ ସେ ଏକ ଦାବିପତ୍ର ପ୍ରଦାନ କରି ତାଙ୍କ ସହ ଏ ବିଷୟରେ ବ୍ୟାପକ ଆଲୋଚନା କରିଥିଲେ। ଦାବିଗୁଡ଼ିକ ପ୍ରତି ରାଷ୍ଟ୍ରପତି ସକାରାତ୍ମକ ଦୃଷ୍ଟିକୋଣ ଆପଣେଇ ଓଡ଼ିଶା ସରକାରଙ୍କ ସହ କଥାହେବାକୁ ପ୍ରତିଶ୍ରୁତି ଦେଇଥିଲେ ବୋଲି ଆଜାଦ ଜଣାଇଛନ୍ତି। ଏହି ଆଲୋଚନାବେଳେ ଆଜାଦଙ୍କ ସହିତ ରାଜ୍ୟ ଆଦିବାସୀ ନେତା ହୃଷୀକେଶ ଦେହୁରୀ ଏବଂ ଶିକ୍ଷାବିତ୍ ତଥା ଆଦିବାସୀ ନେତା ରବୀନ୍ଦ୍ରନାଥ ସୋରେନ୍ ମଧ୍ୟ ଉପସ୍ଥିତ ଥିଲେ।

## କଟକ ଜିଲା (ଖ) ଭାଜପା ସଭାପତି ହେଲେ ରାମନାରାୟଣ

ଆଠଗଡ଼,୨୫।୧(ସତ୍ୟ ପ୍ରସାଦ ରଥ)



କଟକ ଜିଲା ବର୍ତ୍ତମାନର ସଭାପତି ରାମନାରାୟଣ ମହାନ୍ତି ନୂତନ ଭାବେ ଗଠିତ ଭାଜପା ସାଙ୍ଗଠନିକ ଜିଲା କଟକ(ଖ)ର ସଭାପତି ଭାବେ ନିର୍ବାଚିତ ହୋଇଛନ୍ତି। ଆଠଗଡ ସହରସ୍ଥିତ ଏନ୍‌ଏସି କାର୍ଯ୍ୟାଳୟ ନିକଟସ୍ଥ ବିଜୁ ପଟ୍ଟନାୟକ କଲ୍ୟାଣ ମଣ୍ଡପରେ ରାଜ୍ୟ ଭାଜପା ଉପସଭାପତି ତଥା ରାଜ୍ୟ ଦଳୀୟ ପର୍ଯ୍ୟକ୍ଷେକ ପୂର୍ବତନ ବ୍ରହ୍ମଗିରି ବିଧାୟକ ଲଳିତେନ୍ଦୁ ବିଦ୍ୟାଧର ମହାପାତ୍ର ଅଧ୍ୟକ୍ଷତାରେ ଏହି ଘୋଷଣା କରାଯାଇଥିଲା। ଏହି ଅବସରରେ ରାଜ୍ୟ ଭାଜପା ସାଧାରଣ ସମ୍ପାଦକ ତଥା ରାଜ୍ୟ ସହ-ନିର୍ବାଚନ ଅଧିକାରୀ ଡ. ଯତୀନ ମହାନ୍ତି,କଟକ ଜିଲା ଦଳୀୟ ନିର୍ବାଚନ ଅଧିକାରୀ ସୁଦୀପ୍ତ ରାୟ, ସହ ନିର୍ବାଚନ ଅଧିକାରୀ ସତ୍ୟବାଦୀ ଚୟିନୀ ପ୍ରମୁଖ ଉପସ୍ଥିତ ଥିଲେ। ଗତ ସାଧାରଣ ନିର୍ବାଚନରେ ଭାଜପା ଜିଲା ସଭାପତି ତଥା ପୂର୍ବତନ ସାଲେପୁର ବିଧାୟକ ପ୍ରକାଶ ବେହେରା ଦଳରୁ ଇସ୍ତଫା ଦେବାପରେ ତତ୍କାଳୀନ ସାଧାରଣ ସମ୍ପାଦକ ରାମନାରାୟଣ ମହାନ୍ତିଙ୍କୁ ଦଳ ପକ୍ଷରୁ ସଭାପତି ପଦରେ ନିଯୁକ୍ତ କରାଯାଇଥିଲା। ଦଳ ପୁନର୍ବାର ତାଙ୍କ ଉପରେ ଆସ୍ଥାପ୍ରକଟ କରିଛି ବୋଲି ଜିଲା ନିର୍ବାଚନ ଦାୟିତ୍ୱରେ ଥିବା କର୍ମକର୍ତ୍ତାମାନେ କହିଛନ୍ତି। ଆଗାମୀ ଦିନରେ ଦଳୀୟ ସଙ୍ଗଠନକୁ ଅଧିକ ସୁଦୃଢ଼ କରାଯିବ ବୋଲି ରାମନାରାୟଣ କହିଛନ୍ତି।

## ବିଏନ୍‌ଆଇ ଓଡ଼ିଶା-ବିଏନ୍‌ଆଇ ନୀଳଚକ୍ର



ଭୁବନେଶ୍ୱର,୨୫।୧(ଅନୁରାଧା ମହାରଣା):

ବିଏନ୍‌ଆଇ ଓଡ଼ିଶା ପକ୍ଷରୁ ପୁରୀଠାରେ ଅଷ୍ଟମ ଚାପ୍ଟର- ବିଏନ୍‌ଆଇ ନୀଳଚକ୍ର ଉନ୍ମୋଚନ କରାଯାଇଛି। ପ୍ରଥମ ଦିନରେ ଏହା ୨.୨ କୋଟିର ବ୍ୟବସାୟ କରିଥିବାବେଳେ ୩୫ ସଦସ୍ୟତା ହାସଲ କରିଛି। ଏହା ସହ ପ୍ରାୟ ୫୬ଜଣ ପରିଦର୍ଶକଙ୍କୁ ସ୍ୱାଗତ କରିଛି। ବିଏନ୍‌ଆଇ ଇକୋସିଷ୍ଟମ୍ ମଧ୍ୟରେ ବିଏନ୍‌ଆଇ ଗ୍ରେଟର ଓଡ଼ିଶା ଦ୍ରୁତ ପ୍ରଦର୍ଶନକାରୀଭାବେ ଗଣାଯାଉଥିବାବେଳେ ଓଡ଼ିଶାରେ ୮ଟି ଚାପ୍ଟର ସହ ୪୭୦ ସଦସ୍ୟତା ହାସଲ କରିଛି। ଜାନୁଆରୀ ସୁଦ୍ଧା ଓଡ଼ିଶାରେ ୪୧୫ କୋଟିର କାରବାର କରିବାରେ ସକ୍ଷମ ହୋଇଛି। ଏହି ସଫଳତା ପଛରେ କ୍ଷେତ୍ର ନିର୍ଦ୍ଦେଶକ କେ. ସଞ୍ଜୀବ ପାତ୍ର ଓ ସହକାରୀ କ୍ଷେତ୍ର ନିର୍ଦ୍ଦେଶକ ଜୟ ପାତ୍ରଙ୍କ ଭୂମିକା ରହିଛି। କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ସିଏସ୍ ସୁନୀତା ମହାନ୍ତି, ନମ୍ରତା ସାମଲ ଓ ପ୍ରଦୀପ ଅଗରୱାଲ ଗୁରୁତ୍ୱପୂର୍ଣ୍ଣ ଦାୟିତ୍ୱ ତୁଲାଇଛନ୍ତି।

## ବେଳ, ବଳର ସଦୁପଯୋଗ ମନୁଷ୍ୟକୁ ସଫଳତା ଦିଏ

ଟିଗିରିଆ,୨୫।୧(ଜାଫର ଖାଁ):

ଯୁବ ସମାଜ ଦେଶର ମେରୁଦଣ୍ଡ। କର୍ମଯୋଗୀ ହିଁ ସଫଳତା ପାଇବେ। ସେବା ଓ ପରୋପକାର ଏକ ଉପାସନା। ତ୍ୟାଗ, ବଳିଦାନ ଦ୍ୱାରା ସଂଗଠନ ଜୀବିତ ରୁହେ ବୋଲି ଭୁବନେଶ୍ୱର ୟୁନିଟ-୪ସ୍ଥିତ ମସ୍‌ଜିଦ ହମଦଠାରେ ଶନିବାର ଅନୁଷ୍ଠିତ ଓଡିଶା ଯୁବ ସଂଗଠନ (ମଜଲିସ ଖୁଦ୍ଦାମୁଲ ଅହମ୍ମଦିୟା)ର ରାଜ୍ୟସ୍ତରୀୟ କାର୍ଯ୍ୟକାରିଣୀ ବୈଠକରେ ମତପ୍ରକାଶ ପାଇଛି। ଏଥିରେ ମଜ୍‌ଲିସ ଖୁଦ୍ଦାମୁଲ ଅହମ୍ମଦିୟା ଭାରତର ଉପ-ସଭାପତି ସିଦ୍ଧିକ ଖାଁ ସଭାପତିତ୍ୱ କରିଥିଲେ। ମୁଖ୍ୟ ଅତିଥିଭାବେ ମଜଲିସ ଖୁଦ୍ଦାମୁଲ ଅହମ୍ମଦିୟା ଭାରତର ପୂର୍ବତନ ଉପ-ସଭାପତି ସୟଦ ଅକିଲ ଅହମ୍ମଦ ଯୋଗ ଦେଇଥିଲେ। କଟକ ଯୁବ ସଭାପତି ସୟଦ ୟହିଆ ଅହମ୍ମଦ ପବିତ୍ର କୋରାନ ପାଠ କରିଥିଲେ। ସିଦ୍ଧିକ ଖାଁ ସଙ୍ଗଠନର ସଂକଳ୍ପ ପାଠ କରାଇଥିଲେ। ମୁଖ୍ୟବକ୍ତା ଭାବେ ଖୋର୍ଦ୍ଧା- ନୟାଗଡ ଜିଲାର ଯୁବ ସଭାପତି ସୋଲେମାନ ଖାଁ, ବାଲେଶ୍ୱର ଜିଲାର ଯୁବ ସଭାପତି ମୁଖତାର ଖାଁ, କଟକ ଜିଲାର ଯୁବ ସଭାପତି ସଫାଉଦ୍ଦିନ ଖାଁ ଏବଂ ଭୁବନେଶ୍ୱର ମୌଲାନା ହଲିମ ଖାଁ ଯୋଗଦେଇଥିଲେ। ମୁଖ୍ୟ ଅତିଥି ସୟଦ ଅକିଲ ଅହମ୍ମଦ ଭାଷଣରେ କହିଥିଲେ, ବେଳ ଓ ବଳର ସଦୁପଯୋଗ ମଣିଷକୁ ସଫଳତା ଦିଏ । ଏହି ଅବସରରେ ସଭାପତି କହିଥିଲେ, ସଙ୍ଗଠନର ମୂଳ ଉଦ୍ଦେଶ୍ୟ ହେଲା, ପ୍ରଭୁଙ୍କ ପ୍ରସନ୍ନତା ହାସଲ କରିବା ଓ ଧର୍ମପରାୟଣ ହେବା । ଏହି ନୈତିକତାକୁ ଆପଣାଇବା ଦ୍ୱାରା ଆମେ ବିଶ୍ୱରୁ ଅତ୍ୟାଚାର ଓ ବର୍ବରତାକୁ ଲୋପ କରିପାରିବା। ବିଶ୍ୱରେ ଶାନ୍ତି ଓ ନ୍ୟାୟ ପ୍ରତିଷ୍ଠା କରିପାରିବା। ବୈଠକରେ ବିଭିନ୍ନ ଗ୍ରାମ ଅହମ୍ମଦିୟା ଯୁବ ସଙ୍ଗଠନର ପ୍ରତିନିଧି ଏବଂ କର୍ମକର୍ତ୍ତାମାନେ ଯୋଗ ଦେଇଥିଲେ ।







# ଓଡ଼ିଶାର ଗୌରବ ବଢ଼ାଇଲେ ୪ ଓଡ଼ିଆ

ଭୁବନେଶ୍ୱର, ୨୫।୧(ସୌମ୍ୟରଞ୍ଜନ ରାଉତ): ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ପକ୍ଷରୁ ଶନିବାର ପଦ୍ମ ପୁରସ୍କାର ଘୋଷଣା କରାଯାଇଛି। କଳା, ସମାଜସେବା, ଚିକିତ୍ସା, ଶିଳ୍ପ, ସାହିତ୍ୟ, କ୍ରୀଡା ଆଦି କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ମୋଟ ୧୩୯ଜଣ ବିଶିଷ୍ଟ ବ୍ୟକ୍ତିଙ୍କୁ ପଦ୍ମ ପୁରସ୍କାର ପାଇଁ ମନୋନୀତ କରାଯାଇଛି। ଏହି ତାଲିକାରେ ଓଡ଼ିଶାରୁ ୪ଜଣଙ୍କ ନାମ ରହିଛି। ମେଡିସିନ କ୍ଷେତ୍ରରେ ଅଶୋକ ମହାପାତ୍ର, କଳାରେ ଅଦ୍ୱୈତ ଚରଣ ଗଡ଼ନାୟକ ଓ ଦୁର୍ଗା ଚରଣ ରଣବୀର, ସାହିତ୍ୟ ଓ ଶିକ୍ଷାରେ ପ୍ରତିଭା ଶତପଥୀ ପଦ୍ମଶ୍ରୀ ପାଇବାକୁ ମନୋନୀତ ହେବା ସହ ଓଡ଼ିଶାର ଗୌରବ ବଢ଼ାଇଛନ୍ତି।

## କଳା, ସାହିତ୍ୟ, ଚିକିତ୍ସା କ୍ଷେତ୍ରରେ ପଦ୍ମଶ୍ରୀ




### ଜଗନ୍ନାଥଙ୍କ ଆଶୀର୍ବାଦ, ଲୋକଙ୍କ ଭଲ ପାଇବାର ପୁରସ୍କାର

"ପୁରସ୍କାର ପାଇବି ଜାଣିବା ପରେ ଭଲ ଲାଗୁଛି। ମାତ୍ର ଏଥିପାଇଁ ମୋର ବିଶେଷ କିଛି ଖୁସି ହେବାର କାରଣ ନାହିଁ। ଜଗନ୍ନାଥଙ୍କ ଆଶୀର୍ବାଦ ଏବଂ ଲୋକଙ୍କ ଭଲପାଇବା ପାଇଁ ପଦ୍ମ ପୁରସ୍କାର ପାଇବାକୁ ମନୋନୀତ ହୋଇଛି। ଆରମ୍ଭରୁ ନିଃସ୍ୱାର୍ଥ ଭାବରେ ରୋଗୀସେବା କରି ଆସୁଛି। କାହାଠାରୁ କିଛି ପାଇବାର ଆଶା ନ ଥାଏ। ଜଣେ ଡାକ୍ତର ଭାବେ ସର୍ବଦା ନିଜ କାମକୁ ଗୁରୁତ୍ୱ ଦେଇ ଆସିଛି। ରାତି ଦିନ, ପର୍ବପର୍ବାଣି, ଯାହା ହେଲେ ବି ନିଜ କର୍ତ୍ତବ୍ୟରୁ ଓହରି ନାହିଁ। ଯାହାର ଫଳସ୍ୱରୂପ ପୁରସ୍କାର ମିଳିବ।

–ଡା. ଅଶୋକ ମହାପାତ୍ର

### ଯାହା ହୃଦୟରୁ ବାହାରେ, ଲେଖାରେ ପ୍ରକାଶିତ ହୋଇଯାଏ

"ପଦ୍ମ ଆମ ସଂସ୍କୃତିର ସବୁଠୁ ପବିତ୍ର ଓ ସୁନ୍ଦର ପୁଷ୍ପ। ତାହାର ଅନୁଭବ ମଧ୍ୟ ସେହିଭଳି ପବିତ୍ର ଓ ଆନନ୍ଦମୟ। ତେଣୁ ପଦ୍ମ ପୁରସ୍କାର ପାଇବି ଜାଣିବା ପରେ ମୋତେ ବହୁତ ଆନନ୍ଦ ଲାଗୁଛି। ମୋର ଅନେକ ବହି ବିଭିନ୍ନ ଭାଷାରେ ସାରା ଭାରତରେ ପ୍ରକାଶିତ ହୋଇଛି। ବହୁ ଅନୁବାଦ ପୁସ୍ତକ ମଧ୍ୟ ରଚନା କରିଛି। ମାତ୍ର କେଉଁ ପୁସ୍ତକ ପାଇଁ ପୁରସ୍କାର ପାଇବାକୁ ମନୋନୀତ ହୋଇଛି, ତାହା ଏଯାବତ୍ ଜଣାଇ ନାହାନ୍ତି। ଯାହା ମୋ ହୃଦୟ ଭିତରୁ ବାହାରେ ତାହା ଲେଖାରେ ପ୍ରକାଶିତ ହୋଇଯାଏ। ମୁଁ ତ ଜଣେ ବିଚାରକ ନୁହେଁ, ତେଣୁ ମୋ ଲେଖାରେ କ'ଣ ଦେଖି ପୁରସ୍କାର ଦେଉଛନ୍ତି ତାହା କହି ପାରିବି ନାହିଁ। ବୟସ ବହୁତ ଆଗେଇ ଗଲାଣି। ତେଣୁ ଆଗାମୀ ଯୋଜନା କିଛି କରିନି।

–ପ୍ରତିଭା ଶତପଥୀ

### ଭାସ୍କର୍ଯ୍ୟ କଳାରେ ପଦ୍ମ ସମ୍ମାନ ଓଡ଼ିଶା ପାଇଁ ଗୌରବ

"୪୫ ବର୍ଷର ସଂଘର୍ଷ ପରେ ଏତେବଡ଼ ସମ୍ମାନ ପାଇବା ଖୁସିର କଥା। ଏହି ପୁରସ୍କାର ପାଇଁ ସମଗ୍ର ଭାରତବାସୀଙ୍କ ସ୍ନେହ, ଆଶୀର୍ବାଦ ରହିଥାଏ। ତେଣୁ ଜଣେ ଆର୍ଟିଷ୍ଟ ପାଇଁ ଏହା ନିଶ୍ଚିତ ପକ୍ଷେ ଗୌରବର ବିଷୟ। ଅପରପକ୍ଷେ ପ୍ରଥମଥର ପାଇଁ ଓଡ଼ିଶାକୁ ଭାସ୍କର୍ଯ୍ୟକଳାରେ ପଦ୍ମ ପୁରସ୍କାର ମିଳିବାକୁ ଯାଉଛି। ଏହାଠାରୁ ବଡ ଖୁସିର କଥା ଆଉ କିଛି ନୁହେଁ। ମୋର ଏହି ସମ୍ମାନ ସମସ୍ତ ଲୋକଙ୍କ ଭଲପାଇବା ଏବଂ ଆଶୀର୍ବାଦର ଫଳ।

–ଅଦ୍ୱୈତ ଚରଣ ଗଡ଼ନାୟକ

### ପୁରସ୍କାର ପାଇବି, ବହୁତ ଖୁସି ଲାଗୁଛି

"ପୁରସ୍କାର ପାଇବି ଜାଣିବା ପରେ ବହୁତ ଖୁସି ଲାଗୁଛି। ଦୀର୍ଘବର୍ଷ ଧରି ଓଡ଼ିଶୀ ନୃତ୍ୟ କ୍ଷେତ୍ରରେ ମୋର ସାଧନା ଜାରି ରହିଛି। ଆଗରୁ ଅନେକ ପୁରସ୍କାର ପାଇଛି, ଏବେ ପଦ୍ମ ପୁରସ୍କାର ପାଇବି। ଓଡ଼ିଶୀ ନୃତ୍ୟକୁ ଆହୁରି ଆଗକୁ ନେବାକୁ ସର୍ବଦା ଚେଷ୍ଟା କରି ଆସିଛି। ଓଡ଼ିଶୀ ନୃତ୍ୟର ଠିକ୍ ଭାବେ ବ୍ୟାକରଣ ଓ ବିଜ୍ଞାନକୁ ନେଇ ପର୍ଯ୍ୟାୟକ୍ରମେ କିଭଳି ଉନ୍ନତି ହୋଇପାରିବ ସେଥିପାଇଁ ପ୍ରୟାସ କରିବି।

–ଦୁର୍ଗାଚରଣ ରଣବୀର

# ଉଦୟ ନାଥ ଆଚାର୍ଯ୍ୟ ସ୍ମୃତି ସମ୍ମାନ ପାଇଲେ ଶିକ୍ଷାବିତ୍ ବଂଶୀଧର ଜଗଦ୍ଦେବ



ନିରାକାରପୁର,୨୫।୧(ମାନସ ଚନ୍ଦ୍ର ପଟ୍ଟନାୟକ)

ନିରାକାରପୁରସ୍ଥିତ ଗଣେଶ ପଡ଼ିଆଠାରେ ସ୍ମାରକୀ ବକ୍ତୃତାମାଳା ଏବଂ ଉଦୟନାଥ ଆଚାର୍ଯ୍ୟ ସ୍ମୃତି ସମ୍ମାନ ସମାରୋହ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥିଭାବେ ପ୍ରଫେସର ସଂଘମିତ୍ରା ମିଶ୍ର ଯୋଗଦେଇଥିଲେ। ପ୍ରହଲ୍ଲାଦ ସିଂହ ଗାନ୍ଧୀବାଦ୍‌ର ବର୍ତ୍ତମାନ ସମାଜରେ କିଭଳି ପ୍ରାସଙ୍ଗିକ ଆବଶ୍ୟକ ରହିଛି ସେ ବିଷୟରେ ଆଲୋଚନା କରିଥିଲେ। ଏହି ଅବସରରେ ବିଶିଷ୍ଟ ଶିକ୍ଷାବିତ୍ ବଂଶୀଧର ଜଗଦ୍ଦେବଙ୍କୁ ଉଦୟ ନାଥ ଆଚାର୍ଯ୍ୟ ସ୍ମୃତି ସମ୍ମାନ ପ୍ରଦାନ କରାଯାଇଥିଲା। ଉଦୟ ନାଥ ଆଚାର୍ଯ୍ୟ ସ୍ମୃତି ସଂସଦର ସଭାପତି ଡ. ମୃତ୍ୟୁଞ୍ଜୟ ରଥ ସଭାପତିତ୍ୱ କରିଥିବା ବେଳେ ସମ୍ପାଦକ ବିଜୟ ପାଲ୍‌ଟାସିଂହ ସମ୍ପାଦକୀୟ ବିବରଣୀ ଉପସ୍ଥାପନା କରିଥିଲେ। ଅତିଥିଭାବେ ଚିନ୍ତାମଣି ଦାଶ ଯୋଗଦେଇଥିବା ବେଳେ ପ୍ରଶାନ୍ତ କୁମାର ପାଟଶାଣୀ ଧନ୍ୟବାଦ ଦେଇଥିଲେ। ଉକ୍ତ ଉତ୍ସବରେ ଲକ୍ଷ୍ମୀଧର ଆଚାର୍ଯ୍ୟ, ପ୍ରାଣେଶ୍ୱର ଜୟସିଂହ, କମଳଲୋଚନ ପ୍ରଧାନ, କାଶୀନାଥ ପାଣିଗ୍ରାହୀ, ଅପର୍ତ୍ତି ଜେନା ପ୍ରମୁଖ ସହଯୋଗ କରିଥିଲେ।

ଫଟୋରେ ଖବର



ଖୋର୍ଦ୍ଧା ଟ୍ରାଫିକ୍ ଛକରେ ଟ୍ରାଫିକ୍ ଆଉଟପୋଷ୍ଟ ବିପଦସଙ୍କୁଳ ଅବସ୍ଥାରେ ରହିଛି।

# ଅଗ୍ନିଶମ ସେବାବର୍ଗରେ ଓଡ଼ିଶାରୁ ୫ ଜଣଙ୍କୁ ପଦକ

ଭୁବନେଶ୍ୱର,୨୫।୧(ସୂର୍ଯ୍ୟକାନ୍ତ ବେହେରା)

ସାଧାରଣତନ୍ତ୍ର ଦିବସର ଅବ୍ୟବହିତ ପୂର୍ବରୁ ଶନିବାର ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ପକ୍ଷରୁ ସାହାସିକତା, ଉଲ୍ଲେଖନୀୟ କାର୍ଯ୍ୟ ଓ ବିଶିଷ୍ଟ ସେବା ପାଇଁ ବିଭିନ୍ନ ସେବା ବର୍ଗରେ ପଦକ ଘୋଷଣା କରାଯାଇଛି। ହୋମଗାର୍ଡ ଓ ବେସାମରିକ ପ୍ରତିରକ୍ଷା ବର୍ଗରେ ୩ଜଣଙ୍କୁ ମିଳିବ ପଦକ। ବିଶିଷ୍ଟ ସେବା ପାଇଁ ସିଭିଲ୍ ଡିଫେନ୍ସ ଭଲ୍ୟୁଣ୍ଟିୟର ପ୍ରମୋଦ କୁମାର ରାଉତ ଓ ହୋମ୍‌ଗାର୍ଡ କମ୍ପାନୀ କମାଣ୍ଡର ସୌଭାଗ୍ୟ ପ୍ରଧାନଙ୍କୁ ରାଷ୍ଟ୍ରପତି ପଦକ ଏବଂ ଉଲ୍ଲେଖନୀୟ ସେବା ପାଇଁ ସିଭିଲ୍ ଡିଫେନ୍ସ ଭଲ୍ୟୁଣ୍ଟିୟର ସଞ୍ଜୀବ କୁମାର ନାୟକ ପଦକ ପାଇବେ।

### ହୋମ୍‌ଗାର୍ଡ ଓ ବେସାମରିକ ପ୍ରତିରକ୍ଷା ବର୍ଗରେ ୩ ମନୋନୀତ

ସେହିପରି ଅଗ୍ନିଶମ ସେବା ବିଭାଗରୁ ୫ଜଣ ପଦକ ପାଇଁ ମନୋନୀତ ହୋଇଛନ୍ତି। ବିଶିଷ୍ଟ ସେବା ପାଇଁ ଲିଡିଂ ଫାୟାର ମ୍ୟାନ୍ ଭମରବର ସେଠ ରାଷ୍ଟ୍ରପତି ପଦକ ଓ ଉଲ୍ଲେଖନୀୟ ସେବା ପାଇଁ ଲିଡିଂ ଫାୟାର ମ୍ୟାନ ପ୍ରଶାନ୍ତ କୁମାର ସାହୁ, ବିଶ୍ୱ ରଞ୍ଜନ ଭୋଳ, ଅଭିମନ୍ୟୁ ପ୍ରଧାନ ଓ ନଗେନ୍ଦ୍ର କୁମାର ଭଲ୍ ପଦକ ପାଇବେ। ସେହିଭଳି ଜେଲ ବିଭାଗରେ ଓଡ଼ିଶାରୁ ମୋଟ ୨ ଜଣ ପଦକ ପାଇଁ ମନୋନୀତ ହୋଇଛନ୍ତି। ଉଲ୍ଲେଖନୀୟ ସେବା ପାଇଁ ସିନିୟର ସୁପରିଟେଣ୍ଡେଣ୍ଟ କୁଆଁର ମାରଣ୍ଡି ଓ ସୁପରିଟେଣ୍ଡେଣ୍ଟ ସୁଚିତ୍ରା ଦାସ ପଦପ ପାଇବାକୁ ମନୋନୀତ ହୋଇଥିବା ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ପକ୍ଷରୁ ଶନିବାର ପ୍ରକାଶିତ ବିଜ୍ଞପ୍ତିରୁ ଜଣାପଡିଛି।

# ଜାତୀୟ ବାଳିକା ଦିବସ ପାଳିତ

ଟାଙ୍ଗୀ, ୨୫।୧ (ରଘୁନାଥ ସାହୁ)

ଟାଙ୍ଗୀ ବ୍ଲକ ଅନ୍ତର୍ଗତ ମୁକ୍ତେଶର ଦେବ କ୍ଲଷ୍ଟର ଉଜଳା ଗୋପୀନାଥପୁର ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଜାତୀୟ ବାଳିକା ଦିବସ ପାଳିତ ହୋଇଯାଇଛି। ପ୍ରଧାନ ଶିକ୍ଷୟିତ୍ରୀ ପ୍ରିୟଙ୍କା ମହାପାତ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ମୁଖ୍ୟ ଅତିଥିଭାବେ ଗୋଷ୍ଠୀ ଶିକ୍ଷା ଅଧିକାରୀ ରବୀନ୍ଦ୍ର କୁମାର ସାହୁ, ସମ୍ମାନିତ ଅତିଥି ସହକାରୀ ଗୋଷ୍ଠୀ ଶିକ୍ଷା ଅଧିକାରୀ ସୁଧାଂଶୁ ମଞ୍ଜରୀ ଦେବୀ, ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ପ୍ରସନ୍ନ ଶ୍ରୀଚନ୍ଦନ, ସିଆର୍‌ସିସି ସତ୍ୟ ନାରାୟଣ ପ୍ରଧାନ, ଶିକ୍ଷକ ଅମିତ୍ ଚକ୍ରବର୍ତ୍ତୀ ପ୍ରମୁଖ ଯୋଗଦେଇ ମନ୍ତବ୍ୟ ରଖିଥିଲେ। ଏହି ଅବସରରେ ଆୟୋଜିତ ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ସମ୍ମାନିତ କରାଯାଇଥିଲା। ଶିକ୍ଷୟିତ୍ରୀ ସଞ୍ଜୁକ୍ତା ବେହେରାଙ୍କ ନିର୍ଦ୍ଦେଶନାରେ ଛାତ୍ରୀମାନଙ୍କ ଦ୍ୱାରା 'ବେଟି ବଚାଓ ବେଟି ପଢ଼ାଓ' ଅଭିନୟ ପ୍ରଦର୍ଶିତ ହୋଇଥିଲା। ବିଦ୍ୟାଳୟର ସମସ୍ତ ଶିକ୍ଷୟିତ୍ରୀ ଶିକ୍ଷକ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

# ଶ୍ରେଷ୍ଠ ନିର୍ବାଚନ ଅଭ୍ୟାସ ପୁରସ୍କାର ପାଇଲା ଭାରତୀୟ ରେଳପଥ



ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କଠାରୁ ରେଳ ବୋର୍ଡ ଅଧ୍ୟକ୍ଷ ସତୀଶ୍ କୁମାର ପୁରସ୍କାର ଗ୍ରହଣ କରୁଛନ୍ତି।

ଭୁବନେଶ୍ୱର,୨୫।୧(ଅନୁରାଧା ମହାରଣା)

ଜାତୀୟ ମତଦାତା ଦିବସ ଅବସରରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ମତଦାତା ସଚେତନତା ଅଭିଯାନରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥିବା ଭାରତୀୟ ରେଳପଥକୁ ପୁରସ୍କୃତ କରିଛନ୍ତି। ନୂଆଦିଲ୍ଲୀର ଦିଲ୍ଲୀ କ୍ୟାଣ୍ଟନମେଣ୍ଟର ମାନେକଶା ସେଣ୍ଟରରେ ଶନିବାର ଆୟୋଜିତ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ଶ୍ରେଷ୍ଠ ନିର୍ବାଚନ ଅଭ୍ୟାସ ପୁରସ୍କାର ପ୍ରଦାନ କରାଯାଇଛି। ଭାରତୀୟ ରେଳପଥ ପକ୍ଷରୁ ରେଳପଥ ବୋର୍ଡର ଅଧ୍ୟକ୍ଷ ତଥା ସିଇଓ ସତୀଶ୍ କୁମାର ଏହି ପୁରସ୍କାର ଗ୍ରହଣ କରିଛନ୍ତି।

# ଟାଙ୍ଗୀ ବ୍ଲକ ପ୍ରାଥମିକ ବିଦ୍ୟାଳୟ ଶିକ୍ଷକ ସଂଘ ଗଠିତ

ଟାଙ୍ଗୀ,୨୫।୧(ରଘୁନାଥ ସାହୁ)

ପ୍ରାଥମିକ ଶିକ୍ଷକ ସଂଘର ଦାବି ଦିବସ ଅବସରରେ ଟାଙ୍ଗୀ ବ୍ଲକର ଶିକ୍ଷୟିତ୍ରୀଶିକ୍ଷକଙ୍କୁ ନେଇ ଅବସରପ୍ରାପ୍ତ କର୍ମଚାରୀ ସଂଘ ପରିସରରେ ବୈଠକ ଅନୁଷ୍ଠିତ ହୋଇଯାଇଛି। ଶିକ୍ଷକ ଗୋପାଳ କିଶୋର ସେଣ, ପ୍ରଦୀପ ପରିଡା, ଶିକ୍ଷୟିତ୍ରୀ ବିଷ୍ଣୁପ୍ରିୟା ପ୍ରତାପସିଂଙ୍କ ସଭାପତି ମଣ୍ଡଳୀରେ ବୈଠକ ହୋଇଥିଲା। ରାଜ୍ୟ ସଭାପତି(ପିଷ୍ଟା)ବ୍ରହ୍ମାନନ୍ଦ ମହାରଣା, ସମ୍ପାଦକ ବିଭୁ ପ୍ରସାଦ ସାହୁ, ଉପସଭାପତି ଅଗାଧୁ ସେଠୀ, ବେଗୁନିଆ ବ୍ଲକ ସମ୍ପାଦକ ରବୀନ୍ଦ୍ର ସାହୁ, ଜଟଣୀ ବ୍ଲକ ସଭାପତି ଅକ୍ଷୟ ପାଲଟାସିଂ ପ୍ରମୁଖ ଯୋଗଦେଇ ଶିକ୍ଷକ ଓ ଶିକ୍ଷାୟତନର ବିଭିନ୍ନ ସମସ୍ୟା ସମ୍ପର୍କରେ ଆଲୋଚନା କରିଥିଲେ। ଟାଙ୍ଗୀ ବ୍ଲକ ପ୍ରାଥମିକ ବିଦ୍ୟାଳୟ ଶିକ୍ଷକ ସଂଘର ନୂତନ କର୍ମକର୍ତ୍ତା ଚୟନ କରାଯାଇଥିଲା। ସଭାପତି ଅମ୍ଲାନ ପ୍ରହରାଜ, ଉପସଭାପତି ପ୍ରଶାନ୍ତ ରାୟ ଓ ବିଷ୍ଣୁ ପ୍ରିୟା ପ୍ରତାପସିଂ, ସମ୍ପାଦକ ଦେବାନନ୍ଦ ବେହେରା, ସହ ସମ୍ପାଦକ କସ୍ତୁରୀ ଚରଣ ବେହେରା ଓ ବିଭୂତି ଭୂଷଣ ଜୁଝାରସିଂ, ସଙ୍ଗଠନ ସମ୍ପାଦକ ପ୍ରଶାନ୍ତ ବେହେରା, ଅମୂଲ୍ୟ ସୁବୁଦ୍ଧି, ସରୋଜ ମାନ୍ଧାତା, ବିଜୟ ମାନସିଂହ ପ୍ରମୁଖ ମନୋନୀତ ହୋଇଥିଲେ। କାର୍ଯ୍ୟନିର୍ବାହୀ ସଦସ୍ୟଭାବେ ଲକ୍ଷ୍ମୀଧର ଭୋଳ, ସୁଶାନ୍ତ ସ୍ୱାଇଁ, ଜ୍ଞାନ ରଞ୍ଜନ ମହାନ୍ତି ମନୋନୀତ ହୋଇଛନ୍ତି।

# ବିଭିନ୍ନ ସ୍ଥାନରେ ଜାତୀୟ ବାଳିକା ଦିବସ




ବେଗୁନିଆ/ ବାଣପୁର,୨୫।୧
(ହରପ୍ରସନ୍ନ ପଣ୍ଡା/ ଦିଲୀପ କୁମାର ସ୍ୱାଇଁ)

ବେଗୁନିଆ ସଦର ମହକୁମାସ୍ଥିତ ଗୋପବନ୍ଧୁ ସରକାରୀ ଉଚ୍ଚ ବିଦ୍ୟାଳୟ ପରିସରରେ ଶୁକ୍ରବାର ବ୍ଲକସ୍ତରୀୟ ଜାତୀୟ ବାଳିକା ଦିବସ ପାଳିତ ହୋଇଯାଇଛି। ସମଗ୍ର ଶିକ୍ଷା ଓ ବେଗୁନିଆ ଗୋଷ୍ଠୀ ଶିକ୍ଷା କାର୍ଯ୍ୟାଳୟର ମିଳିତ ଆନୁକୂଲ୍ୟରେ ଆୟୋଜିତ କାର୍ଯ୍ୟକ୍ରମରେ ବ୍ଲକ ଶିକ୍ଷା ଅଧିକାରୀ ଭାସ୍କର ଲେଙ୍କା ଅଧ୍ୟକ୍ଷତା କରିଥିଲେ। ମୁଖ୍ୟ ଅତିଥିଭାବେ ଡ. ବନ୍ଦିତା ବେହେରା ଯୋଗଦେଇ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ଅତିରିକ୍ତ ଗୋଷ୍ଠୀ ଶିକ୍ଷାଧିକାରୀ ଚନ୍ଦ୍ରକାନ୍ତି ନାୟକ, ମଣ୍ଡଳ ସାଧନ ସଂଯୋଜକ କୈଳାସ ଚନ୍ଦ୍ର ସେଠୀ ପ୍ରମୁଖ ସମ୍ମାନିତ ଅତିଥିଭାବେ ଉପସ୍ଥିତ ଥିଲେ। ବାଳିକାମାନଙ୍କୁ ଜାଗ୍ରତ କରାଇଲେ ସମାଜରେ ମହିଳା ସୁରକ୍ଷିତ ହେବେ ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ। ବ୍ଲକର ୨୦୦ ଛାତ୍ରୀ ଅଂଶଗ୍ରହଣ କରିଥିଲେ। ବିଭିନ୍ନ ସ୍ଲୋଗାନ୍ ଓ ପ୍ଲାକାର୍ଡ ଧରି ବେଗୁନିଆ ସଦର ପରିକ୍ରମା କରିଥିଲେ। ଅଂଶଗ୍ରହଣ କରିଥିବା ଛାତ୍ରୀଙ୍କୁ ନେଇ ବରିଷ୍ଠ ଓ କନିଷ୍ଠ ବିଭାଗ ବଛାଯାଇ ପ୍ରତିଯୋଗିତା ହୋଇଥିଲା। ପ୍ରତିଯୋଗିତାରେ କୃତୀ ଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା। ସମସ୍ତ କୃତୀ ପ୍ରତିଯୋଗୀଙ୍କୁ ଜିଲାସ୍ତରୀୟ କାର୍ଯ୍ୟକ୍ରମକୁ ମନୋନୀତ କରାଯାଇଛି। ଶିକ୍ଷକ ଅଖିଳେଶ ମହାପାତ୍ର ସଂଯୋଜନା କରିଥିବା ବେଳେ ବିଆର୍‌ସିସି ଧନ୍ୟବାଦ ଦେଇଥିଲେ। ସମସ୍ତ କ୍ଲଷ୍ଟରର ସିଆର୍‌ସିସିମାନେ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ।

ସେହିପରି ବାଣପୁର ଗୋଷ୍ଠୀ ଶିକ୍ଷା ଅଧିକାରୀଙ୍କ ତତ୍ତ୍ୱାବଧାନରେ ମଣ୍ଡଳସ୍ତରୀୟ ଜାତୀୟ ବାଳିକା ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ବାଳିକା ଦିବସର ଲକ୍ଷ୍ୟ, ଉଦ୍ଦେଶ୍ୟ ସହିତ କନ୍ୟାଶିଶୁର ସୁରକ୍ଷା ସମ୍ବନ୍ଧୀୟ ଜନସଚେତନ ସ୍ଲୋଗାନ ଦେଇ ଛାତ୍ରୀଛାତ୍ରମାନେ ବାଣପୁର ନଗର ପରିକ୍ରମା କରିଥିଲେ। ଏଥିସହ ବିଭିନ୍ନ ପ୍ରତିଯୋଗିତା ହୋଇଥିଲା। ଗୋଷ୍ଠୀ ଶିକ୍ଷା ଅଧିକାରିଣୀ ସିଏଚ୍ ବିଜୟଲକ୍ଷ୍ମୀଙ୍କ ସମେତ ଗୋଷ୍ଠୀ ସମ୍ବଳ ସଂଯୋଜକ କୁମାର ସେଠୀ, ସମ୍ବଳ ଶିକ୍ଷକ ବିଶ୍ୱଜିତା ଜେନା, ଦାଶରଥି ମହାସୁଆର ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।



## ଜନ୍ମଦିନର ଶୁଭେଚ୍ଛା

ନାମ: ......................................

ବୟସ:......................................

ଜନ୍ମ ତାରିଖ: ..............................



ଗୁନ୍‌ଗୁନ୍
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।

## ଶୁଭ ବିବାହ ଉତ୍ସବ ଶୁଭେଚ୍ଛା



**ଅଭିପ୍ସା ସହିତ ଆଶୁତୋଷ**

ଶୁଭ ବିବାହ ୨୬ ଜାନୁୟାରୀ ୨୦୨୫

ବିବାହ ଦିବସରେ ଅନେକ ଶୁଭେଚ୍ଛା ଓ ଶୁଭ କାମନା। ଉଭୟଙ୍କ ଚଲାପଥ କୁସୁମିତ ହେଉ, ସାଂସାରିକ ଜୀବନ ଶୁଖମୟ ହେଉ, ଏତିକି ପ୍ରଭୁ ଜଗତର ନାଥ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା ।

ଶୁଭେଚ୍ଛା ସହ- ବନ୍ଧୁବାନ୍ଧବ ଓ ପରିବାରବର୍ଗ ।

ଧ-୭୪୫୭୩

ନିଜର ପ୍ରିୟଜନମାନଙ୍କୁ ଜନ୍ମଦିନର ଓ ବିବାହ ଶୁଭେଚ୍ଛା ଜଣାନ୍ତୁ କେବଳ ଟ୨୧୦/- ରେ। ରଙ୍ଗୀନ ଟ୪୨୦/- ରେ। (ଫଟୋ ସହ) ବି.ଦ୍ର.: ଶୁଭେଚ୍ଛା ୬ସେମି. (H) X ୪ସେମି. (W) ହେବା ଆବଶ୍ୟକ।

# ତଟରକ୍ଷୀ ବାହିନୀର 'ସମୁଦ୍ର ପ୍ରହରୀ: ସୀମାଠାରୁ ସମୁଦ୍ର ପର୍ଯ୍ୟନ୍ତ' ଅଭିଯାନ ଶୁଭାରମ୍ଭ

ଭୁବନେଶ୍ୱର,୨୫।୧
(ଅନୁରାଧା ମହାରଣା)

ଭାରତୀୟ ତଟରକ୍ଷା ବାହିନୀର ୪୯ତମ ସ୍ଥାପନା ଦିବସ ଅବସରରେ 'ସମୁଦ୍ର ପ୍ରହରୀ- ସୀମାଠାରୁ ସମୁଦ୍ର ପର୍ଯ୍ୟନ୍ତ' ମୋଟରସାଇକେଲ ଅଭିଯାନର ଶୁଭାରମ୍ଭ କରାଯାଇଛି। ପଞ୍ଜାବର ଅଟାରୀ ବର୍ଡରଠାରେ ଶୁକ୍ରବାର ଅମୋଘ ଡିଭିଜନର ଜେନେରାଲ ଅଫିସରଙ୍କ ଦ୍ୱାରା ଉଦ୍‌ଘାଟିତ ହେବା ପରେ ଏହି ଶୋଭାଯାତ୍ରା ବିକାନେର୍, ଶ୍ରୀ ଗଙ୍ଗାନଗର, ରାଜସ୍ଥାନ ଆଦି ସ୍ଥାନରେ ପହଞ୍ଚିଛି। ଏହି ଅବସରରେ ଶ୍ରୀଗଙ୍ଗାନଗରର ଏମ୍‌ଏସ୍‌ଏମ୍ ସୈନିକ ସ୍କୁଲର ଛାତ୍ରଙ୍କ ସହ ଏକ ମତବିନିମୟ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଦେଶର ବିଭିନ୍ନ ଅଞ୍ଚଳ ବିଶେଷକରି ଗ୍ରାମାଞ୍ଚଳରେ ସରକାରୀ ସଚେତନତାମୂଳକ କାର୍ଯ୍ୟକ୍ରମ ସମ୍ପର୍କରେ ଅବଗତ କରାଇବା ପାଇଁ ଏହି ଅଭିଯାନ ଜାରି ରହିଛି। 'ଏକ୍ ପେଡ୍ ମା କେ ନାମ୍', 'ବେଟି ବଚାଓ ବେଟି ପଢ଼ାଓ', 'ସ୍ୱଚ୍ଛ ଭାରତ ଅଭିଯାନ' ଆଦିର ପ୍ରଚାର ପ୍ରସାର କରାଯାଉଛି। ବିଭିନ୍ନ ପର୍ଯ୍ୟାୟରେ ମତ ବିନିମୟ କାର୍ଯ୍ୟକ୍ରମରେ ଉଭୟ ମହିଳା ଓ ପୁରୁଷଙ୍କୁ ସେନାବାହିନୀରେ ଯୋଗଦେବାକୁ ପ୍ରୋତ୍ସାହିତ କରାଯିବ ବୋଲି ସୂଚନା ଦିଆଯାଇଛି।



## ମନେ ପଡ଼ନ୍ତି

**ପ୍ରଥମ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି**



**ଡା. ଶଙ୍କର୍ଷଣ ପଣ୍ଡା**

Retd. Joint Director, Veterinary Department

ଟାଉନପ୍ଲାନିଂ କଲୋନି, HIG-2, ଢେଙ୍କାନାଳ ଟାଉନ

ଆବିର୍ଭାବ: ୧୨।୦୧।୧୯୪୫
ତିରୋଧାନ: ୦୭।୦୨।୨୦୨୪

ଆପଣଙ୍କ ଅବର୍ତ୍ତମାନ ଆମପାଇଁ ଅପୂରଣୀୟ ଶୂନ୍ୟସ୍ଥାନ ସୃଷ୍ଟି କରିଛି । ଆପଣଙ୍କର ସ୍ନେହ, ଶ୍ରଦ୍ଧା ଓ ଭଲପାଇବା ଚିର ସ୍ମରଣୀୟ ହୋଇ ରହିବ । ଆପଣଙ୍କ ଅମରାତ୍ମାର ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା ।

ଶୋକସନ୍ତପ୍ତ: ପୁତ୍ର- ଲଳିତ, ଜୟପ୍ରକାଶ, ତପନ, ତମସା, କାବ୍ୟମ୍, ବନ୍ଧୁ, ପରିବାରବର୍ଗ ଓ ଆତ୍ମୀୟସ୍ୱଜନ ।

ଧ-୭୫୪୮୪

**ସପ୍ତମ ଶ୍ରାଦ୍ଧବାର୍ଷିକୀ**



**ରଜନୀକାନ୍ତ ମହାନ୍ତି**

ଗଙ୍ଗୋତ୍ରୀନଗର, Lane-3,
ଶିଶୁପାଳଗଡ଼, ଭୁବନେଶ୍ୱର

ଆବିର୍ଭାବ: ମାଘ ଶୁକ୍ଳ ନବମୀ ୧୯୫୭ ମସିହା
ତିରୋଧାନ: ମାଘ କୃଷ୍ଣ ଦ୍ୱାଦଶୀ ୨୦୧୮ ମସିହା

ଆଜିର ଏ ପୁଣ୍ୟତିଥିରେ ପରିବାର ତରଫରୁ ଆପଣଙ୍କୁ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି । ପ୍ରଭୁ ଶ୍ରୀଜଗନ୍ନାଥ ଆପଣଙ୍କ ଅମର ଆତ୍ମାକୁ ଶାନ୍ତିରେ ରଖନ୍ତୁ ।

ଧ-୭୬୪୦୯

**ପ୍ରଥମ ଶ୍ରାଦ୍ଧବାର୍ଷିକୀ**



**ଉଷାରାଣୀ ପୋଥାଳ**

ଠିକଣା: ରାମଚଣ୍ଡିସାହି, ଶନି ମନ୍ଦିର ପାଖ, ପୁରୀ

ଆବିର୍ଭାବ: ୧୦।୦୩।୧୯୫୬
ତିରୋଧାନ: ୧୯।୦୧।୨୦୨୩

ତୁମର ଅମର ଆତ୍ମାର ସଦ୍‌ଗତି ଓ ଚିର ଶାନ୍ତି ପାଇଁ ପ୍ରଭୁ ଶ୍ରୀଶ୍ରୀ ଜଗନ୍ନାଥଙ୍କ ଚରଣରେ ବିନମ୍ର ପ୍ରାର୍ଥନା ।

ସ୍ୱାମୀ: ନାରାୟଣ ଚନ୍ଦ୍ର ପୋଥାଳ

ଧ-୨୭୦୬

# Classified Everyday

**0674-2580101, 9692975378**



## MATRIMONIAL

### BRIDE WANTED

Beautiful MUSLIM GIRL age 29 years, height 5'5", fair colour, M.Com/Met qualified invites suitable proposal for marriage. Contact- 9101897985 D-2635

### GROOM WANTED

Wanted suitable service groom for beautiful Brahmin Girl 1993, 5'4", MA (TTM). Only daughter "SUNASANSAR". 9937512659. D-76233



## REAL ESTATE

### SALE

**0.86 Acre Prime Plot for Sale [5.3km from Balasore Station] just 800 meters from Nexa Jyote Motors on Chennai-Kolkata Highway. Ideal for Factory, Showroom, or Godown. For more details. Contact: +91 9122721444.** D-2707

**4BHK Luxurious flat for sale at Unit-3, Kharavelanagar, back side of Ram Mandir, Handover within 2 months. Please contact- 9438362399.** D-2670

For sale- Balianta Bainchua Duplex, Nakhara 5BHK House. Contact- 7326963978. D-2692

**Ready to move new 4BHK flat 2049sqft. SBA @1Cr 36 Lakh including all, Saubhagya Nagar, near OUAT. Contact- 7978584549.** D-75590

**G+2 residential building Mukunda Prasad Housing Board near Industrial Police Station, Barunei Bypass Road, Khorda. Contact- 9337371391, 7978836746.** D-2653

**1BHK Ready to move in flats available in Hi-Tech Brundaban Project near Batamangala Temple, Puri Town. 9861463011, 9777154964.** D-2703

Duplex at Retang Medical, Station near C.V. Raman, 4BHK Apartment near Sum Hospital, Kalinganagar, DAV, KV, Bhubaneswar-7008459987. D-76232

**(A) Commercial Plot, facing to NH Road, Nakhara to Niali NH 10,000 Sq.ft., 3 Sides Road, (B) Residential Plot Near Petal English Medium School 1250 Sq.ft. with Boundarywall at Brahmanjharilo, Cuttack, 11 Km. to BBSR. Personal Plots, No Builders. 7809525452.** D-76411

### PURCHASE

Bhubaneswarରେ ଘରବାଡ଼ି Plot (1500-2400)sqft. ଦରକାର। ଜମି ମାଲିକମାନେ 9101897985 ରେ ଯୋଗାଯୋଗ କରନ୍ତୁ । D-2634

### CONSTRUCTION

**Construct your Dream home @ 460/-, 850/-, 1325/- with Branded material along with 3Years AMC & 50 years structural guarantee. We provide plan approval, Boring, Bank Estimate. Contact The Engineering Pvt. Ltd. 9439856856.** D-2630

### TO LET

A four storied building (on Patia-Infocity main road) with Six Halls & five bedrooms with Toilet and another building in same plot with Five rooms and Toilets to be rented. Suitable for Nursing Home/ Office/ Coaching Center. 9078630318, 9435193999. D-2673

### HEALTH CARE

Newly open health benefits SPA special Offer @ 799 Bapujinagar. 8018429809. D-76189

Newly open health benefits spa by experience lady therapist. 7750040475 D-76188

### LOST

I Sudhir Chandra Tripathy, S/o- Hrudananda Tripathy have a property in the Mouza- Chandrasekharpur my ROR(Patta) bearing Khata No- 611/180, Plot No- 209/2208, has been lost somewhere, I could not traced the same for that I have lodged an FIR in Mancheswar Police Station. I have not created any charge, mortgage, lien with any financial institutions by depositing original, I am going to sale the property to Mrs Sinita Choudhury & Mr Rajiv Ranjan Choudhury they are taking a Housing Loan from SBI by mortgaging this property. If anyone gets this ROR, request to hand over in SBI RACPC, Bhubaneswar, Ph. No- 7978560206 D-2708

### AFFIDAVIT

I, Nilagiri Chudamani, R/o. At. Gaudpada, P.O./P.S.- Dhanupali, Dist. Sambalpur, Odisha- 768005 declare that my name has been wrongly mentioned as Chudamani Choudhury instead of Nilagiri Chudamani in my Aadhaar Card. By this affidavit No.789 dt.24.01.2025 before the Notary public, Sambalpur I wants to change my name as Nilagiri Chudamani for all purposes. D-2711

By an affidavit before the Executive Magistrate, Sambalpur, I, Kalyani Nayak, W/o- Mahammad Jilani, R/o- Kirba, At/P.O./P.S.- Burla, Tahasil/Dist.- Sambalpur, Odisha declare by this affidavit CF No.189, dated 24.01.2025 that now onwards I shall be known as Rubina Khatun for all future purposes. D-2712

## LEGAL NOTICE

IN THE COURT OF THE 1st ADDITIONAL CIVIL JUDGE SENIOR DIVISION BHUBANESWAR

C.S. No.-890/2019

Smt. Namita@Nanita Satapathy ......Plaintiff

Vrs

Gouramani@Gourimani Satapathy & others .... Defendants

NOTICE UNDER ORDER-5, RULE-20 OF C.P.C.

To,

1. Gouramani@Gourimani Satapathy, aged about 70 years, W/o-Dinabandhu Sathapathy, resident of A/MI-1 Housing Board Colony, Bhimatangi, Bhubaneswar, Dist.- Khurda, 2. Shantilata Sathapathy, aged about 54 years (dead), W/o -Jagabandhu Sathapathy, resident of Brahmansualo, P.S.-Balianta, Dist.-Khurda, 2a. Jagabandhu Satapathy, aged about 73 years, S/o- Late Pravakar Satapathy, 2b. Manas Kumar Satapathy, aged about 49 years, S/o- Jagabandhu Satapathy, 2c. Sachidananda Satapathy, aged about 46 years, S/o Jagabandhu Satapathy, 2d. Nandini Satapathy, aged about 44 years, D/o Jagabandhu Satapathy, Serial No.- 2a to 2d are Village Brahmansualo, P.S.-Balianta, Dist.-Khurda. ....... Defendants

Whereas the above plaintiff has filed the above suit for partition and despite issuance of the summons you are keeping yourself out of the way of receiving summons and this court has sufficient reason to belief that you are avoiding the service. You are hereby noticed to appear in this Court on 14.02 25 at 10.30A.M. in person or through pleader to answer the claim. In default of your absence on the above date the case will be decided in your absence.

SCHEDULE -A

Dist.-Khorda, Tahasil-Balianta, Mouza -Brahmansualo, Khata No.- 68, Plot No.-514, Area- A0.260 decimals and Plot No.-513, Area- A0.040 decimals, Kisam-Gharabari, total one mouza, one Khata, two plots and total area A0.300 decimals.

Bounded by (Plot No.-514), W-Plot No.-513, S-Road, N-Pond.

Bounded by (Plot No-.513) E- Plot No.-514, W-Village road, S-Road, N-Pond.

Given under my hand seal of this Court 19th this the day of Dec. 2024.

Sd./- 1st Additional Civil Judge, Senior Division, Bhubaneswar, Dt.- 19.12.24

D-2693

IN THE COURT OF THE HON'BLE SENIOR CIVIL JUDGE, BRAHMAPUR, DIST: GANJAM

C.S. No- 374/2023, I.A. No- 98/2023

Lili Subudhi & other .... Plaintiffs/Petitioners

Verus

Satyabrata Sahu & anothers .... Defendants/ Respondents

[Notice U/o.-5, Rule- 20 of C.P.C.]

To,

Defendant/ Respondent No- 02

Smt. Sujata Rani Sahoo, W/o- Sri Pradeep Kumar Sahoo, residing at Kabi Samrat Palli, Sector-5, P.O/P.S.- Rourkela-2, Dist.- Sundergarh, Odisha, PIN- 769002, Mob. No- 7008957813 and 7735588191

Take notice that the above suit has been filed by the above plaintiff against the respondent. After admission of the case, the notice in that aforesaid suit could not be served inspite of sereval attempts. You are hereby directed to appear before the Hon'ble Court at 10.30 A.M. on 17.02.25 in person or through your pleader in this case and in case of failure to appear on that day and time fixed, it will be heard and decided exparte in your absence according to law.

Singed and Sealed by order of the Hon'ble Court, this 10.01.25 day of 2025.

By the order of the senior Civil Judge, Berhampur, Ganjam

D-2714

In, the Court of Principal Judge, Family Court at Seraikella.

Original maintenance case No.- 26/2023

Molina Mishra ... Petitioner

Versus:-

Somnath Mishra ... Opp. Party.

To,

Opp. Party.

Somnath Mishra, a/a-40 years,(husband of the complainant) S/o- Late Mohini Kanta Mishra, resident of Kakumal, P.O.-Industrial Estate, P.S.- Jharsuguda, District- Jharsuguda (Odisha) at present posted in the Electrical section office(Pahari) near Arabindo School, At & P.O.-Kali Mandir road, P.S.- Jharsuguda, District- Jharsuguda (Odisha)- 768201

Whereas, the petitioner has brought the suit for maintenance against you.

And after admission of the suit notice through Registered post and summons already issued against you, but you have avoiding service of notice upon you and not cause you appearance in the suit. Hence notice of the suit is hereby given to you by substituted service to be published in local newspaper circulating in your area. The suit is fixed on 30th day of January 2025 before this court and you are hereby directed to appear before this court on the date fixed at about 10.30 O'clock eighter personally or through your pleader, failing of which the suit will be heard and decided in your absence .

Given under my hand and seal of the court on this the 15th day of January 2025 at Seraikella.

Sd./- Principal Judge, Family Court, Seraikella- Kharsawan at Seraikella. D-2713

ଧରିତ୍ରୀ
DHARITRI
Scan & Pay
ଧରିତ୍ରୀ କ୍ଲାସିଫାଏଡ୍ ବିଜ୍ଞାପନ ବାବଦୀୟ ଦେୟକୁ ନିମ୍ନପ୍ରଦତ୍ତ QR Code ସ୍କାନ୍ କରି ଯେକୌଣସି UPI App ମାଧ୍ୟମରେ ସହଜରେ ପୈଠ କରନ୍ତୁ ।
BHIM | UPI
ଦେୟ ପୈଠ ହେଲାପରେ ରସିଦ୍‌ର Screenshotକୁ classifieddharitri@gmail.com ରେ ଇମେଲ୍ କରନ୍ତୁ ।

### ପାଠକଙ୍କ ପାଇଁ ସୂଚନା

 କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

**Email** ମାଧ୍ୟମରେ କ୍ଲାସିଫାଏଡକୁ ବିଜ୍ଞାପନ ପଠାଇବାର ଠିକଣା:- classifieddharitri@gmail.com

# ଚୋରାମଦ କାରବାରରୁ ହତ୍ୟାକାଣ୍ଡ, ମୁଖ୍ୟ ଅଭିଯୁକ୍ତ ଗିରଫ

ବରଗଡ଼,୨୫।୧
(ପ୍ରେମାନନ୍ଦ ଖମାରୀ)

ବରଗଡ଼ ଜିଲା ଭେଡ଼େନ ଥାନା ଗୁଦୁରାମୁଣ୍ଡାରେ ଶୁକ୍ରବାର ବିଳମ୍ବିତ ରାତିରେ ଏକ ହତ୍ୟାକାଣ୍ଡ ଘଟିଛି। ଏଥିରେ ବରପାଲି ଥାନା କନବାର ଗ୍ରାମର ମହେଶ୍ୱର ବେହେରାଙ୍କ ମୃତ୍ୟୁ ହୋଇଛି। ତାଙ୍କ ଭାଇ ଟିକେଶ୍ୱର ମଧ୍ୟ ଆହତ ହୋଇଛନ୍ତି। ପୋଲିସ ହତ୍ୟାକାଣ୍ଡର ମୁଖ୍ୟ ଅଭିଯୁକ୍ତ ଗୁଦୁରାମୁଣ୍ଡା ଗଣ୍ଡାପଡ଼ା ନିବାସୀ ବାହାଦୁଲ ଛତ୍ରିଆଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ତାଙ୍କ ବିରୋଧରେ ଭେଡ଼େନ ଥାନାରେ ଏକ ହତ୍ୟା ମାମଲା(ନଂ-୧୩/୨୫) ରୁଜୁ କରାଯାଇଛି। ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ବରଗଡ଼ ଉପକାରାଗାରକୁ ପଠାଯାଇଛି। ମଦବିକ୍ରି ଠିକା କାରବାରକୁ ନେଇ ଏହି ହତ୍ୟାକାଣ୍ଡ ଘଟିଥିବା ସୂଚନା ମିଳିଛି। ଗୁଦୁରାମୁଣ୍ଡାରେ ମଦବିକ୍ରି ପାଇଁ କୌଣସି ଲାଇସେନ୍ସ ଦିଆଯାଇ ନ ଥିବା ଅବକାରୀ ଅଧୀକ୍ଷକ ସୁବନ କୁମାର ନାଏକ କହିଛନ୍ତି।

ସୂଚନା ଅନୁଯାୟୀ, ଗୁଦୁରାମୁଣ୍ଡାରେ ଚୋରାମଦ କାରବାର ଚାଲି ଆସୁଥିଲା। ପ୍ରାୟ ବର୍ଷେତଳେ ମୃତ ମହେଶ୍ୱର ଗ୍ରାମରେ ମଦବିକ୍ରି ପାଇଁ ଠିକା ନେଇଥିଲେ। ସେହି ଅବଧି ସରି ଯାଇଥିବାରୁ ମଦବିକ୍ରି ଠିକା ପାଇଁ ଶୁକ୍ରବାର ଗ୍ରାମରେ ଏକ ସଭା ବସିଥିଲା। ସଭାକୁ ମହେଶ୍ୱରଙ୍କ ସମେତ ତାଙ୍କ ୨ଭାଇ ଟିକେଶ୍ୱର ଏବଂ ଲୋକେଶ୍ୱର ପହଞ୍ଚିଥିଲେ। ଅନ୍ୟପଟେ ଘଟଣାସ୍ଥଳକୁ ହତ୍ୟାକାଣ୍ଡର ମୁଖ୍ୟ ଅଭିଯୁକ୍ତ ବାହାଦୁଲ ଏବଂ ତାଙ୍କ ପୁଅମାନେ ପହଞ୍ଚି ଗଣ୍ଡଗୋଳ କରିଥିଲେ। ପୂର୍ବରୁ ମଧ୍ୟ ଏହି ମଦଠିକାକୁ ନେଇ ମହେଶ୍ୱରଙ୍କ ସହିତ ଅଭିଯୁକ୍ତ ବାହାଦୁଲଙ୍କ ବାଦବିବାଦ ଲାଗି ରହିଥିଲା।

## କାର୍ଯ୍ୟାନୁଷ୍ଠାନ ଦାବି, ଥାନା ଆଗରେ ଧାରଣା



କାର୍ଯ୍ୟାନୁଷ୍ଠାନ ଦାବିରେ ଥାନା ଆଗରେ ଗ୍ରାମବାସୀ।

ତେବେ ସଭା ସରିବା ପରେ ମହେଶ୍ୱର ତାଙ୍କ ୨ଭାଇଙ୍କ ସହିତ କନବାରସ୍ଥିତ ଘରକୁ ଫେରୁଥିବାବେଳେ ବାଟରେ ଅଭିଯୁକ୍ତ ବାହାଦୁଲ ଏବଂ ତାଙ୍କ ପୁଅମାନେ ବିଭିନ୍ନ ମାରଣାସ୍ତ୍ରରେ ସେମାନଙ୍କୁ ଆକ୍ରମଣ କରିଥିବା ଅଭିଯୋଗ ହୋଇଛି। ଆକ୍ରମଣରେ ଘଟଣାସ୍ଥଳରେ ମହେଶ୍ୱରଙ୍କ ମୃତ୍ୟୁ ହୋଇଥିଲା। ତାଙ୍କ ଭାଇ ଟିକେଶ୍ୱର ଏବଂ ଅଭିଯୁକ୍ତ ବାହାଦୁଲ ମଧ୍ୟ ଆହତ ହୋଇଥିଲେ। ଗ୍ରାମବାସୀ ସେମାନଙ୍କୁ ଉଦ୍ଧାର କରି ଭେଡ଼େନ ଡାକ୍ତରଖାନାକୁ ଆଣିଥିଲେ। ବରଗଡ଼ ଅତିରିକ୍ତ ଏସ୍‌ପି ଶିବପ୍ରସାଦ ବିଶ୍ୱାଳ, ଏସଡିପିଓ ପଦାରବିନ୍ଦ ତ୍ରିପାଠୀ ପ୍ରମୁଖ ଶନିବାର ଘଟଣାସ୍ଥଳକୁ ପହଞ୍ଚି ତଦନ୍ତ କରିଥିଲେ।

ଅପରପକ୍ଷେ ଉକ୍ତ ହତ୍ୟାକାଣ୍ଡକୁ ନେଇ ଗୁଦୁରାମୁଣ୍ଡା ଗ୍ରାମରେ ଉତ୍ତେଜନା ଲାଗି ରହିଥିବାରୁ ବ୍ୟାପକ ପୋଲିସ ମୁତୟନ ଅଛନ୍ତି। ସେହିପରି ହତ୍ୟାକାଣ୍ଡରେ ସମ୍ପୃକ୍ତ ଅଭିଯୁକ୍ତଙ୍କୁ ତୁରନ୍ତ ଗିରଫ କରିବା ଏବଂ ଗ୍ରାମରେ ସବୁବେଳେ ଅଶାନ୍ତ ପରିବେଶ ସୃଷ୍ଟି କରୁଥିବା ପଡ଼ାକୁ ଉଚ୍ଛେଦ ଦାବିରେ ଗୁଦୁରାମୁଣ୍ଡାବାସୀ ଭେଡ଼େନ ଥାନାକୁ ଆସି ଧାରଣାରେ ବସିଥିଲେ। ସମସ୍ତ ଅଭିଯୁକ୍ତଙ୍କୁ ଗିରଫ କରାଯିବ ଏବଂ ଗ୍ରାମରେ ପୋଲିସ ପାଟ୍ରୋଲିଂ କରାଯିବ ବୋଲି ପୋଲିସ ପ୍ରତିଶ୍ରୁତି ଦେବା ପରେ ଗ୍ରାମବାସୀ ଧାରଣାରୁ ଓହରିଥିଲେ।

# ଜଙ୍ଗଲରୁ ମହିଳାଙ୍କ ଅର୍ଦ୍ଧଦଗ୍ଧ ମୃତଦେହ ଜବତ

ଆନନ୍ଦପୁର,୨୫।୧(ସୁଶାନ୍ତ କୁମାର ସାହୁ)

କେନ୍ଦୁଝର ଜିଲା ଆନନ୍ଦପୁର ଉପଖଣ୍ଡ ଘଷିପୁରା ଥାନା ବରିପାଳ ପଞ୍ଚାୟ ଚମ୍ପେଇଡାହି ଗାଁ ନିକଟ ଜଙ୍ଗଲରୁ ଶନିବାର ପୂର୍ବାହ୍ନ ୧୦ରେ ଜଣେ ମହିଳାଙ୍କ ଅର୍ଦ୍ଧଦଗ୍ଧ ମୃତଦେହ ଜବତ ହୋଇଛି। ମହିଳାଙ୍କ ପରିଚୟ ମିଳିପାରି ନ ଥିବା ବେଳେ କେହି ହତ୍ୟାକରି ପୋଡ଼ି ମାରିଦେଇଥିବା ସନ୍ଦେହ ହୋଇଛି । ପୋଲିସ ମାମଲା ରୁଜୁ କରି ଛାନ୍‌ଭିନ୍ନ ଆରମ୍ଭ କରିଛି। ସୂଚନା ଅନୁଯାୟୀ, ସକାଳୁ ଜଙ୍ଗଲକୁ ଯାଇଥିବା କିଛି ଲୋକ ମୃତଦେହ ଦେଖି ପ୍ରଥମେ ସ୍ଥାନୀୟ ସରପଞ୍ଚଙ୍କୁ ଜଣାଇଥିଲେ। ସରପଞ୍ଚ ପହଞ୍ଚି ଘଟଣାସମ୍ପର୍କରେ ବୁଝିବାପରେ ଘଷିପୁରା ପୋଲିସକୁ ଖବର ଦେଇଥିଲେ। ଆନନ୍ଦପୁର ଏସ୍‌ଡିପିଓ ପ୍ରଶାନ୍ତ କୁମାର ବେହେରାଙ୍କ ନେତୃତ୍ୱରେ ଘଷିପୁରା ପୋଲିସ ପହଞ୍ଚି ତଦନ୍ତ ଆରମ୍ଭ କରିଛି। ମୃତଦେହଟିରୁ ଦୁର୍ଗନ୍ଧ ବାହାରିବା ସହ ପୋକ ହୋଇଯାଇଥିବାରୁ ପ୍ରାୟ ୨ରୁ ୩ ଦିନ ତଳେ କେହି ଏଭଳି କାଣ୍ଡ ଘଟାଇଥିବା ଅନୁମାନ କରାଯାଉଛି। ତେବେ ମହିଳା ଜଣଙ୍କ କିଏ ଓ କେଉଁ କାରଣରୁ ତାଙ୍କର ଏଭଳି ପରିସ୍ଥିତି ହେଲା ତାହା ବର୍ତ୍ତମାନ ସୁଦ୍ଧା ଜଣା ପଡ଼ିନାହିଁ। ଘସିପୁରା ପୋଲିସ ନିକଟସ୍ଥ ସମସ୍ତ ଥାନାକୁ ଫଟୋ ପଠାଇ ମୃତ ମହିଳାଙ୍କ ସମ୍ପର୍କରେ ଜାଣିବାକୁ ଚେଷ୍ଟା ଚଳାଇଛି।

# ୩ ମୃତ୍ତିକା ସଂରକ୍ଷଣ କର୍ମଚାରୀ ଭିଜିଲାନ୍ସ କୋର୍ଟରେ ଦଣ୍ଡିତ

ସୁନ୍ଦରଗଡ଼,୨୫।୧(ଜୟନାରାୟଣ ମେଣ୍ଡୁଲି)

ମୃତ୍ତିକା ସଂରକ୍ଷଣ ବିଭାଗର ୩ଜଣ କର୍ମଚାରୀ ଦୁର୍ନୀତି ମାମଲାରେ ସୁନ୍ଦରଗଡ଼ ଭିଜିଲାନ୍ସ କୋର୍ଟ ଦ୍ୱାରା ଦୋଷୀ ସାବ୍ୟସ୍ତ ହୋଇଛନ୍ତି। ଶନିବାର ଭିଜିଲାନ୍ସ କୋର୍ଟର ସ୍ୱତନ୍ତ୍ର ଜଜ୍ ଦୋଷୀମାନଙ୍କୁ ୨ ବର୍ଷ ପାଇଁ ଜେଲଦଣ୍ଡ ଏବଂ ୧୫ ହଜାର ଟଙ୍କା ଲେଖାଏ ଜରିମାନା ନିର୍ଦ୍ଦେଶ ଦେଇଛନ୍ତି। ଦୋଷୀ ସାବ୍ୟସ୍ତ କର୍ମଚାରୀମାନେ ହେଲେ ପୂର୍ବତନ ମୃତ୍ତିକା ସଂରକ୍ଷଣ ସହାୟକ ବି. କାମରାଜ ବେହେରା, ରସାନନ୍ଦ ଚୌଧୁରୀ ଓ ପୂର୍ବତନ ଜୁନିୟର ମୃତ୍ତିକା ସଂରକ୍ଷଣ ସହାୟକ ନରେନ୍ଦ୍ର କାଲୋ। ସମସ୍ତ ଅଭିଯୁକ୍ତଙ୍କୁ ଭିଜିଲାନ୍ସ ଧାରା ୧୩(୨) ଆରଡବ୍ଲ୍ୟୁ୧୩(୧)(ସି)(ଡି)ପିସି ଆଇନ, ୧୯୮/୪୦୯/୪୬୮/୪୭୭-ଏ/୩୪ ଆଇପିସି ଅନୁଯାୟୀ ଏକ ମାମଲା ରୁଜୁ ହୋଇଛି। ସୂଚନାଯୋଗ୍ୟ ଯେ, ବାଙ୍ଗୁରକେଲାଠାରେ ତାରା ରୋପଣ କାର୍ଯ୍ୟରେ ସରକାରୀ ଅର୍ଥ ଅପବ୍ୟବହାର କରିବା ପାଇଁ ଚାର୍ଜଶିଟ କରାଯାଇଥିଲା।

# ନାବାଳିକା ବଳାତ୍କାରୀଙ୍କୁ ୨୦ବର୍ଷ ଜେଲଦଣ୍ଡ

ସୁନ୍ଦରଗଡ଼,୨୫।୧(ଜୟନାରାୟଣ ମେଣ୍ଡୁଲି)

ସୁନ୍ଦରଗଡ଼ ପୋକ୍‌ସୋ କୋର୍ଟର ଜଜ୍ ଜ୍ଞାନରଞ୍ଜନ ପଟ୍ଟନାୟକ ଶନିବାର ଏକ ନାବାଳିକା ବଳାତ୍କାର ମାମଲାର ଶୁଣାଣି କରି ଅଭିଯୁକ୍ତ ଶିବଶଙ୍କର ବରୁଆ(୩୨)ଙ୍କୁ ୨୦ବର୍ଷ ସଶ୍ରମ ଜେଲଦଣ୍ଡରେ ଦଣ୍ଡିତ କରିଛନ୍ତି। ଏଥିସହ ୧ ଲକ୍ଷ ଟଙ୍କା ଜରିମାନା ଓ ଅନାଦେୟ ଅଧିକ ୧ବର୍ଷ ଜେଲଦଣ୍ଡ ପାଇଁ ଜଜ୍ ତାଙ୍କ ରାୟରେ ଆଦେଶ କରିଛନ୍ତି। ମାମଲାର ରାୟ ବିବରଣୀରୁ ପ୍ରକାଶ ଯେ, ୨୦୨୧ ମେ ୫ତାରିଖ ଅପରାହ୍ନ ପ୍ରାୟ ୫ଟା ବେଳେ କିଞ୍ଜିରିକେଲା ଥାନା ଅଞ୍ଚଳର ୯ ବର୍ଷୀୟା ନାବାଳିକା ଜଣକ ତାଙ୍କ ସାଙ୍ଗଙ୍କ ସହିତ ଖେଳୁଥିଲେ। ଏହି ସମୟରେ ଅଭିଯୁକ୍ତ ଶିବଶଙ୍କର ତାଙ୍କୁ ଟେକିନେଇ ପାଖରେ ଥିବା ବୁଦାମୂଳେ ବଳାତ୍କାର କରି ଫେରାର ହୋଇଯାଇଥିଲେ। ଏହାପରେ ପୀଡ଼ିତାଙ୍କ ଜଣେ ପିଉସୀ ତାଙ୍କୁ ଦେଖି ତାଙ୍କ ମା'ଙ୍କୁ ଖବର ଦେଇଥିଲେ। ଖବର ପାଇ ତାଙ୍କ ମା' ସେଠାରେ ପହଞ୍ଚିଥିଲେ। ଝିଅ ଘଟଣା ସମ୍ପର୍କରେ ମା'ଙ୍କୁ କହିଥିଲେ। ପରଦିନ ପୀଡ଼ିତା ନାବାଳିକାଙ୍କ ମା' ଏ ସମ୍ପର୍କରେ କିଞ୍ଜିରିକେଲା ଥାନାରେ ରିପୋର୍ଟ କରିଥିଲେ। ପୋଲିସ ଥାନାରେ କେସ୍ ନଂ.୪୫/୨୦୨୧ରେ ଏକ ମାମଲା ରୁଜୁ କରି ନାବାଳିକାଙ୍କ ଡାକ୍ତରୀମାଇନା ଓ ବୟାନ ରେକର୍ଡ ପରେ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା। ଜଜ୍ ୧୯ଜଣ ସାକ୍ଷ୍ୟ ଓ କୋର୍ଟ ନିଜ ତରଫରୁ ଜଣଙ୍କର ବୟାନ ଗ୍ରହଣ ପରେ ଶନିବାର ଏହି ମାମଲାର ଶୁଣାଣି କରିଥିଲେ। ସ୍ୱତନ୍ତ୍ର ପୋକ୍‌ସୋ କୋର୍ଟର ଜଜ୍ ପୀଡ଼ିତାଙ୍କୁ ୬ଲକ୍ଷ ଟଙ୍କା ଅନୁକମ୍ପାମୂଳକ ସହାୟତା ରାଶି ପ୍ରଦାନ ସକାଶେ ଜିଲା ଆଇନସେବା ପ୍ରାଧିକରଣଙ୍କୁ ଆଦେଶ କରିଛନ୍ତି। ସ୍ୱତନ୍ତ୍ର ପୋକ୍‌ସୋ କୋର୍ଟର ପବ୍ଲିକ ପ୍ରସିକ୍ୟୁଟର ଦେବାଶିଷ ମିଶ୍ର ସରକାରଙ୍କ ତରଫରୁ ମାମଲାର ପରିଚାଳନା କରୁଥିଲେ।

# କଲେଜ ଛାତରୁ ଡେଇଁ ଛାତ୍ରୀଙ୍କ ଆତ୍ମହତ୍ୟା ଉଦ୍ୟମ

## ଗୁରୁତର ଅବସ୍ଥାରେ ଭୁବନେଶ୍ୱର ସ୍ଥାନାନ୍ତରିତ

ନୟାଗଡ଼,୨୫।୧
(ଲୋକନାଥ ମିଶ୍ର)

ନୟାଗଡ଼ ପ୍ରଜାମଣ୍ଡଳ ମହିଳା ମହାବିଦ୍ୟାଳୟର ଜଣେ ଯୁକ୍ତ ୨ ଦ୍ୱିତୀୟ ବର୍ଷ କଳା ଛାତ୍ରୀ (୧୭) କଲେଜର ୨ ମହଲା ଛାତରୁ ଡେଇଁ ଶନିବାର ଆତ୍ମହତ୍ୟା ଉଦ୍ୟମ କରିଛନ୍ତି । ଗୁରୁତର ଅବସ୍ଥାରେ ତାଙ୍କୁ ପ୍ରଥମେ ନୟାଗଡ଼ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ପରେ ତାଙ୍କୁ ଭୁବନେଶ୍ୱର ଏମ୍‌ସ୍‌କୁ ସ୍ଥାନାନ୍ତର କରାଯାଇଛି । ଛାତ୍ରୀଙ୍କ ୨ ଗୋଡ ଭାଙ୍ଗି ଯାଇଛି । ଶରୀରର ବିଭିନ୍ନ ସ୍ଥାନରେ କ୍ଷତ ସୃଷ୍ଟି ହୋଇଛି ।

ସୂଚନା ଅନୁଯାୟୀ,ସମ୍ପୃକ୍ତା ଛାତ୍ରୀ କଲେଜ ହଷ୍ଟେଲରେ ରହୁଥିଲେ । କିଛିଦିନ ହେବ ସେ ଡିପ୍ରେସନରେ ଥିଲେ ।ଏହାର କାରଣ ଜଣାପଡିନି । ଶନିବାର ପୂର୍ବାହ୍ନ ପ୍ରାୟ ୧୧ଟା ସମୟରେ ସେ ଛାତରୁ ତଳକୁ ଡେଇଁ ପଡିଥିଲେ । ସହପାଠୀମାନେ ଏହା ଦେଖି ମହାବିଦ୍ୟାଳୟ କର୍ତ୍ତୃପକ୍ଷଙ୍କ ସହଯୋଗରେ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ । ଅତିରିକ୍ତ ଜିଲାପାଳଙ୍କ ନିର୍ଦ୍ଦେଶରେ ନୟାଗଡ଼ ତହସିଲଦାର ଘଟଣାର ତଦନ୍ତ କରୁଛନ୍ତି । ଅନ୍ୟପକ୍ଷେ ନୟାଗଡ଼ ଟାଉନ ଥାନା ପକ୍ଷରୁ ତଦନ୍ତ ଜାରି ରହିଛି । ଏନେଇ ନୟାଗଡ଼ ଟାଉନ ଥାନା ଆଇଆଇସି ରଶ୍ମି ରଞ୍ଜନ ମହାପାତ୍ର କୁହନ୍ତି,କଲେଜ ଛାତ୍ରୀ ଆତ୍ମହତ୍ୟା ଉଦ୍ୟମ କରିବାର କାରଣ ଜଣାପଡିନି। ଆତ୍ମହତ୍ୟା ଉଦ୍ୟମର କାରଣ ସେ ନିଜେ କିଛି କହିନାହାନ୍ତି କି ପରିବାର ପକ୍ଷରୁ କୌଣସି ଅଭିଯୋଗ ହୋଇନାହିଁ । ତେବେ ଘଟଣା ସମ୍ପର୍କରେ ତଦନ୍ତ ଜାରି ରହିଛି । ମହାବିଦ୍ୟାଳୟର ଅଧ୍ୟକ୍ଷାଙ୍କୁ ଲିଖିତ ଭାବେ ଥାନାରେ ଏତଲା ଦେବାକୁ କୁହାଯାଇଛି ବୋଲି ସେ କହିଛନ୍ତି ।

# ୧୫୬ କିଲୋ ଗଞ୍ଜେଇ, ୨ ବନ୍ଧୁକ ଜବତ, ଜଣେ ଗିରଫ

ନିଶ୍ଚିନ୍ତକୋଇଲି, ୨୫।୧(ଅଶୋକ କୁମାର ମହାପାତ୍ର)

କଟକ ଜିଲା ମାହାଙ୍ଗା ଥାନା ପଣସପୁର ପଞ୍ଚାୟତ ଅନ୍ତର୍ଗତ ସୋରଳ ଗ୍ରାମରେ ଅବକାରୀ ବିଭାଗ ପକ୍ଷରୁ ଶନିବାର ଚଢ଼ାଉ କରାଯାଇ ୧୫୬ କେଜି ଗଞ୍ଜେଇ ସହ ୨ଟି ବନ୍ଧୁକ, ୪ ମାଗାଜିନ ଓ ଗୋଟିଏ କାର ଜବତ କରାଯାଇଛି। ଏହି ଅଭିଯୋଗରେ ଗ୍ରାମର ଭାବଗ୍ରାହୀ ବରାଳଙ୍କୁ ଅବକାରୀ ଟିମ୍ ଗିରଫ କରି ପଚରାଉଚୁରା ଚଳାଇଛି। ଅଭିଯୁକ୍ତ ଭାବଗ୍ରାହୀ ଘରେ ଚୋରା ଗଞ୍ଜେଇ ବ୍ୟବସାୟ କରୁଥିବା ଖବରପାଇ ସାଲେପୁର ଅବକାରୀ ବିଭାଗର ୨ଟି ଟିମ୍ ତାଙ୍କ ଘରେ ଚଢ଼ାଉ କରିଥିଲା। ଏହି ସମୟରେ ତାଙ୍କ ଘରୁ ୭୮ କିଲୋ ଗଞ୍ଜେଇ ମିଳିଥିବାବେଳେ ନିକଟରେ ଥିବା ଏକ କାର୍‌ରୁ ଆଉ ୭୮ କିଲୋ ଗଞ୍ଜେଇ ମିଳିଛି। ଏଥିସହ ତାଙ୍କ ଘରୁ ୨ ବନ୍ଧୁକ ସହ ୪ଟି ମାଗାଜିନ୍ ମଧ୍ୟ ଜବତ କରାଯାଇଛି। ଜବତ ଗଞ୍ଜେଇର ଆନୁମାନିକ ମୂଲ୍ୟ ୧୫ଲକ୍ଷ ୬୦ ହଜାର ଟଙ୍କା ହେବ ବୋଲି ଅବକାରୀ ବିଭାଗ ବରିଷ୍ଠ ଅଧିକାରୀ ପ୍ରକାଶ କରିଛନ୍ତି। ଏହି ଘଟଣାରେ ବିଭାଗ ପକ୍ଷରୁ ଅଧିକ ଖୋଳତାଡ଼ ଜାରି ରହିଛି।





**ଓଡ଼ିଆ ଅସ୍ମିତା**
- ସଂସ୍କୃତି ଓ ଐତିହ୍ୟର ବିକାଶ ପାଇଁ ୨୦୦ କୋଟି ଟଙ୍କାର କର୍ପସ୍ ପାଣ୍ଠି
- ରାଜ୍ୟର ପଦ୍ମ ପୁରସ୍କାର ବିଜେତାମାନଙ୍କୁ ମାସିକ ୩୦,୦୦୦ ଟଙ୍କାର ସମ୍ମାନ ରାଶି ପ୍ରଦାନ
- ୧୦୦ ବର୍ଷ ପୁରାତନ ଐତିହ୍ୟ ବିଦ୍ୟାଳୟ ପାଇଁ ସ୍ୱତନ୍ତ୍ର ସହାୟତା

**ମହିଳା ସଶକ୍ତୀକରଣ**
- ୧,୭୯,୬୨୫ ଏସ୍.ଏଚ୍.ଜିକୁ ବ୍ୟାଙ୍କ ଲିଙ୍କେଜ୍ ମାଧ୍ୟମରେ ୮୫୮୧.୦୪ କୋଟି ଟଙ୍କା ପ୍ରଦାନ
- ୨୨୪୭୭ ଏସ୍.ଏଚ୍.ଜିକୁ ୧୭୯.୧୭ କୋଟି ଟଙ୍କାର ରିଭଲ୍‌ଭିଂ ଫଣ୍ଡ

**ବିଦ୍ୟାଳୟ ଶିକ୍ଷା**
- ଗୁଣାତ୍ମକ ଶିକ୍ଷା ବିକାଶ ପାଇଁ ପ୍ରତି ପଞ୍ଚାୟତରେ ଗୋଟିଏ ଗୋଦାବରୀଶ ମିଶ୍ର ଆଦର୍ଶ ପ୍ରାଥମିକ ବିଦ୍ୟାଳୟ
- ପି.ଏମ୍.-ଶ୍ରୀ ଯୋଜନାରେ ୪୫୦ ପ୍ରାଥମିକ ବିଦ୍ୟାଳୟକୁ ଆଦର୍ଶ କେନ୍ଦ୍ରରେ ରୂପାନ୍ତରଣ
- ଓଡ଼ିଶା ଆଦର୍ଶ ବିଦ୍ୟାଳୟ ହଷ୍ଟେଲ ଅନ୍ତେବାସୀଙ୍କ ଦେୟ ୨୦୦୦ ଟଙ୍କା ଛାଡ଼, ୪୫ ହଜାରରୁ ଉର୍ଦ୍ଧ୍ୱ ଛାତ୍ରଛାତ୍ରୀ ଉପକୃତ

**ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା**
- ଡିଜିଟାଲ ସ୍କିଲିଂ ଅଭିଯାନରେ ୩୦ ହଜାରରୁ ଅଧିକ ପ୍ରଶିକ୍ଷାର୍ଥୀଙ୍କ ପାଇଁ ୬ ହଜାରରୁ ଅଧିକ ପାଠ୍ୟକ୍ରମର ପ୍ରଣୟନ
- ମୁଖ୍ୟମନ୍ତ୍ରୀ ଆକାଂକ୍ଷୀ ଯୋଜନାରେ ତିନିବର୍ଷ ପାଇଁ ୧୯୦ କୋଟି ଟଙ୍କାର ବ୍ୟବସ୍ଥା
- ୧୩୦ କୋଟି ଟଙ୍କା ବ୍ୟୟରେ ୨୨ଟି ଆଇଟିଆଇରେ ଉତ୍କର୍ଷ କେନ୍ଦ୍ର ପ୍ରତିଷ୍ଠାର ପ୍ରସ୍ତାବ

**ସୁଭଦ୍ରା**
- ସୁଭଦ୍ରା ଯୋଜନାରେ ୫ ବର୍ଷ ନିମନ୍ତେ ୫୫ ହଜାର କୋଟି ଟଙ୍କାର ପାଣ୍ଠି ବ୍ୟବସ୍ଥା, ଲାଭାନ୍ୱିତ ହେବେ ଏକ କୋଟିରୁ ଅଧିକ ମହିଳା
- ୮୦ ଲକ୍ଷରୁ ଉର୍ଦ୍ଧ୍ୱ ମହିଳାଙ୍କ ଖାତାକୁ ଗଲାଣି ୪ ହଜାର କୋଟିରୁ ଅଧିକ ଟଙ୍କା



**ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ**
- ରାଜ୍ୟରେ ଆୟୁଷ୍ମାନ ଭାରତ ପ୍ରଧାନମନ୍ତ୍ରୀ ଜନଆରୋଗ୍ୟ ଯୋଜନା ପାଇଁ ବୁଝାମଣାପତ୍ର ସ୍ୱାକ୍ଷର
- ଓଡ଼ିଶାର ୧ କୋଟି ପରିବାରଙ୍କୁ ଦେଶବ୍ୟାପୀ ୨୭,୦୦୦ରୁ ଉର୍ଦ୍ଧ୍ୱ ହସ୍ପିଟାଲ୍‌ରେ ମିଳିବ ଉନ୍ନତ ସ୍ୱାସ୍ଥ୍ୟ ସେବା
- ମେଡ଼ିକାଲ କଲେଜ୍ ଓ ହସ୍ପିଟାଲ୍ ଉପକରଣ ପାଇଁ ୨୦୦ କୋଟି ଟଙ୍କାର କର୍ପସ୍ ପାଣ୍ଠି ଗଠନ

**କୃଷି ଓ କୃଷକ ସଶକ୍ତୀକରଣ**
- ସମୃଦ୍ଧ କୃଷକ ଯୋଜନାରେ ଚାଷୀଙ୍କ ପାଇଁ ଧାନର ଏମ୍.ଏସ୍.ପି ଉପରେ କ୍ୱିଣ୍ଟାଲ ପିଛା ୮୦୦ ଟଙ୍କାର ଅତିରିକ୍ତ ସହାୟତା
- ପି.ଏମ୍. କିଷାନ୍ ଓ ସି.ଏମ୍. କିଷାନ୍ ସମନ୍ୱିତ ପ୍ଲାଟ୍‌ଫର୍ମରେ ୪ ଲକ୍ଷରୁ ଅଧିକ ଚାଷୀ ଉପକୃତ
- ପାରମ୍ପରିକ କୃଷିର ପୁନରୁଦ୍ଧାର ପାଇଁ ଶ୍ରୀଅନ୍ନ ଅଭିଯାନରେ ୬୪୮.୬୧ କୋଟି ଟଙ୍କାର ବ୍ୟବସ୍ଥା

**ଗ୍ରାମ୍ୟ ଉନ୍ନୟନ**
- ପ୍ରଧାନମନ୍ତ୍ରୀ ଗ୍ରାମସଡ଼କ ଅଭିଯାନରେ ଓଡ଼ିଶାର ୧୫୨୩ଟି ଗ୍ରାମ ସବୁଦିନିଆ ରାସ୍ତା ଦ୍ୱାରା ସଂଯୁକ୍ତ
- ନିର୍ମାଣାଧୀନ ୫୦୦ ନୂତନ ସେତୁ ମଧ୍ୟରୁ ୧୧୧ଟି ସେତୁର ନିର୍ମାଣ ସମ୍ପନ୍ନ
- ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ୧ ଲକ୍ଷରୁ ଉର୍ଦ୍ଧ୍ୱ ବାସଗୃହ ନିର୍ମିତ

**ଗୃହନିର୍ମାଣ ଓ ନଗର ଉନ୍ନୟନ**
- ଭୁବନେଶ୍ୱର, କଟକ, ସମ୍ବଲପୁର, ରାଉରକେଲା ଓ ବ୍ରହ୍ମପୁର ପାଇଁ ୪୦୦ଟି ଇ-ବସ୍
- ୭୯୨ କୋଟି ଟଙ୍କାର ୧୩୬ଟି ଭିତ୍ତିଭୂମି ବିକାଶ ପ୍ରକଳ୍ପର ଶିଳାନ୍ୟାସ ଓ ୩୫୯ କୋଟି ଟଙ୍କା ବ୍ୟୟରେ ୩୩୫ଟି ସହରାଞ୍ଚଳ ବିକାଶ ପ୍ରକଳ୍ପ ଲୋକାର୍ପିତ
- ଅତ୍ୟାଧୁନିକ ଗମନାଗମନ ବ୍ୟବସ୍ଥା ପାଇଁ ଡବଲ ଡେକର୍ ବସ୍‌ସେବା ଓ 'ଓଡ଼ିଶା ଯାତ୍ରୀ ଆପ୍' ଲୋକାର୍ପିତ



**ଜନଅଭିଯୋଗ ଶୁଣାଣି**
ଜୁଲାଇ ୧ ରୁ ଏପର୍ଯ୍ୟନ୍ତ ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ପ୍ରକୋଷ୍ଠରେ ୭୨,୦୦୦ ଅଭିଯୋଗର ଶୁଣାଣି ଓ କାର୍ଯ୍ୟାନୁଷ୍ଠାନ ପାଇଁ ପଦକ୍ଷେପ



**ପର୍ଯ୍ୟଟନ**
- ପୂର୍ବ ଭାରତରେ ଦୁଃସାହସିକ କ୍ରୀଡ଼ା ପାଇଁ ଓଡ଼ିଶା ହେବ ପ୍ରମୁଖ ହବ୍
- ହୀରାକୁଦ ଓ ସାତକୋଶିଆ ପର୍ଯ୍ୟଟନ କ୍ଷେତ୍ର ବିକାଶ ପାଇଁ ୨୦୦ କୋଟି ଟଙ୍କା
- ବେଳାଭୂମି, ବୌଦ୍ଧପୀଠ, ବନ୍ୟପ୍ରାଣୀ ତଥା ରିଭର୍‌ଫ୍ରଣ୍ଟ ପ୍ରକଳ୍ପକୁ ଅଗ୍ରାଧିକାର

**ଶିଳ୍ପ ଓ ଏମ୍.ଏସ୍.ଏମ୍.ଇ**
- ସିଙ୍ଗାପୁର ରାଷ୍ଟ୍ରପତିଙ୍କ ଐତିହାସିକ ଓଡ଼ିଶା ଗସ୍ତ, ରିନ୍ୟୁଏବଲ୍ ଏନର୍ଜି, ଗ୍ରୀନ୍ ହାଇଡ୍ରୋଜେନ୍, ଫିନ୍‌ଟେକ୍ ସର୍ଭିସ ଓ ଦକ୍ଷତା ବିକାଶ କ୍ଷେତ୍ରରେ ବ୍ୟାପକ ସହଯୋଗ ପାଇଁ ୮ଟି ଏମ୍.ଓ.ୟୁ ସ୍ୱାକ୍ଷର
- ୧,୯୦,୦୦୦ କୋଟି ଟଙ୍କାରୁ ଉର୍ଦ୍ଧ୍ୱ ନିବେଶରେ ୧୦୪ଟି ପ୍ରକଳ୍ପ ଓ ୧ ଲକ୍ଷ ୪୦ହଜାରରୁ ଉର୍ଦ୍ଧ୍ୱ ନିଯୁକ୍ତି ସମ୍ଭାବନା ସୃଷ୍ଟି

**ନିଯୁକ୍ତି, ସୁଯୋଗ ଓ ଜୀବିକା ଅଭିବୃଦ୍ଧି**
- ୫ ବର୍ଷରେ ହେବ ୧.୫ ଲକ୍ଷ ସରକାରୀ ନିଯୁକ୍ତି
- ଅଦ୍ୟାବଧି ୧୮,୦୦୦ରୁ ଉର୍ଦ୍ଧ୍ୱ ନିଯୁକ୍ତି ପ୍ରଦାନ
- ୨୦୨୭ ସୁଦ୍ଧା ୨.୫ ଲକ୍ଷ ମହିଳା ହେବେ ଲକ୍ଷପତି ଦିଦି

**ଜନଜାତି ବିକାଶ**
- ଅନୁସୂଚିତ ଜନଜାତି ବର୍ଗର ପ୍ରତ୍ୟେକ ଶିକ୍ଷାର୍ଥୀଙ୍କ ପାଇଁ ମାଧୋ ସିଂହ ହାତଖର୍ଚ୍ଚ ଯୋଜନାରେ ୫୦୦୦ ଟଙ୍କାର ପ୍ରୋତ୍ସାହନ ରାଶି
- ଭୁବନେଶ୍ୱରଠାରେ ଜନଜାତି ଐତିହ୍ୟ ଭବନ ଓ ଭାଷା ପ୍ରତିଷ୍ଠାନ ନିର୍ମାଣ ପାଇଁ ୧୫୦ କୋଟି ଟଙ୍କା

OIPR-15001/13/0389/2425

ସୂଚନା ଓ ଲୋକସମ୍ପର୍କ ବିଭାଗ, ଓଡ଼ିଶା ସରକାର




# କିଜଙ୍କୁ ପ୍ରଥମ ଗ୍ରାଣ୍ଡସ୍ଲାମ ଟାଇଟଲ

## ଅଷ୍ଟ୍ରେଲିଆନ ଓପନ ଟେନିସ୍



ଟ୍ରଫି ସହ ମାଡିସନ କିଜ୍।

**ମେଲବୋର୍ନ, ୨୫।୧ (ଏପି)**

ଆମେରିକାର ମାଡିସନ କିଜ୍ ତାଙ୍କର ପ୍ରଥମ ଗ୍ରାଣ୍ଡସ୍ଲାମ ଟାଇଟଲ ହାସଲ କରିଛନ୍ତି। ଏଠାରେ ଅଷ୍ଟ୍ରେଲିଆନ ଓପନ ଟେନିସ ମହିଳା ସିଙ୍ଗଲ୍ସ ଫାଇନାଲରେ ଏହି ୨୯ ବର୍ଷୀୟା ଗତ ଦୁଇଥର ଚାମ୍ପିୟନ ଆରିନା ସାବାଲେଙ୍କାଙ୍କୁ ୬-୩, ୨-୬, ୭-୫ରେ ହରାଇ ବିପର୍ଯ୍ୟୟ ଘଟାଇଛନ୍ତି। କିଜ୍ ଗୁରୁବାର ସେମିଫାଇନାଲରେ ୨ ନମ୍ବର ଖେଳାଳି ଇଗା ସ୍ୱିଟେକ୍‌ଙ୍କୁ ପରାସ୍ତ କରିଥିବା ବେଳେ ଶନିବାର ନମ୍ବର ୱାନ ର୍‍ୟାଙ୍କିଙ୍ଗପ୍ରାପ୍ତ ସାବାଲେଙ୍କାଙ୍କୁ ପରାସ୍ତ କରିଛନ୍ତି। ଫଳରେ ୨୦୦୫ରେ ସେରେନା ୱିଲିୟମ୍ସଙ୍କ ପଛକୁ ପ୍ରଥମ ମହିଳା ଭାବେ ମେଲବୋର୍ନ ପାର୍କରେ ଉଭୟ ଦୁଇ ଡବ୍ଲ୍ୟୁଟିଏ ଖେଳାଳିଙ୍କୁ ପରାସ୍ତ କରିବାର ଗୌରବ ଅର୍ଜନ କରିଛନ୍ତି। ୧୪ତମ ର୍‍ୟାଙ୍କିଙ୍ଗପ୍ରାପ୍ତ କିଜ୍‌ଙ୍କୁ ଏଠାରେ ୧୯ତମ ସିଡ୍ ମାନ୍ୟତା ମିଳିଥିଲା। ୨୦୧୭ ୟୁ.ଏସ୍. ଓପନରେ ରନରଅପ୍ ଅପରେ ଏହାଥିଲା ତାଙ୍କର ଦ୍ୱିତୀୟ ଗ୍ରାଣ୍ଡସ୍ଲାମ ଫାଇନାଲ। ଟାଇଟଲ ଜିତିବା ଦ୍ୱାରା ସେ ସାବାଲେଙ୍କାଙ୍କୁ ଏଠାରେ କ୍ରମାଗତ ତୃତୀୟ ଥର ଟ୍ରଫି ହାସଲରୁ ବଞ୍ଚିତ କରିଛନ୍ତି। ଏହା ପୂର୍ବରୁ ୧୯୯୭ରୁ ୯୯ ମାର୍ଟିନା ହିଙ୍ଗିସ ଏଠାରେ କ୍ରମାଗତ ତୃତୀୟ ଏବଂ ମୋଟ ଉପରେ ଚତୁର୍ଥ ଟାଇଟଲ ହାସଲ କରିଥିଲେ। ମ୍ୟାଚ ଜିତିବା ପରେ କିଜ୍ ମ୍ୟାଚବେଳେ ଉପସ୍ଥିତ ଥିବା ତାଙ୍କ ସ୍ୱାମୀ ବିୟର୍ନ ଫ୍ରାଟାନଗେଲୋଙ୍କୁ ଆଲିଙ୍ଗନ କରିଥିଲେ, ଯିଏ କି ୨୦୨୩ରୁ ତାଙ୍କ କୋଚ୍ ରହିଛନ୍ତି।

## ୨୮ରୁ ଜାତୀୟ କ୍ରୀଡ଼ା
# ଓଡ଼ିଶାରୁ ଭାଗନେବେ ୩୦୨ କ୍ରୀଡ଼ାବିତ୍

**ଭୁବନେଶ୍ୱର, ୨୫।୧ (ବିଜୟ ରଣା)**

ଆସନ୍ତା ୨୮ରୁ ଫେବୃଆରୀ ୧୪ ପର୍ଯ୍ୟନ୍ତ ଉତ୍ତରାଖଣ୍ଡଠାରେ ୩୮ତମ ନ୍ୟାଶନାଲ ଗେମ୍ସ (୩୮ତମ ଜାତୀୟ କ୍ରୀଡ଼ା ପ୍ରତିଯୋଗିତା) ଅନୁଷ୍ଠିତ ହେବ। ଏହି ପ୍ରତିଯୋଗିତାରେ ଓଡ଼ିଶାରୁ ୩୦୨ କ୍ରୀଡ଼ାବିତ୍ ଏବଂ ତାଙ୍କ ସହିତ ୭୫ ସପୋର୍ଟ ଷ୍ଟାଫ ଯୋଗଦେବେ। ଏହି ଅବସରରେ ଶୁକ୍ରବାର କଳିଙ୍ଗଷ୍ଟାଡିୟମରେ କ୍ରୀଡ଼ାମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ କ୍ରୀଡ଼ାବିତ୍ ଓ ସପୋର୍ଟ ଷ୍ଟାଫ୍‌ଙ୍କ ସହ ସାକ୍ଷାତ କରି ସେମାନଙ୍କୁ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଇଥିଲେ। କ୍ରୀଡ଼ାମନ୍ତ୍ରୀ ସୂରଜ କହିଥିଲେ, ଆମ କ୍ରୀଡ଼ାବିତ୍‌ମାନେ ହେଲେ ଆମ ଗର୍ବ ଓ ଗୌରବ। ଜାତୀୟ କ୍ରୀଡ଼ାରେ ବିଗତ ସଂସ୍କରଣରେ ଓଡ଼ିଶାକୁ ସର୍ବମୋଟ ୫୮ଟି ପଦକ ଏବଂ ୧୦ଟି ସ୍ୱର୍ଣ୍ଣ ପଦକ ମିଳିଥିଲା। ଏଥର ଆମ କ୍ରୀଡ଼ାବିତ୍‌ମାନେ ଆହୁରି ଅଧିକ ପଦକ ଜିତିବେ ବୋଲି ମୁଁ ଆଶା କରୁଛି। ଏଥିସହ ଜାତୀୟ କ୍ରୀଡ଼ାରେ ଆମ କ୍ରୀଡ଼ାବିତ୍‌ମାନେ ନିଜର ଉତ୍କୃଷ୍ଟ ପ୍ରଦର୍ଶନ ମାଧ୍ୟମରେ ଓଡ଼ିଶା ପାଇଁ ଗର୍ବ ଓ ଗୌରବ ଅର୍ଜନ କରିବେ ବୋଲି କ୍ରୀଡ଼ାମନ୍ତ୍ରୀ ସୂରଜ ମତପ୍ରକାଶ କରିଛନ୍ତି।

# ତାମିଲନାଡୁ ଡ୍ରାଗନ୍ସକୁ ହରାଇଲା ଟିମ୍ ଗୋନାସିକା



ଟିମ୍ ଗୋନାସିକା ଓ ତାମିଲନାଡୁ ଡ୍ରାଗନ୍ସ ମଧ୍ୟରେ ଅନୁଷ୍ଠିତ ମ୍ୟାଚ୍।

**ଭୁବନେଶ୍ୱର, ୨୫।୧ (ବିଜୟ ରଣା)**

ପୁରୁଷ ହକି ଇଣ୍ଡିଆ ଲିଗ୍ (ଏଚ୍‌ଆଇଏଲ୍)ଗ୍ରୁପ୍ 'ବି'ର ଶନିବାର ଖେଳାଯାଇଥିବା ଏକ ମ୍ୟାଚରେ ଟିମ୍ ଗୋନାସିକା ୪-୨ ଗୋଲ୍‌ରେ ତାମିଲନାଡୁ ଡ୍ରାଗନ୍ସକୁ ପରାସ୍ତ କରିଛି। ରାଉରକେଲାସ୍ଥିତ ବିର୍ସା ମୁଣ୍ଡା ଷ୍ଟାଡିୟମରେ ଶନିବାର ଖେଳାଯାଇଥିବା ଏହି ମ୍ୟାଚରେ ଗୋନାସିକା ତରଫରୁ ରାଇଜିତ ସିଂ ହୁଣ୍ଡାଲ (୧୪ତମ ମିନିଟ), ଜ୍ୟାକ୍ ୱାଲର (୪୫ତମ), ଟିମ୍ ହାୱାର୍ଡ (୫୦ତମ) ଓ ଚାନଦାଣ୍ଡା ନିକ୍କିନ ଥିମାୟା (୫୧ତମ) ପ୍ରମୁଖ ଗୋଲ ସ୍କୋର କରିଥିବା ବେଳେ ଡ୍ରାଗନ୍ସ ତରଫରୁ ଅମିତ ରୋହିଦା (୮ମ) ଓ ଟମ୍ କ୍ରେଗ୍ (୫୬ତମ) ଗୋଲ ଦେଇଥିଲେ। ଏହି ପରାଜୟ ସତ୍ତ୍ୱେ ତାମିଲ ନାଡୁ ୯ଟି ଗେମ୍‌ରୁ ୧୭ ପଏଣ୍ଟ ସହ ପଏଣ୍ଟ ଟେବୁଲର ଶୀର୍ଷରେ ରହିଛି। ଅନ୍ୟପକ୍ଷରେ ଟିମ୍ ଗୋନାସିକା ୯ଟି ମ୍ୟାଚରୁ ୧୦ ପଏଣ୍ଟ ଅର୍ଜନ କରି ପୂର୍ବଭଳି ୭ମ ସ୍ଥାନରେ ରହିଛି। ଅନ୍ୟ ଏକ ମ୍ୟାଚ୍‌ରେ ଅର୍ଶଦୀପ ସିଂଙ୍କ ଡବଲ ଗୋଲ୍ ସହାୟତାରେ ହାଇଦ୍ରାବାଦ ତୁଫାନ୍ସ ୩-୧ ଗୋଲ୍‌ରେ ୟୁପି ରୁଦ୍ରାସ୍‌କୁ ହରାଇ ଦେଇଛି।




4-Printed and published by Adyasha Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ- ତଥାଗତ ସତପଥୀ